# ଧରିତ୍ରୀ DHARITRI

୮+୮=୧୬

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୬/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 26/2025 Page 16 ₹ 7.00 | DHENKANAL

୫୧ଶ ଭାଗ ୧୫୧ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 151 ମୂଲ୍ୟ₹୭/-





# ପାକିସ୍ତାନୀଙ୍କୁ ଖୋଜି ବିଦାକର

**ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଗୋଟେ ପରେ ଗୋଟେ ପଦକ୍ଷେପ ନେଲେଣି। ଆତଙ୍କବାଦୀଙ୍କୁ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବାର ଗୋଟିଏ ଦିନ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ସବୁ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ନିଜ ରାଜ୍ୟରେ ଥିବା ପାକିସ୍ତାନୀଙ୍କୁ ଖୋଜି ବିଦା କରିବାକୁ କହିଛନ୍ତି। ଫଳରେ ପାକିସ୍ତାନୀଙ୍କ ସଂଖ୍ୟା ଜାଣିବା ଲାଗି ତତ୍ପରତା ପ୍ରକାଶ ପାଇଲାଣି। ଇତିମଧ୍ୟରେ ଓଡ଼ିଶାରେ ୧୨ ଜଣ ପାକିସ୍ତାନୀ ରହିଥିବା ନେଇ ଗୃହ ବିଭାଗ ପକ୍ଷରୁ ସୂଚନା ମିଳିଛି।**

## ସବୁ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କଲେ ଶାହା

**ନୂଆଦିଲ୍ଲୀ,୨୫।୪**

ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣରେ ପାକିସ୍ତାନୀ ଆତଙ୍କବାଦୀଙ୍କ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ପାକିସ୍ତାନର ନାଗରିକମାନଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ସବୁ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ନିର୍ଦ୍ଧାରିତ ଅବଧି ବାହାରେ ରହୁଥିବା ପାକିସ୍ତାନୀ ନାଗରିକମାନଙ୍କୁ ଚିହ୍ନଟ ଓ ବିଦା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପହଲଗାମ୍‌ର ବୈସରନ୍ ପର୍ଯ୍ୟଟନସ୍ଥଳୀରେ ମଙ୍ଗଳବାର ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଜଣେ ସ୍ଥାନୀୟ ଯୁବକ ଓ ଅନ୍ୟ ଜଣେ ନେପାଳ ନାଗରିକ ଥିବାବେଳେ ଅବଶିଷ୍ଟ ୨୪ ଜଣ ଦେଶର ବିଭିନ୍ନ ଭାଗରୁ ସେଠାକୁ ଯାଇଥିବା ପର୍ଯ୍ୟଟକ ଥିଲେ। ଆତଙ୍କବାଦୀଙ୍କ ଏହି ବର୍ବରତାର ଦିନକ ପରେ ବୁଧବାର ଭାରତ ସରକାର ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ (ସାର୍କ) ଭିଜା ଏକ୍‌ଜେମ୍ପଶନ୍ ସ୍କିମ୍ (ଏସ୍‌ଭିଇଏସ୍) ବଳରେ ଭାରତରେ ଥିବା ପାକିସ୍ତାନୀଙ୍କ ଭିଜାକୁ ତତ୍କାଳ ରଦ୍ଦ କରିଛନ୍ତି। ଏଥିସହ ୪୮ ଘଣ୍ଟା ଭିତରେ ଭାରତ ଛାଡ଼ି ଚାଲିଯିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୨୭ରୁ ଭାରତରେ ଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କ ଭିଜା ରଦ୍ଦ ହେବ ବୋଲି ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ତେବେ ପାକିସ୍ତାନୀଙ୍କୁ ଦିଆଯାଇଥିବା ମେଡିକାଲ ଭିଜା ଏପ୍ରିଲ ୨୯ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଅବଧି ଶେଷ ହେବା ପରେ ପାକିସ୍ତାନୀମାନେ ଭାରତରେ ରହିପାରିବେ ନାହିଁ ବୋଲି ପ୍ରେସ୍ ବିବୃତିରେ ସ୍ପଷ୍ଟ କରାଯାଇଛି।

ଇତିମଧ୍ୟରେ ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ (ସାର୍କ) ଭିଜା ବଳରେ ଭାରତକୁ ପ୍ରବେଶ କରି ଦେଶରେ ବସବାସ କରୁଥିବା ପାକିସ୍ତାନୀମାନେ ଛାନିଆ ହୋଇଯାଇଛନ୍ତି। ଏଭଳି ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ବ୍ୟକ୍ତିଗତ ଭାବେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଫୋନ୍ କଲ୍ କରି ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ ସହ ସେମାନେ ଯେପରି ଡେଡ୍‌ଲାଇନ୍ ବାହାରେ ଦେଶରେ ନ ରହିବେ ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ୍ ବର୍ତ୍ତମାନ ମୁଖ୍ୟମନ୍ତ୍ରୀମାନେ ନିଜ ନିଜ ରାଜ୍ୟରେ ରହୁଥିବା ପାକିସ୍ତାନୀଙ୍କୁ ଚିହ୍ନଟ ପରେ ପ୍ରତ୍ୟର୍ପଣ ସକାଶେ କେନ୍ଦ୍ର ସରକାରଙ୍କୁ ସେମାନଙ୍କ ସମ୍ପର୍କରେ ଅବଗତ କରାଇବେ। ଅନ୍ୟପକ୍ଷେ ଦୀର୍ଘଅବଧି ଭିଜା ବଳରେ ଦେଶରେ ରହୁଥିବା ହିନ୍ଦୁ ପାକିସ୍ତାନୀଙ୍କ କ୍ଷେତ୍ରରେ ଏହା ଲାଗୁ ହେବନାହିଁ।

ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବିହାରର ମଧୁବନିରେ ଏକ ସଭାକୁ ସମ୍ବୋଧିତ କରି କହିଥିଲେ, ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଚିହ୍ନଟ ଓ ଟ୍ରାକ୍ କରି ଦଣ୍ଡିତ କରାଯିବ। ଏପରି କି ସେମାନଙ୍କ ସମର୍ଥକ ଓ ହ୍ୟାଣ୍ଡଲର୍ସଙ୍କୁ ମଧ୍ୟ ଖୋଜି ବାହାର କରାଯିବ। ଆତଙ୍କବାଦୀମାନଙ୍କୁ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଚେତାବନୀ ପରେ ଜମ୍ମୁ-କଶ୍ମୀରରେ ସୁରକ୍ଷା ବଳ ସତର୍କତାର ସହ ଆତଙ୍କବାଦୀଙ୍କୁ ଖୋଜୁଥିବାବେଳେ ଦେଶ ଭିତରେ ଥିବା ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ ଓ ବିଦା ପାଇଁ ଶାହା ଦେଇଥିବା ନିର୍ଦ୍ଦେଶକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।

## ଓଡ଼ିଶାରେ ୧୨ ପାକିସ୍ତାନୀ

**ଭୁବନେଶ୍ୱର, ୨୫।୪ (ରବିନାରାୟଣ ଜେନା)**

ଓଡ଼ିଶାରେ ଏବେ ୧୨ ଜଣ ପାକିସ୍ତାନୀ ରହିଛନ୍ତି। ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ବିତାଡ଼ିତ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ମଧ୍ୟାହ୍ନ ୧୨ଟା ୩୦ରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି. ଖୁରାନିଆ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ, ୧୨ ଜଣ ପାକିସ୍ତାନ ନାଗରିକ ଓଡ଼ିଶାରେ ଅଛନ୍ତି। ସେମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଓଡ଼ିଶା ଛାଡ଼ିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିଜିପି କହିଛନ୍ତି, ଯେଉଁମାନଙ୍କର ଭିଜା ଅବଧି ଶେଷ ହୋଇଯାଇଛି ଏବଂ ସେମାନେ ପୁନର୍ବାର ନବୀକରଣ କରିବାକୁ ଆବେଦନ କରିଥିଲେ, ତାହାକୁ ବାତିଲ କରାଯାଇଛି। ଏହାବାଦ୍ ସେମାନଙ୍କ ଲିଙ୍କ୍‌ରେ ଯଦି ଆଉ କେହି ଥାଆନ୍ତି ତା'ର ଅନୁସନ୍ଧାନ କରାଯାଉଛି ବୋଲି ଡିଜିପି କହିଛନ୍ତି।



ନିୟନ୍ତ୍ରଣରେଖା ଆଡ଼କୁ ଶୁକ୍ରବାର ଆସୁଥିବା ପାକିସ୍ତାନର ଯୁଦ୍ଧ ଟ୍ୟାଙ୍କ। (ରିପୋର୍ଟ ପୃଷ୍ଠା-୪)

### ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କସ୍ତୁରୀରଙ୍ଗନଙ୍କ ପରଲୋକ



ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସ୍ୱଚ୍ଛତା ନାହିଁ**

**ଆଜିର ମନ୍ତବ୍ୟ**

"ଭାରତରୁ ପାକିସ୍ତାନକୁ ଯେମିତି ବୁନ୍ଦାଏ ବି ପାଣି ଯିବନାହିଁ, କେନ୍ଦ୍ର ସରକାର ସେଦିଗରେ କାର୍ଯ୍ୟ କରୁଛନ୍ତି।

-ସି.ଆର୍. ପାଟିଲ, ଜଳଶକ୍ତି ମନ୍ତ୍ରୀ


### ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା28.04.2025ରିଖ** ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ, ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**


# ଆନ୍ଧ୍ରରେ ମିଶିବାକୁ ସୀମାନ୍ତବାସୀଙ୍କ ଇଚ୍ଛା



ନନ୍ଦପୁର ବିଡିଓ ଏବଂ ତହସିଲଦାର ରାଇପାହାଡ଼ ଗ୍ରାମବାସୀ, ଅଙ୍ଗନୱାଡି କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।

- **କୋଟିଆ ପରେ ଏବେ ରାଇପାହାଡ଼**
- **ଗାଁରେ ପହଞ୍ଚି ତଦନ୍ତ କଲା ନନ୍ଦପୁର ବ୍ଲକ୍ ପ୍ରଶାସନ**

**ନନ୍ଦପୁର,୨୫।୪ (ତୁଷାର କାନ୍ତ ମହାନ୍ତି)**

ଆନ୍ଧ୍ରର ଅନୁପ୍ରବେଶ ଓ ବିସ୍ତାରବାଦୀ ନୀତି ପାଇଁ ସମସ୍ତଙ୍କ ନଜର ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ ସୀମାନ୍ତ ଗ୍ରାମଗୁଡ଼ିକ ଉପରେ ରହିଛି। ରାଜ୍ୟ ସରକାର କୋଟିଆ ପଞ୍ଚାୟତ ସମସ୍ୟାକୁ ଗୁରୁତ୍ୱ ଦେଇ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଥିବା ବିବାଦକୁ ସମାଧାନ କରିବାକୁ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କିନ୍ତୁ ନନ୍ଦପୁର ବ୍ଲକ୍ ଅଧୀନ ସୀମାନ୍ତ ଗ୍ରାମଗୁଡ଼ିକ ଅଣଦେଖା ହେଉଛି। ଏଭଳି ଅଭିଯୋଗ କରି ନନ୍ଦପୁର ବ୍ଲକ୍ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମବାସୀ ଗତ ୧୮ ତାରିଖ ଦିନ ଆନ୍ଧ୍ର ଡୁମୁରିଗୁଡା ବ୍ଲକ ବିଡିଓ, ତହସିଲଦାର ଓ କଣ୍ଡୁମ ପଞ୍ଚାୟତ ପ୍ରତିନିଧିଙ୍କୁ ଭେଟି ଆନ୍ଧ୍ରରେ ମିଶିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଆନ୍ଧ୍ର ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ଅନୁରୋଧପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଏ ଘଟଣା ସମ୍ପର୍କରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଏବଂ ତହସିଲଦାର ପ୍ରଭାତି ଖୋଡିଆଙ୍କୁ ରାଇପାହାଡ ଗ୍ରାମକୁ ଯାଇ ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏହାପରେ ଶୁକ୍ରବାର ସେମାନେ ଏହି ଗ୍ରାମକୁ ପରିଦର୍ଶନ କରି ସ୍ଥାନୀୟ ଲୋକେ ଓ ଆନ୍ଧ୍ର ଦ୍ୱାରା ନିଯୁକ୍ତ ଆଶା, ଅଙ୍ଗନୱାଡ଼ି କର୍ମୀଙ୍କ ସହ ଆଲୋଚନା କରିଥିବା ଜିଲାପାଳ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୨୩ରେ ନନ୍ଦପୁର ବ୍ଲକ୍ ସୀମାନ୍ତ ପାଛଲୁଙ୍ଗ, ଗୋଲୁର, ଚାଟୁଆ, ଖିନବର୍, ହାତୀବାରି, ପରଜା ବଡପଡ଼ା, ପାଡୁଆ, କୁଲାବିର, କୁଲାରସିଂ ଓ ବିଲାପୁଟ ଆଦି ପଞ୍ଚାୟତବାସୀଙ୍କୁ ଆଧାର, ରାଶନ ଓ ଭୋଟର କାର୍ଡ ଦେଇ ଆନ୍ଧ୍ର ପ୍ରଲୋଭନ ଦେଖାଉଥିବା ଘଟଣା ସାମ୍ନାକୁ ଆସିଥିଲା। ବିଶେଷ ଭାବେ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମକୁ ଆନ୍ଧ୍ର ନିଜର କହି ଏକାଧିକ ସରକାରୀ ଯୋଜନାରେ ସାମିଲ କରିଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଘଟଣା ସାମ୍ନାକୁ ଆସିଥିଲା। ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବା ପରେ ଆନ୍ଧ୍ର ଓଡ଼ିଶା ସୀମାର ୨ କି.ମି. ଅତିକ୍ରମ କରି ରାଇପାହାଡ ଗ୍ରାମବାସୀଙ୍କୁ ପ୍ରଲୋଭିତ କରାଯାଇଥିବା ଜଣାପଡ଼ିଥିଲା। କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୯୭/୨୩(ରେସ) ଜେଡ୍‌ପି ୨୭।୬।୨୩ରେ ଆନ୍ଧ୍ରର ଆଲୁରି ସୀତାରମଣ ଜିଲାପାଳଙ୍କୁ ଚିଠି ଲେଖି ଆନ୍ଧ୍ରର ଅନୁପ୍ରବେଶ ଓ ସରକାରୀ ଯୋଜନା ପ୍ରଣୟନ ବନ୍ଦ କରି ୨ ରାଜ୍ୟର ଅଧିକାରୀଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ। ୧୨।୭।୨୩ରେ ରାଇପାହାଡ ଓ ୨୮।୭।୨୩ରେ ଚାଟୁଆ ଫରେଷ୍ଟ ଗେଷ୍ଟ ହାଉସରେ ଦୁଇ ରାଜ୍ୟର ଅଧିକାରୀଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଓଡ଼ିଶା ପକ୍ଷରୁ ତତ୍କାଳୀନ ଉପଜିଲାପାଳ ବେଣୁଧର ଶବର ଓ ଆନ୍ଧ୍ରର ଡୁମୁରିଗୁଡା ତହସିଲଦାର ସି.ଏଚ. ନାଗ୍‌ମା ନିଜ ନିଜ ଟିମ୍ ସହ ଉପସ୍ଥିତ ରହି କଥାବର୍ତ୍ତା କରିଥିଲେ। ଏଥିରେ ଆନ୍ଧ୍ର ପାଖରେ କେବଳ ରାଇପାହାଡ଼ ଗ୍ରାମବାସୀ ତାଙ୍କ ରାଜ୍ୟର ହିତାଧିକାରୀ ଥିବା ପ୍ରମାଣ ବ୍ୟତୀତ ଅନ୍ୟକୌଣସି କାଗଜପତ୍ର ନ ଥିଲା। ଏଥିପାଇଁ ଆନ୍ଧ୍ର ରାଇପାହାଡ ଗ୍ରାମରୁ ନିଜକୁ ଦୂରେଇ ରଖିବ ଓ ଗ୍ରାମବାସୀଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ସରକାରୀ ସୁବିଧା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା।

ଦ୍ୱିପାକ୍ଷିକ ଆଲୋଚନାର ନିଷ୍କର୍ଷ ସମ୍ପର୍କରେ କୋରାପୁଟ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ, ଗ୍ରାମ ଉନ୍ନୟନ ବିଭାଗ(ଆରଡି), ଶକ୍ତି ବିଭାଗ(ଟିପିଏସ୍ଓଡିଏଲ୍)କୁ ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଗ୍ରାମରେ ବସବାସ କରୁଥିବା ୧୬ରୁ ୩ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ୟ ୧୩ ପରିବାରକୁ ବିଜୁ ଗ୍ରାମୀଣ ଆବାସ ଯୋଜନା(ବିପିଜିୱାଇ)ରେ ସାମିଲ କରି ଏକକ ପରିଚୟ ଦେବାକୁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଉପସଚିବ କୁଳମଣି ମିଶ୍ର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ଜିଲା ପରିଷଦ ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୪୫/ଏକ୍ସଭି-୮୭/୨୪ ତା. ୩।୨।୨୪ରେ ନନ୍ଦପୁର ବ୍ଲକ୍ ପ୍ରଶାସନକୁ ରାଇପାହାଡ଼ର ୧୩ ପରିବାରର କାଗଜପତ୍ର ଯାଞ୍ଚ କରି ନାମ ଆରଏଚ୍(ବିପିଜିୱାଇ) ପୋର୍ଟାଲରେ ପଞ୍ଜୀକରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାଗଜପତ୍ର ଯାଞ୍ଚ ପରେ ସେମାନଙ୍କୁ ପଞ୍ଜୀକୃତ କରାଯାଇଥିଲା। ନିର୍ବାଚନ ପରେ ସରକାର ବିପିଜିୱାଇକୁ ପରିବର୍ତ୍ତନ କରିବା ପରେ ସେମାନଙ୍କ ମଧ୍ୟରୁ ୧୦ଜଣଙ୍କୁ ଏଜିୱାଇ ପୋର୍ଟାଲରେ ନାମ ପଞ୍ଜୀକୃତ କରାଯାଇଥିଲା। କିନ୍ତୁ ପାଣ୍ଠି ନ ଥିବା ଦର୍ଶାଇ ଉକ୍ତ ୧୦ ପରିବାରକୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ। ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ(ସୁନାବେଡା)ର କାର୍ଯ୍ୟ ତଦାରଖ, ଟିପିଏସ୍‌ଓଡିଏଲ ପକ୍ଷରୁ ଗାଁରେ ବିଦ୍ୟୁତ୍ ଖୁଣ୍ଟ ପୋତା, ଟ୍ରାନ୍ସଫର୍ମର ସ୍ଥାପନ, ଘରକୁ ଗୋଟିଏ ବିଦ୍ୟୁତ୍ ମିଟର ସ୍ଥାପନ କରିବା ସୀମିତ ହୋଇ ରହିଛି। ଓଡ଼ିଶା ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ଆନ୍ଧ୍ରର ବିଦ୍ୟୁତ୍ ସଂଯୋଗ କାଟିଲେ ବିଦ୍ୟୁତ୍ ସଂଯୋଗୀକରଣ କରାଯିବ ବୋଲି କହୁଛନ୍ତି।

ଏ ସମ୍ପର୍କରେ କୋରାପୁଟ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କୁ ପଚାରିବାରୁ ଅଗଷ୍ଟ ୨୦୨୪ଠାରୁ କୌଣସି ହିତାଧିକାରୀଙ୍କୁ ଆବାସ ଯୋଜନା ପାଣ୍ଠି ପ୍ରଦାନ କରାଯାଇ ନାହିଁ। ଶୀଘ୍ର ପଞ୍ଜୀକୃତ ୧୦ ହିତାଧିକାରୀଙ୍କୁ ଅନୁଦାନ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।




# ପ୍ରତିଶ୍ରୁତି ପାଳନରେ ବିଶ୍ୱାସ କରେ ଭାଜପା: ସୂର୍ଯ୍ୟବଂଶୀ



ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କ ସହ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଦଳୀୟ ନେତୃବୃନ୍ଦ।

ତିହିଡ଼ି,୨୫।୪(ସଞ୍ଜିତ ବଳ)

## ଦଳରେ ମିଶିଲେ ୫ଶହ ବିଜେଡି, କଂଗ୍ରେସ କର୍ମୀ

ଭାଜପା ପ୍ରତିଶ୍ରୁତି ପାଳନରେ ବିଶ୍ୱାସ କରେ ବୋଲି ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଶୁକ୍ରବାର ଅପରାହ୍ନରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତର ତିହିଡ଼ି ବାରୁଣୀ ପୋଖରୀ ନିକଟସ୍ଥ ଗଙ୍ଗାମାତା ପଡ଼ିଆରେ ଅନୁଷ୍ଠିତ ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ ଏହା କହିବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ପ୍ରକାଶ କରିଥିଲେ। ନିର୍ବାଚନ ସମୟରେ ଦଳ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ବର୍ଷକ ଭିତରେ ପୂରଣ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ନୀତିରେ ପ୍ରଭାବିତ ହୋଇ ବହୁ କର୍ମୀ ଦଳରେ ସାମିଲ ହେଉଛନ୍ତି ବୋଲି ସେ କହିଥିଲେ।

ମନ୍ତ୍ରୀଙ୍କୁ ତିହିଡ଼ି ତହସିଲ ଛକଠାରୁ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ସାହାଡ଼ାଶୁଣୀ ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ବରିଷ୍ଠ ନେତା ରଘୁନାଥ ପାତ୍ର ପୌରୋହିତ୍ୟ କରିଥିଲେ। ଏଥିରେ ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ୯ ପଞ୍ଚାୟତରୁ ୫ଶହ ବିଜେଡି ଓ କଂଗ୍ରେସ କର୍ମୀ ଦଳ ଛାଡ଼ି ଭାଜପାରେ ମିଶିଛନ୍ତି। ମହରମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଲୋଚନା ବେହେରା, ତାଙ୍କ ସ୍ୱାମୀ ଗୌରୀଶଙ୍କର ବେହେରା, ଆରସା ସମବାୟ ସମିତିର ପୂର୍ବତନ ସଭାପତି ବୀରେନ୍ଦ୍ର ସାହୁଙ୍କ ସମେତ ଭାଟପଡ଼ା, ସିନ୍ଦୋଳ, ମଙ୍ଗଳପୁର, କୋହ୍ଲ, ସୟା, ବାହାବାଳପୁର, ମହରମପୁର, ମୁକୁନ୍ଦପୁର ଓ ଫତେପୁର ପଞ୍ଚାୟତର କେତେଜଣ ୱାର୍ଡ ସଦସ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଳିକ, ସାହାଡ଼ାଶୁଣୀ ମଣ୍ଡଳ ସଭାପତି କେଶବ ବେହେରା, ସରପଞ୍ଚ ପ୍ରଦୀପ ବଳ, ବରିଷ୍ଠ ନେତା ଦେବେନ୍ଦ୍ର ପୁହାଣ, ଉଦୟ ନାରାୟଣ ମଲ୍ଲିକ, ଶରତ ଦାସ, ପ୍ରମୋଦ ଦାସ, ରାଜାରାମ ମହାକୁଡ଼, ତପନ ପାଢ଼ୀ, ସଂଗ୍ରାମ ମହାନ୍ତି, କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ, ଐଶାନ୍ୟଚଣ୍ଡୀ ମଣ୍ଡଳ ସଭାପତି ସାଇଶରଣ ବେହେରା, ଉମାକାନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବନେତା ସୀତାକାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସରପଞ୍ଚ କୁନ୍ତଳା ମଳିକ, ନୀହାରିକା ବିଶ୍ୱାଳ, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ବରିଷ୍ଠ ନେତା ମଙ୍ଗରାଜ ନାୟକ, ସୁବାସ ସେଠୀ, ସନାତନ ମିଶ୍ର, ଜୟବାଙ୍ଗଲା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଯଯାତି କେଶରୀ ଦାସ, ଗଣେଶ କର, ଅଜୟ ନାୟକ, ସରୋଜ ନାୟକ ପ୍ରମୁଖ ସହଯୋଗ କରିଥିଲେ।।

# ୨୮ରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ଦିବସ

ଭୁବନେଶ୍ୱର,୨୫।୪(ରବିନାରାୟଣ ଜେନା)

## ମେ’ ୨୦ରୁ ଘରକୁ ଘର ସଚେତନତା ଅଭିଯାନ

ଜାତିଗଣନା, ଆଦିବାସୀ ଏବଂ ପଛୁଆବର୍ଗଙ୍କ କଥା ଆସିଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଭାରି ଡର ଲାଗୁଛି। କାଳେ କଂଗ୍ରେସ ଅଧିକ ଲୋକପ୍ରିୟ ହୋଇଯିବ ସେଥିପାଇଁ କେନ୍ଦ୍ରର ଭାଜପା ସରକାର ଷଡ଼ଯନ୍ତ୍ର ରଚୁଛନ୍ତି ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି।

ଶୁକ୍ରବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲଲ୍ଲୁ କହିଛନ୍ତି, ନ୍ୟାଶନାଲ ହେରାଲ୍ଡ ମାମଲା ସମ୍ପୂର୍ଣ୍ଣ ଭିତ୍ତିହୀନ। ଏହାସତ୍ତ୍ୱେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସର ବରିଷ୍ଠ ନେତା ସୋନିଆ ଗାନ୍ଧୀଙ୍କୁ ବଦ୍‌ନାମ କରିବା ପାଇଁ କେନ୍ଦ୍ର ସରକାର ଇଡି’କୁ ହାତବାରିସି କରି ଅଭିଯୋଗଫର୍ଦ୍ଦ ଦାଖଲ କରାଇଛନ୍ତି। ହେଲେ ସେମାନେ ଏଥିରେ ସଫଳ ହେବେନାହିଁ। କଂଗ୍ରେସ ଡରିବାର ଦଳ ନୁହେଁ, ଲଢ଼ିବାର ଦଳ ବୋଲି ସେ କହିଛନ୍ତି।

ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ଓଡ଼ିଶାରେ ମହିଳାଙ୍କ ଉପରେ ହେଉଥିବା ହିଂସା ଓ ଅତ୍ୟାଚାର କମିବାର ନାଁ ଧରୁନାହିଁ। ପ୍ରତିଦିନ ଏଭଳି ଘଟଣା ବଢ଼ି ଚାଲିଛି। ଏନେଇ ଏପ୍ରିଲ ୨୮ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରାଯିବ। ଆସନ୍ତା ମେ’ ୩ରୁ ୧୦ ତାରିଖ ଯାଏ ରାଜ୍ୟର ପ୍ରତ୍ୟେକ ଜିଲାରେ ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ ଜୋର୍‌ଦାର କରାଯିବ। ସେହିପରି ୧୧ରୁ ୧୭ ତାରିଖ ଯାଏ ରାଜ୍ୟର ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ୨୦ରୁ ୩୦ ତାରିଖ ପର୍ଯ୍ୟନ୍ତ କଂଗ୍ରେସ କାର୍ଯ୍ୟକର୍ତ୍ତା ଓଡ଼ିଶାର ପ୍ରତି ଘରକୁ ଘର ବୁଲି ସଚେତନ କରିବେ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ଓଡ଼ିଶାରେ ବିଜେଡି ଭଳି ଏବେ ଭାଜପା ସରକାର ଥାଇ ମଧ୍ୟ ଓବିସି ବର୍ଗଙ୍କ ପ୍ରତି ଅବିଚାର ହୋଇଚାଲିଛି। ଏହି ସମ୍ମିଳନୀରେ ପୂର୍ବତନ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଉପସ୍ଥିତ ଥିଲେ।

# ଡାକ୍ତରଖାନା ପରିଦର୍ଶନ କଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

## ଲିଫ୍ଟରେ ଚାପିହୋଇ ରୋଗୀଙ୍କ ମୃତ୍ୟୁ ଘଟଣା

ଭଦ୍ରକ, ୨୫।୪(ସନାତନ ରାଉତ)




ବିଜେଡି ଟିମ୍ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଆଲୋଚନା କରୁଛି।

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଲିଫ୍ଟରେ ଚାପିହୋଇ ଜଣେ ମହିଳା ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶୁକ୍ରବାର ଅପରାହ୍ନ ୫ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ପୌରାଧ୍ୟକ୍ଷା ଗୁଲମକ୍ସୀ ଦଲାୱାଜି ହବିବ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଧାମନଗର ବିଜେଡି ନେତା ଡା. ସଞ୍ଜୟ ଦାସ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଧାମନଗର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଉକ୍ତ ଲିଫ୍ଟ ପରିଦର୍ଶନ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦୁର୍ଘଟଣା ବିଷୟରେ ପଚାରି ବୁଝିଥିଲେ।

ପରେ ଟିମ୍ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲା। ସଦ୍‌ଭାବନା ସଭାଗୃହରେ ଜିଲାପାଳଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଲିଫ୍ଟ ବାରମ୍ବାର ଖରାପ ହେଉଥିବାବେଳେ ଉକ୍ତ ଲିଫ୍ଟକୁ ବନ୍ଦ ନ କରି କାହିଁକି ବ୍ୟବହାର କରାଯାଉଥିଲା ବୋଲି ଭଣ୍ଡାରିପୋଖରୀ ବିଧାୟକ ମଲ୍ଲିକ ପ୍ରଶ୍ନ କରିଥିଲେ । ପରିବେଶ ବିଭାଗ ମଞ୍ଜୁରୀ, ଅଗ୍ନି ନିରାପତ୍ତା, ଟାଉନ ପ୍ଲାନିଂର ମଞ୍ଜୁରୀ ମିଳି ନ ଥିବାରୁ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରରେ ବିଳମ୍ବ ହେଉଛି ବୋଲି ଜିଲାପାଳ ଦିଲୀପ ରାଉତରାଏ ପ୍ରକାଶ କରିଥିଲେ। ଗୁରୁବାରର ଦୁର୍ଘଟଣା ପାଇଁ ଜିଲା ପ୍ରଶାସନ ଓ ଚିକିତ୍ସା ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି ଚାନ୍ଦବାଲି ବିଧାୟକ ରାୟ ପ୍ରକାଶ କରିଥିଲେ। ୨ଟି ଜାଗାରେ ଜିଲା ମୁଖ୍ୟ ଚିକିତ୍ସାଳୟ ଚାଲୁଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ନୂତନ କୋଠାକୁ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିବାକୁ ପୂର୍ବତନ ମନ୍ତ୍ରୀ ସାମଲ ଦାବି କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ଅପରେଶନ ଥିଏଟର୍ ସୁବିଧା ନ ଥିବାବେଳେ ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ସମସ୍ୟା ହେଉଥିବା ଧାମନଗର ବିଜେଡି ନେତା ଡା. ଦାସ ପ୍ରକାଶ କରିବା ସହ ମୁଖ୍ୟ ଚିକିତ୍ସାଳୟ ଏକ ରେଫେରାଲ ସେଣ୍ଟର ବୋଲି କହିଥିଲେ। ଏହି ଆଲୋଚନା ବେଳେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।

# କଂଗ୍ରେସର ମିଶ୍ରଣ ପର୍ବ

ବଉଳା,୨୫।୪(ଦୁର୍ଗା ପ୍ରସାଦ ଆଇଚ)




ନୂତନ କର୍ମୀଙ୍କୁ ପୂର୍ବତନ ବିଧାୟକ ଜୟଦେବ ଜେନା ଓ ଅନ୍ୟମାନେ ସ୍ୱାଗତ କରୁଛନ୍ତି।

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡ଼ିହୀ ବ୍ଲକ୍‌ର ସଙ୍ଖଣାଠାରେ ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସର ମିଶ୍ରଣ ପର୍ବ, ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ବାସଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କ ପୁଅ ମନୋଜ ଜେନା, ଝିଅ ଡ. ସସ୍ମିତା ଜେନା, ବରିଷ୍ଠ କଂଗ୍ରେସ ନେତା ଶ୍ରୀଧର ଦଳେଇ, ଭେଲୁ ମିଶ୍ର, ଚିତ ପାତ୍ର, ପଞ୍ଚାନନ ମଣ୍ଡଳ, ହାଡ଼ିବନ୍ଧୁ ଖୁଣ୍ଟିଆ, ମାନସ ଜେନା ପ୍ରମୁଖଙ୍କ ଉପସ୍ଥିତିରେ ଆନନ୍ଦପୁର ମ୍ୟୁନିସିପାଲଟି, ପଦ୍ମପୁର, କୋଡ଼ପଡ଼ା, କଣ୍ଟିପାଳ, ପଣସଡ଼ିହା, ବାଙ୍ଗୋର ରଗୁଡ଼ିଆ ସାହି, କେ. ବାଲିପାଳ, ଧନୁର୍ଜୟପୁର, ଶାସଙ୍ଗ, ପଡ଼ିଆରିପଲ୍ଲି, ସୋସୋ ଆଦି ପଞ୍ଚାୟତରୁ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ ହାତ ଧରିଛନ୍ତି। କାର୍ଯ୍ୟକ୍ରମରେ ୨ ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ମନୋଜ ଜେନାଙ୍କ ଜନ୍ମ ଦିନରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଆଶିଷ ପୃଷ୍ଟି, ମଧୁ ସାମଲ, ପୂର୍ଣ୍ଣ ପାତ୍ର, ଜୁଳି ମହାନ୍ତି ପ୍ରମୁଖ ବରିଷ୍ଠ କର୍ମୀ ସହଯୋଗ କରିଥିଲେ।

## ଆଜି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

# ‘ପ୍ରାଣୀ ସ୍ୱାସ୍ଥ୍ୟ ନେଇ ମିଳିତ ଉଦ୍ୟମ ଆବଶ୍ୟକ’



୨୦୦୧ ମସିହାଠାରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଏପ୍ରିଲ ମାସ ଶେଷ ଶନିବାର (୨୬ତାରିଖ)ପାଳିତ ହେଉଛି ‘ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ’। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ – ସାରା ବିଶ୍ୱରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କରାଯାଉଥିବା ପ୍ରାଣୀ ସମ୍ପଦ ବିକାଶଭିତ୍ତିକ ବହୁମୁଖୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତିକୁ ଆଲୋକପାତ ସହ ପ୍ରୋତ୍ସାହିତ କରିବା। ଚଳିତ ବର୍ଷ ଉକ୍ତ ଦିବସ ଲାଗି ମୁଖ୍ୟ ବାର୍ତ୍ତା ରହିଛି-‘ପ୍ରାଣୀ ସ୍ୱାସ୍ଥ୍ୟ ନେଇ ମିଳିତ ଉଦ୍ୟମ ଆବଶ୍ୟକ’। ଏହାର ଅର୍ଥ– ଉଚ୍ଚ ଗୁଣାତ୍ମକ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ନିମନ୍ତେ ଏଥିରେ ସଂପୃକ୍ତ ଥିବା ବିଭାଗ ଯଥା–ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ସ୍ୱାସ୍ଥ୍ୟ, ଆୟୁର୍ବେଦିକ, ହୋମିଓପାଥି, ଜଙ୍ଗଲ, କୃଷି ବିଭାଗ ଆଦି ମଧ୍ୟରେ ମିଳିତ ଉଦ୍ୟମ ଓ ସହଯୋଗ ରହିବା ଆବଶ୍ୟକ । ଏଥିସହିତ ଜନ ସ୍ୱାସ୍ଥ୍ୟ ଏବଂ ପ୍ରାଣୀ ସ୍ୱାସ୍ଥ୍ୟ ସେବା ସହିତ ଜୀବ କଲ୍ୟାଣର ଉନ୍ନତି ଆଣିବାରେ ପ୍ରାଣୀ ଚିକିତ୍ସକଙ୍କର ଭୂମିକା ନେଇ ଜନ ସଚେତନତା ସୃଷ୍ଟି କରିବା । ପ୍ରତିବର୍ଷ ବିଶ୍ୱ ପ୍ରାଣୀ ଚିକିତ୍ସକ ସଂଘ ଏବଂ ପ୍ରାଣୀ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ସଂଗଠନ ବା ଓ.ଆଇ.ଇ.ର ମିଳିତ ଆନୁକୂଲ୍ୟରେ ପ୍ରାଣୀଚିକିତ୍ସା ଦିବସର ବିଭିନ୍ନ ବିଷୟବସ୍ତୁ ବା ବାର୍ତ୍ତା ନିର୍ଦ୍ଧାରିତ ହୋଇଥାଏ । ଉଭୟ ପ୍ରାଣୀ ଓ ମନୁଷ୍ୟର ସ୍ୱାସ୍ଥ୍ୟ ରକ୍ଷା ସହିତ ସୁସ୍ଥ ପରିବେଶ ସୃଷ୍ଟି ନେଇ ପ୍ରାଣୀ ଚିକିତ୍ସକମାନଙ୍କ ଭୂମିକା ଅତୁଳନୀୟ । ଏଭଳି ଜୀବନ ସୁରକ୍ଷା ବା ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟରେ ବ୍ରତୀ ଥିବା ପ୍ରାଣୀ ଚିକିତ୍ସକଙ୍କ ଭୂମିକାକୁ ଲୋକଲୋଚନକୁ ଆଣିବା ହେଉଛି ଏହି ଦିବସ ପାଳନର ଲକ୍ଷ୍ୟ ।

## ଆମ ହାତରେ ପ୍ରାଣୀଙ୍କ ସୁରକ୍ଷା

ସବୁ ବର୍ଗର ପ୍ରାଣୀଙ୍କର ଉପଯୁକ୍ତ ଯତ୍ନ ନେବା ସହ ସେମାନଙ୍କୁ ଆଦର କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହି ପରିପ୍ରେକ୍ଷୀରେ ବୁଲା ରୋଗଗ୍ରସ୍ତ ପ୍ରାଣୀଙ୍କ ପାଇଁ ରାଜ୍ୟ ସରକାର ମଧ ଅଧିକ ତତ୍ପର ରହିଛନ୍ତି ଏବଂ ଓଡ଼ିଶାରେ ପ୍ରତି ବ୍ଲକରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ସହ ପ୍ରାଣୀ ଆମ୍ବୁଲାନ୍ସ ରହିଅଛି, ଯାହାର ଟୋଲ୍ ଫ୍ରି ନମ୍ବର ୧୯୬୨। ଠିକ୍ ଟିକାକରଣ, ଖାଦ୍ୟପେୟ ଏବଂ ବସବାସ ପାଇଁ ଉପଯୁକ୍ତ ପରିବେଶ ପ୍ରଦାନ କରିଲେ ପ୍ରାଣୀଙ୍କର ସ୍ୱାସ୍ଥ୍ୟାବସ୍ଥା ସଦାସର୍ବଦା ଠିକ୍ ରହିଥାଏ। ଫଳରେ ଚାଷୀ ଲାଭବାନ ହୋଇଥାଏ। ଏହା ସହ ପ୍ରାଣୀ ଚିକିତ୍ସକଙ୍କର ପରାମର୍ଶ ନେବା ମଧ ନିତାନ୍ତ ଆବଶ୍ୟକ। ମଣିଷ, ପଶୁ ଏବଂ ପରିବେଶର ସ୍ୱାସ୍ଥ୍ୟକୁ ନଜରରେ ରଖି ‘ଏକ ସ୍ୱାସ୍ଥ୍ୟ ଚିନ୍ତାଧାରା’କୁ ବୈଜ୍ଞାନିକମାନେ ଗୁରୁତ୍ୱ ଦେଉଛନ୍ତି।

– **ଡା. ହିମାଂଶୁ ବେହେରା,** ସହକାରୀ ଅଧ୍ୟାପକ, ପଶୁ ଚିକିତ୍ସା ଏବଂ ପଶୁ ପାଳନ ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର

## ପ୍ରାଣୀଙ୍କ ପ୍ରତି ସମ୍ବେଦନଶୀଳ ହେବା ଜରୁରୀ

ପୃଥିବୀପୃଷ୍ଠରେ ସମସ୍ତ ଜୀବଜଗତ ଯଥା–ଉଦ୍ଭିଦ, ପ୍ରାଣୀ ଏବଂ ମନୁଷ୍ୟଠାରୁ ଆରମ୍ଭକରି କୀଟ ପତଙ୍ଗ ବଞ୍ଚିବା ପାଇଁ ଏକ ପରିବେଶ ରହିଛି। ଆମେ ପାଳୁଥିବା ବିଭିନ୍ନ ପ୍ରକାର ଗୃହପାଳିତ ପ୍ରାଣୀ–ଗୋରୁ, ମଇଁଷି, ଛେଳି, ମେଣ୍ଢା, ଘୁଷୁରି, କୁକୁଡ଼ାଙ୍କଠାରୁ ଆମେ ଦୁଗ୍ଧ, ଅଣ୍ଡା, ମାଂସ ପାଉଛେ। ସେମାନେ ଯେଭଳି ଆମକୁ ସାହାଯ୍ୟ କରୁଛନ୍ତି ଆମର ମଧ୍ୟ ସେମାନଙ୍କ ପ୍ରତି କିଛି କର୍ତ୍ତବ୍ୟ ରହିଛି। ତେଣୁ ଆମେ ବଞ୍ଚିବାକୁ ହେଲେ ସେମାନଙ୍କୁ ଖାଦ୍ୟପେୟ ଦେଇ ବଞ୍ଚାଇ ରଖିବାକୁ ପଡିବ। ଏ ଧରାପୃଷ୍ଠରେ ଆମ ଭଳି ସେମାନଙ୍କର ବଞ୍ଚି ରହିବାର ଅଧିକାର ରହିଛି। ଆମେ ପୋଷା ପ୍ରାଣୀଙ୍କ ମାଲିକ ହୋଇ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ଜରୁରୀ। ସେମାନଙ୍କର ବାସସ୍ଥାନ, ଖାଦ୍ୟପେୟ ଏବଂ ଚିକିତ୍ସା ପ୍ରତି ଯତ୍ନବାନ ହେବା ଆବଶ୍ୟକ। ତେଣୁ ଆମେ ପ୍ରାଣୀଙ୍କ ପ୍ରତି ଦୟା ମନୋଭାବ ରଖିବା ସହ ସେମାନଙ୍କୁ ଶ୍ରଦ୍ଧା କରିବା ଏବଂ ସେମାନଙ୍କ ଉପଯୁକ୍ତ ଯତ୍ନ ନେବା ଦରକାର।

–**ଡା. ବୀରକିଶୋର ପରିଡ଼ା,** ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ପ୍ରାଣୀଙ୍କର ସୁରକ୍ଷା ପାଇଁ ସରକାରୀ ଯୋଜନା ରହିଛି

ପ୍ରାଣୀମାନେ କଥା କହିପାରନ୍ତି ନାହିଁ। ତେଣୁ ସେମାନଙ୍କର ମଙ୍ଗଳ ତଥା ସୁରକ୍ଷା ପାଇଁ ବିଶେଷଭାବରେ ସେମାନ(ମାଲିକ)ଙ୍କର ବିଶେଷ ଭୂମିକା ରହିଛି। ଏତଦ୍‌ବ୍ୟତୀତ ବୁଲା ଷଣ୍ଢ, ବୁଲା କୁକୁର ତଥା ଅନ୍ୟାନ୍ୟ ପ୍ରାଣୀଙ୍କ ପାଇଁ ଆମ ମାନବ ସମାଜ ଏବଂ ସରକାର ବିଶେଷ ଭାବରେ ଧ୍ୟାନ ଦେଇ ଆସୁଛନ୍ତି। ଗୃହପାଳିତ ତଥା ବୁଲା ପ୍ରାଣୀଙ୍କର ସୁରକ୍ଷା ପାଇଁ ରାଜ୍ୟ ସରକାର ‘ଏନ୍‌ଏଡିସିପି’ ଯୋଜନା, ନିଜସ୍ୱ ଗୋମାତା ଯୋଜନାରେ ବ୍ୟାପକ ଟିକାକରଣର ବ୍ୟବସ୍ଥା କରିଛନ୍ତି। ରାଜ୍ୟ ସରକାର ସେଥିପାଇଁ ୧୩ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଟିକା ଦେବା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ମାଗଣାରେ ବିଭାଗୀୟ କର୍ମଚାରୀଙ୍କ ମାଧ୍ୟମରେ କରୁଛନ୍ତି। ସେହିପରି ରାଜ୍ୟ ସରକାର ଏକ ନିଜସ୍ୱ ଯୋଜନା ‘ଗୋମାତା ପ୍ରଚଳନ କରିଛନ୍ତି। ଏଥିସହ ଆମ ରାଜ୍ୟରେ ଥିବା କୋଟି କୋଟି ପ୍ରାଣୀଙ୍କ ଚିକିତ୍ସା, ଟିକାକରଣ, ରୋଗ ନିୟନ୍ତ୍ରଣ ଏବଂ ରୋଗ ନିରୂପଣ ଆଦି କାର୍ଯ୍ୟକ୍ରମକୁ ହାତକୁ ନେଇଛନ୍ତି। ବୁଲା ଗୋରୁଙ୍କ ପାଇଁ ସରକାର ଗୋଶାଳା ପ୍ରତିଷ୍ଠା କରିଛନ୍ତି। ଅନ୍ୟପକ୍ଷରେ ପ୍ରାଣୀଙ୍କର ସୁରକ୍ଷା ଏବଂ ଅଧିକାର ପାଇଁ ତଥା ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକିବା ପାଇଁ ପ୍ରାଣୀ ମଙ୍ଗଳ ବୋର୍ଡ ଗଠନ କରାଯାଇଛି। ତେଣୁ ପ୍ରାଣୀଙ୍କର ସୁରକ୍ଷା ନିଶ୍ଚିତ ଭାବରେ ଆମର, ଆମ ସମାଜର ଏବଂ ସର୍ବୋପରି ସରକାରଙ୍କ ହାତରେ ରହିଛି।

–**ଡା. ନିରାକାର ଜେନା**
ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡି, ଭଦ୍ରକ






# ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କରେ ୨୫ କୋଟି ଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର,୨୫।୪
(ରବିନାରାୟଣ ଜେନା)

ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କରେ ୨୫ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ପୂର୍ବତନ ସଭାପତି ତଥା ନିର୍ଦ୍ଦେଶକ ବସନ୍ତ କୁମାର ପଟ୍ଟନାୟକଙ୍କ ଏଭଳି ସାଂଘାତିକ ଅଭିଯୋଗକୁ ନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ବଳସାମନ୍ତ ରାଜ୍ୟ ସମବାୟ ନିବନ୍ଧକ(ଆରସିଏସ୍)ଙ୍କୁ ଦେଇଥିବା ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି ଯେ, ଅଭିଯୋଗର ଅନୁସନ୍ଧାନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର। ମନ୍ତ୍ରୀଙ୍କ

**ସମବାୟ ମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ**

ନିର୍ଦ୍ଦେଶ ପରେ ଆରସିଏସ୍‌ଙ୍କ ପକ୍ଷରୁ ବ୍ରହ୍ମପୁର ଡିଭିଜନସ୍ଥ ଡିଆର୍‌ସିଏସ୍‌ଙ୍କୁ ପତ୍ର ଲେଖାଯାଇଛି। ତୁରନ୍ତ ଏହାର ଅନୁସନ୍ଧାନପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅବଗତ କରାଇବାକୁ କୁହାଯାଇଛି। ଅଭିଯୋଗକାରୀ ବସନ୍ତ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି, ୨୦୦୯ରୁ ୨୦୧୯ ମଧ୍ୟରେ ବ୍ରହ୍ମପୁର ଡିଭିଜନରେ ବହୁ ଅଭିଯୋଗ ଗଢ଼ୁଛି। ଏନେଇ ଗଞ୍ଜାମ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏପରିକି ୨୦୧୫ରେ ସ୍ୱତନ୍ତ୍ର ସମୀକ୍ଷାରେ ୬୩ କର୍ମଚାରୀ ୯୩ଟି ମାମଲାରେ ୨୫ କୋଟି ଟଙ୍କା ଦୁର୍ନୀତି କରିଥିବା ଜଣାପଡ଼ିଛି। ସେମାନଙ୍କ ବିରୋଧରେ ସରଚାର୍ଜ ପ୍ରୋସିଡିଂ କରିବାକୁ ସମୀକ୍ଷାରେ ଦର୍ଶାଯାଇଥିଲେ ହେଁ ତାହା ହୋଇନାହିଁ। ସଂପ୍ରତି ୪୬ ଲକ୍ଷ ଟଙ୍କା ରିକଭରି ହୋଇଛି। ଏହି ଦୁର୍ନୀତିରେ ବହୁ ଉଚ୍ଚପଦସ୍ଥ ଅଧିକାରୀ ସଂପୃକ୍ତ ରହିଥିବାରୁ ସତ୍ୟ ପଦାକୁ ଆସିପାରୁନାହିଁ। ଏହାର ତଦନ୍ତ କରାଗଲେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିପାରିବ ବୋଲି ସେ ଅଭିଯୋଗରେ କହିଛନ୍ତି।


**ସ୍କୁଲ ଗେମ୍ସ ଫେଡେରେଶନ ଇଣ୍ଡିଆ ଇଭେଣ୍ଟ**

# ଚମକ ଦେଖାଇବେ ଗଜପତିର କାର୍ତ୍ତିକ


କୋଚଙ୍କ ସହ କାର୍ତ୍ତିକ

ପାରଳାଖେମୁଣ୍ଡି,୨୫।୪(ଗିରିଧାରୀ ପରିଛା)

ନୂଆଦିଲ୍ଲୀରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଗଜପତିର ଯୁବ ସ୍କେଟର୍ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଗଜପତି ଡିଷ୍ଟ୍ରିକ୍ଟ ରୋଲର ସ୍କେଟିଂ ଏକାଡେମୀରେ ସ୍କେଟିଂ ପ୍ରଶିକ୍ଷଣ ନେଉଥିବା ସିଧାମଡଙ୍ଗ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଛାତ୍ର ପାଲାକାଲା କାର୍ତ୍ତିକ ସ୍କୁଲ ଗେମ୍ସ ଫେଡେରେଶନ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ଇଭେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ଏପ୍ରିଲ ୩୦ରୁ ମେ ୫ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବ। ଏହା ପୂର୍ବରୁ କାର୍ତ୍ତିକ ନଭେମ୍ବର ୨୬ ଓ ୨୭ ଭୁବନେଶ୍ୱରଠାରେ ହୋଇଥିବା ରାଜ୍ୟସ୍ତରୀୟ ସ୍କେଟିଂ ଚାମ୍ପିୟନଶିପରେ ଏସ୍‌ଜିଏଫ୍‌ଆଇର ଯୋଗ୍ୟତା ପର୍ଯ୍ୟାୟରେ ଦୌଡ ଶେଷ କରି ରୌପ୍ୟ ପଦକ ହାସଲ କରିଥିଲେ। ଏଥିପାଇଁ ସେ ସ୍କୁଲ ଗେମ୍ସ ଫେଡେରେଶନ ଇଣ୍ଡିଆରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଏସ୍‌ଜିଏଫ୍‌ଆଇ ଇଭେଣ୍ଟ ପାଇଁ କାର୍ତ୍ତିକ ଚୟନ ହେବା ତାଙ୍କ କଠିନ ପରିଶ୍ରମ ଏବଂ କ୍ରୀଡ଼ା ପ୍ରତି ସମର୍ପଣ ମନୋଭାବର ପରିଚୟ ଦିଏ। ଗଜପତି ସ୍କେଟିଂ ଏକାଡେମୀରେ ପ୍ରଶିକ୍ଷକ ସୁକାନ୍ତ ଦଳବେହେରା ଓ ଜିଲା ଶାରୀରିକ ଶିକ୍ଷା କ୍ରୀଡ଼ା ଅଧିକାରୀ ସୁରେନ୍ଦ୍ର ପାତ୍ରଙ୍କ ମାର୍ଗଦର୍ଶନରେ କାର୍ତ୍ତିକ ତାଲିମ ନେଉଛନ୍ତି। କାର୍ତ୍ତିକଙ୍କ ସଫଳତା ଗଜପତି ସ୍କେଟିଂ ଏକାଡେମୀ ଓ ଜିଲା ପ୍ରଶାସନ ଯୁବ ପ୍ରତିଭାଙ୍କୁ ଏହି କ୍ରୀଡ଼ାପାଇଁ ଯେ ପ୍ରୋତ୍ସାହିତ କରୁଛି ତାହା ସ୍ପଷ୍ଟ ହୋଇଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ତଥା ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଏଜି ଛକ ନିକଟ, ସମୟ: ସକାଳ ୮ଟା ୧୫।
- ରାଷ୍ଟ୍ରୀୟ କ୍ଷତ୍ରିୟ ମହାସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ସକାଳ ୯ଟା।
- ଟ୍ରେନିଂ ଅଫ୍ ଟ୍ରେନର୍ସ ସାର୍ଟିଫିକେଶନ କୋର୍ସ, ସ୍ଥାନ: ବିଜେଇଏମ୍ ସ୍କୁଲ ପରିସର, ସମୟ: ସକାଳ ୯ଟା।
- ୧୮ତମ ୟୁସିମାସ ଓଡ଼ିଶା ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସ୍ଥାନ: କଲେଜ୍ ଅଫ୍ ଏଗ୍ରିକଲ୍‌ଚର, ଓୟୁଏଟି, ସମୟ: ସକାଳ ୯ଟା।
- ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ସ୍ମୃତି ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲିଟିଲଷ୍ଟାର ଗ୍ରୁପ ପକ୍ଷରୁ ୨୩ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା, ସ୍ଥାନ: ଏନ୍‌ଏମ୍‌ଆଇଟି, ପାତ୍ରପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।
- କଳିଙ୍ଗ ଆଡଭାନ୍ସଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଭବାନି ରିସୋର୍ଟ, ସତ୍ୟବିହାର, ସମୟ: ଅପରାହ୍ନ ୪ଟା ୩୦।
- ପହଲଗାମ୍ ଆତଙ୍କୀ ଆକ୍ରମଣ ପ୍ରତିବାଦରେ ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ: ଶିଶୁଭବନ ଛକ. ସମୟ: ଅପରାହ୍ନ ୫ଟା ୩୦।
- ଈଶା ଫାଉଣ୍ଡେଶନର ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ 'ଈଶା କ୍ରିୟା', ସ୍ଥାନ: ନୀଳଶୈଳ ଭିଲ୍ଲା ବିପରୀତ ପାର୍ଶ୍ୱ, ରାଧିକା ଟାୱାର ନିକଟ, ଟଙ୍କପାଣି ରୋଡ୍, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## କଟକ

- ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର, ସ୍ଥାନ: କର୍ପୋରେଟର ଅଫିସ ପରିସର, ୱାର୍ଡ ନଂ. ୪୫, ଖାନନଗର, ସମୟ: ସକାଳ ୯ଟା।
- ସିଡିଏ ରଙ୍ଗମ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଡିଏ ସେକ୍ଟର-୮ ଶିବ ମନ୍ଦିର ନିକଟ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ତୈଳଚିତ୍ର ଉନ୍ମୋଚନ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ୱାଇଏମ୍‌ସିଏ ଏବଂ ଦି ସେଣ୍ଟ ଥୋମାସ ଫେଲୋସିପ୍ ପକ୍ଷରୁ ମଧୁସୂଦନ ଦାସ ସ୍ମାରକୀ ବକ୍ତୃତା, ସ୍ଥାନ: ୱାଇଏମ୍‌ସିଏ ସମ୍ମିଳନୀ କକ୍ଷ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଅଖିଳ ଭାରତ ଯୁବସଂଘ ଜିଲାସ୍ତରୀୟ ସମ୍ମେଳନ, ସ୍ଥାନ: ମାଣିକଗୋଡ଼ା, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଗଣବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଗଣବିକ୍ଷୋଭ ଓ ଜେଲଭରୋ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ବୈତରଣୀ ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଡଙ୍କୁରୀ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ ଟା।
- ମା' ମଙ୍ଗଳା ମନ୍ଦିରରେ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅସିଆ, ଛେନାପଦି, ସମୟ: ଅପରାହ୍ନ ୪ ଟା।
- ୭୦ତମ ବାଦିପାଲା ମହୋତ୍ସବ, ସ୍ଥାନ: ସାମ ଶାସନ, ପାଟଣା ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ରେଡ୍ ସହିତ ମୟୂରଭଞ୍ଜ ଗ୍ରୀନ୍ ଟିମ୍‌ର କ୍ରିକେଟ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ନିଶା ନିବାରଣ ସଚେତନତା ଅଭିଯାନ,ସ୍ଥାନ: ଉଦଳା ବ୍ଲକ୍ ଅଧୀନ ଡିହିରାକୁଳ ଗ୍ରାମ ଜଗନ୍ନାଥ ମନ୍ଦିର ଛକ,ସମୟ: ସକାଳ ୮ଟା ୩୦।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଶ୍ରୀମା ଅରବିନ୍ଦ ଯୋଗ ସାଧନ କେନ୍ଦ୍ରରେ ଗଠନ ମୂଳକ ଆଲୋଚନାଚକ୍ର, ସ୍ଥାନ: ବିଜିପୁର, ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ଶନିଦେବଙ୍କ ପୀଠରେ ୪୪ତମ ବାର୍ଷିକ ଉତ୍ସବର ପ୍ରସାଦ ସେବନ, ସ୍ଥାନ:ୱାଲିଗଞ୍ଜ, ବାରିପଦା,ସମୟ: ଅପରାହ୍ନ ୩ଟା।
- 'ତୁମେ ନ ଥିଲେ' ଚଳଚ୍ଚିତ୍ରର ଅଡିଓ ରିଲିଜ୍, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଗିରି ମାର୍କେଟ ଛକ, ସମୟ-ସକାଳ ୮ଟା।
- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭା,ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୬ଟା।
- ଗଞ୍ଜାମ କଳା ପରିଷଦର ୬୮ତମ ବାର୍ଷିକ ଉତ୍ସବ, ସ୍ଥାନ: କବିସୂର୍ଯ୍ୟ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ

- ରଙ୍ଗେଇଲୁଣ୍ଡା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଦଭାବନା ଗୃହ,ସମୟ: ପୂର୍ବାହ୍ନ ୧୧ଟା।
- କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୋଳନ୍ଥରା ବନ୍ଦେ ମାତରଂ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଗୀତା ଜ୍ଞାନଯଜ୍ଞ, ସ୍ଥାନ: କ. ନୂଆଗାଁ ପୁରୁଣାସାହି, ସମୟ: ସନ୍ଧ୍ୟା ୭ଟା।

## ଗଜପତି

- ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ତମ ଜୟନ୍ତୀ, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ,ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ସିଦ୍ଧ ମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦୋଛକି, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା

- ଚଇତି ଘୋଡ଼ାନାଚ କାର୍ଯ୍ୟକ୍ରମ, ସ୍ଥାନ: ମା' ବାସୁଳେଇ ଦେବୀ ମନ୍ଦିର ପରିସର, ଡାହାଳପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାସ୍ତରୀୟ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଜୟନ୍ତୀ ପାଳନ, ସ୍ଥାନ : ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବିଶ୍ୱ ପ୍ରାଣୀ ଦିବସ, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସୃଜନ ସଭାକକ୍ଷ, ସମୟ: ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାକକ୍ଷ, ସମୟ: ସକାଳ ୧୦ ଟା।
- କୁଆଁରିଆ ମହୋତ୍ସବ ଓ ପଲ୍ଲୀ ମେଳାର ଉଦ୍‌ଯାପନ ଦିବସରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୪ଟା। ସଭା, ସମୟ: ସନ୍ଧ୍ୟା ୬ଟା। ରାଜ୍ୟ ଭିତର ଓ ବାହାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାସ୍ତରୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ, ସ୍ଥାନ: ରାଗଡ଼ା ସଂସ୍କୃତି ଭବନ, ସମୟ: ସକାଳ ୮ଟା ୩୦ ।

## ନବରଙ୍ଗପୁର

- ପେଣ୍ଡରାଣୀ ଗୁଡ଼ି ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସକାଳ ୬ଟା।
- ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବଙ୍କ ଜନ୍ମ ଜୟନ୍ତୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ସକାଳ ୮ଟା ୩୦।
- ଆମ ପୋଲିସ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଥାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ,ସ୍ଥାନ: କୋରାପୁଟ ଅଗ୍ନିଶମ କାର୍ଯ୍ୟାଳୟ ଛକ, ସମୟ: ସକାଳ ୯ଟା।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ଆୟୋଜିତ ୬୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗୀତା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଆୟୋଜିତ ସମ୍ଭାଗ ସ୍ତରୀୟ ବାସ୍କେଟ୍ ବଲ କ୍ରୀଡା ଉତ୍ସବ, ସ୍ଥାନ : ସମ୍ବଲପୁର ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା।
- ସମ୍ବଲପୁର କବାଡି କ୍ଲବ ଆୟୋଜନରେ ପଶ୍ଚିମ ଓଡ଼ିଶାସ୍ତରୀୟ କବାଡି ଲିଗ, ସ୍ଥାନ : ଗଙ୍ଗାଧର ମୁକ୍ତି ମଣ୍ଡପ ପଡ଼ିଆ, ସମୟ : ଅପରାହ୍ନ ୪ଟା।

## ରାଉରକେଲା

- ଶ୍ରୀ ଶ୍ରୀ ଦକ୍ଷିଣକାଳୀ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ସେକ୍ଟର-୧ ଡି ବ୍ଲକ, ସମୟ: ସକାଳ ୬ଟା।
- ଆଚାର୍ଯ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା।
- ଉତ୍କଳମଣି ହୋମିଓପାଥି ମେଡିକାଲ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ବିକାଶ ପରିଷଦ ସମାରୋହ ପାଳନ, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଗୋଡଭଗା, ଅତାବିରା,ସମୟ:ସକାଳ ୭ଟା।
- ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ସମାରୋହ,ସ୍ଥାନ:ଜିଲାପାଳଙ୍କ ସାମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ଦିର ପ୍ରତିଷ୍ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଗୋଡଭଗା, ଅତାବିରା, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଦିଶା ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପହଲଗାମରେ ହିନ୍ଦୁ ପର୍ଯ୍ୟଟକଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦରେ ଶୋଭାଯାତ୍ରା, ସ୍ଥାନ: ଜୁନାଗଡ଼ ଟାଉନ ହଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିନ ଜଳାଧିବାସ, ସ୍ଥାନ: ମା' ଭୈରବୀଙ୍କ ପ୍ରାଙ୍ଗଣ, ପୁରୁଣାକଟକ , ସମୟ: ସକାଳ ୯ ଟା ।

## ଦେବଗଡ଼

- କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ ତମ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ଓ ଆଲୋଚନା ଚକ୍ର, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼ ସହର, ସମୟ: ସକାଳ ୯ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଭିଜିତ୍ ସ୍ମୃତି କମିଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବିନିକା ନୂଆବଜାର, ସମୟ: ସକାଳ ୮ଟା ୩୦ ମିନିଟ।
- ଜିଲାସ୍ତରୀୟ ବିଶ୍ୱ ପ୍ରାଣୀ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ସହ ମଙ୍ଗଳଙ୍କ ଦୁର୍ବଳଜନିତ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ବନ୍ଧୁଙ୍କ ଆଦର, ସ୍ନେହ ଏବଂ ସଦିଚ୍ଛା ସବୁ ଦୁଃଖକୁ ଭୁଲାଇଦେବ। ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସାଙ୍ଗକୁ ଆର୍ଥିକ ସ୍ୱଚ୍ଛଳତା ମଧ୍ୟ ଫେରିପାଇବେ। ଅଧ୍ୟାପନା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ତଥା ପ୍ରତିଯୋଗିତାରୁ ପ୍ରଶଂସା ମିଳିବ।

**ବୃଷ** ଉଚ୍ଚସ୍ଥ ଶୁକ୍ରଙ୍କ ସ୍ଥିତି ଅନୁଯାୟୀ ଶାରୀରିକ ସୁସ୍ଥତା ରହିଲେ ମଧ୍ୟ କର୍ମଜଞ୍ଜାଳ ଜନିତ ବ୍ୟସ୍ତତା ମଧ୍ୟରେ ଗତିକରିବେ। ତଥାପି ସଭାସମିତି, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରୁ ସୁଫଳ ମିଳିବ। ପାରିବାରିକ ଜୀବନ ସମସ୍ୟାବହୁଳ ହୋଇପାରେ। ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ ଏବଂ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ।

**ମିଥୁନ** ଧନାଧିପ କର୍ମସ୍ଥ ଯୋଗୁ ଆର୍ଥିକ, ସାମାଜିକସ୍ଥିତି ମନ୍ଦ ହେବନାହିଁ। ମଧୁର ବ୍ୟବହାର, ସୌଜନ୍ୟ ଓ ସୌହାର୍ଦ୍ଦ୍ୟତା ଦ୍ୱାରା ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିବ। ବଳକା କାମକୁ ଶୀଘ୍ର ଶେଷ କରିବାକୁ ବ୍ୟସ୍ତ ହେବେ। ପାରିବାରିକ ସ୍ତରରେ କିମ୍ବା ଶତ୍ରୁତା କ୍ରମରେ କେତେକ ସାଧାରଣ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** ଭାଗ୍ୟସ୍ଥାନରେ ଏକାଧିକଗ୍ରହ ଯୋଗ ପ୍ରଭାବରୁ ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା ଏବଂ ପ୍ରତିବନ୍ଧକ ବିହୀନ କାର୍ଯ୍ୟରୁ ଖୁସି ରହିବେ। ବାଣିଜ୍ୟ, ଯୋଗାଯୋଗ ଏବଂ ପରିବହନରେ ସଫଳତା ହାସଲ କରିବେ। ଆକର୍ଷଣୀୟ ଭାବମୂର୍ତ୍ତି ପଦସ୍ଥ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ଆଦୃତି ଲାଭ କରିବ। ଶନିଙ୍କ ସୁପ୍ରଭାବରୁ ବିବାଦରେ ବିଜୟୀ ହେବେ।

**ସିଂହ** ରାଶ୍ୟାଧିପଙ୍କ ଉଚ୍ଚସ୍ଥାନାଧିରୂଢ ଯୋଗୁ ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ପ୍ରଶଂସିତ ହେବେ। ମୁଖଭାବସ୍ଥ କେତୁଙ୍କ ଯୋଗୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନ ନେଇ ନୀରବଦ୍ରଷ୍ଟା ସାଜିପାରନ୍ତି। ଅତୀତର କେତେକ ଅଶାନ୍ତ ଭାବନା ମନକୁ ଆନ୍ଦୋଳିତ କରିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ମୁହଁରେ ସମ୍ମାନ ଦେବାର ଅଭିନୟ କରିପାରନ୍ତି।

**କନ୍ୟା** ଏକାଧିକଗ୍ରହ ସପ୍ତମଭାବସ୍ଥ ଯୋଗୁ ବିବାଦୀୟ ଘଟଣାରୁ ନିଜକୁ ଦୂରେଇ ରଖିବା ଭଲ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପାରିବାରିକ ସ୍ଥିତି ଗୁରୁତର ଆକାର ଧାରଣ କରିବ ନାହିଁ। ବୃତ୍ତି, ବାଣିଜ୍ୟ, ଯୋଗାଯୋଗ, କର୍ମାରମ୍ଭ ସାଙ୍ଗକୁ ମନପୂତ କାମ ହାସଲ କରିବେ।

**ତୁଳା** ଷଷ୍ଠାଧିପ ଅଷ୍ଟମସ୍ଥ ଯୋଗୁ ରୋଗର ପ୍ରାଦୁର୍ଭାବ ଆଜି ଦେଖିବାକୁ ମିଳିବ। କିଛି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟି ଠିକଣା ସମୟରେ ବିଭିନ୍ନ ଆଳ ଦେଖାଇ ଦୂରେଇ ରହିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଉପରିସ୍ଥ ଅଫିସର ଭୁଲ୍ ବୁଝିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, ପ୍ରବଚନ କାର୍ଯ୍ୟକ୍ରମ, ସତ୍‌ସଙ୍ଗରୁ ପ୍ରଶଂସିତ ହେବେ।

**ବିଛା** ଭାଗ୍ୟସ୍ଥାନରେ ରାଶ୍ୟାଧିପ ଥିବାରୁ ଅସଜଡ଼ା କାମକୁ ସଜାଡ଼ି ନେବେ। କିନ୍ତୁ ପରିବାରର ବ୍ୟତିକ୍ରମକୁ ସୁଧାରି ନେବାରେ ସଫଳ ହେବା ଦୁରୂହ ହୋଇପଡ଼ିବ। ପୂର୍ବରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ପୁରୁଣା ଦିନର କଥାକୁ ନେଇ ମନରେ ଭାବାନ୍ତର ସୃଷ୍ଟି ହେବାର ସୂଚନା ରହିଛି।

**ଧନୁ** ପ୍ରିୟଜନଙ୍କ ଗହଣରେ ହସଖୁସିରେ ସମୟ ବିତାଇବେ। ମୂଳା ନକ୍ଷତ୍ର ପାଇଁ କର୍ମକ୍ଷେତ୍ରରେ ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିପାରେ। ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ ନାହିଁ। କିନ୍ତୁ ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମକର** ଆଜିର ଗ୍ରହଯୋଗ ପ୍ରଭାବରୁ ପ୍ରତ୍ୟୁଷ ଯାତ୍ରା, କର୍ମାରମ୍ଭ, ଶିକ୍ଷା, ପରୀକ୍ଷା, ବନ୍ଧୁ ସମ୍ପର୍କ କ୍ଷେତ୍ର ବହୁତ ଭଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆଶାବାଦୀ ହେବେ ଏବଂ ଆନୁଷଙ୍ଗିକ ସୁବିଧାସୁଯୋଗ ମଧ୍ୟ ପାଇପାରିବେ। ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହେବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**କୁମ୍ଭ** ଚତୁର୍ଥକେନ୍ଦ୍ରସ୍ଥ ଗୁରୁଙ୍କ ପ୍ରଭାବରେ ପାରିବାରିକ ଓ କର୍ମକ୍ଷେତ୍ର ପ୍ରୀତିପ୍ରଦ ରହିବ। ଦୀର୍ଘ ଦିନରୁ ଚିନ୍ତା କରୁଥିବା ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାରାଦି କ୍ରୟର ସୁଯୋଗ ଜୁଟିବ। ଶିଳ୍ପ, ବାଣିଜ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପକ୍ଷପାତିତାକୁ ଆଧାର କରି କିମ୍ବା ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମୀନ** ଆଜି ରାଜଯୋଗଜନିତ ଅର୍ଥ, ସମ୍ମାନ ଲାଭପୂର୍ବକ ସମାଜରେ ଆଦରଣୀୟ ରହିବେ। ଆପଣଙ୍କ ବାସ୍ତବବାଦୀ ଚିନ୍ତାଧାରା ଓ ରୋକ୍‌ଠୋକ୍ କଥାକୁ ବିଜ୍ଞ ବ୍ୟକ୍ତି ସମର୍ଥନ କରିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ମିଥ୍ୟାବାଦିନୀ ଦୋଷାରୋପ ଲଗାଇପାରନ୍ତି। ଆଲୋଚନା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର କରିବେ।

ଆଜି ଏପ୍ରିଲ ୨୬ ତାରିଖ, ବୈଶାଖ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଶନିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର-ରେବତୀ/ମୀନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୧୦।୦୯ ଗତେ ଘ.୦୧।୪୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୩୪ ଗତେ ଘ.୧୦।୦୯ ମଧ୍ୟେ ରାହୁ କାଳ।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବଳ ବୟସ ଆଉ କାହିଁ**
**ପାରିବି ପୁତ୍ର ଉପୁଜାଇ ।**

ବୟସ ବା ସମୟ ଆଗରେ ମଣିଷ ହାର ମାନିଥାଏ। କ୍ଷମତାର ସମୟ ଅତିକ୍ରାନ୍ତ ହେବା ପରେ ଆଉ କିଛି କଳକୌଶଳ ପ୍ରଦର୍ଶନ କରିବାକୁ ବାଟ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବହୁ ମେଳି ହୋଇ ରାବିଲେ କାକ**
**ରାତିରେ ଭେରଣ୍ଡା ମାଇଲେ ଡାକ**
**କୁକୁର ମେଳି ହୋଇଣ କାନ୍ଦିଲେ**
**ସନ୍ଧ୍ୟା ସମୟେ କପୋତ ରାବିଲେ**
**ଆକାଶରୁ ତାରା ହୋଇଲେ ଭ୍ରଷ୍ଟ**
**ନାଥ ବୋଲେ ପୁତା, ପଡ଼ଇ କଷ୍ଟ ।**

ସାଧାରଣତଃ ଏକତ୍ର କାଉ ରାବିଲେ, ରାତ୍ର କାଳରେ ଅଣ୍ଡିରା ବିଲୁଆ ବୋବାଇଲେ ତଥା କୁକୁର ମେଳି ହୋଇ କାନ୍ଦିଲେ ଓ ସନ୍ଧ୍ୟା ସମୟରେ କପୋତ ରାବିଲେ ଏବଂ ଆକାଶରୁ ତାରା ଖସି ପଡୁଥିବାର ଦେଖିଲେ ବିପତ୍ତି ପଡ଼େ ବୋଲି ବୁଝିବାକୁ ହୋଇଥାଏ। ଉପରୋକ୍ତ ସମସ୍ତ ଲକ୍ଷଣ ଅଶୁଭ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କସ୍ତୁରୀରଙ୍ଗନଙ୍କ ପରଲୋକ

**ବେଙ୍ଗାଲୁରୁ,୨୫।୪**

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ପୂର୍ବତନ ଅଧ୍ୟକ୍ଷ ଡ. କ୍ରିଷ୍ଣସ୍ୱାମୀ କସ୍ତୁରୀରଙ୍ଗନଙ୍କର ଶୁକ୍ରବାର ପୂର୍ବାହ୍ନ ୧୦ଟା ୪୩ ମିନିଟ୍ ସମୟରେ ବେଙ୍ଗାଲୁରୁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ଶେଷ ସମ୍ମାନ ପ୍ରଦାନ ଲାଗି ତାଙ୍କ ମରଶରୀରକୁ ରବିବାର ରମନ ରସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ରଖାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। କସ୍ତୁରୀରଙ୍ଗନଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। କସ୍ତୁରୀରଙ୍ଗନଙ୍କ ପରଲୋକରେ ମୁଁ ଅତ୍ୟନ୍ତ ମର୍ମାହତ। ଭାରତର ମହାକାଶ କାର୍ଯ୍ୟକ୍ରମରେ ବିପ୍ଳବ ଆଣିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି। ଭାରତର ବିଜ୍ଞାନ ଓ ଶୈକ୍ଷିକ ଯାତ୍ରାରେ କସ୍ତୁରୀରଙ୍ଗନ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ଏହି ମହାକାଶ ବୈଜ୍ଞାନିକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ଦେଶ ପ୍ରତି ନିଃସ୍ୱାର୍ଥପର ଅବଦାନ ସବୁବେଳେ ମନେରହିବ ବୋଲି ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି।

କସ୍ତୁରୀରଙ୍ଗନ ଇସ୍ରୋ ଅଧ୍ୟକ୍ଷ, ସ୍ପେସ୍ କମିଶନ ମୁଖ୍ୟ ଏବଂ ଭାରତ ସରକାରଙ୍କ ମହାକାଶ ବିଭାଗ ସଚିବ ଭାବେ ୯ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଭାରତୀୟ ମହାକାଶ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଭାରତର ପ୍ରଥମ ଦୁଇଟି ଭୂନିରୀକ୍ଷଣ ସାଟେଲାଇଟ୍ ଭାସ୍କର-୧ ଏବଂ ଭାସ୍କର-୨ ପାଇଁ ସେ ପ୍ରୋଜେକ୍ଟ ଡାଇରେକ୍ଟର ଥିଲେ। ପରେ ସେ ଦେଶର ପ୍ରଥମ କାର୍ଯ୍ୟକାରୀ ରିମୋଟ୍-ସେନ୍ସିଂ ସାଟେଲାଇଟ୍ ଆଇଆର୍‌ଏସ୍-୧ଏ ଦାୟିତ୍ୱ ମଧ୍ୟ ନେଇଥିଲେ। ସେ ୧୯୮୨ରେ ପଦ୍ମଶ୍ରୀ, ୧୯୯୨ରେ ପଦ୍ମଭୂଷଣ ଏବଂ ୨୦୦୦ରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ।

# ସୁଭଦ୍ରା ଯୋଜନାର ସଫଳ ରୂପାୟନ ଲାଗି ଗଣମାଧ୍ୟମକୁ ଉପମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

**ଭୁବନେଶ୍ୱର, ୨୫।୪(ସୁନିତ୍ ମିଶ୍ର)**

ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଏହି ଯୋଜନାକୁ ଆହୁରି ଉନ୍ନତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଏହି ଅବସରରେ ସେମାନଙ୍କଠାରୁ ସୁଚିନ୍ତିତ ମତାମତ ଗ୍ରହଣ କରିଛନ୍ତି। ସୁଭଦ୍ରା ଯୋଜନାରେ ଏସ୍‌ଓପି ତଥା ଗାଇଡ୍‌ଲାଇନକୁ ଘରେ ଘରେ ପହଞ୍ଚାଇବା ସହ ଜନସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପରିଡ଼ା ମତ ପ୍ରକାଶ କରିଛନ୍ତି। ବିଭିନ୍ନ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସୁଭଦ୍ରା ଯୋଜନାକୁ ଆହୁରି ସମୃଦ୍ଧ କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ପରିଡ଼ା ସେମାନଙ୍କ ସୁଚିନ୍ତିତ ମତାମତ ଉପରେ ଆଗକୁ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଖୁବ୍ କମ୍ ଦିନରେ ସୁଭଦ୍ରା ଯୋଜନାରେ ଏକ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଡ଼ି ଥିବାରୁ ମହିଳା ଶିଶୁ ବିକାଶ ବିଭାଗର ଅଧିକାରୀବୃନ୍ଦ ସମେତ ତୃଣମୂଳ ସ୍ତରରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ମୋ ସେବାକେନ୍ଦ୍ର, ଜନସେବା କେନ୍ଦ୍ର କର୍ମକର୍ତ୍ତାମାନଙ୍କୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଧନ୍ୟବାଦ ଜ୍ଞାପନ କରିଛନ୍ତି।



ପ୍ରଭାତୀ ପରିଡ଼ା

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୨୦୦ ବରିଷ୍ଠ ଖବରଦାତା ଯୋଗ ଦେଇଛନ୍ତି। ଏହା ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସୁଭଦ୍ରା ସହ ଜଡ଼ିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ମହିଳା ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ପ୍ରମୁଖ ଅଧିକାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

# ଏଲ୍‌ଓସିରେ ସେନା ଠୁଳକଲା ପାକିସ୍ତାନ

**ନୂଆଦିଲ୍ଲୀ,୨୫।୪**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ କଡ଼ା ଚେତାବନୀ ଦେଇଥିବାରୁ ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ଆଶଙ୍କା କରି ପାକିସ୍ତାନ ଏଥିପାଇଁ ପ୍ରସ୍ତୁତ ହେଉଛି। ଏକ ସୂତ୍ରରୁ ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ମିଳିଥିବା ସୂଚନା ଅନୁଯାୟୀ, ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଆରପଟେ ପାକିସ୍ତାନୀ ସେନା ଏହାର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ବହୁସଂଖ୍ୟାରେ ସୈନ୍ୟ ଠୁଳ କରିଛି। ସୈନ୍ୟମାନେ ବଙ୍କର ମଧ୍ୟରେ ରହି ଏଲ୍‌ଓସି ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆକ୍ରମଣକାରୀଙ୍କୁ ଖୋଜି ବାହାର କରିବା ସହ ଆଇନର କାଠଗଡ଼ାକୁ ଆଣିବୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଜ୍ଞା କରିଥିବାରୁ ସୀମା ଆରପଟେ ଉତ୍ତେଜନା ଦେଖାଦେଇଛି। ସେନାର ୧୦ କର୍ପସ୍‌କୁ ସତର୍କ ରହିବା ଲାଗି ପାକ୍ ସେନାମୁଖ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଅନ୍ତର୍ଜାତୀୟ ସୀମା ଆରପଟେ ସିଆଲକୋଟ୍ ଡିଭିଜନକୁ ମଧ୍ୟ ଜାଗତିଆର ରହିବାକୁ କୁହାଯାଇଛି।

# ହ୍ୱାଟ୍ସଆପ୍‌ରେ ବାର୍ତ୍ତାଳାପ

## ଗଳ୍ପ

**ମଣୀନ୍ଦ୍ର କୁମାର ମେହେର**





: ସାର୍ ନମସ୍କାର।
: ଆରେ ଆନନ୍ଦ ତମେ ଏବେ କେଉଁଠି ?
: ସାର୍ ବରପାଲିରେ ଅଛି। ଆପଣ କେବେ ଆସିବେ ସାର୍ ବରପାଲି? କେତେଦିନ ହେଲା ଆପଣଙ୍କୁ ଦେଖିନାହିଁ।
: ଦେହ ଭଲ ରହୁନାହିଁ ଆନନ୍ଦ।
: କ'ଣ ହେଇଛି ସାର୍ ଆପଣଙ୍କର ?
: ମୁଁ ବି ଜାଣିନାହିଁ ସେକଥା। ଯାହା ଡାକ୍ତରମାନେ ଜାଣିପାରି ନାହାନ୍ତି ମୁଁ ବା ଜାଣିବି କିପରି? ପ୍ରୋବ୍ଲେମ୍ ମୋ' ଦେହରେ ଆଉ ଟ୍ରାଭେଲିଂ ଯାଉନାହିଁ।
: ତାହେଲେ ସାର୍ ଆପଣ କ'ଣ ଆଉ ବରପାଲି କେବେ ଆସିବେ ନାହିଁ। ଆପଣଙ୍କୁ ଆଉ କେବେ ଦେଖିବି ତାହେଲେ ?
: ମୁଁ ତ ବରପାଲିରେ ଅଛି। ତୁମ ସହ ବି ପ୍ରତିଟି ମୁହୂର୍ତ୍ତରେ ରହିଛି।
: ଆପଣ ମତେ ଭୁର୍‌ତଉଛନ୍ତି ସାର୍। ସତ କଥା କୁହନ୍ତୁ କେବେ ଆସିବେ ?
: ଆନନ୍ଦ! ତମେ କେମିତି ଅଛ କହୁନ ଯେ...
: ସାର୍ ମୋ' କଥା ଛାଡ଼ନ୍ତୁ ଆପଣ କେବେ ସୁସ୍ଥ ହେବେ ଆଉ ଆସି ପାରିବେ ତାହା ହିଁ କୁହନ୍ତୁ।
: ଆନନ୍ଦ ତୁମକୁ ତ କହିଲି ମୋର ସମସ୍ୟା। ବୁଝି ପାରୁଥିବ ବୋଲି ମୋର ଆଶା।
: ସାର୍ ଆପଣ ଏତେ ଦୂରରେ ରହି ମତେ ଦେଖିପାରୁଥିଲେ ଜାଣ ମୋ' ଆଖିର ଲୁହ ଅଟକାଇବା କଷ୍ଟ। ମୁଁ ଏ ପୃଥିବୀରୁ ଚାଲିଯିବା ପୂର୍ବରୁ ଥରେ ମାତ୍ର ଦେଖିଥାନ୍ତି ଆପଣଙ୍କୁ।
: ଏମିତି କ'ଣ କହୁଛ ଆନନ୍ଦ? ତୁମେ ଆୟୁଷ୍ମାନ ହୋଇ ରହିବ ଦୀର୍ଘକାଳ ପର୍ଯ୍ୟନ୍ତ।
: ନାଇଁ ସାର୍ ଆଉ କେତେଦିନ ବଞ୍ଚିବି ତାହା ମୁଁ ବି ଜାଣିପାରୁନାହିଁ।
: ବଡ଼ ଆଶ୍ଚର୍ଯ୍ୟ କଥା! କ'ଣ ହୋଇଛି ତୁମର ? ଖୋଲି କହୁନାହିଁ କାହିଁକି ?
: ସେଇଟା ସାର୍ ଆପଣ ଜାଣିଛନ୍ତି। ଯେଉଁ ରୋଗରେ ମୁଁ ପୀଡ଼ିତ ତାହା ମୋର ଯେକୌଣସି ସମୟରେ ଜୀବନ ନେଇଯାଇପାରେ।
: ଓହୋ... ସେଇ ଯେଉଁ ମଝିରେ ମଝିରେ ତୁମେ ସେନ୍ସଲେସ୍ ହୋଇଯାଉଥିଲ। ସେଇ କଥା ?
: ହଁ ସାର୍, ତାହା ବର୍ତ୍ତମାନ ଆହୁରି ଭୀଷଣ ରୂପ ନେଉଛି, ଗତ ମାସରେ ପ୍ରାୟ ତିନିଘଣ୍ଟା କାଳ ଅଚେତ ଅବସ୍ଥାରେ ରହିଥିଲି ମୁଁ।
: ଆଉ ଏକଥା କହୁ ନ ଥିଲ କାହିଁକି? ତୁମ ଟ୍ରିଟ୍‌ମେଣ୍ଟର ପ୍ରେସ୍କ୍ରିପ୍‌ସନ ମୋ ପାଖକୁ ପଠାଇ ଦିଅ। ଆମେ ଭୁବନେଶ୍ୱର ଏମ୍‌ସରେ ଦେଖାଇବା। ଦିଲ୍ଲୀ ଏମ୍‌ସରେ ମଧ୍ୟ ପରିଚିତ ଡକ୍ଟର ଅଛନ୍ତି, ତାଙ୍କ ନିକଟକୁ କାଗଜ ପଠାଇ ପରାମର୍ଶ ନେବା, ତୁମେ ଆଉ ଡେରି ନ କରି ସେ ସବୁର ସ୍କାନ୍ କରି ମୋ' ପାଖକୁ କାଲି ହିଁ ପଠାଇଦିଅ।
: ହଁ ସାର୍। ପଠାଇ ଦେବି ନିଶ୍ଚୟ। ତେବେ ବିଶାଖାପାଟଣାରେ ମୋର ଟ୍ରିଟ୍‌ମେଣ୍ଟ ଚାଲିଛି।
: ଓହୋ! ଡକ୍ଟର କ'ଣ କହୁଛନ୍ତି ?
: ସାର୍ ସେମାନେ କେବଳ ମେଡିସିନ୍ ଦେଉଛନ୍ତି। କୌଣସି ଆଶାଜନକ କଥା ମୁଁ ଶୁଣିନାହିଁ। ସେଇଥିପାଇଁ ତ ଆପଣଙ୍କୁ ମେସେଜ୍ କଲି। ଅନେକ ବର୍ଷ ହୋଇଗଲାଣି ଆପଣଙ୍କୁ ଥରେ ଦେଖିନାହିଁ।
: ଦେଖିବ ନିଶ୍ଚୟ ଆନନ୍ଦ। ମୁଁ ଯିବି।
: ଆପଣ ସାର୍ ମିଛ କହୁଛନ୍ତି। ସତରେ କ'ଣ ଆସିବେ ଅପଣ ଏ ଆନନ୍ଦ ପାଇଁ। ରିଏଲି ଆପଣ ମତେ ଭୁଲିଗଲେଣି।
: ନାଇଁ ଆନନ୍ଦ। ତାହା କ'ଣ ସମ୍ଭବ!
: ମୁଁ ପ୍ରତିଦିନ ସନ୍ଧ୍ୟାରେ ଆପଣଙ୍କ ପାଖକୁ ଗଲେ କେତେ ଶାନ୍ତି ପାଉଥିଲି, ଆପଣ ଜାଣିପାରିବେନି ସାର୍। ଆପଣ ଏଠାରୁ ଯିବା ପରେ କେବଳ ମତେ ନୁହେଁ ଆପଣଙ୍କ ଛାତ୍ରୀଛାତ୍ରଙ୍କୁ ବରପାଲି ଲାଗି ଯାଉଛି ଶୂନ।
: ବରପାଲିର ପ୍ରତିଟି ଧୂଳିକଣାରେ ରହିଛନ୍ତି ତୁମ ସାର୍।
: ଆପଣ ତ ସବୁବେଳେ ଏଇଭଳି କଥା କହି ଭୁଲାଇ ଦିଅନ୍ତି। ଦିନେ ସକାଳୁ ସକାଳୁ ଆମଘରୁ ଇଡ୍‌ଲି ତିଆରିକରି ନେଇ ଦେଇଥିଲି। ମନେଅଛି ନା ଆପଣଙ୍କର ?
: ହଁ ଆନନ୍ଦ। ତାହା କ'ଣ ଭୁଲିବା ସମ୍ଭବ ?
: ମାଡାମ୍ ଦିନେ ମିର୍ଚ୍ଚା ବରା ମୋ' ପାଇଁ ଦେଇଥିଲେ। ତାହା କେବେବି ଭୁଲିପାରୁ ନାହିଁ।
: ଆନନ୍ଦ! ଆମେ କ'ଣ କେହି କାହାକୁ ଭୁଲିଯିବା ସମ୍ଭବ? ତୁମେ ସେଥିପାଇଁ ସବୁବେଳେ ନିଶ୍ଚିନ୍ତ ରହିବ ଯେ ତୁମ ସାର୍ ତୁମକୁ ଏବେବି ଛାଡ଼ି ନାହାନ୍ତି।
: ହଁ। ସେଇକଥା ତ କହୁଛି ବାରମ୍ବାର। ଆପଣ କଥା କହି ମନ ଭୁଲାଇ ଦିଅନ୍ତି ଏଇପରି। ଗୋଟିଏ ଅନୁରୋଧ କରିବି ସାର୍। ରଖିବେ ତ ?
: କୁହ ଆନନ୍ଦ। ତୁମେ କହିବ ଆଉ ମୁଁ ତୁମ କଥା ନ ରଖିବି ? ଏହା କ'ଣ ସମ୍ଭବ ?
: ସତ କହୁଛି ସାର୍ କେତେଦିନ ମୋର ଆୟୁଷ ମୁଁ ତାହା ଜାଣେନା। ମୋର ଅନୁରୋଧ ହେଲା- ଆପଣ ଯେକୌଣସି ଅସୁବିଧାରେ ପଡ଼ିଲେ ମତେ ନିଶ୍ଚୟ ଖବର ଦେବେ। ଆପଣଙ୍କ ଦେହ ବିଗିଡ଼ିଗଲେ ମଧ୍ୟ ମତେ ମନେପକାଇବେ। ମୁଁ ସେଇ ମୁହୂର୍ତ୍ତରେ ହିଁ ଆପଣଙ୍କ ନିକଟକୁ ବାହାରି ପଡ଼ିବି।
: ଆନନ୍ଦ ତୁମେ ମୋ' କଥା କାହିଁକି ଭାବୁଛ ? ତୁମେ ପ୍ରଥମେ ସୁସ୍ଥ ରହ ଏହାହିଁ ମୋର ପ୍ରାର୍ଥନା।
: ମୋ' କଥା ଛାଡ଼ନ୍ତୁ ସାର୍। କୁହନ୍ତୁ ଆପଣ ମତେ ଡାକିବେ ନା ନାହିଁ? ଆପଣଙ୍କ ସକାଶେ ସାମାନ୍ୟ କିଛି କରିପାରିବାର ସୁଯୋଗ ସତକୁ ସତ ଦେବେ ନା ନାହିଁ ?
: ନିଶ୍ଚୟ। ନିଶ୍ଚୟ ଆନନ୍ଦ। ତୁମମାନଙ୍କ ବ୍ୟତୀତ ଆଉ ଅଛି ମୋର କିଏ ?
: ଆପଣ ସେଇ ରୋମାଣ୍ଟିକ କଥା କହନ୍ତୁ ନାହିଁ। ସତ କୁହନ୍ତୁ ଆପଣ ନିଜ ପାଖକୁ ମତେ ଡାକିବେ ନା ନାହିଁ? ଏ ପୃଥିବୀ ଛାଡ଼ିବା ପୂର୍ବରୁ ଆପଣଙ୍କୁ ଥରେ ଦେଖିପାରିବି ନା ନାହିଁ ? କୁହନ୍ତୁ ସାର୍ ଚୁପ୍ ରହିଲେ କାହିଁକି ?

ମୋ: ୮୮୯୫୮୮୧୫୮୯

## ପୁସ୍ତକ ପରିଚୟ

### ବିଶ୍ୱାସ ଦେ' ପୃଥ୍ୱୀ



**କବି:** ଆଶୁତୋଷ ପରିଡ଼ା
**ପ୍ରକାଶକ:** ପ୍ରବାହ, ଗୋବିନ୍ଦପୁର, ଯାଜପୁର-୭
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୯୦/-

ଆଲୋଚ୍ୟ କାବ୍ୟଗ୍ରନ୍ଥରେ ମୋଟ ୫୪ଟି କବିତା ସଂକଳିତ। ଗ୍ରନ୍ଥର ଶେଷ କବିତା ଶୀର୍ଷକ କବିତା 'ବିଶ୍ୱାସ ଦେ' ପୃଥ୍ୱୀ'। ହାରିଯାଉଥିବା ମଣିଷର ସ୍ୱର ଏ କବିତା। ଯୁଆଡ଼କୁ ଚାହିଁଲେ ଜୀବନ ପ୍ରତାରଣାର ଶିକାର, ଗଳିକନ୍ଦିରେ ବିଷାକ୍ତ ବାଷ୍ପ। କଠିନରୁ କଠିନତର ହେଉଛି ଦୁଃଖ। ଆକାଶ ଭର୍ତ୍ତି ହୋଇଯାଉଛି ଅବିଶ୍ୱାସର ଧୂଆଁରେ। ଏମିତି ଏକ ଅବକ୍ଷୟର ଭୂମି ଉପରେ ପାଦ ଥୋଇ ଛାତି ଭିତରେ କୁହୁଳି ଉଠୁଥିବା ଶବ୍ଦମାନଙ୍କୁ କେଉଁ ରୂପ ବା ଦେଇ ହେବ ? ଏଣୁ ପୃଥ୍ୱୀଠାରୁ କବି ମାଗୁଛନ୍ତି ବିଶ୍ୱାସ। ମାଗୁଛନ୍ତି ସବୁଜିମାର ବିପୁଳ ମହିମା। ନଦୀମାନଙ୍କର ଅବିଶ୍ରାନ୍ତ ଧ୍ୱନି। ପର୍ବତର ଆକାଶୀ ଆସ୍ପର୍ଦ୍ଧା, ସମୁଦ୍ରର ଅନନ୍ତ ସ୍ପନ୍ଦନ, ଆଉ ସମୟ ପାଇଁ ଯଦି କିଛି ଧିକ୍‌କାର ଅଛି, ତେବେ ସେଇସବୁ ଧିକ୍‌କାର ବି! କବି 'ଭୋକଯାତ୍ରା' ଶୀର୍ଷକ କବିତାରେ କୋଭିଡ୍ ଲକ୍‌ଡାଉନ୍ ସମୟରେ ତେଲଙ୍ଗାନାର ଲଙ୍କାକ୍ଷେତରୁ ଛତିଶଗଡ଼ର ନିଜ ଗ୍ରାମକୁ ଫେରିଆସୁଥିବା ବାରବର୍ଷୀୟା ଝିଅ ତିନିଦିନ ଜଙ୍ଗଲ ରାସ୍ତାରେ ଚାଲିବା ପରେ ଘରେ ପହଞ୍ଚିବା ପୂର୍ବରୁ କିପରି ପ୍ରାଣ ହରାଇଛି, ତା'ର ଦୁଃଖଦ ଚିତ୍ର ଦେଇଛନ୍ତି ଏହିପରି: "ଝିଅ ପଚାରିଲା- ଗାଆଁ ଆଉ କେତେ ବାଟ ମଉସା ? ଉତ୍ତର ଆସିଲା- ହେଇ ତ ଆଉ ଟିକେ ଆଗରେ। x x ଲଙ୍କାକ୍ଷେତରେ କାମ କରୁଥିବା ବାରବର୍ଷର ଝିଅ/ କେତେ ଯେ କୋଶ ପାଦରେ ଚାଲି ଆସିଲା/ ଓ ଗାଁର କଥା ଭାବୁଭାବୁ ପଡ଼ିଗଲା ଯେ, ଆଉ ଉଠିଲାନି।" (ପୃ:୪୬)। ଏହିଭଳି ଦୁର୍ଗତ, ପରାହତ, କ୍ଳାନ୍ତ, ଅପମାନିତ ଭାଷାହୀନ ମଣିଷଙ୍କର ଅଶ୍ରୁ ଓ ସ୍ୱେଦର ଅସରା କାହାଣୀ ହୋଇଉଠିଛି ସମଗ୍ର ଗ୍ରନ୍ଥରେ ସ୍ଥାନିତ ପ୍ରାୟ ପ୍ରତ୍ୟେକଟି କବିତା। ସାମ୍ପ୍ରତିକ ଓଡ଼ିଆ କବିତାରେ ଆଶୁତୋଷ ନିଜେ ହିଁ ନିଜର ଉପମା- ଉଭୟ କବିତାର ବିଷୟ ଓ ବିନ୍ୟାସରେ। ଆଶା, ବହିଟି ପାଠିକାପାଠକଙ୍କୁ ଜୀବନ ଓ ଜଗତ ସମ୍ପର୍କରେ ଏକ ନୂଆ ପ୍ରତ୍ୟୟ ଆଣିଦେବ।

### ପରମ୍ପରାର କାରାଭଂଗ: କବିତାର ନୂଆ ସ୍ୱର



**ସଂକଳକ:** ଡ. ଶଶଧର ଦାସ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ଦିବ୍ୟ ବିହାର, ସାମନ୍ତରାପୁର, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/-

ନିକଟ ଅତୀତ ଓ ଚଳନ୍ତି ବର୍ତ୍ତମାନରେ କାବ୍ୟ-ସାଧନା-ନିମଗ୍ନ କତିପୟ ଚର୍ଚ୍ଚିତ କବିଙ୍କ କବିତାର ମୂଲ୍ୟାୟନ, ଯାହା ବିଭିନ୍ନ ସମୟରେ ବିଭିନ୍ନ ସମର୍ଥ ସମାଲୋଚକଙ୍କ ଦ୍ୱାରା ପ୍ରସ୍ତୁତ- ତା'ରି ମନୋଜ୍ଞ ଓ ସୁ-ଚୟିତ ଆଲୋଚନା-ଗ୍ରନ୍ଥ "ପରମ୍ପରାର କାରାଭଂଗ: କବିତାର ନୂଆ ସ୍ୱର"। ଏଥିରେ ସ୍ଥାନିତ କବି ସୁଧାଂଶୁ ଶେଖର ରାୟଙ୍କ କବିତାର ଆକଳନ କରିଛନ୍ତି ନିଜେ ଗ୍ରନ୍ଥର ସଂକଳକ ଡ. ଶଶଧର ଦାସ- ଯାହା ନୂଆ ପିଢ଼ିର କବିମାନଙ୍କ ପାଇଁ ଅନୁଧ୍ୟାନର ବିଷୟ। ଏତଦ୍‌ଭିନ୍ନ କବି କମଳାକାନ୍ତ ଲେଙ୍କା, ନିତ୍ୟାନନ୍ଦ ପତି, ମନୋରମା ବିଶ୍ୱାଳ ମହାପାତ୍ର, ରବିନାରାୟଣ ସେନାପତି, ଦୁର୍ଯ୍ୟୋଧନ ଦାସ, ହୃଷୀକେଶ ମଲ୍ଲିକ, ଶଶଧର ଦାସ, ନିରଞ୍ଜନ ବେହୁରିଆ, ହୃଦାନନ୍ଦ ପାଣିଗ୍ରାହୀ, ପ୍ରଭାତ ନଳିନୀ ମହାପାତ୍ର, ଅଶୋକ ମହାନ୍ତି, ବିଷ୍ଣୁ ସେଠୀ, ସୁଚିତ୍ରା ପାଣିଗ୍ରାହୀ ଓ ଶମ୍ଭୁନାଥ ରାଉଳଙ୍କ କବିତାର ଭାବ, ଭାଷା ଓ ଚିନ୍ତନ-ବିବିଧତାକୁ ନେଇ ପ୍ରବୀଣ ଓ ନବୀନ ସମାଲୋଚକଙ୍କ ଦ୍ୱାରା ଯେଉଁ ଆକଳନ ପ୍ରସ୍ତୁତ କରାଯାଇଛି- ତାହା ସମ୍ପୃକ୍ତ କବିମାନଙ୍କୁ ଓଡ଼ିଆ ପାଠିକାପାଠକଙ୍କ ନିକଟରେ ପରିଚିତ କରାଇବାରେ ଯେ ସହାୟତା କରିବ, ଏଥିରେ ସନ୍ଦେହ ନାହିଁ। ଆକଳକଙ୍କ ମଧ୍ୟରେ ଅଛନ୍ତି ଶଶଧର ଦାସ, କାନନ ମହାନ୍ତି, ହୃଦାନନ୍ଦ ପାଣିଗ୍ରାହୀ, ବେଣୁଧର ପାଢ଼ୀ, କ୍ଷୀରୋଦ ଚନ୍ଦ୍ର ପତି, ପ୍ରୀତିଲତା ପଣ୍ଡା, କୁମୁଦ ଚନ୍ଦ୍ର ଦାଶ, ସୁବ୍ରତ କୁମାର ଦାସ, ଅଭୟ କୁମାର ଦାସ, ସୁକାନ୍ତି ମହାପାତ୍ର, ଦଇତାରି ଦାସ, ହରିପ୍ରିୟା ସେଠୀ ଓ ରମେଶ ଦାସ ପ୍ରମୁଖ। ପ୍ରାକ୍ କଥନରେ 'ଉତ୍ତର-ଆଧୁନିକତା'କୁ ନେଇ ସଂକଳକ ଡ. ଦାସଙ୍କର ମତ ବିତର୍କର ଅପେକ୍ଷା ରଖେ। 'ଭାରତୀୟ ଉତ୍ତର-ଆଧୁନିକତା' ପାଶ୍ଚାତ୍ୟର 'Post-Modern' ନୁହେଁ। କବିତାର ପ୍ରତି ଦଶନ୍ଧି ଏକ ନୂଆ ଯୁଗର ବାର୍ତ୍ତା ଆଣେ- ତେଣୁ ସବୁ କବିତାକୁ 'ଆଧୁନିକତା'ର ମାଣରେ କାହିଁକି ମପାଯିବ? ତେବେ, ଆଲୋଚ୍ୟ ଆକଳନ-ଗ୍ରନ୍ଥଟି ଓଡ଼ିଆ ସମାଲୋଚନା ସାହିତ୍ୟରେ ଏକ ଅଭିନନ୍ଦନୀୟ ଉଦ୍ୟମ।

## କବିତା

### ରାହୁ

**ଗୌରୀଶଙ୍କର ସାହୁ**

ସେଦିନ ସେ କାଳରାତ୍ରି ଦ୍ୱିତୀୟ ପ୍ରହରେ
ଆକାଶକୁ ଆଶ୍ରା କଲାବେଳେ
ବତାସ ନୁହେଁ, ବରଂ ଛେଦ ବିନ୍ଦୁଟିଏ
ତଣ୍ଟିଚିପି ଧରିଥିଲା ତୋଫା ଜୋଛନାର
ଅଧାଫୁଟା କଇଁଫୁଲ ସାକ୍ଷୀ
ତମେ-ଆମେ-ସେମାନେ
ମୁହୂର୍ତ୍ତଟିଏ ପାଇଁ ଅଣନିଃଶ୍ୱାସୀ।

ହାତରେ ଲାଗିଲାନି ଜହ୍ନର ଜମାନବନ୍ଦୀ
କଇଁନାଡ଼ ଘେରିଛନ୍ତି ବିଷଧର ସର୍ପ
ସେପଟେ ଆଖିରେ ଆଖିଏ ନିଦ,
ବୁଢ଼ୀମା' କାହାଣୀ ଶୁଣି
ରାହୁର ତଣ୍ଟିରୁ ଝରେ ଅମୃତ ଓ ରକ୍ତ
ରିକ୍ତହସ୍ତେ ଫେରିଗଲେ ଅସୁର ସମସ୍ତ।

ଗତକାଲି କେଉଁପରି ଆସିଥିଲେ ହେତୁବାଦୀମାନେ
ଧୂମକେତୁ ସାକ୍ଷୀ, ସାକ୍ଷୀ ସେଇ ଆଇଁସିଆ ବାସ୍ନା
ଲହୁର ଆସ୍ୱାଦ ଥିଲା ଜିଭରେ, ଓଠରେ
ହାତରେ ଧରିଥିଲେ ଜମାନବନ୍ଦୀ, ରକତ ରଙ୍ଗର
ଏଣେ, ଉପବାସ କରୁଥିଲା ସଂସାରୀ ମଣିଷ
ଇତସ୍ତତଃ, ପଶୁ-ପକ୍ଷୀ-ଆବର ଜଗତ
ଈଶ୍ୱରଙ୍କ କଣ୍ଠେ ବିଜେ ହଳାହଳ ବିଷ।

ମୋ: ୭୯୭୮୪୨୧୮୩୫

### ଏରସମା

**ଶ୍ରୀହରି ଧଳ**

ମହାବାତ୍ୟାରୁ ବର୍ତ୍ତିଯାଇଥିବା ଗଛଟା
ଏଯାଏଁ ବି ବଞ୍ଚିଛି
ଥୁଣ୍ଟା ଭାଗ୍ୟ ସାଥେ ଟଙ୍ଗେଇ ଧରିଛି
ଫର୍ଦ୍ଦେ ଇତିହାସ
ଏବେ ଥୁଣ୍ଟା ଡାଳ
କଅଁଳିବା ଆରମ୍ଭ କଲେଣି
ଫୁଲ ଫଳର ସ୍ୱପ୍ନଦେଖାରେ
ଗଛ ମନେପକାଇଲାଣି
ପୁନଶ୍ଚ ବସନ୍ତ।

କେତେ ପ୍ରଗତିର ସ୍ୱପ୍ନ ଦେଖେଇ
ଫେରିଗଲେଣି ସେମାନେ
ମଲା ମଣିଷର ଖପୁରି ଖୁଣ୍ଟିଚାଲିଛି ସମୟ
କୁଢ଼କୁଢ଼ ଶବ ଉପରେ ଠିଆ କରିଛି ଇତିହାସ।
ବିଭୀଷିକାର କଳାକୃତି।

ଅଥଚ ସେମିତି ଠିଆହୋଇଛି ଗଛ
ଗୋଟେ ଶତାୟୁ ପୁରୁଷ
ଦୀର୍ଘ ନିଃଶ୍ୱାସମାନେ
ପୋତି ହୋଇଗଲାବେଳେ ମୁଣ୍ଡ ପୋତି ମାଟିରେ
ସେମାନେ ଚିହ୍ନୁଛନ୍ତି ଏହା ହୋଇପାରେ
ଏରସମା, ବିଧ୍ୱସ୍ତ କଙ୍କାଳ ପୁରୁଷ, ଏ ଶତାବ୍ଦୀର।

ମୋ: ୮୧୧୭୦୮୧୯୦୬

### ଭ୍ରମ

**ପ୍ରଶାନ୍ତ କୁମାର ଦାଶ**

ବିଦାୟ ଏକ ମହାଭ୍ରମ।

ବିଦାୟ ହିଁ
ମିଳନର ମୁହୂର୍ତ୍ତକୁ ମହାର୍ଘ କରେ,
ଖୋଲିଦିଏ କବାଟ,
ଯେଉଁ କବାଟର ଦୁଆରବନ୍ଧ ଦାଢ଼ରୁ
ମିଳନର ମହୋତ୍ସବକୁ ଲମ୍ବିଯାଇଥାଏ ବାଟ।

ବିଦାୟକୁ ସହଯାତ୍ରୀ କରି
କେତେ ଦୂର ଯାଇହୁଏ ?
ଛାଡ଼ିଯାଇଥିବା ପାଦଚିହ୍ନ ଥରେ ନୁହଁ
ହଜାରେ ଥର ଡାକେ,
ତା' ଉପରେ ବିଦାୟର
ପାଦ ନ ପଡ଼ିଲା ପର୍ଯ୍ୟନ୍ତ ଡାକେ।

ଚର୍ମଚକ୍ଷୁରେ ବିଦାୟ ବଡ଼ କଠିନ ଓ ଯନ୍ତ୍ରଣାସିକ୍ତ,
ଅନ୍ତର୍ଚକ୍ଷୁରେ ଅଗୋଚରେ ନିର୍ମାଣୁଥାଏ ସେତୁ।

କିଏ ଜଣେ ବିଜନବେଳାରେ ବଜାଉଛି
ବିଦାୟର କରୁଣ ସଂଗୀତ,
କାହାର ସେ ଅନୁପସ୍ଥିତି ପ୍ରସାରୁଛି ହାତ,
କରିବାକୁ ଖୁବ୍ ଆଶ୍ଳେଷରେ କୋଳାଗ୍ରତ।

ପୃଥିବୀ ଏବେ ବି ମହାଭ୍ରମରେ ଅଛି!

ମୋ: ୭୭୩୫୪୧୯୫୭୩

### ଗୀତି-କବିତା

### ଆମ ଗାଁ

**ଜୟନ୍ତୀ ସାହୁ**

ଆକାଶ ପୃଥିବୀ ନିବିଡ଼ ଭାବରେ
ମିଶିଥା'ନ୍ତି ଯହିଁ ବିଭୋର ହୋଇ,
ରୁପାର ଟଗର ସୁନା ସୂର୍ଯ୍ୟମୁଖୀ
ସୌନ୍ଦର୍ଯ୍ୟେ ଅଧୀର ଯେଉଁଠି ଥାଇ।

ଭୋଦୁଅ ପବନେ କାଶତଣ୍ଡୀ ଫୁଲ
ଯହିଁରେ ଅଳସ ଭାଙ୍ଗଇ ନିତି,
ସେହି ଆମ ଗାଁ, ସେହି ଆମ ମା'
ଜଗତରେ ସିଏ ସୁନ୍ଦର ଅତି।


କୁଆଁରୀ ମେଘର ସଜଳ ଆଖିରେ
ପହିଲି ଆଷାଢ଼ ସପନ ଦେଖେ,
ଧାରା ଶ୍ରାବଣର ଘୋର ବାରିପାତ
ସବୁଜିମା ଭରେ ଗାଁଆର ଯେତେ।

ଫୁଲ ସଞ୍ଜବେଳ ମହକି ଉଠଇ
କାକୁଡ଼ି ଓ ଜହ୍ନି ଫୁଲଙ୍କ ହସେ,
ନୁଆଁଣିଆ ଚାଳ ମଥାନ ଉପରୁ
ଧୂଆଁର କୁଣ୍ଡଳୀ ଉଠେ ଆକାଶେ।

ଦୁଃଖ ଲାଗେ ଆଜି ନାହିଁ ସବୁଜିମା
ଧୂଳିଦାଣ୍ଡ କାନ୍ଥ ଗୋମୟ ଲିପା,
ହଳଦୀବସନ୍ତ କୁମ୍ଭାଟୁଆ ଦୂରେ
ଗାଁଆଁରେ ସବୁଠି କଂକ୍ରିଟ୍ ଛାପା।

ମୋ: ୮୦୯୩୪୮୬୬୭୪

## କାଳକାଳକୁ



**"ନିଜକୁ ସର୍ବଜ୍ଞ ମଣୁଥିବା ବ୍ୟକ୍ତି ନିର୍ବୋଧ, ଜିଜ୍ଞାସାରେ ନିହିତ ଥାଏ ପ୍ରଜ୍ଞା।"**
**- ମିଲାନ୍ କୁନ୍ଦେରା**

**ମିଲାନ୍ କୁନ୍ଦେରାଙ୍କ** ଜନ୍ମ ୧ ଏପ୍ରିଲ ୧୯୨୯ରେ ଚେକୋସ୍ଲୋଭାକିଆରେ ଓ ପରଲୋକ ୧୧ ଜୁଲାଇ ୨୦୨୩ରେ ଫ୍ରାନ୍ସରେ। ଚେକ୍ ଓ ଫରାସୀ ଉଭୟ ଭାଷାରେ ଲେଖୁଥିବା ଏହି ଲେଖକଙ୍କର ପ୍ରସିଦ୍ଧ ଉପନ୍ୟାସ ହେଉଛି "ଅନ୍ ବିଅରେବଲ୍ ଲାଇଟ୍‌ନେସ୍ ଅଫ୍ ବିଙ୍ଗ୍।" ଜନ୍ମିତ ରାଷ୍ଟ୍ରର ବିରୋଧ ଯୋଗୁଁ ସେ ୧୯୭୫ରେ ଦେଶ ଛାଡ଼ି ଫ୍ରାନ୍ସ ପଳାଇଥିଲେ ଓ ୧୯୮୧ରେ ଫ୍ରାନ୍ସର ନାଗରିକତ୍ୱ ଲାଭ କରିଥିଲେ, ଯଦିଓ ୨୦୧୯ରେ ପୁନଶ୍ଚ ତାଙ୍କୁ ଚେକୋସ୍ଲୋଭାକିଆର ନାଗରିକତ୍ୱ ମିଳିଥିଲା। ବିଶ୍ୱ ସାହିତ୍ୟକୁ ନିଜର ଅବିସ୍ମରଣୀୟ ଅବଦାନ ପାଇଁ ସେ ୧୯୮୫ରେ 'ଜେରୁଜେଲମ୍ ପ୍ରାଇଜ୍' ଓ ୧୯୮୭ରେ ୟୁରୋପୀୟ ସାହିତ୍ୟକୁ ଅବଦାନ ପାଇଁ ଅଷ୍ଟ୍ରୀୟ ରାଜ୍ୟ ପୁରସ୍କାର ପାଇଥିଲେ।

## ପାହାଡ଼

### ଲଘୁ ଗଳ୍ପ

**ଜାହ୍ନବୀ ମିଶ୍ର**

ସ୍ୱପ୍ନଟିଏ ପଥର ପରି ଟାଣ ହେଇ ପଡ଼ିରହିଲା ଗୋଟେ କୋଣରେ। ତା'ପରେ ମାସକୁ ମାସ ଯୋଡ଼ି ହୋଇଥିଲେ ଆଉ କିଛି କିଛି ସ୍ୱପ୍ନ, ଠିକ୍ ପଥର ପରି ଶକ୍ତ ଓ ଓଜନିଆ। ପ୍ରତିବର୍ଷ ବର୍ଷାଋତୁରେ ଖୁବ୍ ବର୍ଷା ହୁଏ। ଅନେକଥର ଲଘୁଚାପ ଓ କାଳବୈଶାଖୀ କାରଣରୁ ବି ପ୍ରଚୁର ଅଦିନିଆ ବର୍ଷା ହେଇଚି। ହେଲେ ପଥରଗୁଡ଼ାକୁ ସେଠୁ କେହି ବୁହେଇ ନେବା ତ ଦୂରର କଥା, ହଲେଇ ମଧ୍ୟ ପାରି ନ ଥିଲେ।

ବର୍ଷ ବର୍ଷ ଧରି ଜମା ହେଇ ଏ ପଥରଗୁଡ଼ାକ ହେଇଯାଇଥିଲେ ସୁଦୃଶ୍ୟ ଏକ ପାହାଡ଼ ପରି। ଦିନେ ସେଇ ପାହାଡ଼ର ସାମ୍ନା ସରୁ ରାସ୍ତାରେ ଚାଲିଯାଉଥିଲେ ଅଶୀ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧ ପ୍ରତ୍ନତତ୍ତ୍ୱ ଗବେଷକ ଓ ବିଶାରଦ। ସାରା ଜୀବନ କଟିଥିଲା ଭାରତର ଅତି ପୁରାତନ ଓ ପ୍ରାଚୀନ ଗୁମ୍ଫାମାନଙ୍କରେ ଗବେଷଣା କରି ଏବଂ ସେମାନଙ୍କ ଉପରେ ତଥ୍ୟସବୁକୁ ଲିଖିତ ଆକାରରେ ପ୍ରସ୍ତୁତ କରିବାରେ। ଏବେ ବି ଜାରିଥାଏ ତାଙ୍କର ଏ କାର୍ଯ୍ୟ, ଯଦିଓ ବୟସାଧିକ୍ୟ କାରଣରୁ ଆଗ ଅପେକ୍ଷା କାମରେ ତୁଳନାତ୍ମକ ଭାବେ ଶିଥିଳତା ଆସିଯାଇଥିଲା।

ବୃଦ୍ଧଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ପାହାଡ଼ଟି। ସେ ରହିଯାଇଥିଲେ ତା'ରି ଆଗରେ। ବର୍ତ୍ତୁଳ ଅଥଚ ତିଖ ପାହାଡ଼ଟିର ଆକାର ତାଙ୍କୁ ଖୁବ୍ ଭଲ ଲାଗିଥିଲା। ହେଲେ ପାହାଡ଼ଟି ଥିଲା ସମ୍ପୂର୍ଣ୍ଣ ଲଣ୍ଡା... ଲଣ୍ଡା ପାହାଡ଼ଟିଏ। ସବୁଜିମାର କ୍ଷଣମାତ୍ର ଝଲକ ଦିଶୁ ନ ଥାଏ ପାହାଡ଼ଟିରେ। ବଡ଼ ବଡ଼ ଗଛ କି ଲଟା ତ ଦୂରର କଥା, ଘାସଟିଏ ବି ନ ଥିଲା ତା' ଦେହରେ। ଏ ଲଣ୍ଡା ପାହାଡ଼ଟି ପ୍ରତି ହଠାତ୍ ତାଙ୍କ ମନରେ ସହାନୁଭୂତି ଆସିଲା। ଭାବିହେଲେ- "କି ସୁନ୍ଦର ତୋ ଆକାର! ତିଖଟି ତୋର ଆକାଶକୁ ଛୁଇଁଚି ଆଉ ପୁଣି ମନ ଦେଇ ଦେଖିଲେ ଲାଗୁଚି ସତେ ଯେମିତି ମହାତ୍ମା ଯୋଗୀ ଜଣେ ଧ୍ୟାନରେ ବସିଛନ୍ତି। ହେଲେ ତୁ ଟା ସମ୍ପୂର୍ଣ୍ଣ ଲଣ୍ଡା। ଘାସଟିଏ ବି ତୋ ଦେହରେ ନାହିଁ। ଯଦି ସତରେ ତୋ ଦେହଟା ଗଛବୃଛରେ ମଣ୍ଡି ହେଇଥାନ୍ତା, କି ମନଲୋଭା ଆକର୍ଷଣୀୟ ହେଇ ନ ଥାନ୍ତା ତୋ ରୂପଟା!"

ବୃଦ୍ଧଙ୍କ ଏ ଭାବନା ସରିଆସିଲା ବେଳକୁ ଆଖିରେ ତାଙ୍କର ସହାନୁଭୂତି ସୂଚକ ଲୁହ ଜକେଇ ଆସିଥାଏ। ସେ ଲୁହ ବୋହିଯିବା ପୂର୍ବରୁ ହଠାତ୍ ପାହାଡ଼ଟି ସ୍ୱର ତୋଳି କହିଥିଲା- "ଆରେ, ଆରେ, ଏ କ'ଣ କରୁଚନ୍ତି! ସେ ଲୁହଗୁଡ଼ାକୁ ବୋହିଯିବାକୁ ଦିଅନ୍ତୁନି। ସେମାନଙ୍କ ପ୍ରାବଲ୍ୟତାରେ ମୁଁ ଅଚିରେ ବୋହିଯାଇ ହରାଇ ଦେଇପାରେ ମୋ' ଅସ୍ତିତ୍ୱ। ଏତେ ବର୍ଷ ଭିତରେ କେତେ ବର୍ଷାଋତୁ ଦେଖିଚି, ଦେଖିଚି ବି ଅଦିନିଆ ବର୍ଷା। ହେଲେ କାହାରି ସାମର୍ଥ୍ୟ ନ ଥିଲା ମୋତେ ବୁହେଇ ନେବାକୁ... ମୋ' ଅସ୍ତିତ୍ୱକୁ ମାଟିରେ ମିଶେଇ ଦେବାକୁ। ହେଲେ ଏ ଲୁହର ସାମର୍ଥ୍ୟ ରହିଛି ମୋତେ ଅଚିରେ ମିଳେଇ ଦେବାରେ। ଅଟକାଇ ଦିଅନ୍ତୁ ଲୁହର ଏ ଧାରାକୁ ଆଖିରୁ ବୋହିଯିବା ପୂର୍ବରୁ... ଅଟକାଇ ଦିଅନ୍ତୁ।"



ପାହାଡ଼ଟିର ଏତାଦୃଶ କଥୋପକଥନରେ ଆଚମ୍ବିତ ହେଇଥିଲେ ବୃଦ୍ଧ ଜଣକ। ତଥାପି ଚଟାପଟ୍ ତାଙ୍କ ଆଖିରୁ ଲୁହ ଦୁଇବୁନ୍ଦା ବୋହିଯିବା ପୂର୍ବରୁ ତୋଳି ଧରିଲେ ସେମାନଙ୍କୁ ନିଜ ଡାହାଣ ହାତର ପାପୁଲିରେ। ଲୁହ ଦୁଇବୁନ୍ଦା ଖୁବ୍ ଓଜନିଆ ଲାଗୁଥିଲା ତାଙ୍କୁ। ଏବେ ସେ ଆଖିତୋଳି ଚାହିଁ ଦେଖିଲା ବେଳକୁ ପାହାଡ଼ଟା ଗଛବୃଛ, ଲତାମାନଙ୍କରେ ମଣ୍ଡି ହେଇ ଦିଶୁଥିଲା ଅପରୂପ। ତା' ଶିଖରୁ ସୁଦୃଶ୍ୟ ଝରଣାଟିଏ ବୋହି ମିଶିଯାଇଥିଲା ତା'ରି ଭିତରେ ଥିବା ଖୋଲଟିରେ। ହସିଦେଲେ ବୃଦ୍ଧ ଜଣକ। ମୁହଁ ଫେରାଇ ନିଜ ପାପୁଲିକୁ ଚାହିଁ ଦେଖନ୍ତି ତ ତାଙ୍କ ପାପୁଲିରେ ଆଉ ସେ ଲୁହବୁନ୍ଦା ଦୁଇଟି ନ ଥିଲା।

ଏଥର ତାଙ୍କର ବୁଝିବାକୁ କିଛି ବାକି ନ ଥିଲା। ତାଙ୍କ ସ୍ୱପ୍ନମାନଙ୍କୁ ନେଇ ଗଢ଼ିଉଠିଥିବା ପାହାଡ଼ଟିକୁ ସେ ଚିହ୍ନିପାରିଥିଲେ। ଏତେ ବର୍ଷର ଅକ୍ଲାନ୍ତ ପରିଶ୍ରମ ଓ ସଚ୍ଚୋଟତା ସତ୍ତ୍ୱେ ତାଙ୍କୁ ମିଳି ନ ଥାଏ ତାଙ୍କ କାମକୁ ନେଇ ଉଚିତ ନ୍ୟାୟ। ତଥାପି ସେ ସ୍ୱପ୍ନ ଦେଖୁଥାନ୍ତି ତାଙ୍କ ଗବେଷଣାକୁ ନେଇ, ଉଚ୍ଚାକାଂକ୍ଷାକୁ ସାଇତି ରଖୁଥାନ୍ତି ମନତଳେ। ବୃଦ୍ଧ ଜଣକ ଆଗକୁ ବଢ଼ିଲେ, ମନରେ ଭାବନାଟିଏ- "ଅଶୀ ବର୍ଷ ବୟସ ବଞ୍ଚିସାରିଲିଣି। ନିଃସ୍ୱାର୍ଥପର ଭାବେ କରିଚାଲିଚି ମୋ' ଗବେଷଣା। ନ ହେଲେ ନାଇଁ ଖ୍ୟାତି... ନ ମିଳୁ ନ୍ୟାୟ। କିନ୍ତୁ ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ମୋ' ସ୍ୱପ୍ନର ପାହାଡ଼କୁ ବଞ୍ଚେଇ ରଖିଥିବି। ସେଥିରେ ସବୁଜିମା ଭରୁଥିବି, ଝରଣାଟିଏ ଝରେଇ ଦେଇ ତା' କଳକଳ ନାଦରେ ଆତ୍ମହରା ହେଉଥିବି। ମୋ' ସ୍ୱପ୍ନର ପାହାଡ଼ର ଅସ୍ତିତ୍ୱ ନଷ୍ଟ ହେଇ ପାରେନା... କେବେ ବି ନୁହେଁ।"

ଏ ଭାବନା ସହ ରାସ୍ତାରେ ଆଗକୁ ବଢ଼ିଯାଇଥିଲେ ବୃଦ୍ଧ ଜଣକ। ବୃଦ୍ଧଙ୍କ ମୁହଁଟି ଖରାଦିନିଆ ଦ୍ୱିପ୍ରହର ପରି ଦିଶୁଥିଲା ଉଜ୍ଜ୍ୱଳ।

ମୋ: ୯୧୩୬୧୧୯୭୫୩

# ସ୍ୱଚ୍ଛତା ନାହିଁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ କାର୍ଯ୍ୟରତ ଦୁଇ ବରିଷ୍ଠ ଆଇପିଏସ୍ ଅଧିକାରୀ ସୋନିଆ ନାରଙ୍ଗ ଓ ଅଭିଷେକ ଗୋଏଲଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଏମାନେ ସେଣ୍ଟ୍ରାଲ ଡେପୁଟେଶନରେ ଯାଇ ଇଡିରେ ନିଯୁକ୍ତି ପାଇଥିଲେ। ଆଇପିଏସ୍‌ଙ୍କ କାର୍ଯ୍ୟକାଳ ନୀତିର 'ରିଲାକ୍ସେସନ'ଅନୁଯାୟୀ ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଏବେ ସେହି ବାବୁ କହୁଛନ୍ତି, ଆମେ ନିୟମ ସବୁ କରିଛୁ, କିନ୍ତୁ ସେଗୁଡ଼ିକରେ ଆମେ ସବୁବେଳେ ବାନ୍ଧିହୋଇ ରହିବାକୁ ବାଧ ନୋହୁଁ। ତେବେ ନାରଙ୍ଗଙ୍କ କଥା ଦେଖାଯାଉ। ଏପ୍ରିଲ ପ୍ରାରମ୍ଭରେ ତାଙ୍କୁ ଇଡିର ଦାୟିତ୍ୱରୁ ମୁକ୍ତ କରାଯାଇ କର୍ଣାଟକ କ୍ୟାଡରକୁ ପଠାଇ ଦିଆଯାଇଥିଲା। ଯେଭଳି ପଠାଇ ଦିଆଯାଇଥିଲା ଠିକ୍ ସେମିତି ତାଙ୍କ କାର୍ଯ୍ୟକାଳ ୧ ବର୍ଷ ବୃଦ୍ଧି କରି ପୁନର୍ବାର ଦିଲ୍ଲୀକୁ ଫେରାଇ ଆଣାଯାଇଛି। ସେ ଇଡିରେ ଥିବା ସମୟରେ ପିଏଫ୍ଆଇ, ଆଇଏଫ୍ଏସ୍‌ସିଓ, ଭିଭୋ, ମାଓବାଦ ଭଳି ପ୍ରାୟ ସମସ୍ତ ହାଇ ପ୍ରୋଫାଇଲ ମାମଲା ସମ୍ଭାଳୁଥିଲେ। ସେ ଏତେ ଦରକାରୀ ଥିଲେ ଯେ, ତାଙ୍କୁ ଯିବାକୁ ଦିଆଯାଇ ନପାରେ ବୋଲି କୁହାଯାଉଥିଲା। କିନ୍ତୁ ପର୍ଯ୍ୟବେକ୍ଷକମାନେ ଆଶ୍ଚର୍ଯ୍ୟ ହେଉଛନ୍ତି, କାହିଁକି ତାଙ୍କୁ ହଠାତ ଶୀଘ୍ର ବିଦା କରାଯାଇଥିଲା। ଗୋଏଲଙ୍କ କାର୍ଯ୍ୟକାଳ ବୃଦ୍ଧିରେ ସମାନ କଥା ଘଟିଛି। ଏବେ ଏଚ୍‌ଆଇୟୁର ନେତୃତ୍ୱ ନେବା ସହ ଉତ୍ତରାଞ୍ଚଳର ଦାୟିତ୍ୱ (ନିକଟରେ ହୋଇଥିବା ମହାରାଷ୍ଟ୍ର ନିର୍ବାଚନ ସହିତ) ସମ୍ଭାଳୁଥିବା ଗୋଏଲଙ୍କ କାର୍ଯ୍ୟକାଳ ମଧ୍ୟ ୧ ବର୍ଷ ବୃଦ୍ଧି କରାଯାଇଛି। ଏକଥା ମଧ୍ୟ ଭୁଲିଯିବା ଉଚିତ ନୁହେଁ, ଇଡିର ପଦାନୁକ୍ରମରେ ସ୍ୱତନ୍ତ୍ର ନିର୍ଦ୍ଦେଶକ ପଦବୀ ହେଉଛି ଦ୍ୱିତୀୟ ଶୀର୍ଷ ର୍‍ୟାଙ୍କ। ଏଭଳି ନଅଟି ପଦବୀ ରହିଛି। ଦେଖାଯାଉଛି ଅଧିକ 'ସ୍ୱତନ୍ତ୍ର' ପଦବୀରେ ଅଧିକ 'ସ୍ୱଚ୍ଛତା' ନାହିଁ। ଏଣୁ ଆମେ ନିୟମଗୁଡ଼ିକ ବଦଳାଇବା କିମ୍ବା ଭାଙ୍ଗିବା ଦେଖିବାକୁ ପାଉଛୁ। ଏସିସି ଏହାକୁ ରିଲାକ୍ସେସନ କହିପାରେ, କିନ୍ତୁ ଅନ୍ୟମାନଙ୍କ ପାଇଁ ଏହା ହେଉଛି ଅମଲାତାନ୍ତ୍ରିକ ଯୋଗର ଏକ ମାଷ୍ଟରକ୍ଲାସ୍।

### ସୋସିଆଲ ମିଡିଆରେ ବାବୁ ବିବାଦ

କେରଳର ବାବୁ ସାମ୍ରାଜ୍ୟ ନିଜର ଏକ ରିୟଲିଟି ଶୋ'ର ସଂସ୍କରଣକୁ ଅନୁଭବ କରୁଛି, ଯାହା ସାର୍ବଜନୀନ ବିବାଦ, ସୋସିଆଲ ମଡ଼ିଆ ଡ୍ରାମା ଏବଂ ଅଭିଯୋଗରେ ପରିପୂର୍ଣ୍ଣ। ଏହା ମୌସୁମୀ ପବନଠାରୁ ମଧ୍ୟ ଅଧିକ ବେଗରେ ବ୍ୟାପୁଛି ଏବଂ ଏହି ଝଡ଼ର କେନ୍ଦ୍ରରେ ଅଛନ୍ତି ଆଇଏଏସ୍ ଅଧିକାରୀ ଏନ୍ ପ୍ରଶାନ୍ତ ଯିଏ କି ସୋସିଆଲ ମିଡିଆରେ 'କଲେକ୍ଟର ବ୍ରୋ' ଭାବେ ପରିଚିତ। ନିକଟରେ ନିଲମ୍ବିତ ହୋଇଥିବା ପ୍ରଶାନ୍ତ ବରିଷ୍ଠ ଅମଲାତନ୍ତ୍ରୀ ଏ. ଜୟତିଲକ ଏବଂ କେ. ଗୋପାଳକ୍ରିଷ୍ଣନଙ୍କ ବିରୋଧରେ ଦୁର୍ନୀତି ଓ ଷଡ଼ଯନ୍ତ୍ର ଅଭିଯୋଗ ଆଣିଛନ୍ତି। ସେ ଦାବି କରିଛନ୍ତି ଯେ, କାର୍ଯ୍ୟାଳୟର ଅପବ୍ୟବହାର ଓ ବଢୁଥିବା ଦୁର୍ନୀତି ବିରୋଧରେ ହ୍ୱିସିଲବ୍ଲୋୟର ଭାବେ କାର୍ଯ୍ୟ କରୁଥିବାରୁ ଏହାର ପ୍ରତିକ୍ରିୟା ସ୍ୱରୂପ ତାଙ୍କୁ ନିଲମ୍ବନ କରାଯାଇଛି। ଏହା ଏକ ଗମ୍ଭୀର ଅଭିଯୋଗ, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ। ଗୋପାଳକ୍ରିଷ୍ଣନ ସର୍ଭିସ ନିୟମକୁ ଉଲ୍ଲଂଘନ କରି ଧର୍ମୀୟ ଆଧାରିତ ଏକ ହ୍ୱାଟ୍ସଆପ୍ ଗ୍ରୁପ ସୃଷ୍ଟି କରିବା କାରଣରୁ ନିଲମ୍ବିତ ହୋଇଥିଲେ। ଜୟତିଲକଙ୍କୁ ସାଧାରଣରେ ସୋସିଆଲ ମିଡିଆରେ ସମାଲୋଚନା କରିବା ଯୋଗୁ ପ୍ରଶାନ୍ତଙ୍କୁ ନିଲମ୍ବନ କରାଯାଇଥିଲା। ସୋସିଆଲ ମିଡିଆରେ ଲଢ଼େଇ କେରଳର ତଥାକଥିତ ଶୃଙ୍ଖଳିତ ପ୍ରଶାସନିକ ବ୍ୟବସ୍ଥାର ବିବାଦକୁ ସାମ୍ନାକୁ ଆଣିଛି। ସାର୍ବଜନୀନ ସ୍ତରରେ ଏହି ଅମଲାତାନ୍ତ୍ରିକ ବିବାଦ ପ୍ରଶାସନିକ ବ୍ୟବସ୍ଥାରେ ଗଭୀର ଅସନ୍ତୋଷକୁ ପ୍ରତିଫଳିତ କରୁଛି। ବିଶେଷକରି ସୋସିଆଲ ମିଡିଆରେ ଏହି ବିବାଦର ପ୍ରଚାର ସିଭିଲ ସର୍ଭିସର ଦୁର୍ବଳ ଏକତା ଓ ସର୍ବସାଧାରଣ ବିଶ୍ୱାସର ଅଧୋଗତିକୁ ଦର୍ଶାଉଛି। ଏ କଥା ଭୁଲିଯିବା ଉଚିତ ନୁହେଁ ଯେ, ଏହା ମଧ୍ୟ ଶାସନର ଏକ ବଡ଼ ବିଚ୍ୟୁତି। ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଉଥିବା ଯୁଗରେ ବାବୁମାନେ ଖୋଲା ମନୋଭାବ ପୋଷଣ ସହ ଉଚିତ ବ୍ୟବସ୍ଥାଗତ ମାଧ୍ୟମରେ ଆଭ୍ୟନ୍ତରୀଣ ବିବାଦର ସମାଧାନ କରିବା ପାଇଁ ଏହା ସମ୍ଭବତଃ ଏହା ଉପଯୁକ୍ତ ସମୟ।

### ଉତ୍ତରଦାୟିତ୍ୱର ଦୁର୍ବଳତା

ମଧ୍ୟପ୍ରଦେଶର କ୍ଷମତା ପରିସରରେ ବାବୁମାନଙ୍କ ମଧ୍ୟରେ ଚାପା ଅସନ୍ତୋଷ ପ୍ରକାଶ ପାଉଛି। ଆଇଏଏସ, ଆଇପିଏସ୍ ଏବଂ ଆଇଏଫ୍ଏସ୍ ଅଧିକାରୀମାନେ ସେମାନଙ୍କ ଅସ୍ଥାବର ସମ୍ପତ୍ତି ସମ୍ପର୍କରେ ପ୍ରତିବର୍ଷ ଘୋଷଣା କରିବାର ବାଧ୍ୟତାମୂଳକ ହୋଇଥିବାବେଳେ ମନ୍ତ୍ରୀମାନେ ୧୫ବର୍ଷରୁ ଉର୍ଦ୍ଧ୍ୱ ହେଲା ଏହାକୁ ଅଣଦେଖା କରିଆସୁଛନ୍ତି। ଏହାକୁ ନେଇ ତୀବ୍ର ବିରୋଧାଭାସ ପ୍ରକାଶ ପାଇଥିଲେ ମଧ୍ୟ କେହି ଜଣେ ଏହା ଉପରେ ମୁହଁ ଖୋଲିବାକୁ ସାହସ କରୁନାହାନ୍ତି। ରାଜ୍ୟର ସାଧାରଣ ପ୍ରଶାସନ ବିଭାଗ ଦୋହରାଇଛି ଯେ, ସମସ୍ତ ସରକାରୀ କର୍ମଚାରୀମାନେ ସେମାନଙ୍କ ସମ୍ପତ୍ତି ସମ୍ପର୍କିତ ତଥ୍ୟ ଦାଖଲ କରିବାକୁ ବାଧ୍ୟ। ଏଥିରେ ପୈତୃକ ଓ ନିଜ ଉପାର୍ଜିତ ସମ୍ପତ୍ତି କେବେ କିଣାଯାଇଥିଲା, ତାହାର ମୂଲ୍ୟ ଏବଂ ଏବକାର ବଜାର ମୂଲ୍ୟ ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଛି। ଏହା ପୂରଣ ନ କଲେ ଦରମା ବନ୍ଦ କରାଯିବା ସହ ପଦୋନ୍ନତି ଦିଆଯିବ ନାହିଁ ବୋଲି ସୂଚିତ କରିଛି। ଅନ୍ୟପଟେ ମନ୍ତ୍ରୀମାନେ ୨୦୧୬ରେ ଅନ୍‌ଲାଇନରେ ସେମାନଙ୍କ ସମ୍ପତ୍ତି ସମ୍ପର୍କରେ ଘୋଷଣା କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ମଧ୍ୟ ଅନେକେ ଲଗାତର ଭାବେ ସମ୍ପତ୍ତିର ତଥ୍ୟ ଦେଇନାହାନ୍ତି। ବିଭିନ୍ନ ସରକାର ମଧ୍ୟ ଏହି ସମସ୍ୟାକୁ ଅଣଦେଖା କରିଆସିଛନ୍ତି। ଏହା କେବଳ ଅନ୍ୟାୟ ନୁହେଁ ବରଂ ଏଭଳି ଦି ପ୍ରକାରର କଥା କେତେଦିନ ଚାଲିବ ବୋଲି ସରକାରୀ ସ୍ତରରେ ଆଲୋଚନାର ବିଷୟ ହୋଇଛି। ମନ୍ତ୍ରୀମାନେ ସ୍ୱଚ୍ଛତା ଅବଲମ୍ବନ କରୁନଥିବାରୁ ଏହା ଦକ୍ଷ ସରକାର ଓ ଉତ୍ତରଦାୟିତ୍ୱର ଦୁର୍ବଳତାକୁ ଦର୍ଶାଉଛି। ବାସ୍ତବରେ ଏକ ସ୍ୱଚ୍ଛ ପ୍ରଶାସନ ପାଇଁ ଅମଲାତନ୍ତ୍ରୀମାନେ ଯେମିତି ସେମାନଙ୍କ ସମ୍ପତ୍ତି ତଥ୍ୟ ଘୋଷଣା କରୁଛନ୍ତି ମନ୍ତ୍ରୀମାନେ ସେଭଳି କରିବା ଅପରିହାର୍ଯ୍ୟ।

Email: dilipcherian@gmail.com

# କଳା–ଗୋରା କାହାଣୀ



ପ୍ରକାଶ ତ୍ରିପାଠୀ

ଗତ ନବେ ଦଶକରେ ମୋର ବିବାହ ପାଇଁ କନ୍ୟା ଖୋଜା ହେଉଥିବା ବେଳେ ମୋ ବୋଉର ଗୋଟିଏ ମାତ୍ର ସର୍ତ୍ତ ଥିଲା ଯେ, ବୋହୂଟି ଗୋରୀ ହେବା ଦରକାର। ଯେହେତୁ ମୋର ରଙ୍ଗ ସଫା, ତେଣୁ ସେ ଗୋରୀ ବୋହୂଟିଏ ଚାହୁଁଥିଲା। କେବଳ ମୋ ବୋଉ ନୁହେଁ, ଭାରତରେ ପ୍ରତ୍ୟେକ ମା'ବାପା ଚାହାନ୍ତି, ସେମାନଙ୍କ ପୁଅ ପାଇଁ ଘରକୁ ଗୋରୀ ବୋହୂଟିଏ ଆସୁ। ତେଣୁ ଜନ୍ମ ସମୟରେ ପୁଅଟିଏ ଶ୍ୟାମଳ ବର୍ଣ୍ଣର ହେଲେ କିଛି ଅସୁବିଧା ନ ଥାଏ, ମାତ୍ର କନ୍ୟାଟିଏ ଶ୍ୟାମଳ ବର୍ଣ୍ଣ ହୋଇଥିଲେ ମନ ଊଣା ହୋଇଯାଏ। କାରଣ ବିବାହ ସମୟରେ ଗୋରା ରଙ୍ଗ ପ୍ରତି ଦୁର୍ବଳତା କେତେକ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଥାଏ। ଗତ କିଛି ଦିନ ତଳେ ଏଇ କଳା–ଗୋରା ରଙ୍ଗକୁ ନେଇ କିଛିଟା ବିତର୍କ ଗଣମାଧ୍ୟମରେ ସୃଷ୍ଟି ହୋଇଥିଲା। କେରଳର ମୁଖ୍ୟ ଶାସନ ସଚିବ ସାରଦା ମୁରଲୀଧରନ ନିଜର ଶ୍ୟାମଳ ରଙ୍ଗ ପାଇଁ ସେ ନିଜ ପରିବାରରେ ଓ ନିଜ କ୍ୟାରିଅରରେ ସମ୍ମୁଖୀନ ହୋଇଥିବା ଭେଦଭାବ ସମ୍ପର୍କରେ ସୋସିଆଲ ମିଡିଆରେ ପ୍ରକାଶ କରିଥିଲେ। ସେ ଲେଖିଥିଲେ ଯେ, ତାଙ୍କର ଯୋଗ୍ୟତା ଓ ପ୍ରଦର୍ଶନର ତୁଳନା ପୂର୍ବତନ ମୁଖ୍ୟ ସଚିବ, ଯିଏ କି ତାଙ୍କର ସ୍ୱାମୀଙ୍କ ସହ ତ୍ୱଚାର ରଙ୍ଗ ଆଧାରରେ କରାଯାଉଛି। ଆମ ଦେଶରେ ଲୋକମାନେ ଶିକ୍ଷିତ ଓ ଆଧୁନିକ ଭାବନା ସହ ପ୍ରଗତିଶୀଳ ବିଚାର ବି ରଖୁଛନ୍ତି। କିନ୍ତୁ ତ୍ୱଚାର ରଙ୍ଗ ପ୍ରତି ଥିବା ଦୁର୍ବଳତାରୁ ମୁକୁଳି ପାରୁନାହାନ୍ତି। ସେ ପୁଣି କ୍ଷୋଭର ସହ ଲେଖିଥିଲେ ଯେ, ସେ ବିଗତ ପଚାଶ ବର୍ଷରୁ ଅଧିକ ସମୟ ଧରି ସେହି କଳା–ଗୋରାର କାହାଣୀ ତଳେ ଚାପିହୋଇ ବଞ୍ଚିଛନ୍ତି ଯେ ତାଙ୍କର ତ୍ୱଚାର ରଙ୍ଗ ଭଲ ନୁହେଁ। ଏପରିକି ସେ ଚାରି ବର୍ଷର ହୋଇଥିବା ବେଳେ ନିଜ ମାଆଙ୍କୁ ଥରେ ପଚାରିଥିଲେ ଯେ, ସେ ତାଙ୍କୁ ତାଙ୍କ ଗର୍ଭକୁ ଫେରାଇ ନେଇ ପୁଣି ଥରେ ସମ୍ପୂର୍ଣ୍ଣ ଗୋରା ଓ ସୁନ୍ଦର କରି ଜନ୍ମ ଦେଇପାରିବେ କି ?

ସାରଦା ମୁରଲୀଧରନଙ୍କ କ୍ଷୋଦକ୍ତି ପ୍ରଣିଧାନଯୋଗ୍ୟ। କାରଣ ଭାରତୀୟ ସମାଜରେ ତ୍ୱଚାର ରଙ୍ଗକୁ ନେଇ ଥିବା ବିଚାର ଏତେ ଗଭୀର ଯେ ସେଥିରୁ ମୁକୁଳିବା ସହଜ ନୁହେଁ। ରଙ୍ଗ ଭେଦ କେବଳ ସୁନ୍ଦରତା ମଧ୍ୟରେ ସୀମିତ ନୁହେଁ, ଏହା ପ୍ରତି ସକାରାତ୍ମକ ଭାବନା ମଧ୍ୟ ପ୍ରବଳ। ଗୋରା ରଙ୍ଗ କଳା ରଙ୍ଗଠାରୁ ଶ୍ରେଷ୍ଠ। ଏହା ଆମର ସାହିତ୍ୟ, ସିନେମା ଆଦିରେ ବେଶ୍ ପ୍ରତିଫଳିତ। ଆମ ଚଳଚ୍ଚିତ୍ରରେ ଗୋରୀ ମାନଙ୍କର ବର୍ଣ୍ଣନା ବେଶି। ଗୋରେ ରଙ୍ଗ ପେ ନା ଇତନା ଗୁମାନ କର, ଗୋରା ରଙ୍ଗ ଦୋ ଦିନ ମେଁ ଢଲ ଯାଏଗା। ଧୂପ ମେଁ ନିକଲା ନ କରୋ ରୂପ କି ରାନୀ, ଗୋରା ରଙ୍ଗ କାଲା ନ ପଡ ଯାଏ। ଏହିଭଳି ହିନ୍ଦୀ ସିନେମାର ଗୀତ ପ୍ରମାଣ ଦିଏ ଗୋରା ରଙ୍ଗ ପ୍ରତି ଆମର ଦୁର୍ବଳତା ଓ ଆକର୍ଷଣ।



ଗୋରା ରଙ୍ଗ ପ୍ରତି ଆମ୍ଭମାନଙ୍କର ଅଧିକ ଦୁର୍ବଳତା ହେତୁ ଶ୍ୟାମଳ ଅଭିନେତା ଓ ଅଭିନେତ୍ରୀମାନଙ୍କୁ ଆମେ ପରଦା ଉପରେ ଗୋରା ରଙ୍ଗରେ ଦେଖିଥାଉ। ଏପରିକି ଯାତ୍ରା ଓ ଥିଏଟରରେ କଳାକାରମାନେ ରଙ୍ଗ ମାଖିହୋଇ ମଞ୍ଚ ଉପରକୁ ଗୋରା ରୂପରେ ଆସିଥାନ୍ତି। କେବଳ ଆଧୁନିକ ସଙ୍ଗୀତ ନୁହେଁ, ପୁରାତନ ଗୀତ କବିତାରେ ଗୋରୀଙ୍କ ଚର୍ଚ୍ଚା ଅଧିକ। ତ୍ୱଚାର ରଙ୍ଗ ଶ୍ୟାମଳ ହେଲେ ପୁଅମାନଙ୍କଠାରୁ ଝିଅମାନଙ୍କର ଚିନ୍ତା ଅଧିକ। ସେଥିପାଇଁ ଅକ୍ଷୟ ମହାନ୍ତିଙ୍କ ଯା ଯାରେ ଭାସି ଯା ଗୀତରେ 'ଯିଏ ଦେଖୁଛି ନାକ ଟେକୁଛି ମୁଁ ପରା କାଳୀ କନିଆ' ପଦଟି ବିବାହ ସମୟରେ ଗୋରୀ ଝିଅମାନଙ୍କର ପ୍ରାଧାନ୍ୟକୁ ବୁଝାଏ।

କେବଳ ଭାରତ ନୁହେଁ, ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ତ୍ୱଚାର ରଙ୍ଗକୁ ନେଇ ସେଠାକାର ନାଗରିକଙ୍କ ମନରେ ହୀନମନ୍ୟତା ରହିଛି। ୨୦୧୩ ମସିହାରେ ମୂଳ ଭାରତୀୟ ତଥା ଆମେରିକୀୟ ନାଗରିକ ନିନା ମିସ୍ ଆମେରିକା ଟାଇଟଲ ଜିତିବା ପରେ ଓ ବାରାକ ଓବାମା ଆମେରିକାର ରାଷ୍ଟ୍ରପତି ହେବା ପରେ ଅନେକ ଆମେରିକୀୟଙ୍କୁ ଏହା ପସନ୍ଦ ଆସି ନ ଥିଲା। ଉଭୟଙ୍କ କ୍ଷେତ୍ରରେ ସେମାନଙ୍କର କଳା ରଙ୍ଗ ଏଥପାଇଁ ମୁଖ୍ୟ କାରଣ ଥିଲା। ଆଦିତ୍ୟ ବିର୍ଲା ଗ୍ରୁପ ଅଧ୍ୟକ୍ଷ କୁମାରମଙ୍ଗଳମ ବିର୍ଲାଙ୍କ ଝିଅ ତଥା ପ୍ରଖ୍ୟାତ ଗାୟିକା ଅନନ୍ୟା ବିର୍ଲା ନିଜ ପରିବାର ସହ ଏକ ଆମେରିକୀୟ ରେଷ୍ଟୁରାଣ୍ଟରେ ଦୀର୍ଘ ତିନି ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ଖାଇବାକୁ ଦିଆଯାଇ ନ ଥିଲା ଓ ସେଠାରୁ ଫେରିଆସିବାକୁ ସେମାନେ ବାଧ୍ୟ ହୋଇଥିଲେ। ତାହା କେବଳ ବର୍ଣ୍ଣବୈଷମ୍ୟ ଯୋଗୁ ହୋଇଥିଲା ବୋଲି ସେ ସୋସିଆଲ ମିଡିଆରେ ପ୍ରକାଶ କରିଥିଲେ। ପ୍ରଖ୍ୟାତ ଲେଖିକା ମନୁ ଭଣ୍ଡାରୀ ଓ ପ୍ରଭା ଖୈତାନ ମଧ୍ୟ ସେମାନଙ୍କ କଳା ରଙ୍ଗ ପାଇଁ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି। ଆମେରିକା ଭଳି ବର୍ଣ୍ଣବୈଷମ୍ୟ ଭାବନା ଭାରତରେ କେବେ ନ ଥିଲା କି ଏବେ ନାହିଁ। ଭୌଗୋଳିକ ସ୍ଥିତି ଅନୁସାରେ ଭାରତୀୟଙ୍କ ରଙ୍ଗ ଶ୍ୟାମଳ। ଅବଶ୍ୟ ଆଫ୍ରିକୀୟ ବା ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକର ନାଗରିକଙ୍କ ଭଳି ଭାରତୀୟ ମାନେ ଏତେଟା କଳା ନୁହନ୍ତି। ଦକ୍ଷିଣ ଭାରତୀୟଙ୍କଠାରୁ ଉତ୍ତର ଭାରତୀୟଙ୍କ ଶରୀରର ତ୍ୱଚା ସାମାନ୍ୟ ସଫା। ମାତ୍ର ଏହାର ଅର୍ଥ ନୁହେଁ ଯେ ଗୋରା ରଙ୍ଗ ପ୍ରତି ଭାରତୀୟମାନଙ୍କର ଦୁର୍ବଳତା ନାହିଁ।

କଳା ରଙ୍ଗକୁ ହୀନ ଦୃଷ୍ଟିରେ ନ ଦେଖିବା ପାଇଁ ଶ୍ୟାମଳ ହିଁ ସୁନ୍ଦର ନାମରେ ଏକ ସାଂସ୍କୃତିକ ଆନ୍ଦୋଳନ ଗତ ଷାଠିଏ ଦଶକରେ ଆଫ୍ରିକୀୟ ଆମେରିକୀୟମାନଙ୍କ ଦ୍ୱାରା ଯୁକ୍ତରାଷ୍ଟ୍ରରେ ଆରମ୍ଭ ହୋଇଥିଲା। ଏହାପରେ ଏହି ଆନ୍ଦୋଳନ ଅନ୍ୟାନ୍ୟ ଦେଶକୁ ବ୍ୟାପିଥିଲା। କଳା ଲୋକଙ୍କ ଭାବପ୍ରବଣତା ଏବଂ ମାନସିକ ସୁସ୍ଥତାକୁ ଉନ୍ନତ କରିବା ପାଇଁ ଏହା ଉଦ୍ଦିଷ୍ଟ ଥିଲା। ରଙ୍ଗଭେଦ ବିରୋଧରେ ସଚେତନତା ଏବଂ ସମର୍ଥନ ଅଭିଯାନ ଭାବରେ ଭାରତରେ ସ୍ୱେଚ୍ଛାସେବୀ ସଂଗଠନ, ଓମେନ ଅଫ ୱର୍ଥ ଦ୍ୱାରା ୨୦୦୯ ମସିହାରେ ଡାର୍କ ଇଜ୍ ବିୟୁଟିଫୁଲ ବା ଶ୍ୟାମଳ ହିଁ ସୁନ୍ଦର ଅଭିଯାନ ଆରମ୍ଭ ହୋଇଥିଲା। ବଲିଉଡ ଅଭିନେତ୍ରୀ ନନ୍ଦିତା ଦାସ ଏହି ଅଭିଯାନର ଜଣେ ସକ୍ରିୟ ସଭ୍ୟା। ପ୍ରଖ୍ୟାତ ଫରାସୀ ଚିତ୍ରକର ପିଏରେ–ଅଗଷ୍ଟ ରେନୋଇର୍‌ଙ୍କ ଭାଷାରେ ସମସ୍ତ ରଙ୍ଗର ରାଣୀ ହେଉଛି କଳା ରଙ୍ଗ। ଏହି ରଙ୍ଗ ଅନ୍ୟ ସମସ୍ତ ରଙ୍ଗ ଉପରେ ରାଜତ୍ୱ କରିଥାଏ। କଳାରଙ୍ଗକୁ ମୃତ୍ୟୁ, ଶୋକ, ଦୁଷ୍ଟ ଯାଦୁ ଏବଂ ଅନ୍ଧକାର ସହିତ ଯୋଡ଼ା ଯାଇପାରେ, କିନ୍ତୁ ଏହା ସୌନ୍ଦର୍ଯ୍ୟ, ଧନ, ସଂଯମ ଏବଂ ଶକ୍ତିର ମଧ୍ୟ ପ୍ରତୀକ ଅଟେ। ପ୍ରାକ୍ ଇତିହାସରେ କଳାକାରମାନଙ୍କ ଦ୍ୱାରା ବ୍ୟବହୃତ ପ୍ରଥମ ରଙ୍ଗଦ୍ରବ୍ୟ ଏବଂ ପୁସ୍ତକ ମୁଦ୍ରକମାନଙ୍କ ଦ୍ୱାରା ବ୍ୟବହୃତ ପ୍ରଥମ ରଙ୍ଗ ହେଉଛି କଳା। କଳା ଏବଂ ସାହିତ୍ୟର ବିକାଶରେ ଏହି ରଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଆମ ଚର୍ମରେ ବର୍ଣ୍ଣକୋଷ ମେଲାନିନ ଯୋଗୁ ଶରୀର କଳା କିମ୍ବା ଗୋରା ହୋଇଥାଏ। ଯେଉଁ ଚର୍ମରେ ଅଧିକ ମେଲାନିନ ଥାଏ, ତାହା ଅଧିକ କଳା ହୋଇଥାଏ ଓ କମ୍ ମେଲାନିନ ଥିବା ଚର୍ମ ଗୋରା ଦେଖାଯାଏ। ଅଧିକ ମେଲାନିନ ଥିବା ଚର୍ମ ସୂର୍ଯ୍ୟଙ୍କ କ୍ଷତିକାରକ ଅଲଟ୍ରା ଭାଓଲେଟ ରଶ୍ମିକୁ ଟାଣିନେଇ ଶରୀରକୁ ଏହାର ବିଷାକ୍ତ ବିକିରଣରୁ ରକ୍ଷା କରେ। ତେଣୁ ଗ୍ରୀଷ୍ମପ୍ରଧାନ ଦେଶଗୁଡିକର ଅଧିବାସୀମାନେ ଅଧିକ ମେଲାନିନ ଯୁକ୍ତ ହୋଇଥିବାରୁ କଳା ଦେଖାଯାନ୍ତି। କିନ୍ତୁ କଳାରଙ୍ଗର ଶରୀରରେ ଏତେ ଗୁରୁତ୍ୱ ଥିବା ସତ୍ତ୍ୱେ ଏହି ରଙ୍ଗ ପ୍ରତି ଅଧିକାଂଶଙ୍କର ବିମୁଖତା ଆଶ୍ଚର୍ଯ୍ୟ ଲାଗେ। ଭାରତୀୟଙ୍କ ଗୋରାରଙ୍ଗ ପ୍ରତି ଥିବା ଦୁର୍ବଳତାକୁ ଠିକ୍ ବୁଝିପାରିଛନ୍ତି ପ୍ରସାଧନ ସାମଗ୍ରୀ ନିର୍ମାତାମାନେ। ତେଣୁ ସବୁ ଭାରତୀୟଙ୍କୁ ଗୋରା କରିବା ପାଇଁ ସେମାନେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରିଚାଲିଛନ୍ତି। ଭାରତୀୟମାନେ ଗୋରା ହେଉଛନ୍ତି କି ନାହିଁ, ତାହା ଜଣାନାହିଁ, କିନ୍ତୁ ପ୍ରସାଧନ ସାମଗ୍ରୀ ନିର୍ମାତାମାନେ ଭଲ ଲାଭବାନ୍ ହେଉଛନ୍ତି।

ମୋ: ୯୪୩୭୨୩୨୪୬୩

# ମେଦବହୁଳତା ଚିକିତ୍ସାରେ ବୈଜ୍ଞାନିକ ପଦ୍ଧତି



ଡା. ସୁନୀଲ କୁମାର କୋଟା

ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେ–୫ (୨୦୨୨) ଅନୁଯାୟୀ, ବର୍ତ୍ତମାନ ଭାରତରେ ୨୩% ନାରୀ ଓ ୨୨.୧% ପୁରୁଷ ବିଏମ୍‌ଆଇ ଅନୁଯାୟୀ ଅଧିକ ଓଜନ ବିଶିଷ୍ଟ। ପେଟର ସ୍ଥୂଳତା ପ୍ରାୟ ୪୦% ନାରୀ ଓ ୧୨% ପୁରୁଷଙ୍କୁ ପ୍ରଭାବିତ କରୁଛି, ଯାହା ମଧୁମେହ/ ଡାଇବେଟିସ, ଉଚ୍ଚରକ୍ତଚାପ, ହୃଦ୍‌ରୋଗ, ନିଦ୍ରା ସମସ୍ୟା (ଅବଷ୍ଟ୍ରକ୍ଟିଭ ସ୍ଲିପ ଆପ୍ନିଆ/ ଅତ୍ୟଧିକ ଶୟନକାଳୀନ ଘୁଙ୍ଗୁଡ଼ି) ଓ ଗଣ୍ଠି ସମସ୍ୟା ଆଦି ବଢ଼ାଇଦିଏ। ପୂର୍ବରୁ ମେଦବହୁଳତା/ ସ୍ଥୂଳକାୟତାର ଚିକିତ୍ସା ପାଇଁ ଭାରତରେ କେବଳ ଜୀବନଶୈଳୀର ପରିବର୍ତ୍ତନ ଓ ଅର୍ଲିଷ୍ଟାଟ ପରି ପୁରୁଣା ଔଷଧ ବ୍ୟବହୃତ ହେଉଥିଲା, ଯାହାର ଫଳାଫଳ ଏତେ ଉତ୍ସାହଜନକ ନ ଥିଲା। ମାର୍ଚ୍ଚ ୨୦୨୫ରେ ଭାରତରେ ମୋଞ୍ଜାରୋ (ଟିରଜେପାଟାଇଡ)ର ଆଗମନ ସହିତ ଏହିପରି ଦୃଶ୍ୟ ବଦଳୁଛି। ମୋଞ୍ଜାରୋ ସପ୍ତାହକୁ ଥରେ ଚର୍ମତଳେ ଏକ ଇଞ୍ଜେକ୍ସନ ରୂପେ ଦିଆଯାଇଥାଏ। ଅଧିକତମ ୨୨% ଓଜନ କମାଇପାରିବା କ୍ଷମତାଯୁକ୍ତ ଏହି ଜଣାଶୁଣା ଔଷଧକୁ କୋଭିଡ–୧୯ ଟିକା ପରେ ସବୁଠାରୁ ଅଧିକ ଆଲୋଚିତ ଚିକିତ୍ସାଗତ ବିକାଶ ଭାବରେ ପରିଗଣିତ କରାଯାଉଛି। ଏହାକୁ ମେ ୨୦୨୨ରେ ୟୁ.ଏସ୍. ଏଫ୍‌ଡିଏ ଦ୍ୱାରା ଟାଇପ ୨ ଡାଇବେଟିସ ପାଇଁ ଏବଂ ନଭେମ୍ବର ୨୦୨୩ରେ ମେଦବହୁଳ ଲୋକଙ୍କଠାରେ ଦୀର୍ଘକାଳୀନ ଓଜନ ପରିଚାଳନା ପାଇଁ ଅନୁମୋଦନ ମିଳିଥିଲା।

**ଭାରତରେ କାହିଁକି ବିଳମ୍ବରେ ଉପଲବ୍ଧ ହେଲା?**

ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି, ବିଶ୍ୱସ୍ତରୀୟ ଆପୂର୍ତ୍ତି ଅଭାବ ଓ ବିକାଶଶୀଳ ବଜାରକୁ ପ୍ରାଥମିକତା ଦେବାରେ ଉତ୍ପାଦକ ନିୟୋଜିତ ହେଉଥିଲେ। ଏହାସହିତ ଭାରତୀୟ ଚିକିତ୍ସା ଅନୁଗାମୀଙ୍କ ପାଇଁ ଏହାକୁ ଶସ୍ତା ଓ ପହଞ୍ଚଯୋଗ୍ୟ କରିବା ଚେଷ୍ଟା ଜାରି ରହିଥିଲା। ତେଣୁ ଏହା ଭାରତରେ ବିଳମ୍ବରେ ଉପଲବ୍ଧ ହେଲା।

GLP–1 ଓ GIP ଉଭୟ ରିସେପ୍ଟର ଉପରେ କାର୍ଯ୍ୟ କରୁଥିବା ଏହି ଦ୍ୱୈତ–କ୍ରିୟା ପ୍ରଣାଳୀ ବିଶିଷ୍ଟ ଟିରଜେପାଟାଇଡକୁ 1. ଲିରାଗ୍ଲୁଟାଇଡ/ବଜାରନାମ–ସାକସେଣ୍ଡା ଓ 2. ସେମାଗ୍ଲୁଟାଇଡ/ ବଜାରନାମ–ଓଜେମ୍ପିକ/ ୱେଗୋଭି ପରି ଔଷଧଠାରୁ ଅଗ୍ରଣୀରୂପେ ବିବେଚିତ କରାଯାଏ, ଯାହା ଦୁଇଟିକି କେବଳ GLP–1 ରିସେପ୍ଟର ଉପରେ କାର୍ଯ୍ୟ କରିଥାନ୍ତି। ଏହା ମସ୍ତିଷ୍କର ହାଇପୋଥାଲାମସ ଉପରେ କାର୍ଯ୍ୟକରି ଭୋକ କମାଏ ତଥା ତୃପ୍ତତାକୁ ବୃଦ୍ଧି କରିଥାଏ। ପେଟରୁ ଖାଦ୍ୟ ଖାଲି କରିବାର ଗତିକୁ ଧୀର କରି ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣତା ଅନୁଭବ କରାଏ। ଚର୍ବି ସଞ୍ଚୟ କମାଏ, ଲାଇପୋଲାଇସିସ୍ (ଚର୍ବି ଭାଙ୍ଗିବା ପ୍ରକ୍ରିୟା)କୁ ପ୍ରେରିତ କରିଥାଏ। ଉଚ୍ଚ କ୍ୟାଲୋରି ଓ ଚର୍ବିଯୁକ୍ତ ଖାଦ୍ୟ ପ୍ରତି ଇଚ୍ଛା କମାଇଥାଏ।

ଓଜନ ହ୍ରାସ କରୁଥିବା ବର୍ତ୍ତମାନ ସୁଦ୍ଧା ବ୍ୟବହୃତ ହେଉଥିବା ପୁରୁଣା ଔଷଧ ସାଧାରଣତଃ ୫–୮% ଓଜନ କମାଇଥାଏ, ଯେଉଁଥିରେ ସେମାଗ୍ଲୁଟାଇଡ(ଓଜେମ୍ପିକ/ୱେଗୋଭି) ପ୍ରାୟ ୧୫% ଓଜନ କମାଏ। କିନ୍ତୁ ଟିରଜେପାଟାଇଡ ୨୨% ପର୍ଯ୍ୟନ୍ତ ଓଜନ କ୍ଷୟ କରିପାରେ, ଯାହା ବାରିଆଟ୍ରିକ୍ସର୍ଜରୀ (ଓଜନ କ୍ଷୟକାରକ ଶଲ୍ୟ ଚିକିତ୍ସା) ସହିତ ତୁଳନୀୟ।



ବୈଜ୍ଞାନିକ ନିଷ୍କର୍ଷର ଚମତ୍କାରୀ ଫଳାଫଳ ସାମ୍ନାକୁ ଆସିଛି। SURMOUNT ପରୀକ୍ଷଣ ଅନୁଯାୟୀ ୭୨ ସପ୍ତାହ ପରେ, ମେଦବହୁଳ ରୋଗୀଙ୍କଠାରେ: ସାପ୍ତାହିକ ୫ ଏମ୍‌ଜି ଡୋଜରେ: ୧୫% ଓଜନ କମିଛି, ସାପ୍ତାହିକ ୧୦ ଏମ୍‌ଜି: ୧୯.୫%, ସାପ୍ତାହିକ ୧୫ ଏମ୍‌ଜି: ୨୦.୯% ଏବଂ ପ୍ଲାସେବୋ (କେବଳ ଖାଦ୍ୟପେୟ ନିୟନ୍ତ୍ରଣ ଏବଂ ଜୀବନଶୈଳୀ ପରିବର୍ତ୍ତନ): ୩.୧% ମାତ୍ର ଓଜନ କମିଛି।

କେବଳ ଓଜନ ହ୍ରାସ ନୁହେଁ ଆହୁରି ରହିଛି ବହୁବିଧ ଉପାଦେୟତା। SURPASS ନାମକ ବୈଜ୍ଞାନିକ ନିଷ୍କର୍ଷ ଅନୁଯାୟୀ, ଏହା ମଧୁମେହ ରୋଗୀଙ୍କ କ୍ଷେତ୍ରରେ ୪୦–୫୨ ସପ୍ତାହ ମଧ୍ୟରେ, HbA1C (ବିଗତ ୩ ମାସର ହାରାହାରି ରକ୍ତଶର୍କରାର ସୂଚକ)ର ମାତ୍ରା ୧.୫–୨.୪% କମାଇଥାଏ। ଏହା ହୃଦ୍ ଓ ଯକୃତ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକୃତ। ଅବଷ୍ଟ୍ରକ୍ଟିଭ ସ୍ଲିପ ଆପ୍ନିଆ (ରାତି ସମୟରେ ଘୁଙ୍ଗୁଡ଼ି ମାରିବା, ଅତ୍ୟଧିକ ଦିନରେ ନିଦ୍ରା ଏବଂ ଆଳସ୍ୟ ସହିତ ଜଡିତ ଏକ ଅବସ୍ଥା)ରେ ମଧ୍ୟ ଏହି ଔଷଧ ଆମୋଦିତ। ଡିସେମ୍ବର ୨୦୨୪ ରେ USFDA ଦ୍ୱାରା ଏହି ଅବସ୍ଥାର ଚିକିତ୍ସା ପାଇଁ, ଟିରଜେପାଟାଇଡ ହେଉଛି ମାନ୍ୟତା ଲାଭ କରିଥିବା ପ୍ରଥମ ଏବଂ ଏକମାତ୍ର ଔଷଧ। ଭାରତରେ ଏହି ଔଷଧ ଭାୟାଲ (ଶିଶି/ ବୋତଲ) ଆକାରରେ ବିକ୍ରିହୁଏ, ଯାହା ଆମେରିକାରେ ବିକ୍ରି ହେଉଥିବା ପେନଠାରୁ ୮୦% ଶସ୍ତା।

ସାଧାରଣତଃ କେତେକ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇଥାଏ, ଯଥା ବାନ୍ତି ଅନୁଭୂତି (୩୧%), ପତଳାଝାଡ଼ା (୨୩%) ଏବଂ କୋଷ୍ଠକାଠିନ୍ୟ (୧୭%)। ଏହା ସାଧାରଣତଃ ମୃଦୁ ଧରଣର ଓ ସମୟ ସହିତ ସମାଧାନ ହୁଏ। କେବଳ ୪୭% ଲୋକଙ୍କଠାରେ ପାର୍ଶ୍ୱପ୍ରତିକ୍ରିୟା ଯୋଗୁ ଚିକିତ୍ସା ବନ୍ଦ କରାଯାଇଥିଲା। ଏହି ପ୍ରଭାବଗୁଡ଼ିକୁ କମ୍ କରିବା ପାଇଁ ସାଧାରଣତଃ କମ୍ ଡୋଜ ସହିତ ଚିକିତ୍ସା ଆରମ୍ଭ କରାଯାଏ ଏବଂ କ୍ରମଶଃ ଡୋଜ ବୃଦ୍ଧି କରାଯାଏ – ଶରୀରକୁ ସଜାଡ଼ିବା ପାଇଁ ସମୟ ଦିଆଯାଏ

ମେଡୁଲାରି ଥାଇରଏଡ କ୍ୟାନସର ଓ ଅଗ୍ନ୍ୟାଶୟ ସମସ୍ୟା ଥିବା ଲୋକଙ୍କୁଏହି ଔଷଧ ଅନୁଶଂସିତ ନୁହେଁ। ଅତ୍ୟଧିକ ଏବଂ ଦ୍ରୁତଗତିରେ ଓଜନ ହ୍ରାସ ଦ୍ୱାରା ଗଲବ୍ଲାଡର(ପିତ୍ତକୋଷ)ସମସ୍ୟା ବଢ଼ିପାରେ। ଏହି ଟ୍ରାୟାଲ ମଧ୍ୟରେ ପ୍ରାୟ ୦.୬% ଲୋକଙ୍କୁ ଏହି ଅସୁବିଧା ଦେଖାଯାଇଛି।

୨୦୨୪ର ଏକ ଅଧ୍ୟୟନ ଦେଖାଇଛି ଯେ, ଯେଉଁ ଲୋକେ ଔଷଧ ବନ୍ଦ କରିଥିଲେ ସେମାନେ ୧ ବର୍ଷ ମଧ୍ୟରେ ହାରାଇଥିବା ଓଜନର ୧୪% ପୁନଃ ବୃଦ୍ଧି ହୋଇଥିଲା। ଯେଉଁମାନେ ଚାଲୁ ରଖିଥିଲେ, ସେମାନେ ଅତିରିକ୍ତ ୫.୫% ଓଜନ କମାଇଥିଲେ। ଏହା ଏକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଅସମାହିତ ପ୍ରଶ୍ନ ଉଠାଏ: ରୋଗୀମାନେ କେତେ ସମୟ ଔଷଧ ସେବନ କରିବା ଉଚିତ?

ଯଦିଓ ଦୀର୍ଘକାଳୀନ ଚିକିତ୍ସା ଉପରେ ଅଧ୍ୟୟନ ଚାଲୁଛି, ବର୍ତ୍ତମାନ ଉପଲବ୍ଧ ବୈଜ୍ଞାନିକ ତଥ୍ୟ ଅନୁଯାୟୀ, କେବଳ ଖାଦ୍ୟ ଏବଂ ବ୍ୟାୟାମ ଦ୍ୱାରା ଲାଭାନ୍ୱିତ ନ ହୋଇପାରିଥିବା ଲୋକମାନଙ୍କ କ୍ଷେତ୍ରରେ ଏହି ଔଷଧ ହେଉଛି ଏକ ପ୍ରଭାବଶାଳୀ ବିକଳ୍ପ। ଏହା ମେଦବହୁଳତା ଓ ଏହାସହିତ ସଂପୃକ୍ତ ରୋଗ ସହିତ ଲଢ଼ିବା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଅଗ୍ରଗତି। ସମସ୍ତ ନୂଆ ଚିକିତ୍ସା ପରି ଏଥିରେ ମଧ୍ୟ ନିରନ୍ତର ଅନୁସନ୍ଧାନ ଓ ନିରୀକ୍ଷଣ ଆବଶ୍ୟକ।

**ମଧୁମେହ, ଥାଇରଏଡ, ମେଦବହୁଳତା ଏବଂ ହର୍ମୋନ ରୋଗ ବିଶେଷଜ୍ଞ, ସ୍ୱାସ୍ଥ୍ୟସଦନ, ବ୍ରହ୍ମପୁର**

**ମୋ: ୭୭୪୯୮୦୪୪୦୧**

## ଏଇ ଭାରତରେ

ମହାରାଷ୍ଟ୍ରର ଏକ ଛୋଟ ଗାଁ ମାନ୍ୟାଚିୱାଡ଼ି। ଏହାର ଲୋକସଂଖ୍ୟା ୪୨୦। ଏହି ଗାଁ ଏବେ ସମ୍ପୂର୍ଣ୍ଣ ସୌରଶକ୍ତିର ଗାଁ ହୋଇଯାଇଛି। ମାନ୍ୟାଚିୱାଡ଼ିରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ଦ୍ୱାରା ଏହା ସମ୍ଭବ ହୋଇଛି। ଏସ୍‌ଏଚ୍‌ଜିର ମହିଳା ସଦସ୍ୟମାନେ ଟଙ୍କା ଆଦାୟ କରି ପଞ୍ଚାୟତ ସହଯୋଗରେ ଏହି କାର୍ଯ୍ୟ କରିଛନ୍ତି। ସେମାନେ ଘର ପିଛା ୪,୫୦୦ ଟଙ୍କା ଆଦାୟ କରି ସବୁ ସୋଲାର ପ୍ୟାନେଲ ଲଗାଇବା ସହ ସମସ୍ତଙ୍କ ଘରକୁ ସୋଲାର ଲ୍ୟାମ୍ପ ଯୋଗାଇ ଦେଇଛନ୍ତି। କିଛି ବର୍ଷ ପୂର୍ବେ ଏହି ଗାଁରେ ୮ରୁ ୧୦ ଘଣ୍ଟା ବିଦ୍ୟୁତ ରହୁ ନ ଥିଲା। ପିଲାମାନେ ପଢ଼ିବାରେ ଅସୁବିଧା ହେଉଥିଲା। ଅଧିକ ସମୟ ଅନ୍ଧାରରେ ରହିବା ଯୋଗୁ ମହିଳାମାନେ ଘର କାମ ମଧ୍ୟ କରି ପାରୁ ନଥିଲେ। ଫଳରେ ଗାଁର ଏସ୍‌ଏଚ୍‌ଜି ନିଜସ୍ୱ ଉଦ୍ୟମରେ ଗାଁରେ ବିଦ୍ୟୁତ ସମସ୍ୟା ଦୂର କରିବାକୁ ନିଷ୍ପତ୍ତି ନେଇଥିଲା। ଏବେ ୨୪ ଘଣ୍ଟା ବିଦ୍ୟୁତ୍ ମିଳିପାରୁଛି। ମୋବାଇଲ, ଇଣ୍ଟରନେଟ ସେବା ସହଜ ହେବା ସହ ସ୍କୁଲ, ରାସ୍ତାରେ ଲାଇଟ୍ ଜଳୁଛି। ଏପରିକି ଜଳ ଯୋଗାଣ ହୋଇପାରିଛି। ମାନ୍ୟାଚିୱାଡ଼ିର ଲୋକମାନେ ସେମାନଙ୍କ ଜମି ଦେଇ ରାସ୍ତା ଚଉଡ଼ା କରିବା ସହ ଡ୍ରେନେଜ ବ୍ୟବସ୍ଥା କରିଛନ୍ତି। ସବୁଠୁ ବଡ଼ କଥା ହେଉଛି ଗ୍ରାମସଭା କରାଯାଇ ମୁଖିଆ ଚୟନ କରାଯାଏ।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଏପ୍ରିଲ ୧୯୭୬

- ପୂର୍ବତନ ବିଧାନସଭା ସଭ୍ୟ ନୀଳାମ୍ବର ରାୟଗୁରୁ ଲୋକଦଳରୁ ଇସ୍ତଫା ଦେବା ସହ ଦଳରୁ ସମସ୍ତ ସମ୍ପର୍କ ତୁଟାଇ ନିଜକୁ ସ୍ୱାଧୀନ ସଭ୍ୟ ରୂପେ ଘୋଷଣା କରିଛନ୍ତି।
- ଆସାମ, ବିହାର, ମଣିପୁର, ମେଘାଳୟ ଓ ରାଜସ୍ଥାନ ଆଦି ୫ଟି ରାଜ୍ୟରେ ସହରାଞ୍ଚଳ ଜମି ସର୍ବୋଚ୍ଚ ସୀମା ଆଇନ ଲାଗୁ।
- ଦେଶର ଲବଣ ଶିଳ୍ପଗୁଡ଼ିକର ଉନ୍ନୟନ ଓ ଶ୍ରମମଙ୍ଗଳ କାର୍ଯ୍ୟ ନିମନ୍ତେ ଲବଣ ସମ୍ପର୍କୀୟ କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡ ୩ କୋଟି ୯୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## ଚିରନ୍ତନୀ

ସେ କାଳ ଏକାଳ ପୀରତିରେ ସିନା
ବଦଳି ଗଲାଣି ବାହାର ରୂପ
ସବୁରି ତଳରେ ସତ ଯାହା ଅଛି
କହିବାର ନୁହେଁ, ରହିବା ଚୁପ।
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 5 | | | 9 | |
| | 9 | | | 3 | | | | |
| 7 | | 5 | | 9 | | 4 | | |
| | | | 5 | 1 | 3 | | | |
| | | 7 | 4 | | | 3 | | |
| | | 1 | | | | | | 8 |
| | | 2 | 9 | | | 6 | | 4 |
| | 5 | | | | 1 | 7 | | |
| | 8 | | 6 | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 7 | 2 | 1 | 3 | 8 | 5 | 4 |
| 2 | 3 | 8 | 4 | 6 | 5 | 1 | 7 | 9 |
| 4 | 5 | 1 | 7 | 9 | 8 | 2 | 3 | 6 |
| 7 | 8 | 6 | 5 | 4 | 2 | 3 | 9 | 1 |
| 9 | 2 | 4 | 1 | 3 | 6 | 5 | 8 | 7 |
| 5 | 1 | 3 | 9 | 8 | 7 | 6 | 4 | 2 |
| 8 | 7 | 2 | 6 | 5 | 9 | 4 | 1 | 3 |
| 1 | 6 | 5 | 3 | 7 | 4 | 9 | 2 | 8 |
| 3 | 4 | 9 | 8 | 2 | 1 | 7 | 6 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲାଞ୍ଚ ନ ଦେଲେ ପଦୋନ୍ନତି ମିଳୁନାହିଁ

ମହାଶୟ,

ଭଦ୍ରକ ଜିଲାର ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଜିଲାର ୧୩୮ ଜଣ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ଏଲ୍–୧ ପଦବୀକୁ ପଦୋନ୍ନତି ଦେବା ସହିତ ସେମାନଙ୍କୁ ଜିଲାର ବିଭିନ୍ନ ଏଲ–୧ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ବଦଳି କରିଛନ୍ତି। ଅଥଚ ଯାହାର ଚାକିରି ଆଉ ମାତ୍ର କମ୍ ଦିନ ବାକି ଅଛି, ଅର୍ଥାତ୍ ଯିଏ ଚଳିତ ମାସ ୩୦ ତାରିଖରେ ଅବସର ଗ୍ରହଣ କରିବେ, ତାଙ୍କର ପଦୋନ୍ନତି କରାଯାଇନାହିଁ। ସେ ଲାଞ୍ଚ ନ ଦେବାରୁ ତାଙ୍କୁ ପଦୋନ୍ନତି ପ୍ରଦାନ କରାଗଲା ନାହିଁ ଶୁଣାଯାଉଛି। ଫଳତଃ ତାଙ୍କୁ ଗୋଟିଏ ଇନକ୍ରିମେଣ୍ଟ କମ୍ ମିଳିବା ସହିତ ଅବସରକାଳୀନ ସୁବିଧା ଓ ମାସିକ ପେନ୍‌ସନ ମଧ୍ୟ କମିଯିବ। ଏ ବିଷୟରେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ହ୍ୱାଟ୍ସ ଆପ ଓ ଟେଲିଫୋନ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସେମାନେ କିଛି ପଦକ୍ଷେପ ନେଉ ନାହାନ୍ତି। ୧୩୮ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତିକୁ ବାତିଲ କରିବାର ଆଦେଶ ଦେଇ ପୁନଃ ଯୋଗ୍ୟତା ଆଧାରରେ ପଦୋନ୍ନତି ପ୍ରଦାନ କରାଯିବାର ବ୍ୟବସ୍ଥା କରନ୍ତୁ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ଘଟଣାର ଜଡ଼ରେ ପହଞ୍ଚିବା ସାମ୍ବାଦିକଙ୍କ ଦାୟିତ୍ୱ’

## ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନ ପକ୍ଷରୁ ସମ୍ପାଦକ ସମ୍ମିଳନୀ

ଭୁବନେଶ୍ୱର,୨୫।୪
(ଅନୁରାଧା ମହାରଣା)

ସାମ୍ବାଦିକତା ହେଉଛି ସର୍ବପୁରାତନ ଜୀବିକା। କାହିଁ କେଉଁ କାଳରୁ ମଣିଷ ହୁଅନ୍ତୁ ବା ପ୍ରାଣୀ ଜୀବନ ଜୀବିକା ନିର୍ବାହ ପାଇଁ ଖାଦ୍ୟ ସମ୍ପର୍କରେ ସାଥୀଙ୍କୁ ସୂଚନା ଦେଇଥା’ନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସମାଜକୁ ଠିକ୍ ସୂଚନା ପହଞ୍ଚାଇବାର ଦାୟିତ୍ୱ ଗଣମାଧ୍ୟମ ବହନ କରୁଛି। ପ୍ରତ୍ୟେକ ଘଟଣା ଖୁବ୍‌ଶୀଘ୍ର ବ୍ୟାପିଯାଉଛି। ତେବେ ଲୋକଙ୍କ ପାଖରେ କୌଣସି ଘଟଣାର ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ପ୍ରସାରଣ ପାଇଁ ଗଣମାଧ୍ୟମ ବ୍ୟଗ୍ର ଥିବାବେଳେ ତା’ର ଜଡ଼କୁ ଯିବାକୁ ଅନେକେ ଚାହୁଁନାହାନ୍ତି। ତେଣୁ ପ୍ରତି ଘଟଣାର ଜଡ଼କୁ ଯାଇ ସାମ୍ବାଦିକମାନେ ଠିକ୍ ତଥ୍ୟଯୁକ୍ତ ଖବର ଲୋକଲୋଚନକୁ ଆଣିବା ଏବଂ ତାହାକୁ ନିଜ ଗଣମାଧ୍ୟମରେ ସ୍ଥାନିତ କରିବାକୁ ସମ୍ପାଦକ ସମ୍ମତି ଦେବା ଜରୁରୀ। ଭୁବନେଶ୍ୱର ଗୋଠପାଟଣାସ୍ଥିତ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ସ୍କୁଲ ଅଫ୍ କମ୍ୟୁନିକେଶନ ପକ୍ଷରୁ ଅନୁଷ୍ଠିତ ପ୍ରଥମ ‘ସମ୍ପାଦକ ସମ୍ମିଳନୀ’ରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଏହା କହିଛନ୍ତି।

ଶୁକ୍ରବାର କ୍ୟାମ୍ପସ୍ ପରିସରରେ ଆୟୋଜିତ ଏହି କନ୍‌କ୍ଲେଭରେ ୨ଟି ଅଧିବେଶନରେ ‘ଗଣମାଧ୍ୟମର ପରିବର୍ତ୍ତନ: ଗଣମାଧ୍ୟମ ସମ୍ପାଦକଙ୍କ ଦୃଷ୍ଟିକୋଣ’ ଏବଂ ‘ମିଡିଆ ସ୍ୱାଧୀନତାର ଭବିଷ୍ୟତ କର୍ପୋରେଟ୍ ପ୍ରଭାବ, ସମ୍ପାଦକୀୟ ସ୍ୱାଧୀନତା ଓ ନିୟାମକ ଆହ୍ୱାନ’ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ପ୍ରଥମ ଅଧିବେଶନରେ ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ଡିନ୍ ଶିବ ଶଙ୍କର ଦାସ ସ୍ୱାଗତ ଭାଷଣ ଦେଇ କହିଲେ, ସମ୍ପାଦକ ସମ୍ମିଳନୀ ହେଉଛି ଛାତ୍ରଛାତ୍ରୀଙ୍କୁ ବାସ୍ତବ ଦୁନିଆର ଆହ୍ୱାନ ଏବଂ ଗଣମାଧ୍ୟମ ଚିନ୍ତାଧାରା ସହିତ ଯୋଡିହେବା ପାଇଁ ଆମ ଲକ୍ଷ୍ୟର ଏକ ପ୍ରତିଫଳନ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଓଡ଼ିଶା ଲାଇଭ୍‌ର ସମ୍ପାଦକ ନୀଳାମ୍ବର ରଥ ଯୋଗଦେଇଥିବାବେଳେ ଆଉଟ୍‌ଲୁକ୍‌ର ପୂର୍ବତନ ମୁଖ୍ୟ ସମ୍ପାଦକ ରୁବେନ ବାନାର୍ଜୀ ଭର୍ଚୁଆଲରେ ଯୋଡ଼ିହୋଇଥିଲେ। ଏହି ଅବସରରେ ତଥାଗତ ସାମ୍ବାଦିକତାର ବିକଶିତ ଦୃଶ୍ୟପଟ ଉପରେ ଅର୍ନ୍ତଦୃଷ୍ଟିପୂର୍ଣ୍ଣ ଆଲୋଚନା କର ଡିଜିଟାଲ ଯୁଗରେ ସମ୍ପାଦକୀୟ ନେତୃତ୍ୱରେ ପରିବର୍ତ୍ତନଶୀଳ ଭୂମିକା, ଦାୟିତ୍ୱ ଓ ଆହ୍ୱାନ ଉପରେ ଗୁରୁତ୍ୱାରୋପ କରିଥିଲେ। ପହଲଗାମ ଘଟଣାର ଉଦାହଣ ଦେଇ ସେ କହିଲେ, ଆତଙ୍କବାଦୀ ଆକ୍ରମଣ ପରେ କ’ଣ ପଦକ୍ଷେପ ନିଆଯିବ ତାହା ଜାଣିବା ପାଇଁ ସମସ୍ତେ ଚାହାନ୍ତି। ମାତ୍ର ଏତେ ବଡ଼ ଅଘଟଣ ଘଟିବାର ମୂଳ କାରଣ ଉପରେ କେହିଁ ତଥ୍ୟ ଉପସ୍ଥାପନ କରୁନାହାନ୍ତି। ତେଣୁ ଏଭଳି ଘଟଣାର କାରଣ ଜଣାପଡ଼ିଲେ ଭବିଷ୍ୟତ ପାଇଁ ଏହାର ନିରାକରଣ କରାଯାଇପାରିବ। ସତ୍ୟ ସର୍ବସମ୍ମୁଖକୁ ଆଣିବା ଜଣେ ସାମ୍ବାଦିକତାର ଦାୟିତ୍ୱ ହେବା ଉଚିତ। ନୀଳାମ୍ବର ରଥ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତାର ଭବିଷ୍ୟତ ବିଷୟରେ ତାଙ୍କର ଅଭିଜ୍ଞତା ଓ ଅନୁଭୂତି ବାଣ୍ଟିଥିଲେ। ସମ୍ବାଦିକତାରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ସେ କହିଲେ, ଦିନକୁ ଦିନ ଦର୍ଶକ ବା ପାଠକଙ୍କ ରୁଚି ବଦଳୁଛି। ସାମ୍ବାଦିକାରେ ସଫଳତା ପାଇଁ ନିଜ ଦକ୍ଷତା ଉପରେ ଗୁରୁତ୍ୱ ଦେବା ସହ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଆପଣେଇ ସମୟାନୁସାରେ ପରିବର୍ତ୍ତନ ହେଉଥିବା ଧାରା ସହ ଖାପ ଖୁଆଇବା ପାଇଁ ନିଜକୁ ପ୍ରସ୍ତୁତ କରିବା ଦରକାର। ରୁବେନ ବାନାର୍ଜୀ ବର୍ତ୍ତମାନ ସୋସିଆଲ ମିଡିଆ, ଏପରିକି ପ୍ରମୁଖ ଗଣମାଧ୍ୟମରେ ମଧ୍ୟ ଭୁଲ୍ ସୂଚନା ପ୍ରସାରିତ ହେଉଛି। ଭୁଲ୍ ସୂଚନା ଏବଂ ପ୍ରାୟୋଜିତ ଭ୍ରମାତ୍ମକ ସୂଚନା ପ୍ରଦାନ ସାମ୍ବାଦିକତା କ୍ଷେତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ। ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ଅନ୍ୱେଶା ପାଢ଼ୀ ଏହି ଅଧିବେଶନର ସଞ୍ଚାଳନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି କୁଳଭୂଷଣ ବାଲୁନି ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ବିବିସି ଡିଜିଟାଲ କଣ୍ଟେଣ୍ଟ ଏଡିଟର ସର୍ବପ୍ରିୟା ସଙ୍ଗ୍ୱାନ୍ ଭର୍ଚୁଆଲରେ ଯୋଡ଼ି ହୋଇଥିବବେଳେ ନ୍ୟୁଜ୍‌ରୁମ୍‌ର ସମ୍ପାଦକ ମନୋରଞ୍ଜନ ମିଶ୍ର, ଏମବିସି ଟିଭିର ସମ୍ପାଦକ ଅଶୋକ କୁମାର ପଣ୍ଡା ଏବଂ ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିର ଭଟ୍ଟମିଶ୍ର ଯୋଗଦେଇ ସମ୍ପ୍ରତି ଗଣମାଧ୍ୟମର ସ୍ୱାଧୀନତା ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ଆସିଷ୍ଟାଣ୍ଟ ପ୍ରଫେସର ଡ. ମେହୁଲ ଅଗ୍ରୱାଲ ଏହି ଅଧିବେଶନର ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ଛାତ୍ରୀଛାତ୍ର, ଅଧାପିକାଅଧାପକ ଯୋଗଦେଇଥିବାବେଳେ ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ଆସିଷ୍ଟାଣ୍ଟ ପ୍ରଫେସର ଡ. ଜ୍ଞାନରଞ୍ଜନ ମିଶ୍ର ଉଦ୍‌ଯାପନୀ ମନ୍ତବ୍ୟ ଦେଇଥିଲେ।


ସମ୍ମିଳନୀରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀ, ଓଡ଼ିଶା ଲାଇଭ୍‌ର ସମ୍ପାଦକ ନୀଳାମ୍ବର ରଥ ଓ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ଅନ୍ୱେଷା ପାଢ଼ୀ।

# ଅଂଶୁଘାତରେ ୧୯ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ

ସୋର, ୨୫।୪(ଜନ୍ମେଜୟ ମିଶ୍ର)

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖିଆଗରେ ରଖି ସରକାର ରାଜ୍ୟରେ ସମସ୍ତ ସ୍କୁଲ, କଲେଜକୁ ଛୁଟି ଘୋଷଣା କରିଛନ୍ତି। ବାଲେଶ୍ୱର ଜିଲା ସୋରଠାରେ ଥିବା ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନରେ ରହି ପାଠ ପଢୁଥିବା ୧୯ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗୁରୁବାର ରାତିରେ ଅଂଶୁଘାତର ଶିକାର ହୋଇଛନ୍ତି। ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅସହ୍ୟ ଗୁଳୁଗୁଳି ପାଇଁ ଏପରି ହୋଇଥିବା କୁହାଯାଉଛି। ପରେ ସମସ୍ତେ ସୁସ୍ଥ ହୋଇ ଫେରିଥିବା ଜଣାପଡିଛି।

# ଟିପ୍ପର ଧକ୍କାରେ ୨ ବାଇକ୍ ଆରୋହୀ ମୃତ

କୋରୁକୋଣ୍ଡା,୨୫।୪( ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପିରୁଣା ଟିମଟାପାଲ୍ଲୀ ପଞ୍ଚାୟତ ଅଧୀନସ୍ଥ ଗୋମ୍ପାକୋଣ୍ଡା କେନାଲ ରାସ୍ତାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଏକ ଟିପ୍ପର ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ କତାପାଲୀ ଗ୍ରାମର ମହିଳା ଗାଙ୍ଗେ ପଡିୟାମି ଓ ମୁକା ସୋଡି। ଦୁର୍ଘଟଣା ଘଟାଇଥିବା ଟିପ୍ପରକୁ ପୋଲିସ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ସୋର୍ଲକୋଣ୍ଡା ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ପୁଅର ବିବାହ ଉତ୍ସବରେ ଯୋଗଦେବାକୁ କତାପାଲୀ ଗ୍ରାମର ସ୍ୱର୍ଗତ ମୁକା ପଡିୟାମିଙ୍କ ସ୍ତ୍ରୀ ଗାଙ୍ଗେ ଓ ଦେବା ସୋଡିଙ୍କ ପୁଅ ମୁକା ବାଇକ୍ ଯୋଗେ ଯାଉଥିଲେ। ଏହିସମୟରେ ବାଲିମେଳା ପଟୁ ଆସୁଥିବା ଏକ ଟିପ୍ପର ବାଇକ୍‌କୁ ସାମ୍ନା ପଟରୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ମୁକା ଏବଂ ତାଙ୍କ ପଛରେ ବସିଥିବା ଗାଙ୍ଗେଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଟିପ୍ପର ଚାଳକ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ଅଞ୍ଚଳବାସୀ ଉକ୍ତ ଗାଡିକୁ ଅଟକାଇ ପୋଲିସକୁ ହସ୍ତାନ୍ତର କରିଥିଲେ। ଉକ୍ତ ଟିପ୍ପରଟି ପି. ରାମାରାଓଙ୍କର ବୋଲି ଜଣାପଡିଛି। ଖବରପାଇ ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଦୋଷ ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ମନୋହର ସାହୁ, ମିଳନ ବରିହା, ସଞ୍ଜିତ କୁମାର ଟାକ୍ରି ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟିପ୍ପର ନଂ (ଓଡି -୧୦-ଇ -୬୬୭୭) ଓ ବାଇକ୍‌କୁ ଜବତ କରିଛି। ଟିପ୍ପର ଚାଳକଙ୍କୁ ଥାନାରେ ଅଟକ ରଖି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

ଡ୍ରାଇଭର ଆବଶ୍ୟକ
ଦରମା: ୨୨,୦୦୦/-
ଫୋନ୍ ନଂ: 9861925500
(ଯୋଗାଯୋଗ ସମୟ 10am To 4pm)

ଆବଶ୍ୟକ ନିଃଶୁଳ୍କ ଲଜ୍‌ରେ ରହିବା,
ଭଲ ଖାଦ୍ୟ, ଆକର୍ଷଣୀୟ ଦରମା ସହ
ସିକ୍ୟୁରିଟି ଗାର୍ଡଙ୍କ ନିଯୁକ୍ତି ଆରମ୍ଭ,
ନାଗପୁରର ବିଭିନ୍ନ ଅଞ୍ଚଳ ପାଇଁ, 10ମ ପାସ୍
5’.8” ଉଚ୍ଚତାଧାରୀ ଗାର୍ଡ ତୁରନ୍ତ ଆବଶ୍ୟକ
ୟୁଥ୍ ଫୋର୍ସ ସିକ୍ୟୁରିଟି ସର୍ଭିସେସ୍
ନ୍ୟାଶନାଲ ଫାୟାର୍ କଲେଜ୍ ସାମ୍ନା, ରାଜନଗର, ନାଗପୁର
ମୋ. 9422313968, 8669698959

ASSISTANT REQUIRED
Qualification- +3 Arts (English language mode) Age 32 to 50 years, PGDCA & 2 wheeler Driving License optional/ preference. Monthly salary - up to Rs 16,000/- basing on merit to be finalised on interview. Annual increment scope available. Apply ( male or female) candidate mother tongue Odia with certificate copies and Aadhar card to Sriram Enterpriser, Red cross Road Bhanjanagar-761126
Phone/ Whatsapp: 9438572007

Job Opportunity at SB Sahoo & Co Pvt. Ltd., Bhubaneswar
Senior Marketing Executive-5 Positions, Junior Marketing Executive-5 Positions, Salary Negotiable.
Send your resume to sbsahoo11@gmail.com
Contact : 9437035347, 9437468247

WELDER REQUIRED
ମଞ୍ଚେଶ୍ୱର ଭୁବନେଶ୍ୱର
ୱେଲଡ଼ର ଆବଶ୍ୟକ।
Salary-12k to 17k
ଖାଇବା ରହିବା ସୁବିଧା ଅଛି।
Contact - 9124614403

# ଆଗୁଆ ଜାମିନ ଆବେଦନ ଖାରଜ

## ମାଲକାନଗିରିର ତତ୍କାଳୀନ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଆତ୍ମହତ୍ୟା ମାମଲା

କଟକ,୨୫।୪(କାର୍ତ୍ତିକ ସାହୁ)

ମାଲକାନଗିରିର ତତ୍କାଳୀନ ଜିଲାପାଳ ମନିଷ ଅଗ୍ରୱାଲଙ୍କ ଅଡୁଆ ବଢ଼ିଛି। ବ୍ୟକ୍ତିଗତ ସହାୟକ ଆତ୍ମହତ୍ୟା ମାମଲାରେ ତାଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏଥିସହ ତାଙ୍କର ଦୁଇ ସହଯୋଗୀ ଭି. ବେଣୁଗୋପାଳ ଓ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ଆଗୁଆ ଜାମିନ ଆବେଦନ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟ ବିଚାରପତି ଭି. ନରସିଂହଙ୍କ ଖଣ୍ଡପୀଠ ମାମଲାର ଅନ୍ୟ ଜଣେ ଅଭିଯୁକ୍ତ ଭଗବାନ ପାଣିଗ୍ରାହୀଙ୍କ ଆବେଦନକୁ ଗ୍ରହଣ କରି ୩ ସପ୍ତାହ ମଧ୍ୟରେ ନିମ୍ନ ଅଦାଲତରେ ଆତ୍ମସମପର୍ଣ କରି ଜାମିନ ପାଇଁ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ମାଲକାନଗିରିର ତତ୍କାଳୀନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଭାବେ ଦେବ ନାରାୟଣ ପଣ୍ଡା କାର୍ଯ୍ୟ କରୁଥିଲେ। ୨୦୧୯ ମେ’ ୨୭ରେ ସେ ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଥାନାରେ ଏ ନେଇ ପ୍ରଥମେ ମାମଲା ରୁଜୁ ହୋଇଥିଲା। ଏହାର ୨ଦିନ ପରେ ଦେବ ନାରାୟଣ ପଣ୍ଡାଙ୍କ ମୃତଦେହ ସତୀଗୁଡ଼ା ଡ୍ୟାମ ନିକଟରୁ ମିଳିଥିଲା।

# ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ବାହାନଗା,୨୫।୪
(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡା ଥାନା ମହାରାଜପୁର ପଞ୍ଚାୟତ ବୋଇତା ଗ୍ରାମରେ ଶୁକ୍ରବାର ଘଟିଛି ଏକ ଦୁଃଖଦ ଘଟଣା। ଉମେଶ ଯେନାଙ୍କ ୨ ବର୍ଷର ଶିଶୁକନ୍ୟା ଦୀପ୍ତିରେଖା ପୋଖରୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି।

ଶିଶୁକନ୍ୟାଟି ସକାଳ ପ୍ରାୟ ୯ଟା ବେଳେ ଘର ଅଗଣାରେ ଖେଳୁ ଖେଳୁ ପଡ଼ୋଶୀ ଘର ଆଡ଼କୁ ଚାଲିଯାଇଥିଲେ। କିଛି ସମୟ ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କେଉଁଠି ନ ପାଇ ଶେଷରେ ପଡୋଶୀ ଘର ଆଗରେ ଥିବା ପୋଖରୀ ପାଖକୁ ଯିବାରୁ ଝିଅ ପାଣିରେ ଭାସୁଥିବା ଦେଖିଥିଲେ। ତୁରନ୍ତ ଉଦ୍ଧାର କରି ପରିବାର ଲୋକେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
|---|---|---|
| DIGITAL MARKETING EXECUTIVES | • Well versed with Media Clients and Agencies for Digital Platforms.<br>• Must have retail, corporate client base.<br>• Capable to aggressively chase sales targets.<br>• Hands-on experience in content management.<br>• Drive new client acquisition.<br>• Proficiency in social media platforms.<br>• Should have 3-6 years + experience in Digital Marketing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ଦଲାଲଙ୍କ ହାତରେ କେନ୍ଦୁପତ୍ର ବ୍ୟବସାୟ

ମାଲକାନଗିରି,୨୫।୪
(ଦୁର୍ଯ୍ୟୋଧନ ପାତ୍ର)

**ମାଲକାନଗିରି ଜିଲା**
- ସରକାରଙ୍କ ପ୍ରୋତ୍ସାହନରୁ ବଞ୍ଚିତ ତୋଳାଳି
- ବେସରକାରୀ ସଂସ୍ଥା ନାମ ପରିବର୍ତ୍ତନ କରି ତୋଳାଳି ଓ ବିଭାଗକୁ ଠକୁଛନ୍ତି
- ବନ ବିଭାଗ-ପୋଲିସ ମଧ୍ୟରେ ରହୁନାହିଁ ସମନ୍ୱୟ

ବନ ବିଭାଗର ବିଭିନ୍ନ ଶାଖା ରାଜ୍ୟରେ କାର୍ଯ୍ୟ କରୁଛି। ସେଥିରୁ କେନ୍ଦୁପତ୍ର ବିଭାଗର ସମସ୍ତ କର୍ମକର୍ତ୍ତା ଓ କ୍ଷେତ୍ର କର୍ମଚାରୀ କେନ୍ଦୁପତ୍ର ସଂଗ୍ରହ ଦାୟିତ୍ୱ ନେଇଥାନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦୁପତ୍ର କେରିର ମୂଲ୍ୟ ଧାର୍ଯ୍ୟ କରାଯାଇଥାଏ। ଏଥିସହ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସମସ୍ତ ଯୋଗ୍ୟ କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକ, ସାମୟିକ କର୍ମଚାରୀଙ୍କ ପାଇଁ ବିଭିନ୍ନ ଜନ କଲ୍ୟାଣ ଯୋଜନା କରିଛନ୍ତି। ସାରା ରାଜ୍ୟରେ ସରକାରଙ୍କ ତରଫରୁ କେନ୍ଦୁପତ୍ର କିଣା ଯାଉଥିବା ବେଳେ ମାଲକାନଗିରି ଜିଲାରେ ବେସରକାରୀ ସଂସ୍ଥାକୁ କେନ୍ଦୁପତ୍ର ଖରିଦ ଅନୁମତି ଦିଆଯାଇଛି। ନବରଙ୍ଗପୁର ଜିଲାର ମାତ୍ର ଦୁଇଟି ଫଡ଼ି ପାଇଁ ୬ ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଥିବା ବେଳେ କଳାହାଣ୍ଡି ଜିଲାପାଇଁ ୧୦ ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଛି।

ମାଲକାନଗିରି ଜିଲାରେ ରାଜ୍ୟ ବାହାରର ବ୍ୟବସାୟୀମାନେ ସ୍ଥାନୀୟ ଦଲାଲମାନଙ୍କ ସହାୟତାରେ ବିଭିନ୍ନ ସଂସ୍ଥାରେ ପଞ୍ଜୀକରଣ କରି ପଞ୍ଚାୟତରେ ଲାଇସେନ୍ସ ପାଇଁ ଅର୍ଥ ଦେଇ ଅନୁମତି ନେଇଥାନ୍ତି। ଜିଲାର ୭ ବ୍ଲକର ସବୁ ପଞ୍ଚାୟତରେ ବେସରକାରୀ ସଂସ୍ଥା ଅର୍ଥ ପୈଠ ନ କରି କିମ୍ବା ଅନୁମତି ନ ନେଇ ମନଇଚ୍ଛା ଫଡ଼ି ଖୋଲି ତୋଳାଳିଙ୍କୁ ପ୍ରଥମେ ନଗଦ ଅର୍ଥ ଦେଇଥିବା ବେଳେ ଶେଷ ସପ୍ତାହର ଅର୍ଥ ବାକି ରଖି ପଳାଇ ଯାଇଥାନ୍ତି। ଏଥିସହ ବେସରକାରୀ ସଂସ୍ଥା ତୋଳାଳିମାନଙ୍କୁ କୌଣସି ପ୍ରୋତ୍ସାହନ ଦିଅନ୍ତି ନାହିଁ। ଫଳରେ ନିରୀହ ଆଦିବାସୀ ତୋଳାଳିମାନେ ଘରୋଇ ସଂସ୍ଥାକୁ ବିକ୍ରି କରିଥିବା ଅର୍ଥ ପାଇ ପାରନ୍ତି ନାହିଁ। ଜୟପୁର କେନ୍ଦୁପତ୍ର ବନଖଣ୍ଡ ଦ୍ୱାରା ମାଲକାନଗିରି ଜିଲା ୭ ବ୍ଲକର ବିଭିନ୍ନ ପଞ୍ଚାୟତରେ ପତ୍ର ସଂଗ୍ରହ ପାଇଁ ଅନୁମତି ଅଛି। କିନ୍ତୁ ପ୍ରାରମ୍ଭରେ ଭଲ ପତ୍ରଗୁଡିକ ଘରୋଇ ସଂସ୍ଥାମାନେ ନେଉଥିବା ବେଳେ ଖରାପ ପତ୍ର ସରକାରୀ ଫଡ଼ିରେ ଦେଇ ନାମକୁମାତ୍ର ସେମାନଙ୍କ ନାମ ପଞ୍ଜୀକରଣ କରନ୍ତି। ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେବା ସହ ବନ ନିଗମ ମାଧ୍ୟମରେ ଖରାପ ପତ୍ରର ମୂଲ୍ୟ କମ୍ ହେଉଥିବାରୁ ସରକାରଙ୍କ ରାଜସ୍ୱ ହ୍ରାସ ହୁଏ।

ଜୟପୁର କେନ୍ଦୁପତ୍ର ବନଖଣ୍ଡ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ମାଲକାନଗିରି ଜିଲା କେନ୍ଦୁପତ୍ରର ୬ ରେଞ୍ଜ ଯଥା ମାଥିଲି, କତାମେଟା, ମାଲକାନଗିରି, ବାଲିମେଳା, କାଳିମେଳା ଓ ଏମ୍‌ଭି ୭୯ରେ ୫୪ ଘରୋଇ ସଂସ୍ଥା କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି।

୨୦୨୪ରେ ମାଲକାନଗିରି ଜିଲାରେ ଉକ୍ତ ୬ ରେଞ୍ଜର ୩୭୩ ଫଡ଼ିରେ ୬୩୮୨୫ ଷ୍ଟାଣ୍ଡାର୍ଡ ବ୍ୟାଗ୍, ୭ କୋଟି ୯୭ ଲକ୍ଷ ୮୦ ହଜାର ୯୦୦ କେରି ଖରିଦ କରିଥିବା ବେଳେ ୯୮୭୧୧ ବସ୍ତା ସଂଗ୍ରହ କରାଯାଇ ୪୨୬୮୧ ତୋଳାଳିଙ୍କଠାରୁ ପତ୍ର କିଣାଯାଇଥିଲା। ସେହିପରି ୫୪ ବେସରକାରୀ ସଂସ୍ଥା ୧୫ କୋଟି ୨୪ ଲକ୍ଷ ୩୬ ହଜାର ୩୭୦ କେରି, ୧ଲକ୍ଷ ୨୧ ହଜାର ୯୪୭.୬୮୨ ଷ୍ଟାଣ୍ଡାର୍ଡ ବ୍ୟାଗ୍, ସମୁଦାୟ ୨ ଲକ୍ଷ ୩୧ ହଜାର ୫୭୯ ବସ୍ତା ଖରିଦ କରିଛନ୍ତି।

ସେହିପରି ୫୯୪ ଟ୍ରାନ୍‌ଜିଟ୍ ପର୍ମିଟ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଡିଏଫ୍‌ଓ, କେନ୍ଦୁପତ୍ର ମାଧ୍ୟମରେ ଦିଆଯାଇଛି। କିନ୍ତୁ ୫୯୪ ମଧ୍ୟରୁ କେତେ ବ୍ୟବହାର ହୋଇଛି, କେତେ ହୋଇନାହିଁ, ବ୍ୟବହାର ହୋଇ ନ ଥିବା ପର୍ମିଟକୁ ଫେରସ୍ତ ଦେବାପାଇଁ ଡିଏଫ୍‌ଓ କେନ୍ଦୁପତ୍ର ବାରମ୍ବାର କହିବା ଏବଂ ଚିଠି ନଂ.୭୫୨ / ୧୧।୩।୨୫ ଅନୁଯାୟୀ ଡିପିଓ, ମାଲକାନଗିରିଙ୍କୁ ମଗା ଯାଇଥିଲେ ମଧ୍ୟ ବହି ଫେରସ୍ତ ନ କରିବା ଓ ତା’ର ଉତ୍ତର ନ ଦେବା ସନ୍ଦେହ ସୃଷ୍ଟି କରିଛି।

ଅନ୍ୟପକ୍ଷରେ କେନ୍ଦୁପତ୍ର ସଂଗ୍ରହ ସମୟରେ ବନ ବିଭାଗ ଟେରିଟୋରିଆଲ, କେନ୍ଦୁପତ୍ର ବିଭାଗ ଓ ପୋଲିସ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ବେନିୟମ ଭାବେ ବେସରକାରୀ ସଂସ୍ଥା ଖରିଦ କରୁଥିବା କେନ୍ଦୁପତ୍ର ସମ୍ପର୍କରେ ଠିକ୍ ଭାବେ ଜାଣି ପାରୁନାହାନ୍ତି। ତେବେ ପୂର୍ବରୁ ବନ ବିଭାଗ ଦ୍ୱାରା ରାଜ୍ୟର ବିଭିନ୍ନ ଜଙ୍ଗଲ ଅଞ୍ଚଳ ମୁଖ୍ୟରାସ୍ତା ଗୁଡିକରେ ଯାଞ୍ଚ ଫାଟକ ଥିଲା। ସେହି ଫାଟକ ଦାୟିତ୍ୱରେ ଥିବା କର୍ମଚାରୀ ପରିବହନ ଗାଡି ଯାଞ୍ଚ କରୁଥିଲେ। କିନ୍ତୁ ବିଗତ ସରକାର ଏହି ଫାଟକଗୁଡ଼ିକୁ ଉଠାଇଦେବାରୁ ଯାଞ୍ଚ ହୋଇପାରୁ ନାହିଁ।

ଫଡ଼ିରୁ ଗୋଦାମକୁ ଆସିବା ପାଇଁ ଅନେକ ସଂସ୍ଥା ପର୍ମିଟ ଦେଉନାହାନ୍ତି କିମ୍ବା ଏହାକୁ ବନ ବିଭାଗ, ପୋଲିସ କେହି ଯାଞ୍ଚ କରୁନାହାନ୍ତି। ଏହାକୁ କଡ଼ାକଡ଼ି ଯାଞ୍ଚ ଏବଂ ମାଲକାନଗିରି କେନ୍ଦୁପତ୍ର ସଂଗ୍ରହ ସମ୍ବନ୍ଧରେ ଏକ ସିବିଆଇ ତଦନ୍ତ କରାଗଲେ ସମସ୍ତ ତଥ୍ୟ ପଦାକୁ ଆସିବ ବୋଲି ଦାବି ହେଉଛି। ପ୍ରତିବର୍ଷ କେନ୍ଦୁପତ୍ର ସଂଗ୍ରହ ଏବଂ ପରିଚାଳନା ସମ୍ବନ୍ଧରେ ରାଜ୍ୟସ୍ତରରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିର ଅଧକ୍ଷ ମୁଖ୍ୟମନ୍ତ୍ରୀ ଅଛନ୍ତି। ୨୦୧୪ରେ ରାଜ୍ୟ ସରକାରଙ୍କ ବନ ବିଭାଗ ଚିଠି ସଂଖ୍ୟା ୭୦ ଅନୁଯାୟୀ ଏହି କମିଟିରେ ମାଲକାନଗିରି ଜିଲାରେ ତୋଳାଳିମାନେ ତାଙ୍କ କେନ୍ଦୁପତ୍ରଗୁଡ଼ିକୁ ଯେକୌଣସି ବ୍ୟକ୍ତି କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିକ୍ରି କରିପାରିବେ। କିନ୍ତୁ ସେହି ବ୍ୟକ୍ତି ପଞ୍ଚାୟତରେ ପଞ୍ଜୀକରଣ କରିଥିବା ଆବଶ୍ୟକ ବୋଲି ଆଦେଶ ଥିଲା। କିନ୍ତୁ ଏହି କମିଟି ପ୍ରତିବର୍ଷ ବୈଠକରେ ଭିନ୍ନ ଭିନ୍ନ ସିଦ୍ଧାନ୍ତ ନେଉଥିଲା ବେଳେ ଅଦ୍ୟାବଧି କମିଟିର କୌଣସି ବୈଠକ ହୋଇନାହିଁ। ଫଳରେ ସେହି ପୁରୁଣା ଡାଞ୍ଚାରେ ବାହାର ରାଜ୍ୟର ବ୍ୟବସାୟୀମାନେ ସ୍ଥାନୀୟ ଲୋକମାନଙ୍କୁ ଧରି ପତ୍ର ଖରିଦ କରିବା ସହ ବିଭିନ୍ନ ଅନିୟମିତତା କରୁଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଜୟପୁର କେନ୍ଦୁପତ୍ର ଡିଭିଜନ ଡିଏଫଓ ଶରତ କୁମାର ସାହୁଙ୍କୁ ପଚାରିବାରୁ କେନ୍ଦୁପତ୍ର ଡିଭିଜନରେ ଅଧିକାରୀ ଏବଂ କର୍ମଚାରୀଙ୍କ ଅଭାବ ଥିଲା ବେଳେ ଚୋରା କେନ୍ଦୁପତ୍ର କିମ୍ବା ଘରୋଇ ସଂସ୍ଥାମାନଙ୍କ ଅନିୟମିତତା ଠିକ୍ ଭାବେ ଯାଞ୍ଚ କରାଯାଇ ପାରୁନାହିଁ। ଅନ୍ୟପକ୍ଷରେ କେନ୍ଦୁପତ୍ର ବିଭାଗର ଚୋରାମାଲ ଜବତ କିମ୍ବା ଅଭିଯୁକ୍ତଙ୍କୁ ଗିରଫ ଇତ୍ୟାଦି କ୍ଷମତା ନାହିଁ। ଯାହାକି ଟେରିଟୋରିଆଲ ଡିଏଫଓଙ୍କ କ୍ଷମତା ରହିଛି। ଅନ୍ୟପକ୍ଷରେ ମାଲକାନଗିରି କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ରଜନୀକାନ୍ତ ଷଡ଼ଙ୍ଗୀ ଏବଂ ଟେରିଟୋରିଆଲ ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ କହିଛନ୍ତି, ଘରୋଇ ସଂସ୍ଥାକୁ କେନ୍ଦୁପତ୍ର କିଣିବା ପାଇଁ କିଛି ଲିଖିତ ଚିଠି ଦିଆଯାଇ ନାହିଁ। ଏଥିସହ ଡିଏଫଓ କେନ୍ଦୁପତ୍ର ଏବଂ ଡିଏଫଓ ଟେରିଟୋରିଆଲଙ୍କ ମୌଖିକ ଆଦେଶ ଅନୁସାରେ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ସହ ସରକାରୀ ଫଡିରେ କେନ୍ଦୁପତ୍ର ବିକ୍ରିପାଇଁ ବିଭିନ୍ନ ଅଞ୍ଚଳରୁ ସଭାସମିତି କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଜିଲା ପଞ୍ଚାୟତ ଅଧିକାରୀ ନାରାୟଣ ସାହୁଙ୍କୁ ପଚାରିବାରୁ ଚଳିତବର୍ଷ ଯଦି କୌଣସି ବେସରକାରୀ ସଂସ୍ଥା ବେନିୟମ ଭାବେ କେନ୍ଦୁପତ୍ର ସଂଗ୍ରହ କରନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ମାଲକାନଗିରି ଡିଏଫଓ ଓ ସମସ୍ତ ବିଡିଓଙ୍କ ସହ ଆଲୋଚନା କରାଯାଇଛି, ବନବିଭାଗ କର୍ମଚାରୀ ବିଭିନ୍ନ ଅଂଚଳ ବୁଲି ତୋଳାଳିଙ୍କୁ ସଚେତନ କରୁଛନ୍ତି।


ଶ୍ରମିକମାନେ ସଂଗ୍ରହ କରିଥିବା କେନ୍ଦୁପତ୍ର ଶୁଖାଉଛନ୍ତି।

DADLS-
ଓଡ଼ିଶା ସରକାର

ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୬ ଅପ୍ରେଲ, ୨୦୨୫
ସକାଳ- ୮ ଘଟିକା ସମୟରେ ପରିବହନ ଭବନ ସମ୍ମୁଖ ଏଜି ଛକ, ଭୁବନେଶ୍ୱରସ୍ଥିତ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର
-ମୁଖ୍ୟ ଅତିଥି-
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
-ସମ୍ମାନନୀୟ ଅତିଥି-
ଶ୍ରୀ ଦାଶରଥି ଗମାଙ୍ଗୋ, ବିଧାୟକ, ମୋହନା
-ମୁଖ୍ୟବକ୍ତା-
ଶ୍ରୀ ସରୋଜ କୁମାର ସାମଲ, ଅବସରପ୍ରାପ୍ତ ପ୍ରଶାସକ ତଥା ସୁବକ୍ତା
-ଧନ୍ୟବାଦ ଅର୍ପଣ-
ଶ୍ରୀ ଦିଗ୍‌ବିଜୟ ନାଥ ପାଢୀ
ସଭାପତି, ପାରଳା ଗଜପତି ବିକାଶ ମଞ୍ଚ
ଭକ୍ତି ସଂଗୀତ ସଂସଦ, ପାରଳାଖେମୁଣ୍ଡିର କଳାକାରମାନଙ୍କ ଦ୍ୱାରା ଭକ୍ତି ସଂଗୀତ ପରିବେଷଣ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

# କେରଳ-ବାଗାନ, ଗୋଆ-ପଞ୍ଜାବ କ୍ୱାର୍ଟର ଫାଇନାଲ

**କଳିଙ୍ଗ ସୁପର କପ୍‌**

ଭୁବନେଶ୍ୱର, ୨୫।୪ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍‌ର ପ୍ରଥମ ଦୁଇ କ୍ୱାର୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସଙ୍କୁ ଭେଟିବ ମୋହନବାଗାନ ସୁପର ଜାଏଣ୍ଟ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଏଫ୍‌ସି ଗୋଆ ଓ ପଞ୍ଜାବ ଏଫ୍‌ସି ମଧ୍ୟରେ ମୁକାବିଲା ହେବ। କେରଳ ବ୍ଲାଷ୍ଟର୍ସ ଏହାର ପୂର୍ବ ମ୍ୟାଚରେ ଇଷ୍ଟ ବେଙ୍ଗଲକୁ ୨-୦ରେ ହରାଇ ଆଗକୁ ବଢ଼ିଛି। ଅନ୍ୟପକ୍ଷରେ ଚର୍ଚ୍ଚିଲ ବ୍ରଦର୍ସ ଓହରିଯିବାରୁ ୱାକ୍‌ଓଭର ପାଇ ମୋହନ ବାଗାନ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ତେଣୁ ଚଳିତ ଟୁର୍ନାମେଣ୍ଟରେ ମୋହନବାଗାନ ଏହାର ପ୍ରଥମ ମ୍ୟାଚ୍ ଖେଳିବ। ଉଭୟ ଦଳ ସେମିଫାଇନାଲ ପ୍ରବେଶ ଲକ୍ଷ୍ୟ ରଖିଥିବାରୁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ଆଶା ରହିଛି।

ଅନ୍ୟପକ୍ଷରେ ଘରୋଇ ଓଡ଼ିଶା ଏଫ୍‌ସିକୁ ୩-୦ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିବା ପଞ୍ଜାବ ଏଫ୍‌ସି ମନୋବଳ ବେଶ୍ ଉପରେ ରହିଛି। ପୂର୍ବ ମ୍ୟାଚ୍‌ରେ ଏହି ଦଳ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଅନ୍ୟପକ୍ଷରେ ଏଫ୍‌ସି ଗୋଆ ୩-୦ରେ ଆଇ ଲିଗ୍ ଦଳ ଗୋକୁଲମ୍ କେରଳକୁ ହରାଇ ଆଗକୁ ବଢ଼ିଛି। ଗୋଆ ବିପକ୍ଷରେ ପରାଜୟ ଧାରା ଭାଙ୍ଗିବା ମଧ୍ୟ ପଞ୍ଜାବ ଏଫ୍‌ସି ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଇଣ୍ଡିଆନ ସୁପର ଲିଗ୍ ସିଜନରେ ପଞ୍ଜାବ ଦଳ ଗୋଆରେ ୧-୨ ଓ ଦିଲ୍ଲୀରେ ୦-୧ରେ ଶକ୍ତିଶାଳୀ ଗୋଆ ନିକଟରୁ ପରାଜିତ ହୋଇଥିଲା। ଗୋକୁଲମ୍ କେରଳ ବିପକ୍ଷରେ ଗୋଆ ଦଳର ଇକର ଗୁରୋକ୍ସେନା ଭାଲେଜୋ ଏକାକୀ ୩ଟି ଗୋଲ ଦେଇ ହାଟ୍ରିକ୍ ଅର୍ଜନ କରିଥିଲେ। ତେଣୁ ଆଗାମୀ ମ୍ୟାଚ୍‌ରେ ଇକରଙ୍କ ଉପରେ ନିଶ୍ଚିତ ପଞ୍ଜାବ ଦଳର ନଜର ରହିବ।



ଇକର ଗୁରୋକ୍ସେନା ଭାଲେଜୋ


କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିବା ଏଫ୍‌ସି ଗୋଆ ଦଳର ଅଭ୍ୟାସ।

**କଳିଙ୍ଗ ସୁପର କପ୍‌**

(ଆଜିର ମ୍ୟାଚ୍)
**କେରଳ ବ୍ଲାଷ୍ଟର୍ସ**
**ବନାମ**
**ମୋହନବାଗାନ**
ସମୟ: ଅପରାହ୍ନ ୪.୩୦

**ଏଫ୍‌ସି ଗୋଆ**
**ବନାମ**
**ପଞ୍ଜାବ ଏଫ୍‌ସି**
ସମୟ: ରାତି ୮.୦୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

# ଯାଜପୁର, ରାଉରକେଲା, କେନ୍ଦୁଝର, କିଟ୍, ଜଗତ୍‌ସିଂହପୁର ଓ ମାଲକାନଗିରି ବିଜୟୀ


ଇନ୍ଦ୍ରାଣୀ ଛତ୍ରିଆ


ସୁଚିସ୍ମିତା ପଣ୍ଡା


ସଙ୍ଗୀତା ଖାଡ଼ିଆ

ଭୁବନେଶ୍ୱର, ୨୫।୪(ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍ ଗୁଡ଼ିକରେ ଯାଜପୁର, ରାଉରକେଲା, କେନ୍ଦୁଝର, କିଟ୍, ଜଗତ୍‌ସିଂହପୁର ଓ ମାଲକାନଗିରି ସେମାନଙ୍କ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଯାଜପୁର କେନ୍ଦ୍ରାପଡ଼ାକୁ ୧୪୫ ରନ୍‌ରେ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ସୁଚିସ୍ମିତା ପଣ୍ଡାଙ୍କ ଅପରାଜିତ ୭୮(୫୫ ବଲ୍) ରନ୍ ବଳରେ ୪ ଉଇକେଟ ବିନିମୟରେ ୧୮୭ ରନ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ନିର୍ଦ୍ଧାରିତ ଓଭରରେ ୯ ଉଇକେଟରେ ମାତ୍ର ୪୨ ରନ୍ କରିଥିଲା। ବିଜୟୀ ଦଳର ସୁଚିସ୍ମିତା ପଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସେ ୭୮ ରନ୍ କରିବା ସହ ୨ଟି ଉଇକେଟ ମଧ୍ୟ ନେଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଗଞ୍ଜାମ ବିପକ୍ଷରେ ରାଉରକେଲା ୧୨୨ ରନ୍‌ରେ ବିଜୟ ଲାଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୩ ଉଇକେଟରେ ୧୮୪ ରନ କରିଥିଲା। ସଙ୍ଗୀତା ଖାଡ଼ିଆ ୫୫ ଓ ନିଧି ସିଂ ଅପରାଜିତ ୫୦ ରନ କରିଥିଲେ। ଗଞ୍ଜାମ ୮ ଉଇକେଟରେ ୬୨ ରନ୍ କରି ହାରିଯାଇଥିଲା। ଏଥିରେ ସଙ୍ଗୀତା ଖାଡ଼ିଆ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ଅର୍ଦ୍ଧଶତକ ହାସଲ କରିବା ସହ ୨ଟି ଉଇକେଟ ନେଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ନୂଆପଡ଼ା ବିପକ୍ଷ ମ୍ୟାଚ୍‌ରେ କେନ୍ଦୁଝର ୧୦ ଉଇକେଟରେ ସହଜ ବିଜୟ ହାସଲ କରିଛି। ଏଥିରେ ନୂଆପଡ଼ା ମାତ୍ର ୧୧ ରନ୍ କରିଥିବା ବେଳେ କେନ୍ଦୁଝର .୫ ଓଭରରେ ବିନା କୌଣସି ଉଇକେଟରେ ୧୨ ରନ୍ କରି ମ୍ୟାଚ୍ ଜିତିନେଇଥିଲା। ଏଥିରେ ପୂର୍ଣ୍ଣିମା ରାୟ (୩-୨-୩-୩) ଶ୍ରେଷ୍ଠ ବୋଲିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡରେ ଢେଙ୍କାନାଳ ବିପକ୍ଷରେ କିଟ୍ ୧୦ ଉଇକେଟରେ ବିଜୟୀ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରି ଢେଙ୍କାନାଳ ମାତ୍ର ୨୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଜବାବରେ କିଟ୍ ବିନା କୌଣସି ଉଇକେଟରେ ୩୧ ରନ୍ କରି ମ୍ୟାଚକୁ ଏକତରଫା ଜିତି ନେଇଥିଲା। ବିଜୟୀ ଦଳର ଇନ୍ଦ୍ରାଣୀ ଛତ୍ରିଆ (୩-୧-୩-୨) ଚମତ୍କାର ବୋଲିଂ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଜଗତ୍‌ସିଂହପୁର ୯ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। ଏଥିରେ କଳାହାଣ୍ଡି ମାତ୍ର ୩୩ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଜଗତ୍‌ସିଂହପୁର ୧ ଉଇକେଟ ବିନିମୟରେ ୩୭ ରନ କରି ମ୍ୟାଚରେ ବିଜୟ ଲାଭ କରିଥିଲା। ଏଥିରେ ଚମତ୍କାର ବୋଲିଂ କରି ବର୍ଷା ପଣ୍ଡା (୩-୦-୪-୩) ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ମାଲକାନଗିରି ୬ ଉଇକେଟର ବୌଦ୍ଧକୁ ହରାଇ ଦେଇଛି। ଏଥିରେ ବୌଦ୍ଧ ଦଳ ପ୍ରଥମେ ବ୍ୟାଟିଂକରି ୭ ଉଇକେଟରେ ୧୦୦ ରନ କରିଥିଲା। ଜବାବରେ ମାଲକାନଗିରି ୧୭.୩ ଓଭରରେ ୪ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିରେ ଅନୁଷ୍କା ମିଶ୍ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେ ୨୮ରନ କରି ଅପରାଜିତ ରହିବା ସହ ୮ ରନ ବିନିମୟରେ ୨ଟି ଉଇକେଟ ନେଇଥିଲେ।

# ମହିଳା ଆଥ୍‌ଲେଟଙ୍କ ସଂଖ୍ୟା ଅଧିକ

**ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ**

ଜେନେଭା, ୨୫।୪ (ଏପି)

ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ-୨୦୨୮ରେ ପୁରୁଷଙ୍କ ତୁଳନାରେ ମହିଳା ଆଥ୍‌ଲେଟଙ୍କ ସଂଖ୍ୟା ଅଧିକ ହେବ। ଫୁଟ୍‌ବଲରେ ପ୍ରଥମ ଥର ପୁରୁଷ ତୁଳନାରେ ମହିଳା ଟୁର୍ନାମେଣ୍ଟରେ ଅଧିକ ସଂଖ୍ୟାରେ ମହିଳା ଦଳ ଅଂଶଗ୍ରହଣ କରିବେ। ଏଥିରେ ୧୬ଟି ଦେଶର ମହିଳା ଫୁଟ୍‌ବଲ ଦଳ ଭାଗ ନେବାକୁ ଥିବାବେଳେ ମାତ୍ର ୧୨ଟି ପୁରୁଷ ଦଳ ଅଂଶଗ୍ରହଣ କରିବେ। ସେ ତୁଳନାରେ ପ୍ୟାରିସ୍ ଅଲିମ୍ପିକ୍ସରେ ୧୬ ପୁରୁଷ ଦଳ ଓ ୧୨ ମହିଳା ଟୁର୍ନାମେଣ୍ଟରେ ୧୨ ଦଳ ଭାଗ ନେଇଥିଲେ। ଏହି ନିଷ୍ପତ୍ତି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର କାର୍ଯ୍ୟନିର୍ବାହୀ ପରିଷଦ ନିଷ୍ପତ୍ତି ଗ୍ରହଣ କରିଛି। ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ମହିଳା ଆଥ୍‌ଲେଟଙ୍କ ସଂଖ୍ୟା ୫,୩୩୩ ବା ୫୦.୭% ରହିଥିବା ବେଳେ ପୁରୁଷ ବିଭାଗରେ ଏହି ସଂଖ୍ୟା ୫,୧୬୭ ରହିଛି, ଯାହା ହେଉଛି ୪୯.୩%। ଗତ ମାସରେ କିର୍ଷ୍ଟି କୋଭେଣ୍ଟ୍ରି ସଭାପତି ଭାବେ ନିର୍ବାଚିତ ହେବା ପରେ ପ୍ରଥମଥର ପାଇଁ ଲାଉସାନେଠାରେ ଅନୁଷ୍ଠିତ ଏକ ଅନ୍‌ଲାଇନ ବୋର୍ଡ ବୈଠକରେ ମହିଳା ଖେଳାଳିଙ୍କ ଲାଗି ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। କୋଭେଣ୍ଟ୍ରି ଆସନ୍ତା ଜୁନ୍‌ରେ ତାଙ୍କ ମେଣ୍ଟର ଥୋମାସ୍ ବ୍ୟାକ୍‌ଙ୍କ ସ୍ଥାନରେ ୧୩୧ ବର୍ଷର ଇତିହାସରେ ଆଇଓସିର ପ୍ରଥମ ମହିଳା ସଭାପତିଭାବେ ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରିବେ। ୱାଟର ପୋଲୋରେ ଦୁଇଟି ଅଧିକ ମହିଳା ଦଳ ଯୋଗ କରାଯାଇଛି। ଫଳରେ ଲସ୍‌ଏଞ୍ଜେଲ୍ସରେ ପୁରୁଷ ଭଳି ମହିଳା ୱାଟର ପୋଲୋରେ ୧୨ ଦେଶ ଅଂଶଗ୍ରହଣ କରିବେ। ସେହିପରି ବକ୍ସିଂରେ ମହିଳା ଓଜନ ଶ୍ରେଣୀରେ ଗୋଟିଏ ବୃଦ୍ଧି କରାଯାଇ ପୁରୁଷ ଲାଇନ୍‌ଅପ୍ ସହ ସମାନ କରାଯାଇଛି। ଅର୍ଥାତ୍ ଏଥିରେ ଉଭୟ ବର୍ଗରେ ୭ଟି ପଦକ ଇଭେଣ୍ଟ ରହିବ। ଏହି ପରିପ୍ରେକ୍ଷୀରେ ଆଇଓସି କ୍ରୀଡ଼ା ନିର୍ଦ୍ଦେଶକ କିଟ୍ ମ୍ୟାକ୍ କୋନେଲ କହିଛନ୍ତି, ଆମ ପାଇଁ ଲିଙ୍ଗଗତ ସମାନତା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ।

ଧରିତ୍ରୀ 51 Years

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୬/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, April 26/2025 | Page 16 | ₹ 7.00 | DHENKANAL

୫୧ଶ ଭାଗ ୧୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 151 | ମୂଲ୍ୟ₹୭/-


## ଆସନ୍ତା ମାସରେ ଲକ୍ଷେ ଘର ବାଣ୍ଟିବେ ସରକାର: ମନ୍ତ୍ରୀ ନାଏକ

ଭୁବନେଶ୍ୱର,୨୫।୪(ସୁନିତ୍ ମିଶ୍ର)

ରାଜ୍ୟରେ ଆଉ ଲକ୍ଷେ ଘର ବାଣ୍ଟିବେ ରାଜ୍ୟ ସରକାର। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଲକ୍ଷେ ହିତାଧିକାରୀଙ୍କୁ ସରକାର ସାମିଲ କରିବାକୁ ଯୋଜନା କରିଛନ୍ତି। ଏହି ସମସ୍ତ ହିତାଧିକାରୀଙ୍କୁ ପକ୍କାଘର ପ୍ରଦାନ କରିବାକୁ ଯୋଜନା କରାଯାଇଛି। ଆସନ୍ତା ମାସରେ ଏହି ଲକ୍ଷେ ଘର ବଣ୍ଟାଯିବ। ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା। ମେ ମାସ ଶେଷ ପର୍ଯ୍ୟନ୍ତ ଆବାସ ସର୍ଭେ ଚାଲିବ। ଏବେ ସୁଦ୍ଧା ୨୯ ଲକ୍ଷ ହିତାଧିକାରୀ ସର୍ଭେରେ ଯୋଡି ହେଲେଣି। ଏଥିରେ ଯୋଡି ହେବା ଲାଗି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ବୋଲି ମନ୍ତ୍ରୀ ରବି ନାଏକ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ପକ୍କାଘର ପାଇବାକୁ ବହୁ ହିତାଧିକାରୀ ଅପେକ୍ଷା କରି ବସିଛନ୍ତି। ଗତ ସରକାର ସମୟରେ ପକ୍କାଘରକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବହୁ ପ୍ରକାର ସମସ୍ୟା ବିଷୟ ଅନେକ ସମୟରେ ଚର୍ଚ୍ଚାକୁ ଆସୁଥିଲା। ହେଲେ ରାଜ୍ୟରେ ଭାଜପା ସରକାର ଆସିବା ପରେ ସବୁ ଯୋଗ୍ୟ ହିତାଧିକାରୀମାନଙ୍କୁ ପକ୍କାଘର ମିଳିବ ବୋଲି ଘୋଷଣା କରାଯାଇଛି। ସେହିକ୍ରମରେ ଏଥର କେନ୍ଦ୍ର ସରକାର ମଧ୍ୟ ରାଜ୍ୟରେ ଯେତେ ଘର ଆବଶ୍ୟକ ସେତେ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ମନ୍ତ୍ରୀ ନାଏକ ପୂର୍ବରୁ ସୂଚନା ଦେଇଥିଲେ।

# ଓଡ଼ିଶା ଭାରତର ଇସ୍ପାତ ରାଜଧାନୀ

### ଇଣ୍ଡିଆ ଷ୍ଟିଲ୍ ସମ୍ମିଳନୀରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)



ମୁମ୍ବାଇର ବମ୍ବେ ପ୍ରଦର୍ଶନୀ କେନ୍ଦ୍ରଠାରେ ଶୁକ୍ରବାର 'ଇଣ୍ଡିଆ ଷ୍ଟିଲ-୨୦୨୫' ରାଉଣ୍ଡ୍ ଟେବୁଲ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଫିକି ସହଯୋଗରେ ମୁମ୍ବାଇର ବମ୍ବେ ପ୍ରଦର୍ଶନୀ କେନ୍ଦ୍ରଠାରେ ଶୁକ୍ରବାର 'ଇଣ୍ଡିଆ ଷ୍ଟିଲ-୨୦୨୫' ରାଉଣ୍ଡ୍ ଟେବୁଲ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଛନ୍ତି। ସମୃଦ୍ଧ ଓଡ଼ିଶା ବିଷୟବସ୍ତୁ ଅନ୍ତର୍ଗତ ଓଡ଼ିଶାର ଇସ୍ପାତ ପ୍ରବୃତ୍ତି ଏବଂ ଭବିଷ୍ୟତର ଦୃଷ୍ଟିକୋଣ ନେଇ ହୋଇଥିବା ଆଲୋଚନାରେ ଇସ୍ପାତ ଉତ୍ପାଦନ ଏବଂ କଞ୍ଚାମାଲ ଯୋଗାଣର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇସ୍ପାତ ଏବଂ ଧାତୁ କ୍ଷେତ୍ରରେ ଓଡ଼ିଶାର ରଣନୈତିକ ପଦକ୍ଷେପ ସମ୍ପର୍କରେ ଶିଳ୍ପପତିଙ୍କ ନିକଟରେ ତଥ୍ୟ ଉପସ୍ଥାପନ କରିଥିଲେ। ଭାରତର ଇସ୍ପାତ ରାଜଧାନୀ ଭାବରେ ଓଡ଼ିଶାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଲେ, ଭାରତର ସର୍ବାଧିକ ଲୁହାପଥର ଉତ୍ପାଦନକାରୀ ରାଜ୍ୟ ହେଉଛି ଓଡ଼ିଶା। ଏହା ଦେଶର ୫୫% ରୁ ଅଧିକ ଲୁହାପଥର ଉତ୍ପାଦନରେ ଯୋଗଦାନ ଦେଇଥାଏ। ଓଡ଼ିଶାରେ ଇସ୍ପାତ ଏବଂ ସହଯୋଗୀ କ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଶିଳ୍ପଗୁଡିକର ସୁଗମ କାର୍ଯ୍ୟ ତଥା କାର୍ଯ୍ୟକଳାପକୁ ସୁନିଶ୍ଚିତ କରିବା ପାଇଁ ଏକ ଉଚ୍ଚ ସ୍ତରୀୟ ଟାସ୍କଫୋର୍ସ କାର୍ଯ୍ୟ କରୁଛି। କଞ୍ଚାମାଲ ଏବଂ ବାଧାମୁକ୍ତ ଜମି ସୁରକ୍ଷିତ ରଖିବାଠାରୁ ଆରମ୍ଭ କରି ସଡକ ଓ ରେଳପଥ ମାଧ୍ୟମରେ ସଂଯୋଗକୁ ସୁନିଶ୍ଚିତ କରିବା ତଥା ଶକ୍ତି ଓ ଜଳ ଭଳି ଉପଯୋଗିତା ଯୋଗାଇବା ପର୍ଯ୍ୟନ୍ତ ଆବଶ୍ୟକତା ପୂରଣ କରିବାରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ସମ୍ମିଳନୀରେ ମୁମ୍ବାଇସ୍ଥିତ ଇସ୍ପାତ ଶିଳ୍ପରୁ ୨୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ, ଏମଏନ୍ଏସ୍, ଜେଏସ୍ଡବ୍ଲ୍ୟୁ, ଜେଏସ୍ଏଲ୍ ଏବଂ ସେଲ୍ ଭଳି ଅଗ୍ରଣୀ କମ୍ପାନୀଗୁଡ଼ିକର ଶିଳ୍ପପତିମାନେ ଓଡ଼ିଶା ପାଇଁ ସେମାନଙ୍କ ଦାୟିତ୍ୱ ଓ ବିକାଶ ଯୋଜନା ସମ୍ପର୍କରେ ମତ ଦେଇଥିଲେ। କଲ୍ୟାଣୀ ଇସ୍ପାତ, ଶ୍ୟାମ୍ ଷ୍ଟିଲ, ଶ୍ରୀ ମେଟାଲିକ, କାଲଡେରିସ ଇଣ୍ଡିଆ, ସର୍ଭେ ରେଫ୍ରାକ୍ଟୋରି ସମେତ ଅନ୍ୟ ଅଗ୍ରଣୀ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନା କରିଥିଲେ। କୋଇଲା ଶିଳ୍ପ ବିକାଶ ଓ ଶକ୍ତି ମନ୍ତ୍ରଣାଳୟ ନିର୍ଦ୍ଦେଶକ ବବିଲେଭ ପେଟ୍ର, ରୁଷିଆ ବାଣିଜ୍ୟ ଆୟୋଗର ତୈଳ ଓ ଗ୍ୟାସ ବିଭାଗର ମୁଖ୍ୟ ଆର୍ଟେମ ଉକୋଲୋଭ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ୨ଟି ବୈଠକରେ ଦୁଇ ସରକାରଙ୍କ ମଧ୍ୟରେ ସମ୍ଭାବ୍ୟ ସହଯୋଗ ସୁଯୋଗ ଉପରେ କଥା ହୋଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ଅନ୍ୟାନ୍ୟ କ୍ଷେତ୍ରର ଶିଳ୍ପ ଅଂଶୀଦାରଙ୍କ ସହ ମଧ୍ୟ ବୈଠକ କରିଥିଲେ। ଇଣ୍ଡିଆନ କେମିକାଲ କାଉନ୍ସିଲ (ଆଇସିସି), ଡୋ କେମିକାଲ୍ସ, ଏପସିଲନ କାର୍ବନ, କୋଠାରି ପେଟ୍ରୋକେମିକାଲ୍ସ, ଦୀପକ ଫର୍ଟିଲାଇଜର୍ ଆଦି ରାସାୟନିକ କମ୍ପାନୀଗୁଡିକର ପ୍ରତିନିଧିମାନେ ନିଜ ସମ୍ଭାବ୍ୟ ନିବେଶ ଏବଂ ବିସ୍ତାର ଯୋଜନା ଉପରେ ଆଲୋଚନା କରିଥିଲେ।

# ରାଜ୍ୟରେ ୪୩ ନୂଆ ସିଭିଲ ଜଜ୍ କୋର୍ଟ

ଭୁବନେଶ୍ୱର,୨୫।୪(ସୁନିତ୍ ମିଶ୍ର)




ରାଜ୍ୟରେ ୪୬ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍) ଗଠିତ ହୋଇଛି। ପୂର୍ବରୁ ୩ଟି ହୋଇଥିବା ବେଳେ ଶୁକ୍ରବାର ଆଉ ୪୩ଟି କରାଯାଇଛି। ଏହି କୋର୍ଟଗୁଡିକ ବାଲେଶ୍ୱର ଜିଲାର ବାଲିଆପାଳ, ସିମୁଳିଆ, ସୋରୋ, ବାହାନଗା ଓ ଜଳେଶ୍ୱର, ସମ୍ବଲପୁର ଜିଲାର ରେଙ୍ଗାଲି, ବାମରା, କୁଚିଣ୍ଡା ଓ ଜମନକିରା, ରାୟଗଡ଼ା ଜିଲାର ରାୟଗଡା, ପୁରୀ ଜିଲାର ସତ୍ୟବାଦୀ, କେନ୍ଦୁଝର ଜିଲାର ସହରପଡ଼ା ଓ ହରିଚନ୍ଦନପୁର, ମୟୂରଭଞ୍ଜ ଜିଲାର ବହଳଦା, ରରୁଆଁ, ବିଶୋଇ ଓ ବାରିପଦା, ଜଗତ୍ସିଂହପୁର ଜିଲାର ବାଲିକୁଦା ଓ ନୂଆଗାଁ, ସୁନ୍ଦରଗଡ଼ ଜିଲାର ବାଲିଶଙ୍କରା, ଲେଫ୍ରିପଡ଼ା, ବରଗାଁ ଓ କୁଆଁରମୁଣ୍ଡା, କଟକ ଜିଲାର ବାରଙ୍ଗ ଓ କଣ୍ଟାପଡ଼ା, ସୋନପୁର ଜିଲାର ଉଲୁଣ୍ଡା, ବରଗଡ଼ ଜିଲାର ଭଟଲି, ଝାରସୁଗୁଡ଼ା ଜିଲାର କୋଲାବିରା, ଖୋର୍ଦ୍ଧା ଜିଲାର ବାଣପୁର, କୋରାପୁଟ ଜିଲାର ପଟାଙ୍ଗୀ, ଯାଜପୁର ଜିଲାର ରସୁଲପୁର, କୋରେଇ ଓ ଧର୍ମଶାଳା, କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ, କନ୍ଧମାଳ ଜିଲାର ଟିକାବାଲି, କେ. ନୂଆଗାଁ ଓ ଖଜୁରିଆପଡ଼ା, ଭଦ୍ରକ ଜିଲାର ତିହିଡ଼ି, ମାଲକାନଗିରି ଜିଲାର ଖଇରପୁଟ, ଢେଙ୍କାନାଳ ଜିଲାର ଢେଙ୍କାନାଳ, ବଲାଙ୍ଗୀର ଜିଲାର ପାଟଣାଗଡ ଏବଂ ଗଞ୍ଜାମ ଜିଲାର କୁକୁଡ଼ାଖଣ୍ଡି, ଧରାକୋଟ ଓ ଗଞ୍ଜାମ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟଗୁଡିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ୪୬ଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର(ଜୁରିସ୍ଡିକ୍ସନ) ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟଗୁଡିକର ଅଧିକାର ସମାପ୍ତ ହେଲା ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ଉପୋରକ୍ତ ୪୬ଟି ନୂତନ ସିଭିଲ୍ ଜଜ୍ କୋର୍ଟ ମଧ୍ୟରୁ ୩ଟିର ଘୋଷଣା କରାଯାଇସାରିଥିଲା। ସୁନ୍ଦରଗଡ ଜିଲାର ଲେଫ୍ରିପଡ଼ା,ସମ୍ବଲପୁର ଜିଲାର ରେଙ୍ଗାଲି ଏବଂ ବାଲେଶ୍ୱର ଜିଲାର ବାଲିଆପାଳଠାରେ ନୂଆ ସିଭିଲ୍ ଜଜ୍ କୋର୍ଟ ଗଠିତ ହୋଇସାରିଛି।


DSPL-43

ଓଡ଼ିଶା ଶାସନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବିଶ୍ୱ ପ୍ରାଣିଚିକିତ୍ସା ଦିବସ-୨୦୨୫

### ପ୍ରାଣିସ୍ୱାସ୍ଥ୍ୟ ପାଇଁ ମିଳିତ ପ୍ରଚେଷ୍ଟା

- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗାଈ ଓ ମଈଁଷି ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି
- ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା କ୍ଲିନିକ୍ ମାଧ୍ୟମରେ ଗାଁ ଗାଁ ରେ ପ୍ରାଣିସ୍ୱାସ୍ଥ୍ୟ ସେବା
- ଗୋମାତା ଯୋଜନାରେ ପ୍ରାଣିସ୍ୱାସ୍ଥ୍ୟସେବାର ସୁଦୃଢ଼ୀକରଣ
- ବୁଲା ଗାଈଗୋରୁଙ୍କ ପାଇଁ ଗୋଶାଳା ପ୍ରତିଷ୍ଠାରେ ୫୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା

୨୬ ଏପ୍ରିଲ ୨୦୨୫
କନ୍ଭେନ୍ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର


ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment @farddepartment

OIPR-

# ଆତଙ୍କବାଦୀଙ୍କୁ ପାଳିଛୁ: ପାକିସ୍ତାନ ମାନିଲା

ନୂଆଦିଲ୍ଲୀ,୨୫।୪



ଖ୍ୱାଜା ମହମ୍ମଦ ଆସିଫ୍

ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ଆକ୍ରମଣ ସକାଶେ ପାଣ୍ଠି ଯୋଗାଉଥିବା ବିଷୟ ପାକିସ୍ତାନ ସ୍ୱୀକାର କରିଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ୍ କହିଛନ୍ତି, ଆମେରିକା ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ତାଙ୍କ ଦେଶ ଏହି 'ଭୁଲ୍ କାର୍ଯ୍ୟ' କରିଛି। ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣରେ ପାକିସ୍ତାନୀ ଆତଙ୍କବାଦୀଙ୍କ ସମ୍ପୃକ୍ତି ନେଇ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଥିବାବେଳେ ଆସିଫ୍ ଏଭଳି ମନ୍ତବ୍ୟ ଦେଇଛନ୍ତି।

ବ୍ରିଟିଶ୍ ନ୍ୟୁଜ୍ ନେଟ୍‌ୱର୍କ ସ୍କାଏ ନ୍ୟୁଜ୍‌କୁ ସାକ୍ଷାତ୍‌କାର ଦେବାବେଳେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍‌ଙ୍କୁ ପ୍ରଶ୍ନ କରାଯାଇଥିଲା, ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ସମର୍ଥନ, ସହାୟତା, ତାଲିମ ଓ ପାଣ୍ଠି ଯୋଗାଣ କରିବା ନେଇ ପାକିସ୍ତାନର ଲମ୍ବା ଇତିହାସ ରହିଛି। ଏହାକୁ ଆପଣ ସ୍ୱୀକାର କରିବେ କି? ଏହାର ଉତ୍ତରରେ ଆସିଫ୍ କହିଥିଲେ, ସୋଭିଏଟ୍-ଆଫଗାନ୍ ଯୁଦ୍ଧ ଏବଂ ୯/୧୧ ଆକ୍ରମଣ ପରେ ଆମେ ଆମେରିକା ପାଇଁ ଏହି 'ଭୁଲ୍ କାର୍ଯ୍ୟ' କରିଆସୁଛୁ। ବିଗତ ୩ ଦଶନ୍ଧି ଧରି ଆମେରିକା, ପାଶ୍ଚାତ୍ୟ ଓ ବ୍ରିଟେନ୍ ପାଇଁ ମଧ୍ୟ କରିଛୁ। ଏଭଳି ଭୁଲ୍ ଯୋଗୁ ପାକିସ୍ତାନକୁ ଫଳ ଭୋଗିବାକୁ ପଡ଼ିଛି। ତେବେ ସୋଭିଏଟ୍-ଆଫଗାନ୍ ଯୁଦ୍ଧ ଏବଂ ୯/୧୧ ପରେ ତାଲିବାନ୍ ବିରୋଧରେ ଆମେରିକା ନେତୃତ୍ୱାଧୀନ ଯୁଦ୍ଧରେ ପାକିସ୍ତାନ ସାମିଲ ହୋଇ ନ ଥିଲେ ଦେଶର ଟ୍ରାକ୍ ରେକର୍ଡ ନିଷ୍କଳଙ୍କ ରହିଥାଆନ୍ତା ବୋଲି ସେ କହିଛନ୍ତି।

## ପହଲଗାମ୍ ଆକ୍ରମଣରେ ହାଫିଜ୍ ସୟିଦ୍‌ଙ୍କ ଭୂମିକା



ହାଫିଜ୍ ସୟିଦ



ସୈଫୁଲ୍ଲା କସୁରି

ଏପ୍ରିଲ ୨୨ରେ ପହଲଗାମ୍‌ରେ ଆତଙ୍କବାଦୀମାନେ ଗୁଳିକରି ୨୬ ଜଣଙ୍କୁ ହତ୍ୟା କରିଥିବାବେଳେ ଏହି ଆକ୍ରମଣରେ ୨୦ରୁ ଊର୍ଦ୍ଧ୍ୱ ଭାରତୀୟ ଆହତ ହୋଇଛନ୍ତି। ସ୍ଥାନୀୟ ଆତଙ୍କବାଦୀଙ୍କ ସହାୟତାରେ ପାକିସ୍ତାନୀ ଆତଙ୍କବାଦୀମାନେ ଏହି ବର୍ବରକାଣ୍ଡ ଭିଆଇଥିବା ସାମ୍ନାକୁ ଆସିଛି। ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଲଶ୍କର-ଇ-ତୋଇବା (ଏଲ୍‌ଇଟି) ମୁଖ୍ୟ ହାଫିଜ୍ ସୟିଦ ଏହି ଆତଙ୍କବାଦୀମାନଙ୍କ ହ୍ୟାଣ୍ଡଲର ବୋଲି ସୁରକ୍ଷା ଏଜେନ୍ସିଗୁଡ଼ିକ ଜାଣିବାକୁ ପାଇଲେଣି।

ସୂତ୍ରରୁ ଜଣାପଡ଼ିଛି ଯେ, ଭାରତ ସରକାରଙ୍କ ପକ୍ଷରୁ ନିଷିଦ୍ଧ ଘୋଷିତ ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆର୍‌ଏଫ୍) ଉପତ୍ୟକାରେ ଦୀର୍ଘ ସମୟ ଧରି ସକ୍ରିୟ ରହିଛି। ସୋନ୍‌ମାର୍ଗ, ବୁଟା ପଥରି ଓ ଗନ୍ଦେରବଲ ସମେତ ଜମ୍ମୁ-କଶ୍ମୀରର ଅନେକ ଆକ୍ରମଣରେ ଏହି ଆତଙ୍କବାଦୀ ଗୋଷ୍ଠୀ ସମ୍ପୃକ୍ତ ରହିଛି। ହାଫିଜ୍ ସୟିଦ ଓ ତାଙ୍କ ଉପମୁଖ୍ୟ ସୈଫୁଲ୍ଲା କସୁରି ପାକିସ୍ତାନରେ ଥାଇ ପହଲଗାମ୍ ଆକ୍ରମଣର ଷଡ଼ଯନ୍ତ୍ର ରଚିଥିଲେ। ଦୁହେଁ ଆତଙ୍କବାଦୀମାନଙ୍କ ମନୋବଳ ବଢ଼ାଇବା ସହ ଅସ୍ତ୍ରଶସ୍ତ୍ର, ତାଲିମ ଦେଇଥିଲେ। ଏପରି କି କେଉଁ ବାଟ ଦେଇ ଭାରତକୁ ଅନୁପ୍ରବେଶ କରିବେ, କିପରି ଆକ୍ରମଣ କଲେ ଅଧିକ ଲୋକଙ୍କ ଜୀବନ ଯିବ ସେନେଇ ହାଫିଜ୍‌ଙ୍କ ଜରିଆରେ ପାକିସ୍ତାନୀ ସେନା ଏବଂ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ସବୁ ପ୍ରକାର ସହଯୋଗ କରିଥିଲା।

## ଆକ୍ରମଣରେ ସମ୍ପୃକ୍ତ ୨ ଲଶ୍କର ଆତଙ୍କବାଦୀଙ୍କ ଘର ଉଡ଼ାଇଦିଆଗଲା



ତ୍ରାଲରେ ଆତଙ୍କବାଦୀ ଆସିଫ୍‌ଙ୍କ ଘର ଭାଙ୍ଗିଦିଆଯାଇଛି।

ଶ୍ରୀନଗର,୨୫।୪

ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ଲଶ୍କର-ଇ-ତୋଇବାର ୨ ଜଣ ଆତଙ୍କବାଦୀଙ୍କ ଜମ୍ମୁ-କଶ୍ମୀରରେ ଥିବା ଘରକୁ ଗୁରୁବାର ରାତିରେ ବିସ୍ଫୋରଣ ଘଟାଇ ଏବଂ ବୁଲ୍‌ଡୋଜରରେ ଭାଙ୍ଗିଦିଆଯାଇଛି। ଲଶ୍କର ଆତଙ୍କବାଦୀ ଆଦିଲ ହୁସେନ ଠୋକର ଏବଂ ଅସିଫ୍ ଶେଖ୍‌ଙ୍କ ଘର ଭିତରେ ବିସ୍ଫୋରକ ରଖାଯାଇଥିବାବେଳେ ସୁରକ୍ଷା ବଳ ତଲାସି ନେଇଥିଲେ। ୨ଟି ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଠୋକରଙ୍କ ଘର ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲାରେ ଏବଂ ସେ ପହଲଗାମ୍ ଆକ୍ରମଣର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ। ସେହିପରି ଶେଖ୍‌ଙ୍କ ଘର ପୁଲ୍‌ୱାମା ଜିଲାର ତ୍ରାଲରେ ହୋଇଥିବାବେଳେ ଆକ୍ରମଣ ପଛରେ ଥିବା ଷଡ଼ଯନ୍ତ୍ରରେ ତାଙ୍କର ସମ୍ପୃକ୍ତି ସନ୍ଦେହ କରାଯାଉଛି। ଠୋକରଙ୍କୁ ମୋଷ୍ଟ ୱାଣ୍ଟେଡ୍ ଘୋଷଣା କରାଯିବା ସହ ତାଙ୍କ ସମ୍ପର୍କରେ ସୂଚନା ଦେଲେ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଅନନ୍ତନାଗ ପୋଲିସ କହିଛି। ଏହି ମାମଲାରେ ପାକିସ୍ତାନର ୨ ଜଣ ଆତଙ୍କବାଦୀଙ୍କୁ ମୋଷ୍ଟ ୱାଣ୍ଟେଡ୍ ଘୋଷଣା କରାଯାଇଛି।

## ମଧ୍ୟସ୍ଥତା ପାଇଁ ଇରାନ୍‌ର ପ୍ରସ୍ତାବ

ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ଶୁକ୍ରବାର ଇରାନ୍ ମଧ୍ୟସ୍ଥତା ପାଇଁ ପ୍ରସ୍ତାବ ଦେଇଛି। ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ସୟଦ ଅବ୍ବାସ୍ ଆରାଘ୍‌ଚି କହିଛନ୍ତି, ଭାରତ ଓ ପାକିସ୍ତାନ ଇରାନ୍‌ର ଭାଇ ଭଳି ପଡ଼ୋଶୀ। ଉଭୟଙ୍କ ଶତାବ୍ଦୀ ପୁରୁଣା ସଂସ୍କୃତି ଓ ସଭ୍ୟତାଗତ ସମ୍ପର୍କ ରହିଛି। ଅନ୍ୟ ପଡ଼ୋଶୀଙ୍କ ଭଳି ଆମେ ଏହି ଦୁଇଦେଶକୁ ସର୍ବାଧିକ ପ୍ରାଥମିକତା ଦେଇଥାଉ। ବର୍ତ୍ତମାନର କଠିନ ସମୟରେ ଇସ୍‌ଲାମାବାଦ ଓ ନୂଆଦିଲ୍ଲୀରେ ଥିବା ନିଜ ଦୂତାବାସ ଜରିଆରେ ତେହରାନ୍ ଆପୋସ ଆଲୋଚନା କରି ସମାଧାନ କରିବାକୁ ପ୍ରସ୍ତୁତ ବୋଲି ଏକ ସୋସିଆଲ ମିଡିଆ ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି।

## ସୀମାପାର ଗୁଳିର ଜବାବ ଦେଲା ଭାରତ

ନୂଆଦିଲ୍ଲୀ,୨୫।୪

ଜମ୍ମୁ-କଶ୍ମୀର ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଆରପଟୁ ପାକିସ୍ତାନୀ ସେନା ଗୁରୁବାର ରାତିରେ କେତେକ ଭାରତୀୟ ଘାଟିକୁ ଟାର୍ଗେଟ କରି ଗୁଳିମାଡ଼ କରିଥିବାବେଳେ ଭାରତୀୟ ସେନା ଏହାର ଠିକଣା ଜବାବ ଦେଇଛି। ଏହି ଗୁଳିବିନିମୟ ବେଳେ କେହି ମୃତାହତ ହୋଇ ନ ଥିବା ପ୍ରତିରକ୍ଷା ସୂତ୍ରରୁ ଜଣାପଡ଼ିଛି। ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ୨ ପଡ଼ୋଶୀ ଦେଶ ମଧ୍ୟରେ ନୂଆ ସଙ୍କଟ ସୃଷ୍ଟି ହୋଇଥିବାବେଳେ ଏହାର ୨ ଦିନ ପରେ ସୀମାରେ ଗୁଳିବିନିମୟ ହୋଇଛି। ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ ଦାୟୀ କରି ନୂଆଦିଲ୍ଲୀ ଏହା ବିରୋଧରେ କେତେଗୁଡ଼ିଏ କଠୋର ପଦକ୍ଷେପ ନେଇଛି।

## ଏକାଠି ହେବାକୁ ରାହୁଲଙ୍କ ଆହ୍ୱାନ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଶ୍ରୀନଗରରୁ ନୂଆଦିଲ୍ଲୀ ଫେରିବା ପରେ ପହଲଗାମ୍ ଆକ୍ରମଣର ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ମାର୍ଚ୍ଚ କରିଛନ୍ତି। ଏହା ପୂର୍ବରୁ ସେ ଶ୍ରୀନଗରସ୍ଥିତ ସେନା ହସ୍ପିଟାଲରେ ଆହତମାନଙ୍କୁ ଭେଟିଥିଲେ। ପହଲଗାମ୍ ଆକ୍ରମଣ ସମାଜକୁ ବିଭାଜିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ରାହୁଲ ସମାଲୋଚନା କରିବା ସହ ଆତଙ୍କବାଦକୁ ଜବାବ ଦେବା ପାଇଁ ସମସ୍ତ ଭାରତୀୟଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ।

## ଭୁଲ୍ ରିପୋର୍ଟ ଲାଗି ଏନ୍‌ୱାଇଟି ନିନ୍ଦିତ


The New York Times

At Least 24 Tourists Gunned Down by ~~Militants~~ in Kashmir

TERRORISTS

Prime Minister Narendra Modi of India called the shooting, the worst against civilians in the region for years, a "terror attack" and vowed to bring the perpetrators to justice.

ପହଲଗାମ୍ ଆକ୍ରମଣ ସମ୍ପର୍କିତ ଖବରକୁ ଭୁଲ୍ ଭାବେ ଉପସ୍ଥାପନ କରିଥିବା ଆମେରିକାର ଜଣାଶୁଣା ଦୈନିକ ନ୍ୟୁୟର୍କ ଟାଇମ୍ସ (ଏନ୍‌ୱାଇଟି) ସମାଲୋଚିତ ହୋଇଛି। ୨୨ ତାରିଖର ଆତଙ୍କବାଦୀ ଆକ୍ରମଣ ଖବର ଏନ୍‌ଇଓ୍ୱାଇଟିର ୨୩ ତାରିଖ ସଂସ୍କରଣରେ ପ୍ରକାଶ ପାଇଥିଲା। ଏଥିରେ ଆକ୍ରମଣକୁ ଆତଙ୍କବାଦୀଙ୍କ ନୁହେଁ, ବରଂ ଉଗ୍ରପନ୍ଥୀଙ୍କର ବୋଲି ଦର୍ଶାଯାଇଥିଲା। ଏହାକୁ ନେଇ ଆମେରିକା ବହିର୍ବ୍ୟାପାର କମିଟି ସମାଲୋଚନା କରିବା ସହ ଜବାବ ମାଗିଛି। ଏନ୍‌ୱାଇଟିର ଏଭଳି ଦୋମୁହାଁ ନୀତିକୁ ଭାରତୀୟମାନେ ମଧ୍ୟ ସୋସିଆଲ ମିଡିଆରେ ନିନ୍ଦା କରିଛନ୍ତି।



ନୂଆଦିଲ୍ଲୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା।

## ସଂକ୍ଷେପରେ

### ନ୍ୟାଶନାଲ ହେରାଲ୍ଡ ମାମଲା

### ସୋନିଆ, ରାହୁଲଙ୍କୁ ନୋଟିସ୍ ଜାରି କଲେନି ଅଦାଲତ

ନୂଆଦିଲ୍ଲୀ,୨୫।୪ (ପି.ଟି.)

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଅନ୍ୟମାନଙ୍କୁ ବର୍ତ୍ତମାନ ପାଇଁ ନୋଟିସ୍ ଜାରି କରିବାକୁ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ମନା କରିଦେଇଛନ୍ତି। ଆଇନର ନୂଆ ବ୍ୟବସ୍ଥା ଅନୁଯାୟୀ ଅଭିଯୁକ୍ତମାନଙ୍କ ଶୁଣାଣି ବିନା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚାର୍ଜଶିଟ୍ ଉପରେ ନୋଟିସ ଜାରି କରାଯାଇପାରିବ ନାହିଁ ବୋଲି ସ୍ୱତନ୍ତ୍ର ବିଚାରପତି ବିଶାଳ ଗୋଗ୍‌ନେ କହିଛନ୍ତି। କୋର୍ଟ କୌଣସି ନିର୍ଦ୍ଦେଶ ଦେବା ପୂର୍ବରୁ କୌଣସି ତ୍ରୁଟି ରହିଛି କି ନାହିଁ, ତାହା ଦେଖିଥାନ୍ତି। ଚାର୍ଜଶିଟ୍‌ରେ କେତେକ ଦସ୍ତାବିଜ୍ ନ ଥିବା ପ୍ରତିପକ୍ଷ ଓକିଲ କହିବା ପରେ ସେଗୁଡ଼ିକୁ ଦାଖଲ କରିବା ନିମନ୍ତେ ଅଦାଲତ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି।

### ମେଧା ପାଟକର ଗିରଫ

ନୂଆଦିଲ୍ଲୀ,୨୫।୪(ପି.ଟି.)

ଦିଲ୍ଲୀର ଏକ ଅଦାଲତ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କ୍ରମେ ନର୍ମଦା ବଚାଓ ଆନ୍ଦୋଳନର ନେତ୍ରୀ ମେଧା ପାଟକରଙ୍କୁ ଶୁକ୍ରବାର ଗିରଫ କରାଯାଇ ସେସନ୍ସ କୋର୍ଟରେ ହାଜର କରାଯାଇଥିଲା। ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶକୁ ଅନୁପାଳନ କରିବେ ବୋଲି ତାଙ୍କ ଓକିଲ ପ୍ରତିଶ୍ରୁତି ଦେବା ପରେ ଅତିରିକ୍ତ ଦୌରାଜଜ୍ ବିପିନ୍ ଖର୍ବ ମେଧାଙ୍କୁ ଏକ ବଣ୍ଡ୍ ଓ କ୍ଷତିପୂରଣ ରାଶି ଜମା କରିବା ପରେ ଛାଡ଼ିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପମାନଜନକ ମନ୍ତବ୍ୟ ପାଇଁ ମେଧାଙ୍କ ବିରୋଧରେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ମାନହାନି ମାମଲା ଦାଏର କରିଥିଲେ। ଅଦାଲତ ଏହାର ଶୁଣାଣି କରି ୧ ଲକ୍ଷ ଟଙ୍କା ଓ ପ୍ରୋବେଶନ ବଣ୍ଡ୍ ଦାଖଲ କରିବାକୁ ମେଧାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେ ଜାଣିଶୁଣି ଉକ୍ତ ନିର୍ଦ୍ଦେଶନାମାର ଅନୁପାଳନ କରୁ ନ ଥିବାରୁ ଅତିରିକ୍ତ ଦୌରାଜଜ୍ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ।

### ୱକ୍‌ଫ ଚ୍ୟାଲେଞ୍ଜ ଆବେଦନ ଖାରଜ ଲାଗି ସୁପ୍ରିମକୋର୍ଟରେ କେନ୍ଦ୍ରର ସତ୍ୟପାଠ

ନୂଆଦିଲ୍ଲୀ,୨୫।୪

ୱକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ସେଗୁଡ଼ିକୁ ଖାରଜ କରାଯିବା ନିମନ୍ତେ ନିବେଦନ କରି କେନ୍ଦ୍ର ସରକାର ଏକ ସତ୍ୟପାଠ ଦାଖଲ କରିଛନ୍ତି। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଶେର୍ଷା ସି. ଶେଖ୍ ମୋହିଦ୍ଦିନଙ୍କ ଏହି ୧,୩୩୨ ପୃଷ୍ଠାର ସତ୍ୟପାଠ ଦାଖଲ କରି ଆଇନର କୌଣସି ବ୍ୟବସ୍ଥା ଉପରେ ସ୍ଥଗିତାଦେଶକୁ ବିରୋଧ କରିଛନ୍ତି। ସାମ୍ବିଧାନିକ ଭାବେ ପାର୍ଲାମେଣ୍ଟରେ ଆଇନ ଗୃହୀତ ହୋଇଛି। ଏହାର କେତେକ ନିର୍ଦ୍ଦିଷ୍ଟ ବ୍ୟବସ୍ଥାକୁ ନେଇ କୌତୂହଳପୂର୍ଣ୍ଣ ମିଥ୍ୟା ବର୍ଣ୍ଣନା କରାଯାଉଛି। ଶୁଣାଣି ବେଳେ ଉକ୍ତ ଚ୍ୟାଲେଞ୍ଜଗୁଡ଼ିକୁ ଅଦାଲତ ଅନୁଧ୍ୟାନ କରିବେ। ପ୍ରତିକୂଳ ପରିଣାମ ସମ୍ପର୍କରେ ଅବଗତ ନ ହୋଇ ଉକ୍ତ ବ୍ୟବସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ସ୍ଥଗିତ ନ କରିବାକୁ କେନ୍ଦ୍ର ସରକାର ନିବେଦନ କରିଛନ୍ତି।

### ସାବରକର ମନ୍ତବ୍ୟ: ରାହୁଲଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୨୫।୪(ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀ ମହାରାଷ୍ଟ୍ରର ଏକ ରାଲିରେ ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକରଙ୍କ ପ୍ରତି ଦେଇଥିବା ଦାୟିତ୍ୱହୀନ ମନ୍ତବ୍ୟ ନିମନ୍ତେ ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କୁ ଭର୍ତ୍ସନା କରିଛନ୍ତି। ତେବେ ତାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ଆଲ୍ଲାହାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଲଗାଇଛନ୍ତି। ଦାୟିତ୍ୱହୀନ ମନ୍ତବ୍ୟ ଦେଇ ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପରିହାସ କରା ନ ଯାଉ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି।

## ୨୮ରେ ଜମ୍ମୁ-କଶ୍ମୀର ବିଧାନସଭା ସ୍ୱତନ୍ତ୍ର ଅଧିବେଶନ

ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ଜମ୍ମୁ-କଶ୍ମୀର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆସନ୍ତା ୨୮ରେ କରାଯିବ। କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ମନୋଜ ସିହ୍ନା ଏହି ଦିନିକିଆ ଅଧିବେଶନ ଡାକିଥିବା ଶୁକ୍ରବାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ର ଧାରା ୧୮(୧)ରେ ପ୍ରଦତ୍ତ ସ୍ୱତନ୍ତ୍ର କ୍ଷମତାର ଉପଯୋଗ କରି ଉପରାଜ୍ୟପାଳ ବିଧାନସଭା ଅଧବେଶନ ଡାକିଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲାଙ୍କ କ୍ୟାବିନେଟ ବୁଧବାର ତାଙ୍କୁ ଅନୁରୋଧ କରିଥିଲା।

## ଏନ୍‌କାଉଣ୍ଟରରେ ଲଶ୍କର ଆତଙ୍କବାଦୀ ଅଲ୍‌ତାଫ ନିହତ

ଶ୍ରୀନଗର,୨୫।୪

ଜମ୍ମୁ-କଶ୍ମୀରର ବନ୍ଦିପୋରା ଜିଲା ଅନ୍ତର୍ଗତ କୁଲ୍‌ନାର ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବାର ସ୍ଥାନୀୟ ଆତଙ୍କବାଦୀ ଅଲତାଫ ଲାଲ୍ଲି ନିହତ ହେବା ସହ ୨ ଜଣ ପୋଲିସ ଆହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନାକ୍ରମେ ସେନା, ପୋଲିସ ଏବଂ ଅର୍ଦ୍ଧସାମରିକ ବଳ ପକ୍ଷରୁ ମିଳିତ ତଲାସି ଅଭିଯାନ ଚାଲିଥିବାବେଳେ ଗୁଳିବିନିମୟ ହୋଇଥିଲା। ପହଲଗାମ୍ ଆକ୍ରମଣ ପରେ ଜମ୍ମୁ-କଶ୍ମୀରରେ ଏହା ଚତୁର୍ଥ ଏନ୍‌କାଉଣ୍ଟର। ଗୁରୁବାର ଅନ୍ୟ ଏକ ଏନ୍‌କାଉଣ୍ଟରରେ ଜଣେ ସେନା ଯବାନଙ୍କ ମୃତ୍ୟୁ ଘଟିଥିଲା।

## ଗୋଇନ୍ଦା ବିଫଳତା କହିଲେ ପୂର୍ବତନ ସେନାମୁଖ୍ୟ



ଜେନେରାଲ ଶଙ୍କର ରାୟଚୌଧୁରୀ

କୋଲକାତା,୨୫।୪

ଗୋଇନ୍ଦା ବିଫଳତା ପାଇଁ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟିଲା ବୋଲି ପୂର୍ବତନ ସେନାମୁଖ୍ୟ ଜେନେରାଲ ଶଙ୍କର ରାୟଚୌଧୁରୀ ଶୁକ୍ରବାର କହିବା ସହ ଏଥିପାଇଁ ସର୍ବୋଚ୍ଚ ସ୍ତରରେ ଉତ୍ତରଦାୟୀ ରହିବାକୁ ଦାବି କରିଛନ୍ତି। ଦେଶର ଅଷ୍ଟାଦଶ ସେନାମୁଖ୍ୟ ରାୟଚୌଧୁରୀ କହିଛନ୍ତି, ଗୋଇନ୍ଦା ବିଫଳତା ସନ୍ଦେହ କରାଯାଉଛି ଏବଂ ଏଥିପାଇଁ ନିଶ୍ଚୟ କେହି ଜଣେ ଦାୟୀ। ଆକ୍ରମଣ ପଛରେ ପାକିସ୍ତାନ ଏବଂ ଏହାର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଭୂମିକା ରହିଥିବା ସେ କହିଛନ୍ତି। ଏତେସଂଖ୍ୟାରେ ଅନୁପ୍ରବେଶକାରୀ ପର୍ଯ୍ୟଟନ ସ୍ଥଳରେ ପହଞ୍ଚି ଆକ୍ରମଣ କରିବାରେ ସଫଳ ହେଲେ, ତାହାର ତଦନ୍ତ କରାଯିବା ଆବଶ୍ୟକ। ଆକ୍ରମଣ ପାଇଁ ଲଶ୍କର-ଇ-ତୋଇବାର ପ୍ରକ୍ସି ଗ୍ରୁପ୍ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଥିଲା। ଭାରତ ସରକାର ପାକିସ୍ତାନ ବିରୋଧରେ ନେଇଥିବା କୂଟନୈତିକ କଟକଣା ଯଥେଷ୍ଟ ନୁହେଁ। ପ୍ରତିରୋଧ ପଦକ୍ଷେପ ନେବାକୁ ହେବ ବୋଲି ରାୟଚୌଧୁରୀ କହିଛନ୍ତି।

## ଆକ୍ରମଣ ଯୋଗୁ ଭାଙ୍ଗିଲା ସୀମାପାର ବିବାହ

### ପାକିସ୍ତାନ ଯାଉଥିବା ବରଙ୍କୁ ଅଟ୍ଟାରିରୁ ଫେରାଇଦିଆଗଲା

ବାର୍‌ମେର,୨୫।୪

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ପଡ଼ୋଶୀ ଦେଶ ସହ ତିକ୍ତତା ବଢ଼ିଛି। ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରି କେନ୍ଦ୍ର ସରକାର ଅଟ୍ଟାରି ସୀମାକୁ ସିଲ୍ କରିବା ସହ ବିଭିନ୍ନ କୂଟନୈତିକ କଟକଣା ଲଗାଇଛନ୍ତି। ଫଳରେ ଏକ ବହୁପ୍ରତୀକ୍ଷିତ ସୀମାପାର ବିବାହ ଅଟକିବା ସହ ରାଜସ୍ଥାନ ବାରମେର ଜିଲାର ପୁଅଘର ପରିବାରର ଆଶା ମଉଳିଯାଇଛି। ବାରମେରର ଜଣେ ଯୁବକ ଆସନ୍ତା ୩୦ରେ ପାକିସ୍ତାନର ଜଣେ ଯୁବତୀଙ୍କୁ ବିବାହ କରିବାକୁ ସ୍ଥିର ହୋଇଥିଲା। ଏଥିପାଇଁ ବର ଜଣଙ୍କ ଗୁରୁବାର ବାରାତ ନେଇ ୱାଘା-ଅଟାରି ସୀମାରେ ପହଞ୍ଚିଥିଲେ। ତେବେ ସେମାନଙ୍କୁ ପାକିସ୍ତାନରେ ପ୍ରବେଶ ପାଇଁ ଅନୁମତି ନ ମିଳିବାରୁ ସେମାନେ ଫେରିଆସିବାକୁ ବାଧ୍ୟ ହୋଇଛନ୍ତି।



ଶାଇନ୍ତନ ସିଂ

ବାରମେରର ୨୫ ବର୍ଷୀୟ ଶାଇନ୍ତନ ସିଂଙ୍କର ୪ ବର୍ଷ ପୂର୍ବେ ପାକିସ୍ତାନ ସିନ୍ଧ୍ ପ୍ରଦେଶ ଅନ୍ତର୍ଗତ ଅମରକୋଟ ଜିଲାର କେସାର କନୱାରଙ୍କ ସହ ନିର୍ବନ୍ଧ ହୋଇଥିଲା। ଏହା ପରେ ବର ପରିବାର ଦୀର୍ଘଦିନର ଉଦ୍ୟମ କ୍ରମେ ପାକିସ୍ତାନ ଯିବା ପାଇଁ ଗତ ଫେବୃଆରୀରେ ଭିଜା ପାଇଥିଲେ। ଭିଜା ସମୟ ସୀମା ମେ' ୧୨ ପର୍ଯ୍ୟନ୍ତ ଥିବାରୁ ବିବାହ ତାରିଖ ଏପ୍ରିଲ ୩୦କୁ ଚୂଡ଼ାନ୍ତ ହୋଇଥିଲା। ତେବେ ବାରାତ୍ ଅଟାରି ସୀମା ଅତିକ୍ରମ କରିବା ପୂର୍ବରୁ ଆତଙ୍କବାଦୀ ଆକ୍ରମଣକୁ ନେଇ କୂଟନୈତିକ କଟକଣା ଜାରି ସ୍ୱରୂପ ସୀମା ସିଲ୍ କରିଦିଆଯାଇଥିଲା। ଫଳରେ ବରଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି।

## ଆମୀରଙ୍କ ସ୍ୱପ୍ନର ପ୍ରୋଜେକ୍ଟ 'ମହାଭାରତ'

ମୁମ୍ବାଇ



ଆମୀର ଖାନ୍

ବଲିଉଡ୍ ଅଭିନେତା ଆମୀର ଖାନ୍ ଦୀର୍ଘ ଦିନ ଧରି ଅଭିନୟରୁ ଦୂରେଇ ରହିଛନ୍ତି। ୨୦୨୨ରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର 'ଲାଲ୍ ସିଂ ଚଢ଼ା'ରେ ତାଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ର ବକ୍ସ ଅଫିସରେ କିଛି ଖାସ୍ କରିପାରି ନ ଥିଲା। ଏହାପରଠାରୁ ଆମୀର ନିଜର ଅନେକ ପ୍ରୋଜେକ୍ଟ ବିଷୟରେ ଘୋଷଣା କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ସେଗୁଡ଼ିକର କୌଣସି ଅପ୍‌ଡେଟ୍ ସାମ୍ନାକୁ ଆସିନାହିଁ। ନିକଟରେ ଏକ ସାକ୍ଷାତ୍‌କାରରେ ଆମୀର 'ମହାଭାରତ' ସିରିଜ୍‌ର ନିର୍ମାଣ କରିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି। ସେ କହିଛନ୍ତି, ହିନ୍ଦୁଧର୍ମର ପ୍ରସିଦ୍ଧ ମହାକାବ୍ୟ 'ମହାଭାରତ' ସିରିଜ୍‌ର ନିର୍ମାଣ କରିବା ତାଙ୍କ ପାଇଁ କୌଣସି ସ୍ୱପ୍ନଠାରୁ କମ୍ ହେବ ନାହିଁ। ଏଥିପାଇଁ ସେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ଚଳଚ୍ଚିତ୍ରର ନିର୍ମାଣ ପାଇଁ ଅଧିକ ସମୟ ଆବଶ୍ୟକ କାରଣ କେବଳ ଫିଲ୍ମର ଲେଖା ପାଇଁ ଅଳ୍ପ କିଛି ବର୍ଷର ସମୟ ଲାଗିଯିବ। ସେହିପରି ମହାଭାରତ ଭଳି ବୃହତ୍ ମହାକାବ୍ୟର ପୂରା କାହାଣୀକୁ ଗୋଟିଏ ଫିଲ୍ମରେ ଦେଖାଇବା ସମ୍ଭବପର ହେବ ନାହିଁ। ତେଣୁ ସେ ନିଜର ଏହି ମହତ୍ୱାକାଂକ୍ଷା ପ୍ରୋଜେକ୍ଟକୁ ବିଭିନ୍ନ ନିର୍ଦ୍ଦେଶକଙ୍କ ସହ ଏକାଧିକ ଭାଗରେ ନିର୍ମାଣ କରିବେ ବୋଲି ଆମୀର କହିଛନ୍ତି।

# ରୋଗ ଚିହ୍ନଟ ହେଲେ ତୁରନ୍ତ ଚିକିତ୍ସିତ ହେବାକୁ ପରାମର୍ଶ

## ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ



ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଅବସରରେ ଅଧିକାରୀମାନେ ଶପଥପାଠ କରୁଛନ୍ତି।

**ଢେଙ୍କାନାଳ,୨୫।୪(ରତନ ନାୟାର)**

ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ସଭା ଗୃହ ପରିସରରେ ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିଳମଣୀ ଦିଲୀପଚାନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଉଦ୍ୟମ ଓ ଲୋକମାନଙ୍କ ସହଭାଗିତାରେ ଢେଙ୍କାନାଳ ଜିଲାରେ ମ୍ୟାଲେରିଆ ରୋଗକୁ ନିୟନ୍ତ୍ରଣ ଦିଗରେ ସମ୍ଭବ । ସଚେତନ ହେବା ସହିତ ରୋଗ ଚିହ୍ନଟ ହେଲେ ତୁରନ୍ତ ଚିକିତ୍ସା କରାଇନେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ମୁଖ୍ୟତଃ ବାହାର ଜିଲା କିମ୍ବା ରାଜ୍ୟରୁ ଆସୁଥିବା ଲୋକଙ୍କୁ ଅନୁଧ୍ୟାନ କରି ଜ୍ୱରର ବିବରଣୀ, ମ୍ୟାଲେରିଆ ରକ୍ତ ପରୀକ୍ଷା ପାଇଁ ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବିଶ୍ୱ ମ୍ୟାଲେରିଆ ଦିବସର ବିଷୟବସ୍ତୁ ହେଲା ଆମ ଠାରୁ ମ୍ୟାଲେରିଆର ଅନ୍ତ ଘଟିବ । ଏଥିନିମନ୍ତେ ପୁର୍ନବିନିଯୋଗ, ପୁନଃଚିନ୍ତନ ଓ ପୁନୋରୁଦ୍ଦିପିତ କରନ୍ତୁ ବୋଲି କହିଥିଲେ। ମ୍ୟାଲେରିଆ ରକ୍ତ ପରୀକ୍ଷା ଓ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ମାଗଣାରେ ଚିକିତ୍ସା ଦିଆଯାଉଛି । ମ୍ୟାଲେରିଆ ଚିହ୍ନଟ ହେଲେ ପୂର୍ଣ୍ଣ ମାତ୍ରାରେ ଔଷଧ ଖାଆନ୍ତୁ । ପ୍ରତିଦିନ ମଶାରୀ ଟାଣି ଶୁଅନ୍ତୁ । ଘର ଚାରିପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଏହି ଅବସରରେ ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ପିପିଟି ମାଧ୍ୟମରେ ଉପସ୍ଥାପନା କରି ଢେଙ୍କାନାଳ ଜିଲାରେ ମ୍ୟାଲେରିଆର ସ୍ଥିତି ଓ ମ୍ୟାଲେରିଆ ରୋଗର ନିରାକରଣ ଉପରେ ବୁଝାଇଥିଲେ । ଜିଲାରେ ମ୍ୟାଲେରିଆ ରୋଗର ନିରାକରଣ ପାଇଁ ୨୦୨୦-୨୧ ବର୍ଷରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ମଶାରୀ ବଣ୍ଟନ ହୋଇଛି । ଅପହଞ୍ଚ ଅଞ୍ଚଳରେ ମ୍ୟାଲେରିଆ ରୋଗ ପାଇଁ ଦମନ କାର୍ଯ୍ୟକ୍ରମ ଚାଲୁଛି । ଆଦିବାସୀ ଆବାସିକ ବିଦ୍ୟାଳୟଗୁଡିକରେ ଗ୍ରୀଷ୍ମ ଛୁଟି ଓ ଦୁର୍ଗାପୂଜା ଛୁଟି ପରେ ସମସ୍ତ ପିଲା ଓ ଶିକ୍ଷକମାନଙ୍କର ରକ୍ତ ପରୀକ୍ଷା କରାଯାଉଛି । ଜିଲାରେ ୨୦୨୦ରେ ୧୬୭୮୦୬ଙ୍କ ରକ୍ତ ପରୀକ୍ଷା କରାଯାଇଥିବା ବେଳେ ୮୨ଜଣ ମ୍ୟାଲେରିଆ ଚିହ୍ନଟ ହୋଇଥିଲେ । ୨୦୨୧ରେ ୧୭୭୨୮୭ଜଣଙ୍କ ମଧ୍ୟରୁ ୪୪ଜଣ ରୋଗୀ ଚିହ୍ନ ହୋଇଥିଲେ । ୨୦୨୨ରେ ୨୦୧୮୬୬ଙ୍କ ମଧ୍ୟରୁ ୮୮ଜଣ, ୨୦୨୩ରେ ୨୩୨୪୦୦ଜଣଙ୍କ ମଧ୍ୟରୁ ୧୧୩ଜଣ, ୨୦୨୪ରେ ୨୨୮୭୬୭ଜଣଙ୍କ ମଧ୍ୟରୁ ୧୫୯ଜଣ ଓ ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ୫୨୮୪୪ଜଣ ରକ୍ତ ପରୀକ୍ଷା କରିଥିବା ବେଳେ ୧୪ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ । କୌଣସି ରୋଗୀ ମୃତ୍ୟୁବରଣ କରିନଥିବା ସୂଚନା ଦିଆଯାଇଥିଲା । ଏହି ଅବସରରେ ମ୍ୟାଲେରିଆ ନିରାକରଣ ପାଇଁ ଏକ ଶପଥପାଠ କରାଯାଇଥିଲା । ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡା. ରଞ୍ଜନ କୁମାର ସାମଲ, ଭେକ୍ଟରବାହିତ ରୋଗ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ, ଯକ୍ଷ୍ମା ଅଧିକାରୀ ଡା. ଜ୍ୟୋତିର୍ମୟୀ ରାଉତ, ଜିଲା କୋଷାଧ୍ୟକ୍ଷ ଗଗନ ବିହାରୀ ସାହୁ, ମ୍ୟାଲେରିଆ କୋଷାଧ୍ୟକ୍ଷ ସୁକାନ୍ତ କୁମାର ଚାନ୍ଦ, ବିଭାଗୀୟ ଅଧିକାରୀ, ଆଶା, ସ୍ୱାସ୍ଥ୍ୟକର୍ମୀ, ଏଏନ୍‌ଏମ୍ ଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପାଥୋଲାବ୍ ଓ କ୍ଲିନିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# କାଇମାଟି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ବିରୋଧ



କାଇମାଟି ପଞ୍ଚାୟତବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

**ଢେଙ୍କାନାଳ,୨୫।୪(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ କାଇମାଟି ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବାକୁ ନେଇ ପଞ୍ଚାୟତର ଅଧିବାସୀମାନେ ବିରୋଧ କରି ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହା ସଂପୂର୍ଣ୍ଣ ଭାବେ ପ୍ରାୟୋଜିତ ଓ ଭିତ୍ତିହୀନ ବୋଲି ପଞ୍ଚାୟତବାସୀମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା ଓ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପଞ୍ଚାୟତର କିଛି ବ୍ୟକ୍ତି କେତେକ ୱାର୍ଡ ମେମ୍ବର ଓ ତାଙ୍କ ପରିବାର ଲୋକଙ୍କୁ ଡରେଇ ଧମକେଇ ସେମାନଙ୍କୁ ଉଠାଇ ନେଇ ଅଜ୍ଞାତ ସ୍ଥାନରେ ଅଟକ ରଖି ସେମାନଙ୍କୁ ବ୍ଲାକ୍‌ମେଲ୍ କରି ଜବରଦସ୍ତ ଗୋଟିଏ ଗାଡିରେ ଆଣି ତାଙ୍କଠାରୁ ଅନାସ୍ଥା କାଗଜରେ ଦସ୍ତଖତ କରାଇ ନିଜେ ଉପସ୍ଥିତ ରହି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଯେଉଁମାନେ ଏଭଳି କରିଛନ୍ତି, ତାଙ୍କ ସମ୍ପର୍କୀୟମାନେ ପଞ୍ଚାୟତ ପ୍ରତିନିଧି ଥିବା ବେଳେ ବ୍ୟାପକ ଦୁର୍ନୀତି କରିଥିବା ଅଭିଯୋଗ ହୋଇଛି । ଅଭିଯୋଗଗୁଡିକର ନିରପେକ୍ଷ ଯାଞ୍ଚ କରାଯାଉ ଓ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତର ଭୀମସେନ ବେହେରା, ଧ୍ରୁବଚରଣ ବେହେରା, ପରମାନନ୍ଦ ବେହେରା, ହୃଦାନନ୍ଦ ବେହେରା, ଜଗବନ୍ଧୁ ଦେହୁରୀ, କପିଳେଶ୍ୱର ବେହେରା, ପାଞ୍ଚେଳି ସେଠୀ, ଜାଫୁନ୍ ସେଠୀ ଓ ବିଜୟ କୁମାର ମିଶ୍ରଙ୍କ ସମେତ ଶତାଧିକ ପଞ୍ଚାୟତବାସୀ ଉପସ୍ଥିତ ଥିଲେ ।

# ଟ୍ରାନ୍ସଫର୍ମର ପାଇଁ ଜାଗା ଛାଡୁନାହାନ୍ତି ଜବରଦଖଲକାରୀ

**ବଣ୍ଟାଁରପାଳ,୨୫।୪(ସୁବାସ ସାହୁ)**

ଅନୁଗୋଳ ସହର ମଧ୍ୟଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱ ଜବରଦଖଲ ଯୋଗୁ ଅନେକ ସମୟରେ ଦୁର୍ଘଟଣା, ଟ୍ରାଫିକ ସମସ୍ୟା ଆଦି ଦେଖାଦେଉଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷ ପୂର୍ବରୁ ଉକ୍ତ ରାଜପଥ ୨ଶହ ଫୁଟରୁ ଅଧିକ ପ୍ରଶସ୍ତ ଥିବାବେଳେ ବର୍ତ୍ତମାନ ଏନ୍‌ଏଚ୍‌ଏଆଇଙ୍କ ଉଦାସୀନତା ଯୋଗୁ ବହୁ ସ୍ଥାନରେ ରାସ୍ତାର ଉଭୟ ପାର୍ଶ୍ୱ ଜବର ଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ଫଳରେ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜୁଛି। ଗତବର୍ଷ ଏହି ରାସ୍ତାର ବଣ୍ଟାଁରପାଳ ନୂଆହତା ଛକଠାରୁ ଅନୁଗୋଳ ସହର ପର୍ଯ୍ୟନ୍ତ ପୁନଃ ଉନ୍ନତୀକରଣ କରାଯାଇ ଉଭୟ ପାର୍ଶ୍ୱରେ ଡ୍ରେନ୍ ଓ ଷ୍ଟ୍ରିଟଲାଇଟ୍‌ର ବ୍ୟବସ୍ଥା କରାଯାଇଛି। ହେଲେ ରାସ୍ତାଠାରୁ ଉଭୟ ପାର୍ଶ୍ୱରେ ସରକାରୀ ଜମି ଥାଇ ସୁଦ୍ଧା ରାସ୍ତାକୁ ସଂଲଗ୍ନ କରି ନିମ୍ନମାନର ପକ୍କା ଡ୍ରେନ ନିର୍ମାଣ ହୋଇଛି। ଯାହାଦ୍ୱାରା ଅବଶିଷ୍ଟ ସରକାରୀ ଜମିକୁ ପାଖ ଲୋକେ ଜବର ଦଖଲ କରି ନେଇଯାଇଛନ୍ତି। ନିମ୍ନମାନର ଡ୍ରେନ କାର୍ଯ୍ୟ ଯୋଗୁ ଏହା ଭାଙ୍ଗି ରାସ୍ତା ସଙ୍କୁଚିତ ହେବା ସହ ଅନେକ ସମୟରେ ଦୁର୍ଘଟଣାର କାରଣ ହେଉଛି। ସେହିପରି ଷ୍ଟ୍ରିଟଲାଇଟ୍ ପାଇଁ ଆବଶ୍ୟକ ଟ୍ରାନ୍ସଫର୍ମର ବସାଇବାକୁ ଜାଗା ମିଳୁନି। ରାସ୍ତାପାର୍ଶ୍ୱରେ ଥିବା ସରକାରୀ ଜମିକୁ ଦଖଲକାରୀ ଛାଡୁ ନ ଥିବାରୁ ଷ୍ଟ୍ରିଟ୍ ଲାଇଟ ଲାଗିବାରେ ବିଳମ୍ବ ହେଉଛି। ଉକ୍ତ ଅଞ୍ଚଳରେ ୯ଟି ଟ୍ରାନ୍ସଫର୍ମର ବସାଇବାକୁ ଥିବାବେଳେ ୪ଟି ବସିସାରିଛି। ଅବଶିଷ୍ଟ ପାଇଁ ଜାଗା ବାଧକ ସାଜିଛି ବୋଲି ସଂପୃକ୍ତ ଠିକାସଂସ୍ଥାର ଜଣେ ଯନ୍ତ୍ରୀ ସୂଚନା ଦେଇଛନ୍ତି।

# ପହେଲଗାମ ଆତଙ୍କବାଦୀ ଘଟଣାକୁ ଓକିଲ ସଂଘର ନିନ୍ଦା



ପହେଲଗାମ ଘଟଣାକୁ ନିନ୍ଦା କରି ଓକିଲ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ଢେଙ୍କାନାଳ,୨୫।୪(ରତନ ନାୟାର)**

ଢେଙ୍କାନାଳ ଜିଲା ଓକିଲ ସଂଘ ପକ୍ଷରୁ ପହେଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇଛି । ଏହି ଉପଲକ୍ଷେ ଶୁକ୍ରବାର ସଂଘ ପକ୍ଷରୁ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସଂଘର କାର୍ଯ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଏଥିରେ ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ । ଆକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ବିଶେଷଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ନିରବ ପ୍ରାର୍ଥନା କରାଯାଇଥିଲା । ଏଭଳି ଘଡିସନ୍ଧି ମୂହୁର୍ତରେ ସମସ୍ତ ଦେଶବାସୀ ଏକତ୍ରିତ ହୋଇଛନ୍ତି। ଯେ କୌଣସି ବାହ୍ୟଶକ୍ତିର ଆକ୍ରମଣକୁ ପଣ୍ଡ କରିବା ପାଇଁ ପ୍ରତିଜ୍ଞାବଦ୍ଧ ଅଛନ୍ତି । ଭାରତବର୍ଷ ଏକ ସର୍ବଧର୍ମ ସମନ୍ୱୟର ଦେଶ । ଯଦି ଭାରତମାତା ପ୍ରତି କୌଣସି ବିପଦ ଆସେ, ଏହାକୁ କୌଣସିମତେ ବରଦାସ୍ତ କରାଯିବନି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ । ଏହାପରେ ସଭାପତିଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କୁମାର କବିଶତପଥୀ, ଯୁଗ୍ମ ସମ୍ପାଦକ ଉତମ କୁମାର ଦାସ, କୋଷାଧ୍ୟକ୍ଷ ରଞ୍ଜନ କୁମାର ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ମଳୟ ପାଣିଗ୍ରାହୀ ଓ ପ୍ରେମାନନ୍ଦ ବିହାରୀଙ୍କ ସମେତ ବରିଷ୍ଠ ସଭ୍ୟ ବିମଳେନ୍ଦୁ ମହାପାତ୍ର, ସୁବୋଧ ମହାନ୍ତି, ପଙ୍କଜ ଲୋଚନ ସାହୁ, ଶିବସାଇ ମହାପାତ୍ର, ନିର୍ମଳା ମହାପାତ୍ର, କୃଷ୍ଣଚନ୍ଦ୍ର ସାହୁ, ପ୍ରତାପ ନାରାୟଣ ତ୍ରିପାଠୀ, ପଦ୍ମ ଭୂଷଣ ସାହୁ, ଦେବାଶିଷ ମିଶ୍ର, ନିର୍ମଳ ମିଶ୍ର, ପ୍ରକାଶଚନ୍ଦ୍ର ରାଉତ, ପୁଷ୍ପକ ତ୍ରିପାଠୀ, ବିକ୍ରମ ପ୍ରକାଶ ଜେନାଙ୍କ ସମେତ ବହୁ ସଂଖ୍ୟାରେ ଆଇନଜୀବୀ ଉପସ୍ଥିତ ଥିଲେ ।

# ପଞ୍ଚାୟତ ସମିତିର ୯ମ ସାଧାରଣ ବୈଠକ



**କାମାକ୍ଷାନଗର, ୨୫।୪ (ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତ ସମିତିର ୯ମ ସାଧାରଣ ବୈଠକ ଶୁକ୍ରବାର ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ରଞ୍ଜିତ କୁମାର ଜେନା ପୂର୍ବ ବୈଠକର ବିବରଣୀ ପାଠକରି ବୈଠକର କାର୍ଯ୍ୟସୂଚି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରଭୂକଲ୍ୟାଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ସରକାରଙ୍କ ଅଧିକାରୀଙ୍କୁ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟକୁ ଗୁରୁତ୍ୱ

ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟର ସଠିକ ବିନିଯୋଗ ଓ କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଖାଉଟି କଲ୍ୟାଣ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ ସମ୍ପର୍କରେ ବିଷଦ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଉପାଧ୍ୟକ୍ଷା ରଞ୍ଜିତା ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଢେଙ୍କାନାଳ,୨୫।୪(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଦଳକ ଗ୍ରାମରେ ଶୁକ୍ରବାର ସମୀର ବେହେରାଙ୍କ ସ୍ତ୍ରୀ ସୁନିତା ବେହେରା(୨୫)ଙ୍କର ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। ଖବରପାଇ ତାଙ୍କ ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ସୁନିତାଙ୍କୁ ହତ୍ୟା କରାଯାଇଛି ବୋଲି ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

## ବାପଘର ଲୋକ ଆଣିଲେ ହତ୍ୟା ଅଭିଯୋଗ

ଗୋବିନ୍ଦପୁର ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଜାରି ରଖିଛନ୍ତି । ଏହି ଘଟଣାର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି ।

# ମହାବିରୋଡ ରେଞ୍ଜରେ କର୍ମଚାରୀ ଅଭାବ

## ବଢୁଛି ଚୋରା କାଠ ବେପାର, ୫ ସେକ୍ସନରେ ୨ ଫରେଷ୍ଟର, ୧୩ ବିଟରେ ୪ ଗାର୍ଡ

**ପରଜଙ୍ଗ, ୨୫।୪ (ନିଗମାନନ୍ଦ ଦଳବେହେରା)**




ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଅଧୀନରେ ହଜାର ହଜାର ହେକ୍ଟର ସଂରକ୍ଷିତ ଘଞ୍ଚ ଜଙ୍ଗଲ ରହିଛି, ଯାହାକି ଉକ୍ତ ଜଙ୍ଗଲରେ ବର୍ଷତମାମ ହାତୀ, ଭାଲୁ, ହରିଣ, ମିରିଗ, ଠେକୁଆ, ମୟୂର, ବାରାହା, କେନ୍ଦୁଆ ପ୍ରଭୃତି ଜୀବଜନ୍ତୁ ବସବାସ କରନ୍ତି। ଏଥିସହ ବହୁ ଔଷଧୀୟ ବୃକ୍ଷ ସମେତ ମୂଲ୍ୟବାନ ଶାଗୁଆନ, ଶାଳ, ପିଆଶାଳ ପ୍ରଭୃତି ଗଛ ରହିଛି, ଯାହାକୁ ବନ ବିଭାଗ ବେଶ ତତ୍ପରତା ସହ ଜଗାରଖା କରେ। କିନ୍ତୁ ବର୍ତ୍ତମାନ ଏହି ଜଙ୍ଗଲ ମୁକୁଳା ପଡିଛି। ଏଠାରେ ରେଞ୍ଜର ପଦବୀ ପୂରଣ ଥିବା ବେଳେ ଏହି ରେଞ୍ଜ ଅଧୀନରେ ୫ଟି ଫରେଷ୍ଟ ସେକ୍ସନ ଏବଂ ୧୩ଟି ବିଟ୍ ରହିଛି। ସେଥିମଧ୍ୟରୁ ବର୍ତ୍ତମାନ ୫ଟି ସେକ୍ସନରେ ମାତ୍ର ୨ଜଣ ଫରେଷ୍ଟର ଅଛନ୍ତି। ମହାବିରୋଡ(୧), ମହାବିରୋଡ(୨) ଏବଂ ଡିହଡୋଳ ସେକ୍ସନ ପାଇଁ ଜଣେ ମାତ୍ର ଫରେଷ୍ଟର ସତ୍ୟବ୍ରତ ସିଂ ନିୟୋଜିତ ଅଛନ୍ତି। ସେହିପରି ପଙ୍ଗାତିରା ସେକ୍ସନରେ ଫରେଷ୍ଟର ହିମାଂଶୁ ଶେଖର ଟୁଡୁ ଥିବାବେଳେ ଦଦରାଘାଟି ସେକ୍ସନରେ କୌଣସି ଫରେଷ୍ଟର ନାହାନ୍ତି। ସେହିପରି ୧୩ଟି ବିଟରେ ମାତ୍ର ୪ଜଣ ଫରେଷ୍ଟ ଗାର୍ଡ ନିୟୋଜିତ ଅଛନ୍ତି। ଫଳରେ ବର୍ତ୍ତମାନ କାଠ ଚୋରଙ୍କ ଚରାଭୁଇଁ ପାଲଟିଛି। ଉକ୍ତ ରେଞ୍ଜରେ ବର୍ଷସାରା ହାତୀ ଉପଦ୍ରବ କରୁଥିବା ବେଳେ ଜନଜୀବନ ମଧ୍ୟ ନଷ୍ଟ ହେଉଛି। କିନ୍ତୁ ଲୋକମାନେ ବନ ବିଭାଗକୁ ଖବର ଦେଲେ ମଧ୍ୟ କର୍ମଚାରୀ ଅଭାବରୁ ଠିକ ସମୟରେ ପହଞ୍ଚି ପାରୁନଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏ ବିଷୟରେ ମହାବିରୋଡ ରେଞ୍ଜର ହରିଶ ଚନ୍ଦ୍ର କିଶନ କୁହନ୍ତି କର୍ମଚାରୀ ଅଭାବରୁ ଅସୁବିଧା ହେଉଛି, ଜିଲା ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରିଛୁ। ଏଥିପ୍ରତି ଡିଏଫଓ ଦୃଷ୍ଟିଦେଇ କର୍ମଚାରୀ ନିୟୋଜିତ କଲେ ଏହି ଅଞ୍ଚଳର ସବୁଜିମା ଓ ଜୀବଜନ୍ତୁ ବଞ୍ଚିରହିବେ। ନଚେତ ଆଗାମୀ ଦିନରେ ଏହିସବୁ ଲୋପ ପାଇଯିବ ବୋଲି ପରିବେଶବିତମାନେ ଆଶା ପ୍ରକଟ କରିଛନ୍ତି।

# ଶ୍ରୀରାମଚନ୍ଦ୍ରପୁରରେ ବାଦୀପାଲା ଉଦ୍‌ଯାପିତ



ବାଦୀପାଲାରେ ଅଂଶଗ୍ରହଣ କରିଥିବା ଦଳ ଓ ଅତିଥିମାନେ।

**ଢେଙ୍କାନାଳ,୨୫।୪(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁରପୁରଠାରେ ୩୫ତମ ଆଞ୍ଚଳିକ ବାଦିପାଲା ୨୦ ତାରିଖରୁ ଆରମ୍ଭ ହୋଇ ୨୪ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଆଞ୍ଚଳିକ ବାଦିପାଲା ମଞ୍ଚ ଶ୍ରୀରାମଚନ୍ଦ୍ରପୁରର ସଭାପତି ବିଜୟ କୁମାର ମିଶ୍ର, ଶତୃଘ୍ନ ମିଶ୍ର, ଅଧ୍ୟାପକ ବିକାଶ କୁମାର ମିଶ୍ର, ପୁରୋଧା ସଞ୍ଜୟ କୁମାର ମିଶ୍ର , ସଂପାଦକ ବିଦ୍ୟାଧର ସାହୁ, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ପାତ୍ର ଓ ଶିକ୍ଷାବିତ ହରିହର ସାହୁ ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ଆଞ୍ଚଳିକ ବାଦିପାଲା ପରିବେଷଣ ହୋଇଥିଲା। ଗାୟକ ସୂର୍ଯ୍ୟ ସୁବାସଚନ୍ଦ୍ର ଶତପଥୀ, ଗାୟକ ଜ୍ଞାନସିନ୍ଧୁ ସୁବାସ ଚନ୍ଦ୍ର ସେନାପତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତାମୂଳକ ପାଲା ପରିବେଷଣ ହୋଇଥିଲା। ଉଦ୍‌ଘାଟନ ସମାରୋହରେ ଗଁନ୍ଦିଆ ତହସିଲଦାର ସତ୍ୟଜିତ ମହାପାତ୍ର ମୁଖ୍ୟ ଅତିଥି, ପୋରୁହଖୋଜ ଆଞ୍ଚଳିକ ବାଦିପାଲା ମଞ୍ଚର ସମ୍ପାଦକ ସୁବ୍ରତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରତିକାନ୍ତ ସାହୁ ଉପସ୍ଥିତ ହୋଇ ଗାୟକ ଓ ବାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଗୋଳ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ବୁଦ୍ଧଦେବ ପ୍ରଧାନ ଉପସ୍ଥିତ ଥିଲେ।

# ଟାଟାଷ୍ଟିଲ୍ ପକ୍ଷରୁ ଜରୁରିକାଳୀନ ମକ୍‌ଡ୍ରିଲ




**ଢେଙ୍କାନାଳ,୨୫।୪(ରତନ ନାୟାର)**

ଢେଙ୍କାନାଳ ଜିଲା ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଏହାର ପ୍ଲାଣ୍ଟର ବିଟିଏକ୍ସ, କୋକ୍ ଓଭେନ-୨ରେ ଶୁକ୍ରବାର ଏକ ଜରୁରୀକାଳୀନ ମକଡ୍ରିଲ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏଥିରେ ନିଆଁ ଲାଗିବା ଭଳି ଏକ କୃତ୍ରିମ ପରିସ୍ଥିତି ସୃଷ୍ଟି କରାଯାଇ ତାହାକୁ ନିୟନ୍ତ୍ରଣ କରିବା ଏବଂ ପ୍ଲାଣ୍ଟର ଜରୁରୀକାଳୀନ ପରିସ୍ଥିତିକୁ ପରୀକ୍ଷା ଓ ଏହାକୁ ଆହୁରି ସୁଦୃଢ କରିବା ପରେ ମକଡ୍ରିଲ କରାଯାଇଥିଲା । ଏହି ମକଡ୍ରିଲରେ ଢେଙ୍କାନାଳ ଜୋନ୍‌ର କାରଖାନା ଓ ବଏଲର ସହକାରୀ ନିର୍ଦ୍ଦେଶକ ଇଂ ପୁଷ୍ପମିତ୍ରା ଜେନା, ଢେଙ୍କାନାଳ ଜିଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ଧଳ, ଜିଲା କ୍ରାଇସେସ୍ ଗ୍ରୁପ୍ ଏବଂ ଜିଏମ୍‌ଆର, ନବ ଲିମିଟେଡ୍ ଓ ରିମ୍‌ଝିମ୍ ଆଦି ସ୍ଥାନୀୟ ଉଦ୍ୟୋଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଟାଟାଷ୍ଟିଲ ମେରାମଣ୍ଡଳୀର ସୁରକ୍ଷା ମୁଖ୍ୟ ବିଳାସ ଏନ୍ ଗାଏକ୍ୱାଡ, କୋକ୍ ପ୍ଲାଣ୍ଟ ମୁଖ୍ୟ ବିରେନ୍ଦ୍ର ସିଂହ, ପ୍ରୋସେସ ସେଫ୍‌ଟି ମୁଖ୍ୟ କୁମାର ବରୁଣଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଡ୍ରିଲ ପରେ ସାଇଟ୍ ଇନସିଡେଣ୍ଟ କଣ୍ଟ୍ରୋଲର, କମ୍ବାଟ୍ ଟିମ୍ ଲିଡର, ଉଦ୍ଧରକାରୀ ଦଳର ଲିଡର ଓ ଅକ୍‌ଜିଲାରୀ ଦଳର ଲିଡର ପ୍ରମୁଖ ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମର ଦକ୍ଷତା ଓ ପ୍ରଭାବକୁ ଶିଳ୍ପ ପ୍ରତିନିଧି ଓ ଅତିଥିମାନେ ପ୍ରଶଂସା କରିଥିବା ବେଳେ ବାସ୍ତବିର ଜରୁରୀକାଳୀନ ପରିସ୍ଥିତି ପାଇଁ ଏଭଳି ଡ୍ରିଲର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ଶୂନ୍ୟ ଦୁର୍ଘଟଣା ପ୍ରତି ଟିଏସ୍‌ଏମ୍‌ର ପ୍ରତିବଦ୍ଧତାକୁ ଦୋହରାଇଥିବା ବେଳେ ଶିଳ୍ପ କ୍ଷେତ୍ରରେ ଜରୁରୀକାଳୀନ ପରିସ୍ଥିତିର ଆବଶ୍ୟକତା ଉପରେ ଏହା ଗୁରୁତ୍ୱ ବହନ କରୁଛି ବୋଲି କମ୍ପାନୀ ପକ୍ଷରୁ ଜଣାଇଛନ୍ତି ।

# ହାତୀ ଆକ୍ରମଣରେ ମହିଳା ମୃତ

**ରାସୋଳ,୨୫।୪(ସରୋଜ ମିଶ୍ର)**

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ବମ୍ପା ସେକ୍ସନ ପଟାଲୁ ଗ୍ରାମର ସୁରତି ପଧାନ(୪୫) ନାମକ ଜଣେ ମହିଳାଙ୍କୁ ଶୁକ୍ରବାର ଅପରାହ୍ନରେ ହାତୀ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସୁରତି ନିଜ ଘରପାଖ ବଗିଚାକୁ କାଜୁ ତୋଳିବାକୁ ଯାଇଥିବା ବେଳେ ହାତୀ ହାବୁଡରେ ପଡିଯାଇଥିଲେ। ସାଙ୍ଗରେ ଥିବା ପୁରୁଷ ୪ଜଣ ଜୀବନ ବିକଳରେ ଦୌଡି ପଳାଇ ଜୀବନ ବଞ୍ଚାଇଥିଲେ। ହାତୀଟି ସୁରତିଙ୍କୁ ଟେକି କଚାଡ଼ି ଦେଇଥିଲା । ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ରାସୋଳ ପୋଲିସ ଓ ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି ।

# ସଚେତନତା ଓ ସକ୍ରିୟତା ସୃଷ୍ଟିର ଆବଶ୍ୟକତା ରହିଛି

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ଢେଙ୍କାନାଳ,୨୫।୪(ରତନ ନାୟାର)**




ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀବୃନ୍ଦ ଓ ଅନ୍ୟମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦଭାବନା ସଭାଗୃହଠାରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମର ତ୍ରୈମାସିକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି ଅଧ୍ୟକ୍ଷତା କରି, ଲିଙ୍ଗ ଚିହ୍ନଟ, ଭ୍ରୁଣ ହତ୍ୟା ଏବଂ ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି ବୋଲି ମତବ୍ୟକ୍ତ କରିଥିଲେ । ଏହାର ନିରାକରଣ ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ପ୍ରକୃତ ସଚେତନତା ଓ ସକ୍ରିୟତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଶେଷ କରି ଦୁର୍ଗମ ଅଞ୍ଚଳରେ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର, ସ୍ୱେଚ୍ଛାସେବୀ ଏବଂ ସିଡ଼ିପିଓମାନେ ଅଧିକ ସଜାଗ ରହିଲେ ଏହାର ସମାଧାନ ସମ୍ଭବ ବୋଲି କହିଥିଲେ। ଆଗାମୀ ବୈଠକରେ ସିଡ଼ିପିଓମାନେ ସେମାନଙ୍କର କାର୍ଯ୍ୟାବଳୀ ସଂପର୍କରେ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିବାକୁ କହିଥିଲେ। ଲିଙ୍ଗ ଚିହ୍ନଟ କାର୍ଯ୍ୟ ଓ ଭ୍ରୁଣହତ୍ୟା ପରି କୌଣସି ଘଟଣା ସଂପର୍କରେ ସୂଚନା ପାଇ ପୋଲିସକୁ ଜଣାଇଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି। ସମୀକ୍ଷା ବୈଠକରେ ଶିଶୁ କଲ୍ୟାଣ ସମିତି ଚେୟାରମ୍ୟାନ ପୁଷ୍ପକ ତ୍ରିପାଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳମଣି ଦିଲ୍ଲିପଚାନ୍ଦ ବେହେରା, ଆଇନଜୀବୀ ମାନସୀ ମହାପାତ୍ର ଶିଶୁମାନଙ୍କ ଲାଳନ ପାଳନ, ସେମାନଙ୍କର ସୁରକ୍ଷା ଏବଂ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ସମାଜରେ ପ୍ରକୃତ ସଚେତନତା ସୃଷ୍ଟି ହେଲେ ଘୃଣ୍ୟ କାର୍ଯ୍ୟରୁ ନିବୃତି ମିଳିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷା ଅଭାବରୁ ପିଲାମାନେ ବିଭିନ୍ନ ଅତ୍ୟାଚାରର ଶିକାର ହେବା, ପଢ଼ା ମଝିରୁ ପାଠ ପଢିବା ବନ୍ଦ କରିବା, ବାଲ୍ୟବିବାହ ଯୋଗୁଁ ବିଭିନ୍ନ ସମସ୍ୟା, ହିଂସା ଓ ବିବାହ ବିଚ୍ଛେଦର ସମାଧାନ ସଂପର୍କରେ ଆଲୋଚନା ହୋଇଥିଲା । ଜିଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଶିଶୁମାନଙ୍କ ପାଇଁ ହେଉଥିବା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ବୈଠକରେ ସମସ୍ତ ସିଡ଼ିପିଓ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇଥିଲେ ।

## ତାଳକ ଗିରଫ, ବାଇକ୍ ଜବତ

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ହଣ୍ଡପା ପୋଲିସ ଗୁରୁବାର ରାତିରେ ବଇଣ୍ଡା ଛକରେ ଗାଡ଼ିମୋଟର ଯାଞ୍ଚ କରିଛି। ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡା ଗ୍ରାମର ସୁକାନ୍ତ ବେହେରାଙ୍କୁ ଗିରଫ କରିବା ସହ ତାଙ୍କ ବାଇକ୍‌କୁ ଜବତ କରିଛି। ଏ ନେଇ ନମ୍ବର ୧୪୧/୨୫ରେ ଏକ ମାମଲା ରୁଜୁ କରାଯାଇଛି।

**ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**

# ଜିଲା ମହୋତ୍ସବ ପାଇଁ ସଜେଇ ହୋଇଛି ଅନୁଗୋଳ


ଏସ୍‌ପିଙ୍କ ନେତୃତ୍ୱରେ ମହୋତ୍ସବ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି।


ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତ ହୋଇଥିବା ଷ୍ଟଲ।

ଅନୁଗୋଳ,୨୫।୪(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳର ୧୨ତମ ଜିଲା ମହୋତ୍ସବ ୨୬ରୁ ୨୮ ତାରିଖ ଯାଏ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ତିନିଦିନ ଧରି ହେବାକୁ ଥିବା ଏହି ମହୋତ୍ସବ ପାଇଁ ସହରକୁ ସାଜସଜ୍ଜା କରାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଶେଷ କରାଯାଇଛି। ସାରା ସହରକୁ ଆଲୋକମାଳାରେ ସଜେଇ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଅନୁଗୋଳ ଗସ୍ତରେ ଆସି ଜିଲା ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ଥିବାରୁ ସହରରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଜିଲା ମହୋତ୍ସବ ପାଇଁ ପୂର୍ବରୁ ୪ଟି ପୀଠରୁ ଅଣାଯାଇଥିବା ମଶାଲକୁ ଅପରାହ୍ନ ୪ଟାରେ ଶୈଳଶ୍ରୀକ୍ଷେତ୍ରରୁ ଶୋଭାଯାତ୍ରାରେ ଷ୍ଟାଡିୟମକୁ ନିଆଯାଇ ସ୍ଥାପନ କରାଯିବ। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଚରେ ଉପସ୍ଥିତ ରହି ଜିଲା ମହୋତ୍ସବକୁ ଉଦ୍‌ଘାଟନ କରିବେ। ତାଙ୍କ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଓ ଜିଲାର ସମସ୍ତ ବିଧାୟକ ମଞ୍ଚାସୀନ ରହିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ବିଜୁ ମୈଦାନ ଠାରେ ହେଲିପ୍ୟାଡ୍ ହୋଇଥିବା ବେଳେ ଭୁବନେଶ୍ୱରରୁ ସିଧା ହେଲିକପ୍ଟରରେ ଅନୁଗୋଳକୁ ଆସିବେ ମୁଖ୍ୟମନ୍ତ୍ରୀ।

ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ ଲୋକକଳା ଓ ଆଞ୍ଚଳିକ ଲୋକନୃତ୍ୟ ପରିବେଷଣ କରାଯିବ। ଏହାପରେ ବଲିଉଡ ନାଇଟରେ ନଚିକେତ ଲେଲେ ଓ ସାୟାଲୀ କମ୍ବଲେଙ୍କ ସଙ୍ଗୀତର ଭରପୂର ମଜା ଉଠେଇବେ ଅନୁଗୋଳବାସୀ। ସେହିପରି ଲୋକଙ୍କୁ ହସାଇ ହସେଇ ବେଦମ କରିବାକୁ ଆସିବେ କମେଡିଆନ ପ୍ରଜ୍ଞା-ଶଙ୍କର ଯୋଡ଼ି।


ଜିଲା ମହୋତ୍ସବ ପାଇଁ ଆବଶ୍ୟକ ସାଜସଜ୍ଜା କରାଯାଇଛି।

### ସହରରେ ଭଳିକି ଭଳି ଆଲୋକୀକରଣ

ଜିଲା ମହୋତ୍ସବ ପାଇଁ ଅନୁଗୋଳ ସହର ଭିଆଇପି ରୋଡ଼ ପାର୍ଶ୍ୱକୁ ପୁରା ଆଲୋକୀକରଣ କରାଯାଇଛି। ଭଳିକି ଭଳି ଆଲୋକ ଗଛ ଲଗାଯାଇଛି। କାନ୍ଥ ବାଡ଼ରେ ଟେରାକୋଟାରେ ରଙ୍ଗିନ ଚିତ୍ରକଳା ଅଙ୍କାଯାଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଲିଟୁ ଲାଇଟରେ ସଜାଯାଇଛି।

### ୧୫ ପ୍ଲାଟୁନ ଫୋର୍ସ ସହ ୭୦ ଅଧିକାରୀ

ଜିଲା ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ଥିବାରୁ ଏସ୍‌ପି ରାହୁଲ ଜୈନଙ୍କ ଅଧ୍ୟକ୍ଷରେ ଆବଶ୍ୟକ ସୁରକ୍ଷା ପ୍ରସ୍ତୁତି କରାଯାଇଛି। ଷ୍ଟେଜ ଠାରୁ ଆରମ୍ଭ କରି ସମସ୍ତ ଷ୍ଟଲକୁ ଶୁକ୍ରବାର ତନ୍ନ ତନ୍ନ କରି ଯାଞ୍ଚ କରାଯାଇଛି। ସହରସାରା ପୋଲିସ ମୁତୟନ କରାଯାଇଛି। ଡିଏସ୍‌ପି ପାହ୍ୟାର ୪ଜଣ ଅଧିକାରୀ, ଏଏସ୍‌ପି ୩ଜଣ, ୧୦ ଜଣ ଇନ୍ସପେକ୍ଟରଙ୍କ ସହ ୧୫ପ୍ଲାଟୁନ ଫୋର୍ସ ଓ ମୋଟ ୭୦ ଜଣ ପୋଲିସ ଅଧିକାରୀଙ୍କ ହାତରେ ସୁରକ୍ଷା ଦାୟିତ୍ୱ ରହିଥିବା ଜଣାପଡିଛି।

### ପଲ୍ଲିଶ୍ରୀ ମେଳାରେ ଖୋଲିବ ୧୮୦ ଷ୍ଟଲ

ପୂର୍ବରୁ ଅନୁଗୋଳ ହାଇସ୍କୁଲ ପଡ଼ିଆରେ ମହୋତ୍ସବ ଆୟୋଜିତ ହେଉଥିବା ବେଳେ ଚଳିତବର୍ଷ ଷ୍ଟାଡିୟମ ଭିତରେ ଏହା ସହ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ଏଥର ମୋଟ ୧୮୦ଟି ଷ୍ଟଲ ବ୍ୟବସ୍ଥା ହୋଇଛି। ଫାଷ୍ଟଫୁଡ ଷ୍ଟଲଗୁଡିକ ହାଇସ୍କୁଲ ପଡିଆରେ ରହିବ। ଉତ୍ତରପ୍ରଦେଶ, ଜମ୍ମୁ-କଶ୍ମୀର, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ପଞ୍ଜାବ, ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ, ତେଲଙ୍ଗାନା, କର୍ଣ୍ଣାଟକ ସମେତ ମୋଟ ୧୨ଟି ରାଜ୍ୟର ଉତ୍ପାଦକ ଦଳ ଓ ଉଦ୍ୟୋଗୀ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିବା ସହ ପଲ୍ଲିଶ୍ରୀମେଳାରେ ବିକ୍ରୟ କରିବେ।

## କେନ୍ଦୁପତ୍ର କର୍ମଚାରୀ ସଂଘର ବିକ୍ଷୋଭ, ଦାବିପତ୍ର

ଆଠମଲ୍ଲିକ, ୨୫।୪ (ଉଦୟନ ପୁରୋହିତ)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଆଠମଲ୍ଲିକ ଡିଭିଜନ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଏଫଓ ଜ୍ୟୋତି କୋଟାଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଙ୍ଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ନବ କୁମାର ମାହାର, ଡିଭିଜନ ସମ୍ପାଦକ ବିନୋଦ କୁମାର ପ୍ରଧାନ, ରେଞ୍ଜ ସମ୍ପାଦକ ନିରଞ୍ଜନ ଦେହୁରୀ, କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ମିଡିଆ ସେଲ୍ ସଂଯୋଜକ ଦିବ୍ୟଜ୍ୟୋତି ପଟ୍ଟନାୟକ, ରାଜ୍ୟ କର୍ମକର୍ତ୍ତା ଅନାଦି ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ କେନ୍ଦୁପତ୍ର କର୍ମଚାରୀ ଓ ଟୋଲିକ ଆଠମଲ୍ଲିକ ମିନି ଷ୍ଟାଡିୟମ ନିକଟରୁ ଶୋଭାଯାତ୍ରାରେ ଯାଇ କେନ୍ଦୁପତ୍ର ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। କେନ୍ଦୁପତ୍ରରୁ କିଏସ୍‌ପି ଉଚ୍ଛେଦ, ସର୍ବନିମ୍ନ ମଜୁରି ଅନୁଯାୟୀ ସିଜନାଲ କର୍ମଚାରୀଙ୍କ ଦରମା ବୃଦ୍ଧି, ପୂର୍ବ ସରକାରରେ ଦିଆଯାଉଥିବା କନ୍ୟା ବିବାହ ସହାୟତା ୨୫ ହଜାର ପୁନଃ ପ୍ରଦାନ, ସାମାଜିକ ସୁରକ୍ଷା ପାଇଁ କର୍ପସ ଫଣ୍ଡକୁ ୧୦୦ କୋଟି ଅନୁଦାନ, ବନ୍ଧେଇ ଶ୍ରମିକଙ୍କ ପିସ ରେଟ ବୃଦ୍ଧି, ଫର୍ଚ୍ଚକାଟ ନାମରେ କର୍ମଚାରୀ ଛଟେଇ ଓ ଫଡି ଉଚ୍ଛେଦ ବନ୍ଦ ଆଦି ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କେନ୍ଦୁପତ୍ର ଡିଏଫଓଙ୍କୁ ପ୍ରଦାନ କରାଯାଇଥିଲା।

## ତୃଣମୂଳସ୍ତରରୁ ସେବା ଯୋଗାଇବାକୁ ପରାମର୍ଶ

ବଣ୍ଡଁରପାଳ,୨୫।୪(ସୁବାସ ସାହୁ)

ନାଲକୋନଗର ସରସ୍ୱତୀ ବିଦ୍ୟାମନ୍ଦିରଠାରେ ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତିରାଜ ବ୍ୟବସ୍ଥାରେ ଦୁର୍ନୀତି ମୁକ୍ତହୋଇ ପାରଦର୍ଶିତା ସହ ତୃଣମୂଳସ୍ତରରେ ସେବା ଯୋଗାଇଦେବା ପାଇଁ ଅଧ୍ୟକ୍ଷ ଡ. ବେହେରା ପରାମର୍ଶ ଦେଇଥିଲେ। ଇତିହାସ ବିଭାଗ ଶିକ୍ଷକ ସତ୍ୟବାଦୀ ସାହୁ ପଞ୍ଚାୟତିରାଜ ବ୍ୟବସ୍ଥାର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଶିକ୍ଷକ ଚିତ୍ତରଞ୍ଜନ ନାୟକ ପଞ୍ଚାୟତିରାଜ ବ୍ୟବସ୍ଥାର ଆବଶ୍ୟକତା, ଲକ୍ଷ୍ୟ ଓ ଉପଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। 'ଆମ ଗାଁ ଆମ ଜୀବନ' ଏହି ବିଷୟର ମୁଖ୍ୟ ପ୍ରସଙ୍ଗ ଥିଲା। ଉପାଧ୍ୟକ୍ଷ ସସ୍ମିତା ମହାନ୍ତି, ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିରେଖା ସ୍ୱାଇଁ ଓ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ନିର୍ମଳ ସଭାପତି, ରଞ୍ଜିତ ସାଧାରଣ ସମ୍ପାଦକ

ବଣ୍ଡଁରପାଳ,୨୫।୪(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ଏମ୍ପ୍ଲୋଇଜ ସଂଘ (ନେସ୍) ପକ୍ଷରୁ ସାଙ୍ଗଠନିକ ନିର୍ବାଚନର ଫଳାଫଳ ଘୋଷଣା କରାଯାଇଛି। ଉପେନ୍ଦ୍ର ବେହେରା ଏବଂ ଯତୀନ କୁମାର ମିଶ୍ରଙ୍କ ନେତୃତ୍ୱରେ ଗଠିତ ନିର୍ବାଚନ କମିଟି ଏହି ଫଳାଫଳ ଘୋଷଣା କରିଛି। ସଭାପତି ଭାବେ ନିର୍ମଳ କୁମାର ସାମଲ ନିର୍ବାଚିତ ହୋଇଥିଲା ବେଳେ ରଞ୍ଜିତ କୁମାର ସାହୁ ସାଧାରଣ ସମ୍ପାଦକ, ଦିଲୀପ କୁମାର ମିଶ୍ର ମୁଖ୍ୟ ପରାମର୍ଶଦାତା ଏବଂ ଆଇନ ପରାମର୍ଶଦାତା, ପରାମର୍ଶଦାତା ଭାବେ ମାନସ ଚୌଧୁରୀ, ମଦନ ଧଳ, ପ୍ରଶାନ୍ତ କୁମାର ପ୍ରଧାନ, ବିଜନ କୁମାର ଦଳବେହେରା, ନିରୋଦ କୁମାର ଧୀର, ଯତୀନ କୁମାର ମିଶ୍ରଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ ସଭାପତି ଭାବେ ମଳୟ କୁମାର ସ୍ୱାଇଁ, ଉପେନ୍ଦ୍ର ବେହେରା(ବରିଷ୍ଠ), ଗଣେଶ୍ୱର ବେହେରା, ଉପସଭାପତି ଅଶ୍ୱିନୀ କୁମାର ସାମଲ, ଚିକନ ସାହୁ, ଅଶୋକ କୁମାର ସାହୁ, ବିକାଶ ଚନ୍ଦ୍ର ପାଲ, ମନୋଜ ପ୍ରସାଦ, ଉପେନ୍ଦ୍ର ବେହେରା(କନିଷ୍ଠ), ଶୁଭେନ୍ଦୁକୁମାର ବିଶ୍ୱାଳ, ଅଜିତ କୁମାର ଗୁଡ୍ଡୁ, ବସନ୍ତ ମଞ୍ଜରୀ ରଥ, ପ୍ରକାଶ ଚନ୍ଦ୍ର ବେହେରା, ସୁବାସ ଚନ୍ଦ୍ର ସ୍ୱାଇଁ, ଯୁଗ୍ମ ସାଧାରଣ ସମ୍ପାଦକ ମନୋଜ କୁମାର ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ସୁଧାଂଶୁ ଭୂଷଣ ମିଶ୍ର, ସଞ୍ଜୀବ କୁମାର ଦାସ, ବିକ୍ରମାଦିତ୍ୟ ବେହେରା, କାର୍ଯ୍ୟାଳୟ ସମ୍ପାଦକ ତ୍ରିନାଥ ରାଉତରାୟ, ଯୁଗ୍ମ କାର୍ଯ୍ୟାଳୟ ସମ୍ପାଦକ କୁନା ବେହେରା, କୋଷାଧ୍ୟକ୍ଷ ପ୍ରଦୀପ୍ତ ନାୟକ, ଯୁଗ୍ମ କୋଷାଧ୍ୟକ୍ଷ ସୁଧୀର ବେହେରା ଏବଂ ୧୪ ଜଣ ସମ୍ପାଦକ, ୧୫ ଜଣ ଯୁଗ୍ମ ସମ୍ପାଦକ ଓ ୧୫ ଜଣ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

## ନିଯୁକ୍ତି, ଥଇଥାନ ଦାବିରେ ଖଣି ବନ୍ଦ ଆନ୍ଦୋଳନ



ତାଳଚେର,୨୫।୪(ମନୋଜ ନନ୍ଦ)

ନିଯୁକ୍ତି, ଥଇଥାନ ତଥା କ୍ଷତିପୂରଣ ଆଦି ଦାବି ନେଇ ତାଳଚେର ବ୍ଲକ ଗୋପାଳପ୍ରସାଦ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ହିଙ୍ଗୁଳା କୋଇଲା ଖଣି ବନ୍ଦ ଆନ୍ଦୋଳନ କରାଯାଇଛି। ସକାଳୁ ଶତାଧିକ ଗ୍ରାମବାସୀ ହିଙ୍ଗୁଳା କୋଇଲା ଖଣି, ଟାଇମ୍ ଅଫିସ, କୋଇଲା ପରିବହନ ରାସ୍ତା ଆଦି ଅବରୋଧ କରିବାରୁ ଖଣିରୁ କୋଇଲା ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲା। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଗୋପାଳପ୍ରସାଦ ତୃତୀୟ ପର୍ଯ୍ୟାୟ ଜମିହରା ପ୍ରଜାଙ୍କ ୨୦୫ଟି ନିଯୁକ୍ତି ସମ୍ବନ୍ଧୀୟ ଫାଇଲକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଅନୁମୋଦନ କରିନାହାନ୍ତି। ଜମିହରା ପ୍ରଜାଙ୍କୁ ନିଯୁକ୍ତି ଦେବା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଇନାହିଁ। ନୂଆ ଦରରେ ଜମି ମୂଲ୍ୟ ନିର୍ଦ୍ଧାରଣ କରି କ୍ଷତିପୂରଣ ଦେବାକୁ ଦାବି କରାଯାଇଥିଲେ ହେଁ ଖଣି କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରି ୨୦୦୪ ମସିହାର ଥଇଥାନ ଦର ଅନୁଯାୟୀ କ୍ଷତିପୂରଣ ରାଶି ନେବାକୁ ବାଧ କରାଯାଉଛି। ପୂର୍ବରୁ ଖଣି କର୍ତ୍ତୃପକ୍ଷ ଜିଲାପାଳଙ୍କ ସମେତ ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଜମିହରା ଗ୍ରାମବାସୀଙ୍କୁ ନିଯୁକ୍ତି, ଥଇଥାନ ଦେବାକୁ ଲିଖିତ ଚୁକ୍ତିନାମା କରିଥିଲେ ମଧ୍ୟ ତାହାକୁ ଅଣଦେଖା କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିଶ୍ରୁତି ରକ୍ଷା କରିବାରେ ଖଣି କର୍ତ୍ତୃପକ୍ଷ ବାରମ୍ବାର ବିଫଳ ହେଉଥିବାରୁ ଗ୍ରାମବାସୀ ଏହି ଆନ୍ଦୋଳନ ଚଳାଇଛନ୍ତି।

### ଗିରଫଦାରିକୁ ନେଇ ଉତ୍ତେଜନା

ପୋଲିସ ଘଟଣାସ୍ଥଳରୁ ଆନ୍ଦୋଳନକାରୀଙ୍କୁ ଗିରଫ କରିବାରୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଗୋପାଳପ୍ରସାଦ ଗ୍ରାମର ମହିଳାମାନେ ହିଙ୍ଗୁଳା କୋଇଲା ଖଣିର ବିଭିନ୍ନ ସ୍ଥାନ ଅବରୋଧ କରିବାରୁ ଆନ୍ଦୋଳନ ଚାଲୁ ରହିଛି।

## ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟା ନେଇ ଦାବିପତ୍ର


କୁଲାଡ଼ ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଣ୍ଡଁରପାଳ,୨୫।୪(ସୁବାସ ସାହୁ)

ବଣ୍ଡଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ପାନୀୟ ଜଳର ଅଭାବ ସହ ଘନ ଘନ ବିଦ୍ୟୁତ୍ କାଟ ଓ ଲୋ ଭୋଲଟେଜ ସମସ୍ୟା ରହିଛି। ଏ ନେଇ ଗ୍ରାମବାସୀ ଶୁକ୍ରବାର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ସମସ୍ୟାର ସମାଧାନ ନିମନ୍ତେ ଅନୁରୋଧ କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦେବାକୁ ବିଧାୟକ ପ୍ରଧାନ ଆର୍‌ଡବ୍ଲୁଏସ୍‌ଏସ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ସମସ୍ୟାଗୁଡ଼ିକ ଖୁବ୍‌ଶୀଘ୍ର ସମାଧାନ କରାଯିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। କୁଲାଡ଼ ଗ୍ରାମର ସରପଞ୍ଚ ଉଷାରାଣୀ ସ୍ୱାଇଁ, କୁଲାଡ଼ ଟ୍ରକ୍ ମାଲିକ ସଂଘ ସଭାପତି ମନୋରଞ୍ଜନ ଜେନା, ସୁଶୀଲ ବିଶୋଇ, ଦିବ୍ୟଜ୍ୟୋତି ସିଂହ, ସୂର୍ଯ୍ୟକାନ୍ତ ସ୍ୱାଇଁ ଓ ମୁକେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ


ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଉପସ୍ଥିତ ଜନପ୍ରତିନିଧି ଓ ଅନ୍ୟମାନେ।

ପବିତ୍ରନଗର,୨୫।୪(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ଟୋଲକବେଡ଼ା ଖେଳପଡିଆ ଠାରେ ଗୁରୁବାର ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୧୦୦ ଦିନର କାର୍ଯ୍ୟଦିବସ ପୂରଣ କରିଥିବା କଣିହାଁ ପଞ୍ଚାୟତର ୧୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ଜଣଙ୍କୁ ନୂତନ ରାଶନ କାର୍ଡ, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୪ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ଯନ୍ତ୍ରୀ ସଲିଳ ସ୍ୱାଇଁ, ପଞ୍ଚାୟତ ଉନ୍ନୟନ ଅଧିକାରୀ ବିଜୟ କୁମାର ସାହୁ, ବ୍ଲକର ସମସ୍ତ କର୍ମଚାରୀ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ଷିକ ଯଜ୍ଞ, ପୂଜାର୍ଚ୍ଚନା

ତାଳଚେର,୨୫।୪ (ମନୋଜ ନନ୍ଦ)

ତାଳଚେର ବ୍ଲକ ସନ୍ତପଡ଼ା ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା ଗ୍ରାମସ୍ଥିତ ରାମେଶ୍ୱର ମନ୍ଦିରରେ ବାର୍ଷିକ ଯଜ୍ଞ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଉପଲକ୍ଷେ ଏକ ବାଦଦଣ୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଗ୍ରୁପରେ ଭଗବାନପୁର ହିନ୍ଦୋଳ ଓ ଦ୍ୱିତୀୟ ଗ୍ରୁପ୍‌ରେ ଗଡ଼ସନ୍ତ୍ରି ମଧ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସହଦେବ ସାହୁ, ମନ୍ଦିର କମିଟି ସଭାପତି ବିଜୟ କୁମାର ପ୍ରଧାନ, ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ, ରାଜ କିଶୋର ଭୂତିଆ, ସନାତନ ସାମଲ, ଶ୍ରୀମୁଖ ସାହୁ, ସୌଭାଗ୍ୟ ଗଡ଼ନାୟକ, ପୂର୍ଣ୍ଣଚନ୍ଦ୍ର ଗଡ଼ନାୟକ, କୁଲୁ ପ୍ରଧାନ ଓ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

## ରାସ୍ତା କାମ ନିମ୍ନମାନର ଅଭିଯୋଗ

ସନ୍ତ୍ରିଛକ,୨୫।୪ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଡଁରପାଳ ବ୍ଲକ ମହୀଧରପୁର ଠାରେ ବିନା ଫଳକରେ ନିର୍ମାଣ ହୋଇଥିବା ସିମେଣ୍ଟ କଂକ୍ରିଟ ରାସ୍ତା ନିମ୍ନମାନର ବୋଲି ସାଧାରଣରେ ଅଭିଯୋଗ ହେଉଛି। ମାତ୍ର ୧୦ ଦିନରେ ରାସ୍ତାରୁ ଗୋଡ଼ି-ସିମେଣ୍ଟ ବାହାରି ଯାଉଛି। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବଜାର ସାହିଠାରେ ୧୦ ଦିନ ପୂର୍ବରୁ ରାସ୍ତା ନିର୍ମାଣ ହୋଇଛି। କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ରାତି ଅଧରେ ତରବରିଆ ଭାବେ ଓ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ମନଇଚ୍ଛା ବାଲି, ଗୋଡ଼ି, ସିମେଣ୍ଟର ବ୍ୟବହାର କରାଯାଇଥିବାରୁ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ମିଥୁନ ବେହେରା କାର୍ଯ୍ୟ ସମ୍ପର୍କରେ ଜାଣି ନ ଥିବା କହିଥିଲା ବେଳେ ଯନ୍ତ୍ରୀ ସୂରଜ ପଲେଇ ତଦନ୍ତ କରାଯିବ ବୋଲି କହିଛନ୍ତି।


ବଣ୍ଡଁରପାଳ ବ୍ଲକ ମହୀଧରପୁର ଠାରେ ନିର୍ମାଣ ହୋଇଥିବା ରାସ୍ତା।

## ସମସ୍ୟା ସମାଧାନ ଉପରେ ଆଲୋକପାତ

ବଣ୍ଡଁରପାଳ,୨୫।୪ (ସୁବାସ ସାହୁ)

ବଣ୍ଡଁରପାଳ ବ୍ଲକ ଜରଡ଼ା ଉଚ୍ଚ ବିଦ୍ୟାଳୟରେ ବୁଧବାର ପୃଥିବୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିନୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଇକୋ କ୍ଲବ ଇନ୍‌ଚାର୍ଜ ମଦନ ସୁନ୍ଦର ସାହୁ, ସହକାରୀ ଶିକ୍ଷକ ତରଣିସେନ ସାହୁ, ମନୋଜ କୁମାର ସାହୁ, ଦୁଷ୍ମନ୍ତ କୁମାର ଦାସ, ଅଞ୍ଜନ କୁମାର ଦାସ, ସୁବ୍ରତ କୁମାର ପାତ୍ର ପ୍ରମୁଖ ଯୋଗଦେଇ ପ୍ରଦୂଷଣ ଜନିତ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନ ଶିକ୍ଷକ ମନୋଜ କୁମାର ସାହୁ ପ୍ରଦୂଷଣ ବିହୀନ ଇନ୍ଧନ ଓ ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ବ୍ରାଉନସୁଗାର ଜବତ, ୩ ଗିରଫ

ବଣ୍ଡଁରପାଳ,୨୫।୪(ସୁବାସ ସାହୁ)

ବଣ୍ଡଁରପାଳ ଥାନା ଆଲୁମିନିୟମ ପାର୍କ ଅଞ୍ଚଳରେ ଗୁରୁବାର ରାତିରେ ଥାନା ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ସନ୍ଦେହରେ ୩ ଜଣଙ୍କୁ ଅଟକ ରଖି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ପୋଲିସ ସେମାନଙ୍କଠାରୁ ୨୦.୨୬ ଗ୍ରାମ ବ୍ରାଉନ ସୁଗାର ସହ ୩ଟି ମୋବାଇଲ୍ ଓ ବାଇକ୍ ଜବତ କରିଥିଲା। ଏହି କାରବାରରେ ସମ୍ପୃକ୍ତି ଅଭିଯୋଗରେ ଜଣେ ନାବାଳକଙ୍କ ସମେତ ଶିକ୍ଷକପଡ଼ାର ସୁଜିତ ବେହେରା (୨୧) ଓ କୁମ୍ପଣ୍ଡ ଗ୍ରାମର ଗୁରୁଚରଣ ପ୍ରଧାନ(୧୯)କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ନାବାଳକଙ୍କୁ ଜୁଭେନାଇଲ୍ ହାଜତକୁ ପଠାଇ ଦିଆଯାଇଛି। ବଣ୍ଡଁରପାଳ ଥାନା ସବ୍‌ଇନ୍ସପେକ୍ଟର ଅର୍ଚ୍ଚନା ନାୟକ ତଦନ୍ତ କରୁଛନ୍ତି।

## ବାଜି ରାଉତ ଛାତ୍ରାବାସରେ ବିଶ୍ୱ ପୁସ୍ତକ ଦିବସ

ଅନୁଗୋଳ,୨୫।୪(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ବାଜି ରାଉତ ଛାତ୍ରାବାସରେ ଡ୍ରିମ ଫର୍ ଅନୁଗୋଳ ଓ ଆମ ପ୍ରତିଭା ଆମ ସ୍ୱାଭିମାନ ପକ୍ଷରୁ ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି। ଡ୍ରିମ ଫର୍ ଅନୁଗୋଳର ସଂଯୋଜକ ଗୋପାଳ ଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ସଙ୍ଗଠକ ପର୍ଶୁରାମ ଦାଶ ପରିଚାଳନା କରିଥିଲେ। ଆମ ପ୍ରତିଭା ଆମ ସ୍ୱାଭିମାନର ପ୍ରତିଷ୍ଠାତା ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବହି ଆମର ସାଥୀ ବୋଲି ବିଚାର କଲେ ତା' ପ୍ରତି ଭଲପାଇବା ବଢିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ଓ ଅବସରପ୍ରାପ୍ତ ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ପଠନଶୀଳ ଚିନ୍ତାଧାରା ବଢ଼ିଲେ ମନୁଷ୍ୟ ଶିକ୍ଷିତ ଓ ସଂସ୍କାରିତ ହୋଇଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଏସ୍‌ୟୁସିଆଇ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଭ୍ୟ ବ୍ରଜବନ୍ଧୁ ସାହୁ, ବାଜି ରାଉତ ଛାତ୍ରାବାସ କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରାବାସର ଛାତ୍ରଛାତ୍ରୀଙ୍କୁ ମହାପୁରୁଷଙ୍କ ମାର୍ଗଦର୍ଶିକା ପୁସ୍ତକ ବଣ୍ଟନ କରାଯାଇଥିଲା। ଆମ ପ୍ରତିଭା ଆମ ସ୍ୱାଭିମାନର ସମ୍ପାଦକ ଦିନେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




**ODISHA PUBLIC SERVICE COMMISSION, CUTTACK**

**NOTICE**

**No.2712 / P.S.C., Dt.24.04.2025**
**(1R-34-2024/25) (DR-V)**

**No.D-31:** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Mechanical Engineering**, pursuant to Advertisement No.32 of 2023-24 shall be held from **05.05.2025 to 15.05.2025 (except 10.05.2025, 11.05.2025 & 12.05.2025)** as per the following programme in the Office of the Commission at 19, Dr. P.K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 05.05.2025 | 10.30 A.M. | P220034366, P220085403, P220087283 & P230165418 = **04 Candidates** |
| | 02.30 P.M. | P230169824, P230177804 & P230177924 = **03 Candidates** |
| 06.05.2025 | 10.30 A.M. | P230182731, P230187086, P230187231 & P230234742 = **04 Candidates** |
| | 02.30 P.M. | P240294700, P240295521 & P240299927 = **03 Candidates** |
| 07.05.2025 | 10.30 A.M. | P240301403, P240301434, P240301661 & P240301703 = **04 Candidates** |
| | 02.30 P.M. | P240301798, P240301994 & P240302034 = **03 Candidates** |
| 08.05.2025 | 10.30 A.M. | P240302121, P240302725, P240302745 & P240303155 = **04 Candidates** |
| | 02.30 P.M. | P240303686, P240303819 & P240303875 = **03 Candidates** |
| 09.05.2025 | 10.30 A.M. | P240303899, P240303927, P240303962 & P240304007 = **04 Candidates** |
| | 02.30 P.M. | P240304269, P240304390 & P240304475= **03 Candidates** |
| 13.05.2025 | 10.30 A.M. | P240304540, P240305063, P240305684 & P240305776 = **04 Candidates** |
| | 02.30 P.M. | P240306336, P240306470 & P240306737= **03 Candidates** |
| 14.05.2025 | 10.30 A.M. | P240306740, P240306756, P240308491 & P240308616 = **04 Candidates** |
| | 02.30 P.M. | P240308850, P240309794 & P240310039 = **03 Candidates** |
| 15.05.2025 | 10.30 A.M. | P240310401, P240311817 & P240311917= **03 Candidates** |
| | 02.30 P.M. | P240312350 & P240312378 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification:-

1. The hard copies of **online application forms** indicating their **PPSAN at the top right-hand corner.**
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commisison).
4. H.S.C. or equivalent Certificate in support of declaration of age issued by the concerned Board/ Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./ M.Tech./M.S./ Integrated M.Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examination (i.e. H.S.C. to Ph.D.) issued by the concerned Board/ Council/ University/ Institution.
9. Research Papers.
10. Reasearch Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post- Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No. 32 of 2023-24.
17. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**Sd./- Secretary**

# କତଡ଼ାରୁ ଶୈଳଶ୍ରୀକ୍ଷେତ୍ର ଗଲା ରଥକାଠ

ଛେଣ୍ଡିପଦା,୨୫।୪(ଅଜିତ ଧଳ)

ଅନୁଗୋଳ ଜିଲ୍ଲା ଶୈଳଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଇଁ ଛେଣ୍ଡିପଦା ବ୍ଲକ କତଡ଼ାରୁ ରଥ କାଠ ପଠାଯାଇଛି। ଚଳିତବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଅନୁଗୋଳ ବନଖଣ୍ଡ ଜରପଡ଼ା ବନାଞ୍ଚଳ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ରଥକାଠ ପରିବହନର ଶୁଭାରମ୍ଭ ହୋଇଛି। ଏଥିପାଇଁ ଜରପଡ଼ା ସେକ୍ସନରୁ ୨ଟି ଟ୍ରକ୍‌ରେ ୨୯ ଖଣ୍ଡ କାଠ ପଠାଯାଇଛି। ଏ ନେଇ ବନାଞ୍ଚଳ ପକ୍ଷରୁ କତଡ଼ା ଗ୍ରାମବାସୀଙ୍କ ସହାୟତାରେ ଶାଳ, ବାଞ୍ଚନ ଓ ଧଉରା ଆଦି ୨୧ଟି ଗଛ କଟାଯାଇ ୬୯ ଖଣ୍ଡ ନିଆଯାଇଛି। ସୂଚନା ଅନୁଯାୟୀ, ଚଳିତବର୍ଷ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ରଥଯାତ୍ରା ପାଇଁ ଅନୁଗୋଳ ଜିଲ୍ଲା ପ୍ରଶାସନ ସହାୟତାରେ ଅନୁଗୋଳ ବନଖଣ୍ଡ ନିର୍ଦ୍ଦେଶରେ କତଡ଼ା ସେକ୍ସନ କତଡ଼ା ବନ ସୁରକ୍ଷା ସମିତି ଅଧୀନରେ ଥିବା ଜଙ୍ଗଲରୁ ରଥକାଠ ଆଣାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ପ୍ରଧାନ ଅନୁଯାୟୀ ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଏସିଏଫ କୃଷ୍ଣଚନ୍ଦ୍ର ସାହୁ, ଜରପଡ଼ା ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ କତଡ଼ା ଗ୍ରାମବାସୀଙ୍କ ସହାୟତାରେ ପୂଜାପାଠ ପରେ ଜଙ୍ଗଲରୁ ୨୧ଟି ଗଛ କଟାଯାଇ ୨ଟି ଟ୍ରକ୍‌ରେ କାଠ ଅନୁଗୋଳ ପଠାଯାଇଥିଲା। କତଡ଼ା ଗ୍ରାମବାସୀଙ୍କ ପକ୍ଷରୁ ନାମ ସଂକୀର୍ତ୍ତନ ସହିତ ରଥକାଠକୁ ବନ୍ଦାପନା କରାଯାଇଥିଲା।

# ବଢୁଛି ତାତି, ଜନଜୀବନ ଅସ୍ତବ୍ୟସ୍ତ



- ■ଢେଙ୍କାନାଳରେ ୪୩ ଡ଼ିଗ୍ରୀ ତାପମାତ୍ରା
- ■ପୂର୍ବାହ୍ନ ୧୦ଟା ପରେ ରାସ୍ତା ଶୁନଶାନ
- ■ସମସ୍ୟା ବଢ଼ାଉଛି ପାନୀୟ ଜଳସଙ୍କଟ

ବଇଣ୍ଡା,୨୫।୪(ପରିକ୍ଷିତ ସାହୁ)

ଟାଣ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଛଟପଟ ହେଉଛନ୍ତି ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକବାସୀ। ଦିନକୁ ଦିନ ତାପମାତ୍ରାରେ ବୃଦ୍ଧି ପରିଲକ୍ଷିତ ହେଉଥିବା ବେଳେ ଶୁକ୍ରବାର ଏଠାରେ ପାରଦ ୪୩ ଡିଗ୍ରୀରେ ପହଞ୍ଚିଥିବା ବେସରକାରୀ ସୂତ୍ରରୁ ଜଣାପଡ଼ିଛି। ପୂର୍ବାହ୍ନ ୧୦ଟା ପରେ ରାସ୍ତା ଶୁନ୍‌ଶାନ୍ ହୋଇଯାଉଛି। ଜରୁରୀ କାମ ନ ଥିଲେ ଲୋକେ ବାହାରକୁ ବାହାରିବାକୁ ଉଚିତ ମଣୁ ନ ଥିବାରୁ ବ୍ୟବସାୟ ବାଣିଜ୍ୟ ମଧ୍ୟ ପୂର୍ବାପେକ୍ଷା ହ୍ରାସ ପାଉଛି। ତେବେ ତାତି ସାଙ୍ଗକୁ ପାନୀୟ ଜଳ ସଙ୍କଟ ଅଞ୍ଚଳବାସୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି।

ଶିଳ୍ପ ବହୁଳ ଅନୁଗୋଳ ଜିଲାରେ କିଛି ବର୍ଷ ହେବ ତାପମାତ୍ରା ବଢୁଛି। ଜିଲାରେ ଶିଳ୍ପାୟନର କାୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଅଧିକ ଜଙ୍ଗଲ ସୃଷ୍ଟି ଦିଗରେ ଆବଶ୍ୟକ ଧ୍ୟାନ ଦିଆଯାଉ ନ ଥିବା ପରିବେଶବିତ୍‌ମାନେ ଅଭିଯୋଗ କରୁଛନ୍ତି। ଏଥିସହ କିଶୋରନଗର ବ୍ଲକ୍‌ର ବଇଣ୍ଡା ଓ ଆଖପାଖ ଅଞ୍ଚଳ ଦେଇ ଯାଇଥିବା କଟକ- ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କିଛିବର୍ଷ ହେବ ଚାଲିଥିବା ଏଥିପାଇଁ ସହସ୍ରାଧିକ ଗଛ କଟି ପକାଯାଇଛି। ରାଜପଥକୁ କଂକ୍ରିଟ କରାଯାଇଥିବାରୁ ଏହା ଆଖପାଖ ଅଞ୍ଚଳରେ ତାତି ବୃଦ୍ଧିର କାରଣ ହେଉଛି। ସେହିପରି ନିକଟରେ ଥିବା ଇଚ୍ଛାପୁର, କଣ୍ଟେଇକୋଳିଆ, ମାଧପୁର, ଟକବା ଆଦି ଜଙ୍ଗଲରେ ଅବାଧ ଗଛ କଟାଯାଉଥିଲେ ମଧ୍ୟ ଚାରାରୋପଣ କରାଯାଉନାହିଁ। ଏସବୁ କାରଣରୁ ବ୍ଲକ ଅଞ୍ଚଳରେ ତାପମାତ୍ରରେ ବୃଦ୍ଧି ଦେଖାଯାଉଥିବା କୁହାଯାଉଛି। ଏପରି ଗ୍ରୀଷ୍ମ ପ୍ରବାହ ସମୟରେ ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସଂକଟ ଦେଖାଦେଉଛି। ନାଳ, ପୋଖରୀ ଆଦି ଶୁଖିଯାଉଥିବା ବେଳେ ବହୁ ଗ୍ରାମରେ ନଳକୂପର ଜଳସ୍ତର ହ୍ରାସ ପାଇଥିବା ଅଭିଯୋଗ ହେଉଛି। ତେଣୁ ପାଣି ସଂଗ୍ରହ ପାଇଁ ଲୋକଙ୍କ ଭିତରେ ତତ୍ପରତା ବଢ଼ିଥିବାରୁ ଏହା ଅନେକ ସମୟରେ ସାହି ଓ ଗାଁ ଗାଁ ଭିତରେ ବିବାଦ ସୃଷ୍ଟି କରୁଛି। ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉନାହିଁ। ବିଭିନ୍ନ ଜଙ୍ଗଲରେ ବନ ବିଭାଗ ପକ୍ଷରୁ କୁଣ୍ଡ କରାଯାଇଥିଲେ ମଧ୍ୟ ସେଗୁଡ଼ିକରେ ପାଣି ନ ଥିବାରୁ ଜୀବଜନ୍ତୁ ପାଣି ନ ପାଇ ଗ୍ରାମାଭିମୁଖୀ ହେଉଛନ୍ତି। ତେଣୁ ତୁରନ୍ତ ପାନୀୟ ଜଳ ସଂକଟ ଦୂର କରିବା ଦିଗରେ ପଦକ୍ଷେପ ନେବା ସହ ଚାରା ରୋପଣ ପାଇଁ ସଚେତନତା ସୃଷ୍ଟି କରିବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

# ବରିଷ୍ଠ ନାଗରିକ ସଂଘର ଶ୍ରଦ୍ଧାଞ୍ଜଳି



ବଅଁରପାଳ,୨୫।୪(ସୁବାସ ସାହୁ)

ପରଲୋକଗତ ତାଳଚେରର ରାଜା ସାହେବ ରାଜେନ୍ଦ୍ର ଚନ୍ଦ୍ରଦେବ ବୀରବର ଓ ଜମ୍ମୁକାଶ୍ମୀରରେ ଆତଙ୍କୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ବଅଁରପାଳ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଏକ ଶୋକସଭାର ଆୟୋଜନ କରାଯାଇଥିଲା। ମଞ୍ଚ ଉପଦେଷ୍ଟା ତଥା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ସତ୍ୟବାନ ବରାହଙ୍କ ଅଧ୍ୟକ୍ଷତାରେ ସଂଘ କର୍ମକର୍ତ୍ତା ଓ ସମସ୍ତ ସଦସ୍ୟ ଦୀପଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଆତଙ୍କୀ ଆକ୍ରମଣକୁ ନିନ୍ଦା କରିଥିଲେ। ସଂଘ ସଭାପତି ଶିବ ଚରଣ ସେଠୀ, ସମ୍ପାଦକ ରବୀନ୍ଦ୍ର ସାହୁ, ହେମନ୍ତ ନାଏକ, ରମେଶ ଶତପଥୀ, ହେମନ୍ତ ସାହୁ, ରୋହିତ ବାରିକ, ସରୋଜ ସାହୁ, ରଘୁନାଥ ସେଠୀ, ଅରୁଣ ଜେନା, ବିନୋଦ ପ୍ରଧାନ ଓ ପ୍ରତାପ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ




ବନ୍ତଲା,୨୫।୪(ସୁଶିତ ସାହୁ)

ଅନୁଗୋଳ ବ୍ଲକ ପୋକତୁଙ୍ଗା ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ରଠାରେ ଶୁକ୍ରବାର ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଏମ୍ରିଗ୍ରୀନ୍ ହେଲଥ ସର୍ଭିସ ଦ୍ୱାରା ପରିଚାଳିତ ୧୦୮ ଆମ୍ବୁଲାନ୍ସ ସର୍ଭିସ ତରଫରୁ ପାଳନ ହୋଇଥିବା ଏହି ସ୍ୱତନ୍ତ୍ର ଦିବସରେ ପୋକତୁଙ୍ଗା ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମ୍ୟାଲେରିଆ ନିରାକରଣ ସମେତ ସତର୍କତାମୂଳକ ପଦକ୍ଷେପ ଓ ୧୦୮ ଆମ୍ବୁଲାନ୍ସର ବ୍ୟବହାର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ଅଧିକାରୀ କଲ୍ୟାଣୀ ଦଳବେହେରାଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା। ଆମ୍ବୁଲାନ୍ସ କର୍ମଚାରୀଙ୍କ ସମେତ ତ୍ରିନାଥ ବିଶ୍ୱାଳ, ଶାରଦାପ୍ରସାଦ ଦାସ ସହଯୋଗ କରିଥିଲେ।

# ବାଜି ରାଉତଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ



ଭୁବନ,୨୫।୪(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଭାରତୀୟ ବିଦ୍ୟା ନିକେତନ ତକ୍ଷଶୀଳା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ରତିକାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଜଗବନ୍ଧୁ ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ତିଳୋତ୍ତମା ବରାଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ ଭୁବନ ମାଟି ଶହୀଦ ବୀର ବାଜି ରାଉତଙ୍କ ମାଟି ହୋଇଥିବାରୁ ସମସ୍ତେ ତାଙ୍କ ଆଦର୍ଶକୁ ଆପଣାଇବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ଜେନା ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକଙ୍କ ପ୍ରତିନିଧି ସଞ୍ଜୟ କୁମାର ଦାସ, ପଣ୍ଡିତ ପ୍ରମୋଦ ମିଶ୍ର, ବାଣୀଶ୍ରୀ ରବୀନ୍ଦ୍ର କୁମାର ହୋତା, କାଉନ୍‌ସିଲର ମନମୋହନ ସାହୁ ପ୍ରମୁଖ ଯୋଗଦେଇ ଗୌରବ ଆଣିଥିବା ସାଇନା ସାହୁ, ପ୍ରିୟରଞ୍ଜନ ବରାଳ, ଆଶିଷ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧଉରାପାଲି ପଞ୍ଚାୟତ ସମ୍ବର୍ଦ୍ଧିତ



ବଇଣ୍ଡା,୨୫।୪(ପରିକ୍ଷିତ ସାହୁ)

ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ କିଶୋରନଗର ବ୍ଲକ୍ ଧଉରାପାଲି ପଞ୍ଚାୟତକୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଗୋଳ ବିଧାୟକ ପ୍ରତାପ କୁମାର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ଯୋଗଦେଇ ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଆଗକୁ ପଞ୍ଚାୟତରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ସରପଞ୍ଚ କହିଛନ୍ତି।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଦେଖିଲେ ଦକ୍ଷତା ବିକାଶ ସଚିବ

ଛେଣ୍ଡିପଦା,୨୫।୪(ଅଜିତ ଧଳ)/ ତାଳଚେର (ମନୋଜ ନନ୍ଦ)



ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରୁଛନ୍ତି ରାଜ୍ୟ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ବିଭାଗ ସଚିବ।

ରାଜ୍ୟ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା, ଇପିକଲ, ଇଡ୍‌କୋ ସଚିବ ଭୁପେନ୍ଦ୍ର ସିଂ ପୁନିଆ ଶୁକ୍ରବାର ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। କୋଶଳା ଗ୍ରାମର ବିଭିନ୍ନ ଉନ୍ନୟନ କାର୍ଯ୍ୟ, ରାମଚଣ୍ଡୀ ମନ୍ଦିର, ଗ୍ରାମୀଣ ପାର୍କ, ପାନୀୟ ମେଗା ପ୍ରକଳ୍ପର ବିଶୁଦ୍ଧୀକରଣ ବ୍ୟବସ୍ଥା ଓ ମେଗା ପ୍ରକଳ୍ପରୁ ପାଇପ୍‌ରେ ଜଳଯୋଗାଣ ବ୍ୟବସ୍ଥା ବୁଲି ଦେଖିଥିଲେ। ହାଟ ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟର ବିପଜ୍ଜନକ ଶ୍ରେଣୀଗୃହ ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ବିକଳ୍ପ ବ୍ୟବସ୍ଥା ପାଇଁ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ହାଟ ପାଖରେ ଅସ୍ୱାସ୍ଥ୍ୟକର ପରିବେଶରେ ଅଙ୍ଗନୱାଡି କେନ୍ଦ୍ର ଚାଲିବା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋଶଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଥ୍ରୀ ଫେଜ୍‌ରେ ୨୫୦ କେଭି ଟ୍ରାନ୍ସଫର୍ମର ସଂଯୋଗ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସଚିବ ଛେଣ୍ଡିପଦା ବ୍ଲକ୍ ପରିସରରେ ଚାଲିଥିବା ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ବେଳେ ଅନୁଗୋଳ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ, ସରପଞ୍ଚ ଉଦିତ କୁମାର ପ୍ରଧାନଙ୍କ ସମେତ ବିଦ୍ୟୁତ୍ ଓ ଜଳଯୋଗାଣ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସଚିବ ପୁନିଆ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ତାଳଚେର ଉପଜିଲାପାଳ ସମୀର କୁମାର ଜେନାଙ୍କ ସହ ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ କମିଶନର ପୁନିଆଙ୍କୁ ସ୍ୱାଗତ ଜଣାଇବା ସହ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।


STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India

Great Place To Work. Certified

**EMPLOYEE RELATION & CANTEEN DEPARTMENT**

REF.NO.E.R&C / TENDER / BISCUIT, GROCERY & SOFT-DRINKS / 2025-26 / 267 DATED:-17-04-2025

Sealed tender is invited from registered dealers with GST Registration No. for supply of items as per schedule given for a period of 12 months from the date of issue of order.

| SL.NO. | SCHEDULE-A | EMD |
|---|---|---|
| 1. | BISCUITS, GROCERY, & SOFT-DRINKS (PACKED & NON-PACKED) | Rs.15,000.00 |

Tender form can be obtained from the office of the AGM (H.R-TA, G, E.R & C), Employee Relation & Canteen Department, on all working days during the working hours on payment of Rs.110/- (Rupees one hundred ten only) inclusive of all taxes through SB collect.

The tenders complete in all respect will be received up to 15-05-2025, 3.00 PM in the tender box kept in the office of AGM (H.R-TA, G, E.R & C). The tender will be opened at 4.00 PM on the same day i.e 15-05-2025.

The tender shall remain valid for a period of 3 months from the date of receipt of the tender. If the tenderer resiles from the offer or varies the terms of offer, the EMD shall be forfeited. A copy of this advertisement can also be seen on the company website www.sailtenders.co.in.

AGM (H.R-TA, G, E.R & C)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

There's a little bit of SAIL in everybody's life



**OFFICE OF THE COLLECTOR & DISTRICT MAGISTRATE, SUBARNAPUR**
(SOCIAL WELFARE SECTION)

**Tender Call Notice**
**No.1523 / SW Dt.25.04.2025**

Sealed Tenders are invited for engagement of Transport agent / contractor for transportation of food stuff (Rice & Wheat) in Subarnapur district for the year 2025-26. For other details please see notice board of Collector / DSWO or may visit the official website of Subarnapur District **"https://subarnapur.odisha.gov.in"**.

**Sd./- Collector, Subarnapur**



**OFFICE OF THE EXECUTIVE ENGINEER**
**Road Construction Department, Road Division, Daltonganj.**
**e-Procurement Notice**
**e-Tender Ref No.-1/RCD/Daltonganj/2025-26/ 401**
**Dated:-24.04.2025**

| | | |
|---|---|---|
| 1. | Name of Work | Construction of Bridge/High Level Bridge at Ch 16.00 Km of Patan -Daltonganj (Bairiya Chowk to Saguna More) Road for the year 2025-26. |
| 2. | Estimated Cost | Rs. 10,20,46,031.00 (Rupees Ten Crore Twenty Lacs Forty Six Thousand Thirty One) Only. |
| 3. | Bid Security (Amount) | Rs. 10,20,500.00 (Rupees Ten Lacs Twenty Thousand Five Hundred) Only. |
| 4. | Time of Completion | 18 Months |
| 5. | Date of Publication of Tender on Website | 08.05.2025, 10:30 AM |
| 6. | Last Date/Time of Online Bid Submission | 29.05.2025, 12:00 Noon |
| 7. | Date and Time of Bid opening | 30.05.2025, 12.30 PM |
| 8. | Bid (Tender Fee & EMD) Submission Address | Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in |
| 9. | Name & address of officer Inviting tender | Executive Engineer, R.C.D., Road Division, Daltonganj.06562—225019 |
| 10. | E-mail Id | eercdmedini-jhr@nic.in |
| 11. | Helpline number of e Procurement cell | 0651-2401010 |

**Note : Estimated amount may vary.**

For further details can be seen on website http://jharkhand tenders.gov.in

**Executive Engineer**
Road Construction Department
Road Division, Daltonganj.

**PR 351028 Road(25-26)D**



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 08/ET/SBP/ ENGG/2025-26, ତା.22.04.2025ରିଖ

(1) ଇ-ଟେଣ୍ଡର ସଂ. 01-eT-SDENW-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ନୂଆପଡ଼ା ରୋଡ୍ (IN)- ଟିଟିଲାଗଡ଼ (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,72,38,297.79,
ବିଡ୍ ସିକ୍ୟୁରିଟୀ : ₹ 2,36,200/-

(2) ଇ-ଟେଣ୍ଡର ସଂ. 02-eT-SDENW-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମହାସମୁନ୍ଦ ପରିସୀମା ଅଧୀନସ୍ଥ ଲଖୋଲି (EX)-ନୂଆପଡ଼ା ରୋଡ୍ (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,69,40,591.89,
ବିଡ୍ ସିକ୍ୟୁରିଟୀ : ₹ 2,34,800/-

(3) ଇ-ଟେଣ୍ଡର ସଂ. 03-eT-SDENW-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ନୂଆପଡ଼ା ରୋଡ୍ (IN)-ଟିଟିଲାଗଡ଼ (EX) ସେକ୍ସନ ମଧ୍ୟରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 51,39,303.19,
ବିଡ୍ ସିକ୍ୟୁରିଟୀ : ₹ 1,02,800/-

(4) ଇ-ଟେଣ୍ଡର ସଂ. 04-eT-SDENW-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମହାସମୁନ୍ଦ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ଲଖୋଲି (EX)- ନୂଆପଡ଼ା ରୋଡ୍ (EX) ସେକ୍ସନ ମଧ୍ୟରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 99,58,714.56,
ବିଡ୍ ସିକ୍ୟୁରିଟୀ : ₹ 1,99,200/-

(5) ଇ-ଟେଣ୍ଡର ସଂ. 01-eT-SETT-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ ସେଟେଲମେଣ୍ଟ/ସମ୍ବଲପୁର ପରିସୀମା ଅଧୀନସ୍ଥ କଲୋନୀ ଏରିଆରେ ବିଟୁମିନସ୍ (Bituminous) ରୋଡ୍‌ଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 62,37,331.16,
ବିଡ୍ ସିକ୍ୟୁରିଟୀ : ₹ 1,24,800/-

କାର୍ଯ୍ୟ ଶେଷ ହେବା ଅବଧି : 30.06.2026 (କ୍ରମ ସଂଖ୍ୟା 1, 2, 3 ଓ 4 ପାଇଁ) ଏବଂ 06 (ଛଅ) ମାସ (କ୍ରମ ସଂଖ୍ୟା 5 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 16.05.2025, 1500 ଘଟିକା (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-69/Q/25-26



**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ମଇ ମାସ ପାଇଁ **"ନିଧି ଆପକେ ନିକଟ" ଏବଂ "ପେନ୍‌ସନ୍ ଅଦାଲତ" ତା.୧୨.୦୫.୨୦୨୫ରିଖ (ସୋମବାର)** ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା **୦୫.୦୫.୨୦୨୫** ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0058/25



କାନାରା ବ୍ୟାଙ୍କ Canara Bank
ଭାରତ ସରକାରଙ୍କ ଉଦ୍ୟୋଗ / A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୫୦୦୧୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ/ଜାମିନ୍‌ଦାରମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ସମ୍ପୃକ୍ତ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ନିମାପଡା ଶାଖା (୩୪୫୪) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ଶ୍ରୀ ବେଦ ପ୍ରକାଶ ବରାଳ, ପିତା: ୰ ବିଭୁ ଦତ୍ତ ବରାଳ, ୨) ୰ ବିଭୁ ଦତ୍ତ ବରାଳ, ପିତା: ୰ ଅଭିମନ୍ୟୁ ବରାଳ / ୰ ବିଭୁ ଦତ୍ତ ବରାଳଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ ବେଦ ପ୍ରକାଶ ବରାଳ, ପିତା: ୰ ବିଭୁ ଦତ୍ତ ବରାଳ, ୨) ଶ୍ରୀମତୀ ଶୋଭାରାଣୀ ବରାଳ, ସ୍ୱାମୀ: ୰ ବିଭୁ ଦତ୍ତ ବରାଳ, ୩) ଶ୍ରୀମତୀ ବିଦ୍ୟୁଲତା ବରାଳ, ସ୍ୱାମୀ: ୰ ଅଭିମନ୍ୟୁ ବରାଳ, ସମସ୍ତଙ୍କ ଠିକଣା- ସା/ପୋ: ବଳଙ୍ଗା, ବଳଙ୍ଗା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ନିକଟ, ପୁରୀ-୭୫୨୧୦୫ | (କ) ୰ ବିଭୁ ଦତ୍ତ ବରାଳଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ପୁରୀ, ଥାନା: ନିମାପଡ଼ା, ଥାନା ନଂ.: ୬୧, ସବ୍-ରେଜିଷ୍ଟର୍ଡ: ନିମାପଡା, ତହସିଲ: ନିମାପଡା, ମୌଜା: ବଳଙ୍ଗା, ଖାତା ନଂ.: ୧୮୫୯/୩୦୫, ପ୍ଲଟ୍ ନଂ.: ୬୮୪, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ସ୍ଥିତି: ସ୍ଥିତିବାନ, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ବକ୍ରେଶ୍ୱର ମନ୍ଦିର ଜମି, ପୂର୍ବ: ଭାଗିରଥୀ ବେହେରା, ପଶ୍ଚିମ: ବିଶ୍ୱରଞ୍ଜନ ବିଶ୍ୱାଳ, ସିଇଆର୍‌ଏସ୍‌ଏଆଇ ଆଇଡ଼ି: ୪୦୦୦୧୭୦୩୬୩୫ / (ଖ) ୦୭.୦୨.୨୦୨୫ / (ଗ) ୨୨.୦୪.୨୦୨୫ / (ଘ) ଟ.୧,୫୯,୨୧୧.୪୪ (ଏକ ଲକ୍ଷ ଅଣଷଠି ହଜାର ଦୁଇ ଶହ ଏଗାର ଟଙ୍କା ଏବଂ ଚଉରାଳିଶି ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |
| **ଜଟଣୀ ଶାଖା (୩୬୭୩) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ମେସର୍ସ ଜ୍ୟୋତିକ୍ଷା ଟ୍ରେଡ଼ର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୋମନାଥ ପ୍ରସାଦ ଗୁପ୍ତା, ପିତା: ଲୋକନାଥ ପ୍ରସାଦ ଗୁପ୍ତା, ୨) ଶ୍ରୀ ସୋମନାଥ ପ୍ରସାଦ ଗୁପ୍ତା, ପିତା: ଲୋକନାଥ ପ୍ରସାଦ ଗୁପ୍ତା, ଉଭୟଙ୍କ ଠିକଣା- ବଡ଼ବଜାର, ଶ୍ରୀରାମ ମାର୍କେଟ କମ୍ପ୍ଲେକ୍ସ ନିକଟ, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୦ | (କ) ଶ୍ରୀ ସୋମନାଥ ପ୍ରସାଦ ଗୁପ୍ତାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ଜଟଣୀ, ଥାନା ନଂ.: ୩୬, ସବ୍-ରେଜିଷ୍ଟର୍ଡ: ଜଟଣୀ, ତହସିଲ: ଜଟଣୀ, ମୌଜା: ଜଟଣୀ, ମ୍ୟୁଟେସନ୍ ଖାତା ନଂ.: ୧୦୨/୪୫୮, ପ୍ଲଟ୍ ନଂ.: ୯୯/୩୯୨, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ସବ୍-ରେଜିଷ୍ଟ୍ରାର ଅଫିସ୍, ଜଟଣୀ ଅନ୍ତର୍ଗତ, ଅନୁରୂପ ପୁରୁଣା ଖାତା ନଂ.: ୧୦୨/୩୪, ମୌଜା: ଜଟଣୀ, ସ୍ଥିତି: ସ୍ଥିତିବାନ, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ. ୧୦୧ ଏବଂ ୧୦୨, ପୂର୍ବ: ପ୍ଲଟ୍ ନଂ. ୯୯ର ଅଂଶ, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୧୦୦, ସିଇଆର୍‌ଏସ୍‌ଏଆଇ ଆଇଡ଼ି: ୪୦୦୦୭୩୬୪୬୪୨୨ / (ଖ) ୧୨.୦୨.୨୦୨୫ / (ଗ) ୨୧.୦୪.୨୦୨୫ / (ଘ) ଟ.୩୯,୩୨,୫୧୨.୦୧ (ଅଣଚାଳିଶି ଲକ୍ଷ ବତିଶି ହଜାର ପାଞ୍ଚ ଶହ ବାର ଟଙ୍କା ଏବଂ ଏକ ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |
| **ପୁରୀ-ଉ ଶାଖା (୧୪୩୯) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ମେସର୍ସ ରୟାଲ ଏଣ୍ଟରପ୍ରାଇଜେସ୍ ଆଣ୍ଡ ସପ୍ଲାଏର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ କୋଭିରି ରାୟାଲୁ, ୨) ଶ୍ରୀମତୀ କୋଭିରି ରାୟାଲୁ, ସ୍ୱାମୀ: ୰ କୋଭିରି ପ୍ରସାଦ/ ଜାମିନ୍‌ଦାର: ଶ୍ରୀ ମାର୍କ କୋଭିରି, ପିତା: ୰ କୋଭିରି ପ୍ରସାଦ, ସମସ୍ତଙ୍କ ଠିକଣା- ସା: ପେଣ୍ଠକଟା, ନୋଳିଆ ସାହି, ସି.ଟି. ରୋଡ୍, ପୁରୀ, ଓଡ଼ିଶା, ପିନ୍-୭୫୨୦୦୨ | (କ) ଶ୍ରୀମତୀ କୋଭିରି ରାୟାଲୁଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚକ୍ରତୀର୍ଥ, ଖାତା ନଂ.: ୨୩୨, ପ୍ଲଟ୍ ନଂ.: ୪୦୭, କ୍ଷେତ୍ର: ଏକର୦.୦୬୪ଡିସିମିଲି, ସ୍ଥିତି: ସ୍ଥିତିବାନ, କିସମ: ଘରବାରି, ଅନୁରୂପ ପୁରୁଣା ସାବିକ ମୌଜା: ବାଲୁଖଣ୍ଡ, ସାବିକ ଖାତା ନଂ.: ୧୫୧, ସାବିକ ପ୍ଲଟ୍ ନଂ.: ୧୧୬୩, କ୍ଷେତ୍ର: ଏକର୦.୦୬୪ଡିସିମିଲି, ଥାନା: ପୁରୀ ଟାଉନ, ଥାନା ନଂ. ୨୭, ସବ୍-ରେଜିଷ୍ଟ୍ରାର ଅଫିସ୍: ପୁରୀ ସହର, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀ ରବିନ୍ଦ୍ର କୁମାର ସ୍ୱାଇଁ, ପୂର୍ବ: ଶ୍ରୀ ରବିନ୍ଦ୍ର କୁମାର ସ୍ୱାଇଁ, ପଶ୍ଚିମ: ରାସ୍ତା, **ସିଇଆର୍‌ଏସ୍‌ଏଆଇ ଆଇଡି:** ୪୦୦୦୧୮୧୯୨୪୭୦ / (ଖ) ୨୨.୦୨.୨୦୨୪ / (ଗ) ୨୫.୦୪.୨୦୨୫ / (ଘ) ଟ.୬୮,୨୧,୨୩୪.୬୩ (ଅଠଷଠି ଲକ୍ଷ ଏକୋଇଶି ହଜାର ଦୁଇ ଶହ ଚଉତିରିଶି ଟଙ୍କା ଏବଂ ତେଷଠି ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |

ତାରିଖ : ୨୫.୦୪.୨୦୨୫
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଲଡେରା, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଗାଡିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ବ୍ୟାଙ୍କ ଦ୍ୱାରା ଜବତ କରାଯାଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ କ୍ରୟ କରିବାକୁ ଆଗ୍ରହୀ ନିଲାମଧାରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ସର୍ବସାଧାରଣ ନୋଟିସ୍‌ଟି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଏକ ନୋଟିସ୍ ଭାବେ ଗ୍ରହଣ କରାଯିବ। ସେମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ନିଲାମ ତାରିଖ ପୂର୍ବରୁ ସମସ୍ତ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ଗାଡ଼ିଗୁଡ଼ିକ ନିଲାମ କରାଯିବ ଏବଂ ବକେୟା ଯଦି କିଛି ରହିଯାଏ ତାହା ସୁଧ ଏବଂ ଖର୍ଚ୍ଚ ସହିତ ଆଦାୟ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା ରାଶି | ପାର୍କିଂ ୟାର୍ଡର ବିବରଣୀ |
|---|---|---|---|---|---|
| ୧. | ଯୋଡା | ଶ୍ରୀ କ୍ଷିରୋଦ କୁମାର ମହାନ୍ତି | COMMERCIAL TRUCK ASHOK LEYLAND GM4220/66 ନିର୍ମାଣ ବର୍ଷ: 2020 ପଞ୍ଜିକୃତ ନଂ.: OD09K9757 ଇଞ୍ଜିନ ନଂ.: LDHZ407946 ଚେସିସ୍ ନଂ.: MB1NGCHD4LRDE5761 | ଟ.୧୨,୨୫,୦୦୦/- / ଟ.୧,୨୨,୫୦୦/- | ସା/ପୋ: ସାହାରାପଡା, ଜିଲ୍ଲା: କେନ୍ଦୁଝର-୭୫୮୦୧୬ |
| ୨. | ଯୋଡା | ଶ୍ରୀ ବିଜୟ କୁମାର ସିଂହ | COMMERCIAL TRUCK ASHOK LEYLAND GM4220/66 ନିର୍ମାଣ ବର୍ଷ: 2020 ପଞ୍ଜିକୃତ ନଂ.: OD09K8287 ଇଞ୍ଜିନ ନଂ.: LDHZ407308 ଚେସିସ୍ ନଂ.: MB1NGCHD2LRDE4513 | ଟ.୧୩,୧୨,୫୦୦/- / ଟ.୧,୩୧,୨୫୦/- | ସା/ପୋ: ସାହାରାପଡା, ଜିଲ୍ଲା: କେନ୍ଦୁଝର-୭୫୮୦୧୬ |
| ୩. | ଯୋଡା | ନଫସା ଖାତୁନ | COMMERCIAL TATA TRUCK, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5464, ଇଞ୍ଜିନ ନଂ.: 91B84863776, ଚେସିସ୍ ନଂ.: MAT466621K5C04526 | ଟ.୮,୫୦,୫୦୦/- / ଟ.୮୫,୦୫୦/- | ଏସ୍ ଆଣ୍ଡ ଡି ଷ୍ଟକୟାର୍ଡ ସା/ପୋ.: କାନପୁର, ଥାନା: ରାସଗୋବିନ୍ଦପୁର, ଭାୟା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୧୬ |

ନିଲାମ ତାରିଖ: ୧୫.୦୫.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ, ଇ-ନିଲାମ ପୋର୍ଟାଲ https://baanknet.com

ଅମାନତ ରାଶି, ଦରଖାସ୍ତ ଏବଂ କାଗଜାତ୍ ଜମା କରିବାର ଅନ୍ତିମ ତାରିଖ: ୦୫.୦୫.୨୦୨୫ ରୁ ୧୫.୦୫.୨୦୨୫, ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା

ନିୟମ ଏବଂ ସର୍ତ୍ତାବଳୀ : ଇଚ୍ଛୁକ ନିଲାମଧାରୀମାନେ ଗାଡିଗୁଡିକୁ ଉପରଦର୍ଶିତ ପାର୍କିଂ ୟାର୍ଡ ପରିସରରେ ତା.୦୫.୦୫.୨୦୨୫ ରୁ ତା.୧୪.୦୫.୨୦୨୫, ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ। ସଫଳ ନିଲାମଧାରୀଙ୍କ ସପକ୍ଷରେ ନିଲାମ ସ୍ଥିର ହେଲେ ସେ ନିଲାମ ରାଶିର ୨୫% ନିଲାମର ୧ ଦିନ ମଧ୍ୟରେ ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ୧୫ ଦିନ ମଧ୍ୟରେ ଦାଖଲ କରିବେ ଅନ୍ୟଥା ସଫଳ ନିଲାମଧାରୀଙ୍କ ଦ୍ୱାରା ଜମା କରାଯାଇଥିବା ରାଶି ବାଜ୍ୟାପ୍ତି କରାଯିବ। ସଫଳ କ୍ରେତା, ମାଲିକାନା ହସ୍ତାନ୍ତରିତ ଏବଂବୈଧାନିକ ଦେୟ / ସମସ୍ତ ଆନୁଷଙ୍ଗିକ ଦେୟ ଯଦିଥାଏ ତାହା ବହନ କରିବେ। ସଫଳ ନିଲାମଧାରୀମାନେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରି ଷ୍ଟକ୍ ୟାର୍ଡରୁ ୧୫ ଦିନ ମଧ୍ୟରେ ଗାଡ଼ିଗୁଡ଼ିକ ନେବା ସେମାନଙ୍କର ଦାୟିତ୍ୱ ଅଟେ। ଗାଡି "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ ଯେକୌଣସି ସମୟରେ ନିଜର ସ୍ୱତନ୍ତ୍ର କ୍ଷମତା ବଳରେ ଗାଡିର ନିଲାମ ପ୍ରକ୍ରିୟାକୁ ଗ୍ରହଣ / ରଦ୍ଦ / ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ନିଲାମ ଡାକରେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। ପରବର୍ତ୍ତୀ ସୂଚନା ଏବଂ ସ୍ପଷ୍ଟୀକରଣ ନିମନ୍ତେ ଯୋଗାଯୋଗ କରନ୍ତୁ : ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୦୮୦୧୯। ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀମାନଙ୍କୁ ଏହା ଏକ ୧୫ ଦିନିଆ ନୋଟିସ୍ କି ସେମାନେ ସେମାନଙ୍କର ବକେୟାଦେୟ ପୈଠ କରି ଆକାଉଣ୍ଟକୁ ଫଏସଲା କରନ୍ତୁ ଏବଂ ଉପରଦର୍ଶିତ ତାରିଖରେ ସର୍ବସାଧାରଣ ନିଲାମ/ଇ-ନିଲାମରେ ଅଂଶଗ୍ରହଣ କରନ୍ତୁ।

ସ୍ଥାନ: କେନ୍ଦୁଝର, ତାରିଖ: ୨୫.୦୪.୨୦୨୫
ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# Classified Everyday

0674-2580101, 9692975378



## REAL ESTATE

### SALE

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

**Plot for sale Mahanadi Vihar, Cuttack. Mob- 9937657114 no broker allowed.** D-291



## CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397



## FOR RENT

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

1 Hall 800-1000sqft. (attach Bathroom) plot No.-104/965, Road No.-16, Mahaveer Nagar near Gangua Bridge, Samantrapur, BBSR. Contact- 6372096033. D-76054

1 Room Kitchen & Bathroom, 42, Swostidham, Shanti Nagar, Jharpada, Bhubaneswar. Contact- 9885043645. D-76053





Full body massage by experience therapist with homely atmosphere. 9114559860. D-275

Full body massage by odia therapist in homely atmosphere. 9556498382. D-75381



## BUSINESS

**Newly opened Dance Group, Coriographer with efficient dancers (Boys, Girls & Manager). Contact- 7853844427.** D-75844

## LOST

ମୁଁ ସୁନିତା ସାହୁ, ୩୧ବର୍ଷ, ସ୍ୱାମୀ- ସଞ୍ଜୟ କୁମାର ସାହୁ, ଗ୍ରାମ-ଛକିଲୋ ସିମିଲିପାଟଣା, ପୋଷ୍ଟ-କାକୁଡ଼ିଭାଗ, ଥାନା- ସଦର, ଜିଲ୍ଲା-ଢେଙ୍କାନାଳ, ପିନ୍- ୭୫୯୦୧୫ ଜଣାଉଅଛି କି, ଗତ ୧୦।୦୪।୨୦୨୫ ସକାଳ ୧୦ଟା ସମୟରେ ମୂଳ ପଞ୍ଜୀକୃତ ବିକ୍ରୟ ଦଲିଲ ନମ୍ବର-୪୪୩୪/୨୦୦୨ ଏବଂ ୪୪୩୫/୨୦୦୨, ତା.୨୩।୧୨।୨୦୦୨ରେ ପତିତପାବନ ସାହୁ ଏବଂ ବସନ୍ତ କୁମାର ପଣ୍ଡା ଏବଂ ଲକ୍ଷ୍ମୀଧର ପଣ୍ଡାଙ୍କ ମଧ୍ୟରେ ପଞ୍ଜୀକୃତ ହୋଇଥିବା ସମ୍ପତ୍ତିର ଲିଙ୍କ୍ କାଗଜପତ୍ର ହେଉଛି ଯାହା-ସୁନିତା ସାହୁ, ପ୍ଲଟ୍ ନମ୍ବର- ୧୪୧,୧୪୧/୬୧୬୧,୧୪୧/୬୧୬୨,୧୩୮/୬୦୯୮,୧୩୯ ଏବଂ ୧୩୯/୬୧୬୩, ଖାତା ନମ୍ବର- ୭୮୪/୧୪୯୩ ମୌଜା-ଭାପୁର, ତହସିଲ-ସଦର ଢେଙ୍କାନାଳ, ଜିଲ୍ଲା-ଢେଙ୍କାନାଳ। ମୋ ସ୍ୱାମୀଙ୍କ ସହିତ ଢେଙ୍କାନାଳରୁ ଭାପୁରକୁ ଆସୁଥିବା ବାଟରେ କେଉଁଠାରେ ହଜିଯାଇଛି। ସମସ୍ତ ପ୍ରୟାସ ସତ୍ତ୍ୱେ ଉକ୍ତ ଡକ୍ୟୁମେଣ୍ଟଟି ମିଳିନାହିଁ। ମୁଁ ଉପର କଥିତ ସମ୍ପତ୍ତିକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଏମ୍‌ସିସି, ଲିଙ୍କ୍‌ରୋଡ୍, କଟକରେ ବନ୍ଧକ ରଖିବାକୁ ଯାଉଛି। ଯଦି କେହି ଉପରୋକ୍ତ ଦଲିଲଗୁଡିକ ପାଆନ୍ତି, ତେବେ ଦୟାକରି ମୋବାଇଲ- ୯୯୩୭୭୯୮୨୮୬ କିମ୍ବା ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। କିମ୍ବା କଥିତ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୯୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Krushnakanta Pradhan, At/P.O.- Purunakatak, Boudh-762013 have lost possession of residues of my already damaged Transfer cum Conduct Certificate which was issued by Ravenshaw University, Cuttack bearing the SI No.-11059. If anyone found kindly contact on- 6371487351. D-285

## AFFIDAVIT

Affidavit before Executive Magistrate, Jagannathprasad, Ganjam No.- 253/21.04.2025. That I Kumuti Naik (old name), S/o- Duari Naik, At- Khairanati, P.O.- Kumpapada, P.S.- Jagannathprasad, Ganjam changed my name from Kumuti Naik to Bipra Naik. Henceforth, I shall be known as Bipra Naik for all future purposes. D- 296

I, Mamata Sahu, D/o- Yudhisthir Sahu, R/o- Village- Kankabira, P.S./ Dist.- Bargarh declare that in my Aadhaar card my name has been mentioned as Mamata Sahu, but in previous Aadhaar card wrongly mentioned as Mamata Duan. By this affidavit No.- 829, dated 16.04.2025 sworn before the Notary Public, Sohela now onwards I shall be known as Mamata Sahu for all future purposes. D-297

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

Letter No.- 712
dt- 24.04.2025

ମାନ୍ୟବର ଆଡିସିନାଲ କମିଶନର
ଶ୍ରୀ ପ୍ରଦୀପ କୁମାର ନାୟକ,
ଆଇ.ଏ.ଏସ୍. ଆଡିସିନାଲ ରିଭିଜନ
କୋର୍ଟ ନଂ.- ୪ଙ୍କ ଅଦାଲତ,
ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେଶ୍ ନଂ.- ୨୦/୨୦୨୪

ଶ୍ରୀ ଅକ୍ଷୟ କୁମାର ସାହୁ ....ବାଦୀ/ଦରଖାସ୍ତକାରୀ

ବନାମ

ତହସିଲଦାର, ଭୁବନେଶ୍ୱର ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,

୧) ଭାଗୀରଥି ରାଉତ, ପିତା- ୰ଦିଗମ୍ବର ରାଉତ, ସା/ପୋ- ପଟିଆ, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ....ପ୍ରତିବାଦୀ ନଂ.-୨

୨) ଗଗନ ବିହାରୀ ରାଉତ, ପିତା- ୰ଦିଗମ୍ବର ରାଉତ, ସା/ପୋ- ପଟିଆ, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ....ପ୍ରତିବାଦୀ ନଂ.- ୪

୩) ଏମ୍/ଏସ୍ ସିଟିକନ ଇଞ୍ଜିନିୟରସ ଲିମିଟେଡ ପ୍ରତିନିଧିତ୍ୱ କରିଥିବା ନିର୍ଦ୍ଦେଶକ ଇଂ ଦୀପକ ମହାନ୍ତି, ପିତା- ୰ହୃଷୀକେଶ ମହାନ୍ତିଙ୍କ କାର୍ଯ୍ୟାଳୟ ଠିକଣା ପ୍ଲଟ୍ ନଂ.- ୫୪୦, ପୋ/ଥାନା- ସହୀଦନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ....ପ୍ରତିବାଦୀ ନଂ.- ୫

ନୋଟିସ୍

ସିପିସି ଅର୍ଡର-୫, ରୁଲ-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା- ୧୫(ଖ) ମୁତାବକ ମାନ୍ୟବର ଆଡ଼ିସିନାଲ କମିଶନର, ଆଡ଼ିସିନାଲ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ଅକ୍ଷୟ କୁମାର ସାହୁ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.- ୨,୪ ଓ ୫ ଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିନା ଜାରି ହୋଇ ଫେରିଆସିଥିଲା। ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.- ୨,୪ ଓ ୫ ମାନଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଇ ଅଛିକି ଯେ, ଉପରୋକ୍ତ ରିଭିଜନ କେଶ୍‌ର ଶୁଣାଣି ମାନ୍ୟବର ଆଡ଼ିସିନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୬।୦୬।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେଶ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦ୍ରଶେଖରପୁର, ମୌଜା- ଚନ୍ଦ୍ରଶେଖରପୁର, ସାବକ ଖାତା ନଂ.- ୧୯୦, ସାବକ ପ୍ଲଟ୍ ନଂ.- ୫୬୪, ଅନୁରୂପ ହାଲ ଖାତା ନଂ.- ୯, ହାଲ ପ୍ଲଟ୍ ନଂ.- ୮୧୬, ଏରିଆ ଏ.୦.୧୨୦ ଡେସିମାଲରୁ କ୍ରୟବୃତ୍ତି ଏରିଆ ଏ୦.୦୪୬ ଡେସିମାଲ (ଦୁଇହଜାର ବର୍ଗଫୁଟ) ଚିହ୍ନିତ ଅନୁସାରେ ସବ ପ୍ଲଟ୍ ନଂ.- ୦୭, ଚୌପଦି: ଉତ୍ତର- ରେଭେନ୍ୟୁ ପ୍ଲଟ୍ ନଂ.- ୮୨୪, ଦକ୍ଷିଣ- ରାସ୍ତା, ପୂର୍ବ- ରେଭେନ୍ୟୁ ପ୍ଲଟ୍ ନଂ.- ୮୧୬(ଅଂଶ), ପଶ୍ଚିମ- ସବ ପ୍ଲଟ୍ ନଂ.- ୦୬

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.-୨,୪ ଓ ୫ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ସ୍ୱା./- ଆଡିସିନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ, କୋର୍ଟ ଅଫିସର

ଧ-୨୮୬

I.R. No.- 630
Date- 23.04.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ
ରିଭିଜନ୍ ଅଦାଲତ ନଂ.- ୨
(ଶ୍ରୀ ପ୍ରଦୀପ କୁମାର ନାୟକ)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର,
ଜିଲ୍ଲା- ଖୋର୍ଦ୍ଧା ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. ମକଦ୍ଦମା ନମ୍ବର- ୧୦୩୩/୨୦୨୧

ଅମିତ କୁମାର ମଲ୍ଲିକ, ପିତା- ଉପେନ୍ଦ୍ରନାଥ ମଲ୍ଲିକ .....ବାଦୀ

ବନାମ

ରାମଚନ୍ଦ୍ର ଦାଶ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ- ମୁତାବକ

୩) ହାଡ଼ିବନ୍ଧୁ ମହାପାତ୍ର, ୪) ସୁଦର୍ଶନ ମହାପାତ୍ର ଉଭୟଙ୍କର ପିତା ସ୍ୱର୍ଗତ ଗୋପୀନାଥ ମହାପାତ୍ର, ୫) ଟୁକୁନା ମହାପାତ୍ର, ସ୍ୱାମୀ ସ୍ୱର୍ଗତ ସୁରେନ୍ଦ୍ରନାଥ ମହାପାତ୍ର, ୬) ମଳୟ ମହାପାତ୍ର, ପିତା ସ୍ୱର୍ଗତ ସୁରେନ୍ଦ୍ରନାଥ ମହାପାତ୍ର, ୭) ରବିନ୍ଦ୍ର ନାଥ ମହାପାତ୍ର, ପିତା ସ୍ୱର୍ଗତ ମଗୁଣୀ ମହାପାତ୍ର, ୮) ହୃଷୀକେଶ ମହାପାତ୍ର, ପିତା- ସ୍ୱର୍ଗତ ଗୋବିନ୍ଦ ମହାପାତ୍ର, ପ୍ରତିବାଦୀ ନଂ.- ୩ ଠାରୁ ୮ ମାନଙ୍କର ବାସସ୍ଥାନ ସା/ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ.- ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ.- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୩।୦୬।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଶଙ୍କରପୁର, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ସାବକ

ଖାତା ନଂ.- ୨୭୬, ପ୍ଲଟ୍ ନଂ.- ୫୭୩, ସବ- ପ୍ଲଟ୍ ନଂ.- ୫୭୩/ଏ, କିସମ- ଶାରଦ- ଅଣଜଳସେଚିତ-୩, ରକବା- ଏ.୦.୨୩୦ଡି ସ୍ୱଧରୁ ଏ.୦.୧୩୮ଡି, ସ୍ୱତ୍ୱ- ସ୍ଥିତିବାନ,

ହାଲ

ଖାତା ନଂ.- ୧୩୬୬, ପ୍ଲଟ୍ ନଂ.- ୧୦୩୭, କିସମ- ଶାରଦ- ଅଣଜଳ ସେଚିତ-୩, ରକବା- ଏ.୦.୦୬୨ଡି., ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା-
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./-କୋର୍ଟ ଅଫିସର

ଧ-୨୯୩

# ଆନ୍ଧ୍ରରୁ ଚାଲାଣ ବେଳେ ୪୭୩ କଇଁଛ ଜବତ

ଏମ୍‌ଭି-୭୯,୨୫।୪ (ଭିକି ବାରିକ)



ଜବତ ଗାଡ଼ି ସହ କଇଁଚ।

ଏକ ବୋଲେରୋରେ ଆନ୍ଧ୍ରରୁ ଓଡ଼ିଶାକୁ ଚୋରା ଚାଲାଣ ହେଉଥିବା ୪୭୩ଟି କଇଁଛକୁ ମାଲକାନଗିରି ଜିଲା ସୀମାନ୍ତରୁ ଶୁକ୍ରବାର ଭୋର ୪ଟାରେ ମୋଟୁ ବନ ବିଭାଗ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଆନ୍ଧ୍ରରୁ ଓଡ଼ିଶାକୁ କଇଁଛ ଚୋରା ଚାଲାଣ ହେଉଥିବା ମୋଟୁ ବନ ବିଭାଗର ରେଞ୍ଜର ରଶ୍ମି ରଞ୍ଜନ ସ୍ୱାଇଁଙ୍କୁ ସୂଚନା ମିଳିଥିଲା। ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ମୁରଲୀଧର ଅନୁଗୁଳିଆଙ୍କ ନେତୃତ୍ୱରେ ଏକ ଟିମ୍ ମୋଟୁ ଦେଇ ମାଲକାନଗିରିକୁ ସଂଯୋଗ କରୁଥିବା ୨ଟି ବର୍ଡର ଚେକ୍‌ଗେଟ ଯଥା ଆନ୍ଧ୍ରର କାଲେରୁ ଏବଂ ଛତିଶଗଡର କୋଣ୍ଟା ମୋଟୁ ପୋଲଠାରେ ଜଗି ରହିଥିଲେ। ତେବେ କୋଣ୍ଟା ମୋଟୁକୁ ସଂଯୋଗ କରୁଥିବା ପୋଲ ଦେଇ ଆସୁଥିବା ଏକ ବୋଲେରୋ ନଂ (ଓଆର ୧୦ଇ ୫୮୭୭)କୁ ବନ କର୍ମଚାରୀ ଅଟକାଇବାକୁ ଚେଷ୍ଟା କରିବାରୁ ଗାଡ଼ି ଛାଡ଼ି ୨ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗାଡ଼ିକୁ ଯାଞ୍ଚ କରିବା ପରେ ସେଥିରେ ୪୭୩ଟି କଇଁଛ ରହିଥିବା ଦେଖିବାକୁ ମିଳିଥିଲା। ବନ ବିଭାଗ ଗାଡ଼ିକୁ ଜବତ କରି ମୋଟୁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଛି। ଏହି କଇଁଛ ଆନ୍ଧ୍ରରୁ ଅଣାଯାଇ ମାଲକାନଗିରି ଜିଲାର କାଳିମେଳାର ବିଭିନ୍ନ ଅଞ୍ଚଳରେ ବିକ୍ରି କରିବା ପାଇଁ ନିଆଯାଉଥିବା ଜଣାପଡ଼ିଛି। ଫେରାର ୨ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚେଷ୍ଟା କରାଯାଉଥିବା ମୋଟୁ ଫରେଷ୍ଟର ଅନୁଗୁଳିଆ ସୂଚନା ଦେଇଛନ୍ତି।

# ୨୦୩୬ ସୁଦ୍ଧା ମହାବଳ ସଂଖ୍ୟା ୧୦୦ ଛୁଇଁବ: ପିସିସିଏଫ୍

## ଶିମିଳିପାଳ ଜାତୀୟ ଉଦ୍ୟାନ

ବାରିପଦା,୨୫।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟ ଦେଶର ୧୦୭ ତମ ଜାତୀୟ ଉଦ୍ୟାନ ମାନ୍ୟତା ପାଇଛି। ବନ୍ୟଜନ୍ତୁ, ଔଷଧୀୟ ବୃକ୍ଷଲତା, ଅର୍କିଡ୍, ହସ୍ତୀ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ନେଇ ଶିମିଳିପାଳ ପ୍ରସିଦ୍ଧି ଲାଭ କରିଛି। ମହାବଳ ବାଘ ସଂଖ୍ୟା ୪୦କୁ ବୃଦ୍ଧି ପାଇଥିବା ନେଇ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ୍) ପ୍ରେମ କୁମାର ଝା ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି। ଏହାକୁ ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଆଗାମୀ ୨୦୩୬ ସୁଦ୍ଧା ବାଘ ସଂଖ୍ୟା ୧୦୦ ପାର ହେବା ନେଇ ସମସ୍ତ ପ୍ରସ୍ତୁତି ଆଗେଇ ଚାଲିଛି ବୋଲି ପିସିସିଏଫ୍ କହିଛନ୍ତି।

ଦୀର୍ଘ ୪୫ ବର୍ଷ ପରେ ଶିମିଳିପାଳକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଛି। ୮୪୫.୭୦ବର୍ଗ କି.ମି. ଅଞ୍ଚଳ ଜାତୀୟ ଉଦ୍ୟାନ ଘୋଷଣା ହେବା ପରେ ଶିମିଳିପାଳ ଉପରେ କୌଣସି ବ୍ୟକ୍ତିବିଶେଷଙ୍କ ଅଧିକାର ରହିବ ନାହିଁ। ଏହି ଅଞ୍ଚଳରେ କୌଣସି ଜନବସତି ନ ଥିବା ବେଳେ ମହାବଳ ବାଘ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ପିସିସିଏଫ କହିଛନ୍ତି। ମହାରାଷ୍ଟ୍ରରୁ ଆସିଥିବା ବାଘୁଣୀ ଜିନ୍ନତ ଓ ଯମୁନା ବ୍ୟତୀତ ଶିମିଳିପାଳରେ ମହାବଳ ବାଘ ସଂଖ୍ୟା ୪୦ରେ ପହଞ୍ଚିଛି। ସେଥି ମଧ୍ୟରେ ୮ଟି ଶାବକ, ୧୩ଟି ଅଣ୍ଡିରା ଓ ୧୭ଟି ବାଘୁଣୀ ରହିଥିବା ବେଳେ ୨ଟି ମହାବଳ ଅଣ୍ଡିରା ନା ମାଈ ତାହା ସ୍ପଷ୍ଟ ହୋଇପାରିନାହିଁ। ଏହି ବାଘଙ୍କ ମଧ୍ୟରେ ୧୮ଟି କଳାବାଘ(ମିଲେନାଷ୍ଟିକ ଟାଇଗର) ରହିଛନ୍ତି। କଳାବାଘ ମଧ୍ୟରେ ୯ଟି ଅଣ୍ଡିରା ଓ ୯ଟି ମାଈ ବାଘୁଣୀ ରହିଛନ୍ତି। ଆଗାମୀ ୧୦ ବର୍ଷ ମଧ୍ୟରେ ଏହି ସଂଖ୍ୟା ୧୦୦ ଛୁଇଁବ ବୋଲି ବନ ବିଭାଗ ଲକ୍ଷ୍ୟ ରଖିଥିବା ପିସିସିଏଫ୍ ଝା ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ୨୦୨୩ରେ ଏନ୍‌ଟିସିଏ ପକ୍ଷରୁ ପ୍ରକାଶିତ ବାଘ ଗଣନା ରିପୋର୍ଟରେ ଶିମିଳିପାଳରେ ୨୭ଟି ମହାବଳ ବାଘ ରହିଥିବା ବେଳେ ୮ଟି ଶାବକ ଥିବା ପ୍ରକାଶ ପାଇଥିଲା। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁନଃ ଗଣତି କରାଯାଇ ଟ୍ରାପ କ୍ୟାମେରାରେ ୧୨ଟି ବାଘ ଶାବକ ରହିଥିବା ଜଣାପଡ଼ିଥିଲା।

# ଗର୍ଭବତୀ ନାବାଳିକାଙ୍କ ନାମରେ ରହିଛି ମାଆ ଓ ଶିଶୁ ସୁରକ୍ଷା କାର୍ଡ

■ **ଖବରପାଇ ନାବାଳିକାଙ୍କୁ ଉଦ୍ଧାର କଲା ଚାଇଲ୍ଡଲାଇନ୍**

■ **ଘଟଣାର ତଦନ୍ତ ସହ ଥାନାରେ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ନିର୍ଦ୍ଦେଶ**

ନବରଙ୍ଗପୁର,୨୫।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ଏବେ ୩ ମାସର ଗର୍ଭବତୀ। ତାଙ୍କ ନାମରେ ରହିଛି ମାଆ ଓ ଶିଶୁ ସୁରକ୍ଷା କାର୍ଡ। ଜଣେ ଗର୍ଭବତୀ ନାବାଳିକା ଏହି କାର୍ଡ ପାଇବାକୁ ଯୋଗ୍ୟ ନୁହନ୍ତି। ଏହି ଘଟଣା ଜଣାପଡ଼ିବା ପରେ ନାବାଳିକାଙ୍କୁ ଉଦ୍ଧାର କରି ଶୁକ୍ରବାର ଜିଲା ଶିଶୁ କଲ୍ୟାଣ କମିଟି ନିକଟରେ ହାଜର କରାଯାଇଛି। ଥାନାରେ ମାମଲା ରୁଜୁ ସହ ଘଟଣାର ତଦନ୍ତ କରିବାକୁ ଜିଲା ଶିଶୁ କଲ୍ୟାଣ କମିଟି ନିର୍ଦ୍ଦେଶ ଦେଇଛନ୍ତି। ନାବାଳିକାଙ୍କୁ ଉତ୍ତମ ଚିକିତ୍ସା, ରକ୍ଷଣାବେକ୍ଷଣ ପାଇଁ ସଖୀ ୱାନ ଷ୍ଟପ କେନ୍ଦ୍ରର ସ୍ୱଳ୍ପ ରହଣି ପାଇଁ ଚିଠି କରି ଦର୍ଶାଇଛନ୍ତି। ନାବାଳିକାଙ୍କୁ କିଭଳି ମାଆ ଓ ଶିଶୁ ସୁରକ୍ଷା କାର୍ଡ ମିଳିଲା ତାହାର ତଦନ୍ତ କରାଯିବ ବୋଲି ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷା ଅଜନ୍ତା ଶୁଭପ୍ରିୟଦର୍ଶିନୀ କହିଛନ୍ତି।

ସୂଚନାନୁଯାୟୀ, ନବରଙ୍ଗପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଆଲାମ ଖାନ ନାମକ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିଲା। ପୂର୍ବରୁ ଯୁବକ ଜଣକ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ନବରଙ୍ଗପୁର ଥାନାରେ ୨୦୨୪ ଫେବୃଆରୀ ୯ରେ କେସ୍ ନମ୍ବର ୬୯/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ସେତେବେଳେ ଏ ସମ୍ପର୍କରେ ପୋଲିସ ଶିଶୁ କଲ୍ୟାଣ କମିଟିକୁ ଜଣାଇ ନ ଥିଲା। କୋର୍ଟରେ ନାବାଳିକା ନିଜ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିବା ଏବଂ ତାଙ୍କୁ ଅପହରଣ ହୋଇ ନ ଥିବା ନେଇ ବୟାନ ଦେଇଥିଲେ। ପରେ କେସ୍ ବନ୍ଦ ହୋଇଯାଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଗଢ଼ିଉଠିଥିଲା। ଏବେ ନାବାଳିକା ଜଣକ ୩ ମାସର ଗର୍ଭବତୀ। ନାବାଳିକାଙ୍କ ନାମରେ ସେଠାକାର ଆଶାକର୍ମୀ ମାଆ ଓ ଶିଶୁ ସୁରକ୍ଷା କାର୍ଡ କରାଇ ଦେଇଥିଲେ। ଏହି ଖବର ଜଣାପଡ଼ିବା ପରେ ଚାଇଲ୍ଡଲାଇନ ସଂଯୋଜକ ଚିନ୍ମୟୀ ନାୟକ ଓ ନମ୍ରତି ବିଷୋଇ ନାବାଳିକାଙ୍କୁ ଆଣି ଶିଶୁ କଲ୍ୟାଣ କମିଟି ନିକଟରେ ହାଜର କରିଥିଲେ। କମିଟି ଅଧ୍ୟକ୍ଷା ଅଜନ୍ତା ଶୁଭ ପ୍ରିୟଦର୍ଶିନୀ, ସଭ୍ୟ ଅନିତା ହୋତା, ବିଜୟଲକ୍ଷ୍ମୀ ସାହୁ, ସନ୍ତୋଷ ଷଡ଼ଙ୍ଗୀ ଓ ରବୀନ୍ଦ୍ର ପଧାନ ନାବାଳିକାଙ୍କ ସହ କଥା ହୋଇ ତାଙ୍କୁ ଥାନାକୁ ପଠାଇଥିଲେ। ଥାନାରେ ପୋକ୍‌ସୋ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡାକ୍ତରୀ ଚିକିତ୍ସା ଓ ସ୍ୱଳ୍ପ ରହଣି ପାଇଁ ୱାନ ଷ୍ଟପରେ ରହିବାକୁ ଚିଠି ନମ୍ବର ୭୦୭-ସିଡବ୍ଲୁସି-୨୦୨୫ରେ ଦର୍ଶାଇଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ଉର୍ମିଳା ମହାନ୍ତି**

ଗ୍ରାମ- ସମସରପୁର

ଶ୍ରୀଜଗନ୍ନାଥଙ୍କର ଚରଣାରବିନ୍ଦରେ ଆପଣଙ୍କ ଅମର ଆତ୍ମା ଶାନ୍ତି ଲାଭ କରୁ। ଜଗତର ନାଥ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ଏତିକି ଲୋତକଭରା ନିବେଦନ।

ଇତି ଆପଣଙ୍କର ଶୋକସନ୍ତପ୍ତ ପରିବାରବର୍ଗ।

ଧ-୨୮୧

# ୨୦୫୭ ସୁଦ୍ଧା ନେଟ୍ ଜିରୋ ଲକ୍ଷ୍ୟ ହାସଲ

**ଭୁବନେଶ୍ୱର,୨୫।୪: (ଅଭୟ ଦାଶ)**


ବ୍ୟାଙ୍କର ଇଏସ୍‌ଜି ନୀତି ଉନ୍ମୋଚନ ଅବସରରେ ବିଓବିର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବ୍ୟାଙ୍କ ଅଫ୍ ବରୋଦା (ବିଓବି)ରେ ପୃଥିବୀ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ବିଓବି ପକ୍ଷରୁ ପରିବେଶ, ସାମାଜିକ ଓ ପ୍ରଶାସନ (ଇଏସ୍‌ଜି) ନୀତି ଉନ୍ମୋଚନ କରାଯିବାର ଐତିହାସିକ ଘୋଷଣା କରାଯାଇଥିବା ବେଳେ ୨୦୫୭ ସୁଦ୍ଧା ନେଟ୍ ଜିରୋ ଏମିସନ୍ (ନିର୍ଗମନ) ଲକ୍ଷ୍ୟ ହାସଲ କରିବା ଲାଗି ପ୍ରତିବଦ୍ଧତା ପ୍ରଦର୍ଶନ କରାଯାଇଛି। ଏହି ରଣନୈତିକ ପଦକ୍ଷେପ ଦାୟିତ୍ୱବାନ ଏବଂ ସ୍ଥାୟୀ ବ୍ୟାଙ୍କିଙ୍ଗ ଅଭ୍ୟାସକୁ ପ୍ରୋତ୍ସାହିତ କରିବା, ଇଏସ୍‌ଜି ବିପଦକୁ ହ୍ରାସ କରିବା ଏବଂ କମ୍ କାର୍ବନ ଭବିଷ୍ୟତ ପାଇଁ ସୁଯୋଗ ହାସଲ କରିବା, ଗ୍ଲୋବାଲ ସଷ୍ଟେନେବିଲିଟି ଫ୍ରେମୱାର୍କ ସହିତ ସମନ୍ୱିତ ହେବା ଏବଂ ବ୍ୟାଙ୍କ ମଧ୍ୟରେ ଏକ ଇଏସ୍‌ଜି-କେନ୍ଦ୍ରିତ ସଂସ୍କୃତି ସୃଷ୍ଟି କରିବା ପାଇଁ ବ୍ୟାଙ୍କର ଦୀର୍ଘଦିନର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ସେହିଭଳି ଅକ୍ଷୟ ଶକ୍ତି ଉପରେ ଗୁରୁତ୍ୱ ଉପରେ ଆଲୋକପାତ କରୁଥିବା ପୃଥିବୀ ଦିବସ-୨୦୨୫ର ବିଷୟବସ୍ତୁ 'ଆମ ଶକ୍ତି, ଆମ ଗ୍ରହ'ର ବିଷୟବସ୍ତୁ ଅନୁଯାୟୀ ବ୍ୟାଙ୍କ ଅଫ୍ ବରୋଦା ନବୀକରଣୀୟ ଶକ୍ତି କ୍ଷେତ୍ରକୁ ଋଣ ଆବଣ୍ଟନରେ ପ୍ରାଥମିକତା ଦେବ। ସେହିପରି ବ୍ୟାଙ୍କ୍ ପରିବେଶ ସୁରକ୍ଷା ଦିଗରେ ନିଜର ଯୋଗଦାନ 'ପ୍ଲାଣ୍ଟ-ଏ-ଟ୍ରି' କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ପ୍ରତ୍ୟେକ ଅଟୋ ଏବଂ ଗୃହ ଋଣ ପାଇଁ ଗ୍ରାହକମାନଙ୍କ ପକ୍ଷରୁ କ୍ୟାଲେଣ୍ଡର ବର୍ଷ ୨୦୨୫ରେ ଏପର୍ଯ୍ୟନ୍ତ ୩୦,୦୦୦ରୁ ଅଧିକ ବୃକ୍ଷରୋପଣ କରାଯାଇଛି। ଏ ସମ୍ପର୍କରେ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, ପୃଥିବୀ ଦିବସ-୨୦୨୫ ବ୍ୟାଙ୍କ ଅଫ୍ ବରୋଦାର ସ୍ଥାୟିତ୍ୱପୂର୍ଣ୍ଣ ବୃଦ୍ଧି ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ହେବ। ଆମ ଇଏସ୍‌ଜି ନୀତି ଏବଂ ଆମର ନେଟ୍ ଜିରୋ ପ୍ରତିବଦ୍ଧତାର ଉନ୍ମୋଚନ ହେଉଛି, ପରିବେଶ ସୁରକ୍ଷାରେ ଅର୍ଥପୂର୍ଣ୍ଣ ଯୋଗଦାନ, ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଏବଂ ଶାସନର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ମାଧ୍ୟମରେ ବ୍ୟାଙ୍କ ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବରେ ଗୁରୁତ୍ୱ ଦେଉଛି। ଆମର ଲକ୍ଷ୍ୟ ହେଉଛି ଇଏସ୍‌ଜି ଅଭ୍ୟାସକୁ ଆମର କାର୍ଯ୍ୟନୀତି ଏବଂ ପରିଚାଳନାରେ ସାମିଲ କରିବା।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୨୫।୪**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରି କି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୫୮୯ (୫୮୮.୯୦) ପଏଣ୍ଟ ହ୍ରାସ ଘଟି ୭୯,୨୧୨ (୭୯,୨୧୨.୫୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୦୭ (୨୦୭.୩୫) ପଏଣ୍ଟ କମି ୨୪,୦୩୯ (୨୪,୦୩୯.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରି କି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ସୁନୀଲ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ନୂଆ ଅଧ୍ୟକ୍ଷ



ଖବରଦାତା ସମ୍ମିଳନୀକୁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ପ୍ରତିନିଧି ସମ୍ବୋଧିତ କରୁଛନ୍ତି।

**ଭୁବନେଶ୍ୱର,୨୫।୪**

ଭାରତୀୟ ଶିଳ୍ପ ମହାସଂଘ ବା ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ନୂତନ ଅଧ୍ୟକ୍ଷ ଭାବେ ବେଦାନ୍ତ ଲିମିଟେଡ୍‌ର ଝାରସୁଗୁଡ଼ା ଆଲୁମିନିୟମ ବିଜ୍‌ନେସ୍ ବିଭାଗର ସିଇଓ ସୁନୀଲ ଗୁପ୍ତା ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲାବେଳେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଆସେଟ୍‌ସ ଅପରେଶନ ବିଭାଗର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁରେଶ ଜି ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏପରି କି ୨୦୨୫-୨୬ ବର୍ଷ ପାଇଁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଭାବେ ଉଭୟଙ୍କୁ ନିର୍ବାଚିତ କରାଯାଇଥିବା ପରିଷଦ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ (ନବନିର୍ବାଚିତ) ସୁନୀଲ ଗୁପ୍ତା ଏବଂ ଉପାଧ୍ୟକ୍ଷ (ନବନିର୍ବାଚିତ) ସୁରେଶ ଜି ଓ ଅଶୋକ ବାରାତ ପ୍ରମୁଖ ଉପସ୍ଥିତ ରହି ସମ୍ମିଳନୀର ଆଭିମୁଖ୍ୟ ଓ ପରିଷଦର ସ୍ୱତନ୍ତ୍ର ବୈଠକ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ଅନ୍ତର୍ଜାତୀୟ ଶିକ୍ଷା ମେଳା ଉଦ୍‌ଘାଟିତ

**ଭୁବନେଶ୍ୱର,୨୫।୪**

ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଆଇଡିପି ଏଡୁକେଶନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରରେ ଏକ ସର୍ବବୃହତ୍ ଅନ୍ତର୍ଜାତୀୟ ଶିକ୍ଷାମେଳାର ଆୟୋଜନ କରାଯାଇଥିଲା। ଏପରି କି ଏହି ମେଳା ଜରିଆରେ ଆମେରିକା, ୟୁକେ ଭଳି ପ୍ରମୁଖ ସହରଗୁଡ଼ିକରେ ଉଚ୍ଚଶିକ୍ଷା କରିବାକୁ ଆଶାୟୀ ଛାତ୍ରୀଛାତ୍ରଙ୍କ ବିଦେଶର ୧୩ ପ୍ରମୁଖ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ସହିତ ଉଚ୍ଚ ଶିକ୍ଷା ଲାଭ ପାଇଁ ଚାହୁଁଥିବା ପ୍ରାର୍ଥୀଙ୍କ ଲାଗି ଆବଶ୍ୟକ ସମର୍ଥନ ଯୋଗାଇ ଦେବ। ସେହିଭଳି ଏହି ଅନ୍ତର୍ଜାତୀୟ ଶିକ୍ଷା ମେଳାରେ ଛାତ୍ର ଓ ଅଭିଭାବକମାନଙ୍କୁ ସେମାନଙ୍କ ପସନ୍ଦର ଶିକ୍ଷାନୁଷ୍ଠାନ ଓ ପାଠ୍ୟକ୍ରମ ବିଷୟରେ ଧାରଣା ପ୍ରଦାନ ସହିତ ଅଂଶଗ୍ରହଣକାରୀମାନେ ସେମାନଙ୍କ ଶିକ୍ଷାଗତ ଓ ବୃତ୍ତିଗତ ଭବିଷ୍ୟତ ବିଷୟରେ ନିଷ୍ପତ୍ତି ନେଇପାରିବେ। ଏ ସମ୍ପର୍କରେ ଆଇଡିପି ଏଡୁକେଶନର ଦକ୍ଷିଣ ଏସିଆ, କାନାଡ଼ା ଓ ଲାଟିନ ଆମେରିକାର ଆଞ୍ଚଳିକ ନିର୍ଦ୍ଦେଶକ ପୀୟୂଷ କୁମାର କହିଛନ୍ତି, ଭୁବନେଶ୍ୱର ଅନ୍ତର୍ଜାତୀୟ ଶିକ୍ଷା ଲାଗି ଏକ ପ୍ରମୁଖ ବଜାର ହୋଇଥିଲା ବେଳେ ପିଲାମାନଙ୍କ ଚାହିଦା ପୂରଣ ପାଇଁ ଏହି ପରିବର୍ତ୍ତନଶୀଳ ଯାତ୍ରାରେ ସେମାନଙ୍କୁ ମାର୍ଗଦର୍ଶନ ଲାଗି ଆମେ ପ୍ରୟାସ କରୁଛୁ। ଏହି ପ୍ଲାଟଫର୍ମ ଜରିଆରେ ସେମାନେ ନିଜର ଭବିଷ୍ୟତ ଶିକ୍ଷା ବିଷୟରେ ନିଷ୍ପତ୍ତି ନେଇପାରିବେ। ସେହିପରି ଏହି ମେଳା ଛାତ୍ରୀଛାତ୍ରମାନଙ୍କୁ ସୁବିଧାରେ ପଢ଼ିବା ଲାଗି ବିସ୍ତୃତ ଜ୍ଞାନପ୍ରଦାନ କରିବ; ଯେଉଁଥିରେ ଭିଜା ନୀତି, ଶିକ୍ଷା ପର ସୁଯୋଗ, ବୃତ୍ତି ଏବଂ ଉଭୟ ଛାତ୍ର ଓ ସେମାନଙ୍କ ଅଭିଭାବକଙ୍କ ଲାଗି ଜରୁରୀ ବିଷୟଗୁଡ଼ିକ ବୁଝିବାରେ ସହାୟକ ହୋଇପାରିବ। ସେମାନଙ୍କୁ ଅଧିକ ସହାୟତା କରିବା ଲାଗି ଆଇଡିପି ଏଡୁକେଶନ ମାଗଣା ସେବା ପ୍ରଦାନ କରୁଛି; ଯାହା ଆବେଦନ, ପ୍ରସ୍ଥାନ ପୂର୍ବ ମାର୍ଗଦର୍ଶନ ଓ ଭିଜା ସହାୟତା ଅନ୍ତର୍ଭୁକ୍ତ, ଯାହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ସୁଗମ ଯାତ୍ରା ସୁନିଶ୍ଚିତ କରିଥାଏ।

# ଅରୁନ୍ଧତୀ ଜୁଏଲର୍ସଙ୍କୁ ୨ଟି ଜାତୀୟ ସମ୍ମାନ

**ଭୁବନେଶ୍ୱର,୨୫।୪**



ଅତିଥିଙ୍କଠାରୁ ଅରୁନ୍ଧତୀ ଗ୍ରୁପ୍‌ର ନିର୍ଦ୍ଦେଶକ ପ୍ରତୀକ ମେହେର ପୁରସ୍କାର ଗ୍ରହଣ କରୁଛନ୍ତି।

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସଙ୍କୁ ନିକଟରେ ୨ଟି ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଅଲ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲେରି ଡୋମେଷ୍ଟିକ୍ କାଉନସିଲ ପକ୍ଷରୁ ମୁମ୍ବାଇ ଜିଓ ୱାର୍ଲଡ କନ୍‌ଭେନଶନ ସେଣ୍ଟରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଅରୁନ୍ଧତୀ ଜୁଏଲର୍ସଙ୍କୁ ପ୍ରିଫର୍ଡ ରିଟେଲର ଅଫ୍ ଇଣ୍ଡିଆ-୨୦୨୫ ସମ୍ମାନିତ କରାଯାଇଥିଲାବେଳେ ଅରୁନ୍ଧତୀ ଗ୍ରୁପ୍‌ର ନିର୍ଦ୍ଦେଶକ ପ୍ରତୀକ ମେହେରଙ୍କୁ 'ଜିଜେସି ନେକ୍ସଟ୍ ଜେନେରେଶନ ଫ୍ୟୁଚର ଅଫ୍ ଜୁଏଲେରି ଇଣ୍ଡଷ୍ଟ୍ରି' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଗ୍ରୁପ୍‌ର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ଏବଂ ନିର୍ଦ୍ଦେଶକ ପ୍ରତୀକ ମେହେର ସମ୍ମାନ ସମାରୋହରେ ଯୋଗଦେଇ ଅତିଥିଙ୍କଠାରୁ ଉପରୋକ୍ତ ସମ୍ମାନ ଗ୍ରହଣ କରିଥିଲେ। ସେହିଭଳି ପ୍ରଥମ ଥର ପାଇଁ ୨ଟି ଜାତୀୟ ସମ୍ମାନରେ ସମ୍ମାନିତ ହୋଇଥିବା ଓଡ଼ିଶାର ପ୍ରଥମ ବ୍ରାଣ୍ଡ୍ ଭାବେ ଅରୁନ୍ଧତୀ ଏହି ଗୌରବର ଅଧିକାରୀ ହୋଇପାରିଛି।

ଏ ସମ୍ପର୍କରେ ଅରୁନ୍ଧତୀ ଗ୍ରୁପ୍‌ର ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଥିଲେ, ପାଇଥିବା ଦୁଇଟି ଜାତୀୟ ସମ୍ମାନ ଅରୁନ୍ଧତୀକୁ ଦୀର୍ଘ ବର୍ଷଧରି ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଦେଇ ବଳିଷ୍ଠ କରିଥିବା ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ସମର୍ପିତ। ଦୀର୍ଘ ୨୫ ବର୍ଷ ଧରି ଗ୍ରାହକଙ୍କ ପ୍ରତି ବିନମ୍ର ସେବା ମନୋଭାବ, ଗ୍ରାହକଙ୍କ ଚାହିଦା ମୁତାବକ ନୂତନ ଡିଜାଇନର ଅଳଙ୍କାର ଯୋଗାଇ ଦେଇ ସର୍ବାଦୃତି ହୋଇଥିବା ଅରୁନ୍ଧତୀ ତା'ର ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପରେ ସ୍ୱଚ୍ଛତା, ଗହଣା ମାନରେ ଶୁଦ୍ଧତା, ସୃଜନଶୀଳତା ଓ ଦୂରଦୃଷ୍ଟି ସମ୍ପନ୍ନ ଅଭିଜ୍ଞତା ପରିପୂର୍ଣ୍ଣ ବ୍ୟବସାୟ ଅରୁନ୍ଧତୀକୁ ଗୋଟିଏ ମଞ୍ଚରେ ଦୁଇ ଦୁଇଟି ପ୍ରତିଷ୍ଠିତ ଜାତୀୟ ପୁରସ୍କାର ଲାଭ କରିବାରେ ସହାୟକ ହୋଇଛି।

# ଆଇଆର ପ୍ଲାନର ଶୁଭାରମ୍ଭ

**ଭୁବନେଶ୍ୱର,୨୫।୪**

ଭାରତୀ ଏୟାରଟେଲର ବହୁ ପ୍ରତୀକ୍ଷିତ ତଥା ଅନ୍ତର୍ଜାତୀୟ ରୋମିଂ (ଆଇଆର୍) ପ୍ଲାନର ଶୁଭାରମ୍ଭ କରାଯାଇଛି। ଏପରି କି ଆର୍‌ଆଇ ପୋର୍ଟଫୋଲିଓରେ ନୂଆ ପ୍ଲାନ ଗ୍ରାହକଙ୍କ ପାଇଁ ସହଜ, ଅଧିକ ସୁଲଭ ଏବଂ ସମ୍ପୂର୍ଣ୍ଣ ଅସୁବିଧାମୁକ୍ତ ବୋଲି କୁହାଯାଉଛି। ଅପରପକ୍ଷରେ କମ୍ପାନୀ ଭାରତର ପ୍ରଥମ ଅସୀମିତ ଆଇଆର୍ ପ୍ଲାନ୍‌କୁ ନିକଟରେ ଉନ୍ମୋଚନ କରିଛି, ଯାହା ୧୮୯ ଦେଶରେ ଅସୀମିତ ଡାଟା ପ୍ରଦାନ କରୁଛି। ଏହା ବ୍ୟତୀତ ଦୀର୍ଘଦିନ ଧରି ରହୁଥିବା ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ସମ୍ପ୍ରଦାୟ ପାଇଁ ଏୟାରଟେଲ ଏକ ବର୍ଷ ବୈଧତା ସହିତ ୪,୦୦୦ ଟଙ୍କାର ଏକ ନିଆରା ରିଚାର୍ଜ ପ୍ଲାନର ମଧ୍ୟ ଶୁଭାରମ୍ଭ କରିଛି। ବିଦେଶରେ ବ୍ୟବହାର ପାଇଁ ଏହି ପ୍ଲାନରେ ୫ଜିବି ଡାଟା ଏବଂ ୧୦୦ ଭଏସ୍ ମିନିଟ୍‌ର ସୁବିଧା ମିଳୁଥିବାବେଳେ ଭାରତରେ ଗ୍ରାହକମାନେ ସମାନ ପ୍ଲାନ ବ୍ୟବହାର କରି ଦୈନିକ ୧.୫ ଜିବି ଡାଟା ଏବଂ ଅସୀମିତ କଲ୍ ସୁବିଧା ପାଇପାରିବେ। ଏହି ପ୍ଲାନ୍ ଗ୍ରାହକଙ୍କୁ ୧୮୯ଟି ଦେଶର ଯେକୌଣସି ସ୍ଥାନରେ ଅସୁବିଧାମୁକ୍ତ ସଂଯୋଗ ଅନୁଭୂତି ପ୍ରଦାନ କରିବ ଏବଂ ଭାରତରେ ଅଲଗା ରିଚାର୍ଜ ନ କରି ସମାନ ନମ୍ବର ବ୍ୟବହାର କରିବା ସୁବିଧା ପ୍ରଦାନ କରିବ। ଭାରତୀ ଏୟାରଟେଲର ନିର୍ଦ୍ଦେଶକ ମାର୍କେଟିଂ ଓ ସିଇଓ ସିଦ୍ଧାର୍ଥ ଶର୍ମା କହିଛନ୍ତି, ଆମେ ଗ୍ରାହକଙ୍କ ଜୀବନକୁ ସରଳ କରିବା ଏବଂ ସେମାନଙ୍କୁ ଅଧିକ ମୂଲ୍ୟ ଓ ସୁବିଧା ପ୍ରଦାନ କରିବା ପାଇଁ ଉତ୍ସର୍ଗୀକୃତ ରହିଛୁ। ଆମେ ଆମର ଆଇଆର ଯୋଜନାର ସରଳୀକରଣ କରିଛୁ, ଯାହା ଗ୍ରାହକମାନଙ୍କ ପାଇଁ ଆମର ମୂଲ୍ୟ ପ୍ରସ୍ତାବକୁ ପ୍ରକୃତରେ ପୁନଃପରିକଳ୍ପିତ କରିବ ଏବଂ ସେମାନଙ୍କୁ ଦୁନିଆରେ ଭ୍ରମଣ କରିବା ସମୟରେ ଡାଟା ଏବଂ ଭଏସ୍ ଉଦାର ଭାବେ ବ୍ୟବହାର କରିବାକୁ ସ୍ୱାଧୀନତା ଦେବ। ଗ୍ରାହକଙ୍କ କ୍ରମାଗତ ବିକଶିତ ଆବଶ୍ୟକତାକୁ ପୂରଣ କରୁଥିବା ସମାଧାନ ପ୍ରଦାନ କରିବାକୁ ଆମେ ନିରନ୍ତର ପ୍ରତିଶ୍ରୁତିବଦ୍ଧ।

## ଅପରାଧ

# ୫ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ଗୁଣିଗାରେଡ଼ିକୁ ନେଇ ହତ୍ୟା ମାମଲା**

**ଝାରସୁଗୁଡା, ୨୫।୪ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଧୀନ ବିଜାପାଲି ଗ୍ରାମରେ ଗୁଣିଗାରେଡିକୁ ନେଇ ଘଟିଥିବା ହତ୍ୟା ମାମଲାରେ ଝାରସୁଗୁଡା ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁବାସ ଚନ୍ଦ୍ର ଧଳ ଶୁକ୍ରବାର ୫ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ସୌଦାମିନୀ ଜୟପୁରିଆ(୨୨), ସନ୍ତୋଷିନୀ ଜୟପୁରିଆ(୨୩), ପତ୍ରମାଲ ଗ୍ରାମର ନବୀନ ଭୋଇ(୨୨), ସହଦେବ ଜୟପୁରିଆ(୧୯), ଅକ୍ଷୟ ଜୟପୁରିଆ(୧୯)। ସୂଚନା ଅନୁଯାୟୀ, ୨୦୧୭ ମାର୍ଚ୍ଚ ୨ରେ ବିଜାପାଲି ଗ୍ରାମରେ ସଂଯୁକ୍ତା ଜୟପୁରିଆ ନାମ୍ନୀ ଜଣେ କଲେଜ ଛାତ୍ରୀ ଅସୁସ୍ଥ ହୋଇପଡିଥିଲେ। ଫଳରେ ୨ ଯୁବତୀ ଗୁଣିଗାରେଡି ପୂଜା କରିବାକୁ ଡାକିନେଇ ତାଙ୍କ ଉପରେ ଶିବତାଣ୍ଡବ ନୃତ୍ୟ କରିଥିଲେ। ଏପରି କି ତାଙ୍କ ମୁଣ୍ଡର ବୁଟିକୁ ଟାଣିବା ସହ ଦେହସାରା ଧୂପକାଠି ଚେଙ୍କ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସଂଯୁକ୍ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ମାମଲା ରୁଜୁ କରିବା ସହ ତଦନ୍ତ କରି ଶିବତାଣ୍ଡବ ନୃତ୍ୟ କରିଥିବା ୨ ଯୁବତୀ, ତାଙ୍କର ୩ ସହଯୋଗୀ ଓ ମୃତା ଛାତ୍ରୀଙ୍କ ମା'ବାପାଙ୍କୁ ଗିରଫ କରିଥିଲା। ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଉକ୍ତ ୨ ଯୁବତୀଙ୍କ ସମେତ ୫ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅପରପକ୍ଷରେ ଛାତ୍ରୀଙ୍କ ମା'ବାପା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ହତ୍ୟା ମାମଲା: ୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଖୋର୍ଦ୍ଧା,୨୫।୪ (ପ୍ରଭାତ ପାଣିଗ୍ରାହୀ)**

୧୦ବର୍ଷ ପରେ ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲା ଓ ଦୌରାଜଜ୍ (ପ୍ରଥମ) ମଞ୍ଜୁଲତା ଲେଙ୍କା ଏହି ମାମଲାର ବିଚାର କରି ୪ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ବାଣପୁର ଅଞ୍ଚଳର ଆଶିଷ ବିଶ୍ୱାଳ, ମାନସ ପାତ୍ର, ସନାତନ ବିଶ୍ୱାଳ ଏବଂ ଆଲୋକ ବିଶ୍ୱାଳ। ଏହି ଘଟଣାରେ ପୂର୍ବରୁ ଦୁଇ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଏବଂ ଶ୍ରୀନିବାସ ବିଶ୍ୱାଳଙ୍କ ମୃତ୍ୟୁ ହୋଇଛି।

ବାଣପୁର ଥାନା ହଳନ୍ତରା ଗ୍ରାମର ପ୍ରଶାନ୍ତ ବିଶୋୟୀ ଗ୍ରାମର ଏକ କଂକ୍ରିଟ ରାସ୍ତା ନିର୍ମାଣ କରୁଥିଲେ। ଏହାକୁ ଅଭିଯୁକ୍ତମାନେ ବିରୋଧ କରିଥିଲେ। ୨୦୧୪ ଅକ୍ଟୋବର ୨୨ରେ ଅଭିଯୁକ୍ତମାନେ ତାଙ୍କ ଘରେ ପଶି ବୋମାମାଡ଼ କରିଥିଲେ। ବୋମାମାଡ଼ରେ ପ୍ରଶାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ମା'କନ୍ଧୁଣୀ ବିଶୋୟୀଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା(ନଂ.୩୧୧/୧୪) ରୁଜୁ ହୋଇଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା କୋର୍ଟରେ ବିଚାରାଧୀନ ଥିଲା। ଆସିଷ୍ଟାଣ୍ଟ ପବ୍ଲିକ୍ ପ୍ରସିକ୍ୟୁଟର(ଏପିପି) ସଲିଳ ପ୍ରଧାନ ଏହି ମାମଲା ପରିଚାଳନା କରିଥିଲେ।

# ସୁରକ୍ଷା ଦାବି କରି ଥାନା ଦ୍ୱାରସ୍ଥ ହେଲେ ବାପି ପଣ୍ଡା

**ବାଲେଶ୍ୱର,୨୫।୪(ବାଞ୍ଛାନିଧି ଦେ)**

ଓଡ଼ିଶା ଯାତ୍ରା କଳାକାର ଓ କର୍ମଚାରୀ ସଂଘର ଉପଦେଷ୍ଟା ତଥା ବିଶିଷ୍ଟ ଯାତ୍ରା କଳାକାର ବାପି ପଣ୍ଡା ଓରଫ୍ ସମରେନ୍ଦ୍ର କୁମାର ପଣ୍ଡା ଶୁକ୍ରବାର ବାଲେଶ୍ୱର ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଆଇଆଇସି ବିଜୟ କୁମାର ଦାସଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପାର୍ବତୀ ଏବଂ ରାଜଧାନୀ ଗଣନାଟ୍ୟର ମୁଖ୍ୟ ପରିଚାଳକ ଜଗତ୍‌ଜୀବନ ପଣ୍ଡା ଓ ଅନ୍ୟ ସହଯୋଗୀମାନେ ସାମାଜିକ ଗଣମାଧ୍ୟମରେ ତାଙ୍କୁ ଧମକ ଦେଇଥିବା ଏତଲାରେ ଦର୍ଶାଇଛନ୍ତି।

ଯାତ୍ରା କଳାକାରଙ୍କୁ ନ୍ୟାୟ ପ୍ରଦାନ ଦିଗରେ ସେ ସଂଘର ଉପଦେଷ୍ଟା ଭାବେ ମାଲିକ ମହାସଂଘ ବିରୋଧରେ ସ୍ୱର ଉଠାଇଥିଲେ। ଏହାପରେ ତାଙ୍କୁ ଧମକ ମିଳୁଥିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ବିଭିନ୍ନ ସ୍ଥାନକୁ ଯାଇ ମଞ୍ଚ ଅଭିନୟ କରୁଥିବାରୁ ତାଙ୍କ ନିରାପତ୍ତା ପାଇଁ ସୁରକ୍ଷା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି।

# ପୋଲିସ ଗୁଳିରେ ୨ ଅଭିଯୁକ୍ତ ଆହତ

**ଢାବାରେ ଡକାୟତି ବେଳେ ମାଲିକଙ୍କୁ ଗୁଳିମାଡ଼ ଘଟଣା**

**ଆହତଙ୍କ ସମେତ ୩ ଗିରଫ, ଜଣେ ଫେରାର**

**ରାଉରକେଲା,୨୫।୪(ସଙ୍ଗୀତା ଜେନା)**

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ସାରୁବାହାଲ ଗ୍ରାମରେ ଥିବା ଡୁଗ୍ରୁ ଢାବାରେ ଗୁରୁବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ଢାବା ମାଲିକଙ୍କୁ ଗୁଳିମାଡ଼ କରି ୨୦ହଜାର ଟଙ୍କା, ୩ଟି ମୋବାଇଲ ଫୋନ୍ ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ବିଶ୍ରା ଥାନା ପୋଲିସ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତମାନେ ପୋଲିସ ଉପରକୁ ଅତର୍କିତ ଗୁଳି ଚଳାଇଥିଲେ। ଜବାବରେ ପୋଲିସ ସେମାନଙ୍କ ଉପରକୁ ପାଲଟା ଗୁଳି ଚଳାଇବାରୁ ୨ଜଣ ଆହତ ହୋଇଥିଲେ। ଆହତଦ୍ୱୟ ହେଲେ ଉଦୁସୁ ଜଟାଟୋଲାର ଶବିନାଥ ସିଂହ(୨୬) ଓ ବାଣେଶ୍ୱର ସିଂହ(୨୦)। ଏହି ଘଟଣାରେ ପୋଲିସ ୨ ଆହତଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଆହତମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଅପରାହ୍ନ ସାଢେ ୨ଟାରେ ଢାବା ମାଲିକଙ୍କ ସ୍ତ୍ରୀ ସୁମନ ଖାଲଖୋ(୪୦)ଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୬୦/୨୫) ରୁଜୁ କରି ତଦନ୍ତ କରୁଛି। ଏ ସମ୍ପର୍କରେ ଶୁକ୍ରବାର ଅପରାହ୍ନ ୫ଟାରେ ରାଉରକେଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି।

ଏସ୍‌ପି ୱାଧୱାନୀ ଆହୁରି କହିଥିଲେ, ସାରୁବାହାଲ ଅଞ୍ଚଳରେ ଅଭିଯୋଗକାରିଣୀ ସୁମନଙ୍କ ସ୍ୱାମୀ ଗଙ୍ଗେଇ ଖାଲଖୋଙ୍କ ଏକ ଢାବା ରହିଛି। ଗୁରୁବାର ରାତିରେ ୭/୮ ଜଣ ତେତରକେଲା ଗ୍ରାମରୁ ୨ଟି ବାଇକ୍‌ରେ ଉକ୍ତ ଢାବାକୁ ଆସି ବନ୍ଧୁକ ଦେଖାଇ କ୍ୟାଶ୍ କାଉଣ୍ଟରରୁ ୨୦ହଜାର ଟଙ୍କା ଏବଂ ୩ ମୋବାଇଲ ନେଇଯାଇଥିଲେ। ଏହାର ବିରୋଧ କରିବାରୁ ସେମାନେ ଢାବା ମାଲିକଙ୍କ ଗୋଡକୁ ଗୋଟିଏ ରାଉଣ୍ଡ ଗୁଳିମାଡ଼ କରିଥିଲେ। ସୂଚନା ପାଇ ବିଶ୍ରା ପୋଲିସ ଟିମ୍ ତେତରକେଲା ପର୍ଯ୍ୟନ୍ତ ଡକାୟତମାନଙ୍କ ପିଛା କରିବା ପରେ ମଣ୍ଡପ ଗ୍ରାମ ନିକଟରେ ୪ଜଣଙ୍କୁ ଦେଖିଥିଲା। ଗିରଫ କରିବାକୁ ଯିବାବେଳେ ସେମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଗୋଡ଼ରେ ଗୁଳି ବାଜିଥିଲା। ଫଳରେ ପୋଲିସ ୨ ଆହତଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ କେତେଜଣ ଝାଡ଼ଖଣ୍ଡର ଅଛନ୍ତି। ଯଥାଶୀଘ୍ର ସେମାନେ ଧରାପଡ଼ିବେ। ଆହତ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ବିଶ୍ରା ଥାନାରେ ଗୋଟିଏ ଲେଖାଏ ଆପରାଧିକ ମାମଲା ରହିଛି। ସେମାନଙ୍କଠାରୁ ଗୋଟିଏ ଦେଶୀ ପିସ୍ତଲ, ଖାଲି ମାଗାଜିନ୍ ଏବଂ ନଗଦ ୪ହଜାର ୮ଶହ ଟଙ୍କା ଜବତ ହୋଇଛି ବୋଲି ଏସ୍‌ପି ୱାଧୱାନୀ ସୂଚନା ଦେଇଥିଲେ।

# ଠିକାଦାରଙ୍କୁ ଗିରଫକଲା ଭିଜିଲାନ୍ସ

**୫୭ ଲକ୍ଷ ସରକାରୀ ଅନୁଦାନ ହେରଫେର**

**କଟକ,୨୫।୪(କାର୍ତ୍ତିକ ସାହୁ)**

କଟକ,୨୫।୪(କାର୍ତ୍ତିକ ସାହୁ) ସରକାରୀ ଅନୁଦାନ ଅର୍ଥ ପାଖାପାଖି ୫୭ ଲକ୍ଷ ଟଙ୍କା ହେରଫେର କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ବିଭାଗ ଶୁକ୍ରବାର ଜଣେ ଠିକାଦାରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଠିକାଦାର ହେଲେ ଲକ୍ଷ୍ମୀଧର ରାଉତରାୟ। ଏ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୧୭/୨୦୨୫) ରୁଜୁ ହୋଇଛି। ତାଙ୍କୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ କୋର୍ଟକୁ ଚାଲାଣ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେ ନୂଆପଡ଼ା ଜିଲା ଖରିଆର ୱାଟରଶେଡ୍‌ରେ ୨୨ଟି ଲୁଜ୍ ବୋଲଡର ଚେକ୍‌ଡ୍ୟାମ୍ ନିର୍ମାଣ ନ କରି ଅର୍ଥ ହେରଫେର କରିଥିବା ଅଭିଯୋଗ ରହିଛି। ସେ ସଏଲ୍ କନ୍‌ଜରଭେସନ ତଥା ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟିଂ ଏଜେନ୍ସିର ସହକାରୀ ନିର୍ଦ୍ଦେଶକ ହରିଶ୍ଚନ୍ଦ୍ର ବେଣ୍ଟକାରଙ୍କ ସହ ମିଳିତ ଭାବେ ଏହି କାର୍ଯ୍ୟ କରିଛନ୍ତି। ଭିଜିଲାନ୍ସ ଏବେ ମୁଖ୍ୟ ଅଭିଯୁକ୍ତ ସହକାରୀ ନିର୍ଦ୍ଦେଶକ ବେଣ୍ଟକାର ଓ ଆଉ ଜଣେ ଠିକାଦାର ଅଭିଳାଷ ମେହେରଙ୍କୁ ଗିରଫ କରିବାକୁ ଯୋଜନା କରୁଥିବା ସୂଚନା ମିଳିଛି।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ: ଶିକ୍ଷକ ଗିରଫ

**ବାଲେଶ୍ୱର,୨୫।୪(ବାଞ୍ଛାନିଧି ଦେ)**

ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ ଓ ଅସଦାଚରଣ କରିବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ଛାତ୍ରୀଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ଅଭିଯୁକ୍ତ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଟାଉନ ଥାନା ଅଧୀନ ବଡ଼ଖୁଆ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କରୁଣାକର ଗିରି। ସେ ଦୀର୍ଘଦିନ ଧରି ବିଦ୍ୟାଳୟର କେତେକ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର ସହ ଅସଦାଚରଣ କରିଆସୁଥିଲେ। ବୁଧବାର ଜଣେ ଷଷ୍ଠ ଶ୍ରେଣୀ ପାସ୍ ଛାତ୍ରୀ ବିଦ୍ୟାଳୟକୁ ମାର୍କସିଟ୍ ଆଣିବା ପାଇଁ ଯାଇଥିଲେ। ଶିକ୍ଷକ ଜଣକ ତାଙ୍କୁ ଏଣୁତେଣୁ ପଚାରି ଅସଦାଚରଣ କରିଥିବା ଏତଲାରେ ଦର୍ଶାଯାଇଛି। ଶିକ୍ଷକଙ୍କ କଳାକାରନାମାର ସୀମା ଟପିବା ପରେ ଛାତ୍ରୀ ଜଣକ ଏ ସମ୍ପର୍କରେ ଘରେ ଜଣାଇଥିଲେ। ପରିବାର ପକ୍ଷରୁ ଗୁରୁବାର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ପୋକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୯୯/୨୦୨୫) ରୁଜୁ କରି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରିଥିଲା। ପୋକ୍‌ସୋ କୋର୍ଟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୧୮୩ ଧାରାରେ ୪ଜଣ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି।

# ବ୍ରହ୍ମପୁରରେ ୫ ଜଣଙ୍କୁ ଜେରା କଲାଣି କ୍ରାଇମବ୍ରାଞ୍ଚ

**ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା**

**ବ୍ରହ୍ମପୁର,୨୫।୪ (ସୁବାସ ଚନ୍ଦ୍ର ପାଢ଼ୀ)**

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ପୁନଃ ତଦନ୍ତ ଚାଲିଛି। କ୍ରାଇମବ୍ରାଞ୍ଚ ଟିମ୍ ଝାରସୁଗୁଡ଼ା ପରେ ଏବେ ବ୍ରହ୍ମପୁରରେ ଆସି ଖୋଳତାଡ଼ କରୁଛି। ମାମଲାରେ ଯେଉଁଠି ଯାହାକୁ ସନ୍ଦେହ କରାଯାଉଛି, ସେଠି ସେମାନଙ୍କୁ ଥାନାକୁ ଡାକି ପଚରାଉଚରା ଚାଲିଛି। ଆଉ କେତେଜଣଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ଅତିରିକ୍ତ ଏସ୍‌ପି ମଲ୍ଲିକଙ୍କ ନେତୃତ୍ୱରେ ୩ ଜଣିଆ ଟିମ ଗତ ବୁଧବାରଠାରୁ ବ୍ରହ୍ମପୁର ଆସି ତଦନ୍ତ କରୁଛନ୍ତି। ଘଟଣାର ୬ମାସ ପୂର୍ବରୁ ଅଭିଯୁକ୍ତ ଗୋପାଳଙ୍କୁ କେଉଁମାନେ ଫୋନ କରିଥିଲେ ଓ ସେ କ'ଣ ସବୁ କଥାବାର୍ତ୍ତା କରିଥିଲେ ତାହାର ତଥ୍ୟ ସଂଗ୍ରହ କରାଯାଇ ତଦନ୍ତ ଚାଲିଛି। ଏହି ଅବଧି ଭିତରେ ଗୋପାଳଙ୍କ ସହିତ କଥା ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣଙ୍କ ଫୋନ୍ ନମ୍ବର ସନ୍ଦେହଘେରକୁ ଆସିଛି। ଗୋପାଳଙ୍କ ଭାଇ ସତ୍ୟନାରାୟଣ ଝାରସୁଗୁଡାରେ ହୋଟେଲ କରିଥିଲେ। କିନ୍ତୁ ନବ ଦାସ ହତ୍ୟାକାଣ୍ଡ ପୂର୍ବରୁ ସେ ହୋଟେଲ ବନ୍ଦ କରି ବ୍ରହ୍ମପୁର ଆସିଯାଇଥିଲେ। ତେଣୁ ସତ୍ୟନାରାୟଣ ଏହି ହତ୍ୟାକାଣ୍ଡ ପୂର୍ବରୁ ନିଶ୍ଚୟ କୌଣସି ସୂତ୍ରରୁ ସୁରାକ୍ ପାଇଥିଲେ ବୋଲି ସନ୍ଦେହ କରାଯାଉଛି। ସେ ନେଇ ତାଙ୍କୁ ବାରମ୍ବାର ଜେରା କରାଯାଉଛି। ଗୁରୁବାର କ୍ରାଇମବ୍ରାଞ୍ଚ ଟିମ୍ ସତ୍ୟନାରାୟଣଙ୍କ ସମେତ ଗୋପାଳଙ୍କ ପୁଅ ମନୋଜ ଦାସ ଓ ପୁତୁରା ପ୍ରଦୀପ ଦାସଙ୍କୁ ପଚରାଉଚରା କରିଥିଲା। ସେହିପରି ଟିମ୍ ଶୁକ୍ରବାର ବୈଦ୍ୟନାଥପୁର ଥାନାରେ ପହଞ୍ଚି ଗୋପାଳଙ୍କ ଜଣେ ଏଏସ୍‌ଆଇ ବନ୍ଧୁ ଓ ଜଣେ ଓଏସ୍‌ଆର୍‌ଟିସି ବସ୍ କଣ୍ଡକ୍ଟରଙ୍କୁ ପଚରାଉଚରା କରିଛି। ସେମାନଙ୍କର ବୟାନ ରେକର୍ଡ କରାଯାଇଛି। ହତ୍ୟାକାଣ୍ଡ ପଛରେ ଛପି ରହିଥିବା ଷଡ଼ଯନ୍ତ୍ର ସମ୍ପର୍କିତ ଅନେକ ପ୍ରଶ୍ନକୁ ସେତେବେଳ ଅଣଦେଖା କରାଯାଇଥିବାରୁ ତଦନ୍ତକାରୀ ଟିମ୍ ଏବେ ସେ ସବୁ ଦିଗକୁ ନେଇ ପୁଣିଥରେ ପଚରାଉଚରା କରୁଥିବା କୁହାଯାଉଛି।

# ମହିଳାଙ୍କୁ ଗଣବଳାତ୍କାର ଘଟଣା: ୫ ଗିରଫ


**ଦେବଗଡ,୨୫।୪**
**(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ବିକାଶ ଖାଁ, ରାକେଶ ଖାଁ, ସାମୁଏଲ୍ ଖାଁ, ସାହିଲ ଖାଁ ଓ ମୁନା ଖାଁ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଘରେ ନ ଥିଲେ। ଏହି ସୁଯୋଗରେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ଡାକିବା ପାଇଁ ଗତ ୧୯ ତାରିଖ ରାତିରେ ତାଙ୍କ ଘରକୁ ଆସିଥିଲେ। ହେଲେ ସେ ଦୀର୍ଘ ସମୟଧରି ଘରୁ ବାହାରି ନ ଥିଲେ। ଗୃହକର୍ତ୍ତାଙ୍କ ସ୍ତ୍ରୀଙ୍କ ସହିତ ତାଙ୍କର ଅନୈତିକ ସମ୍ପର୍କ ଥିବା ସନ୍ଦେହ କରି ଅଭିଯୁକ୍ତମାନେ ତାଙ୍କ ଘରେ ପଶିଥିଲେ। ପରେ ସମ୍ପୃକ୍ତ ମହିଳାଙ୍କୁ ଗଣବଳାତ୍କାର କରିବା ସହ ମାଡ଼ ମାରିଥିଲେ। ଏପରି କି ତାଙ୍କ ଯୌନାଙ୍ଗରେ କୌଣସି ଧାରୁଆ ଅସ୍ତ୍ର ପୂରାଇ ଦେବାରୁ କ୍ଷତ ସୃଷ୍ଟି ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଗୃହକର୍ତ୍ତାଙ୍କ ବନ୍ଧୁଙ୍କୁ ମଧ୍ୟ ଅଭିଯୁକ୍ତମାନେ ମାଡ଼ ମାରିଥିଲେ। ଏନେଇ ଗୃହକର୍ତ୍ତା ମଙ୍ଗଳବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୦/୨୫) ରୁଜୁ କରିଥିଲା।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୬/୨୦୨୫ Bhubaneswar, Saturday, April 26/ 2025

# ଚେନ୍ନାଇରେ ଜିତିଲା ସନ୍‌ରାଇଜର୍ସ



ଉଇକେଟ ନେବାପରେ ଜୟଦେବ ଉନାଡକଟ୍।

**ଚେନ୍ନାଇ, ୨୫।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶୁକ୍ରବାର ଚେନ୍ନାଇ ସୁପର କିଙ୍ଗ୍ସକୁ ୫ ଉଇକେଟରେ ହରାଇଛି ସନ୍‌ରାଇଜର୍ସ ହାଇଦ୍ରାବାଦ। ଚେନ୍ନାଇର ଚେପକ୍‌ରେ ସୁପର କିଙ୍ଗ୍ସ ବିପକ୍ଷରେ ସନ୍‌ରାଇଜର୍ସର ଏହା ପ୍ରଥମ ବିଜୟ। ବ୍ୟାଟିଂ ବିଫଳତା ଯୋଗୁ ଚେନ୍ନାଇ ୧୯.୫ ଓଭରରେ ୧୫୪ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଇନିଂସ ହଡ଼ବଡ଼େଇବା ସତ୍ତ୍ୱେ ସନ୍‌ରାଇଜର୍ସ ୧୮.୪ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ପାରିଥିଲା। ଇଶାନ କିଶନ ସର୍ବାଧିକ ୪୪ ରନ କରିଥିବାବେଳେ କାମିନ୍ଦୁ ମେଣ୍ଡିସ ୩୨ ଓ ନୀତୀଶ କୁମାର ରେଡ୍ଡୀ ୧୯ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ।

ଚେନ୍ନାଇ ବୋଲର ନୁର୍ ଅହମଦ ୨ଟି ଏବଂ ଅନସୁଲ କାମ୍ବୋଜ, ଖଲିଲ ଅହମଦ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୯ ମ୍ୟାଚରୁ ଏହାଥିଲା ହାଇଦ୍ରାବାଦର ୩ୟ ବିଜୟ।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ପ୍ରଥମ ବଲ୍‌ରେ ହିଁ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶେକ ରଶିଦ ଖାତା ଖୋଲିପାରି ନ ଥିବାବେଳେ ସାମ୍ କୁରାନ ମାତ୍ର ୯ ଓ ଭଲ ଆରମ୍ଭ କରିଥିବା ଆୟୁଷ ମାହାତ୍ରେ ୧୯ ବଲ୍‌ରୁ ୩୦ ରନକରି ଆଉଟ ହେବାରୁ ସୁପର କିଙ୍ଗ୍ସ ପାୱାର ପ୍ଲେ ମଧ୍ୟରେ ୪୭ ରନରେ ୩ଟି ଉଇକେଟ ହରାଇଥିଲା। ବ୍ରେଭିସ ୨୫ ବଲ୍‌ରୁ ୧ ଚୌକା ଓ ୪ ଛକା ସହାୟତାରେ ୪୨ ରନ କରିଥିବାବେଳେ କାମିନ୍ଦୁ ମେଣ୍ଡିସଙ୍କ ଏକ ଅବିଶ୍ୱସନୀୟ କ୍ୟାଚ ଜରିଆରେ ପ୍ୟାଭିଲିୟନ ଫେରିଥିଲେ। ହାଇଦ୍ରାବାଦ ପକ୍ଷରୁ ହର୍ଶଲ ପଟେଲ ୪ଟି, ଅଧିନାୟକ ପ୍ୟାଟ୍ କୁମିନ୍ସ ଓ ଜୟଦେବ ଉନାଡ୍‌କଟ ୨ଟି ଲେଖାଏ ଏବଂ ମହମ୍ମଦ ଶାମି ଓ କାମିନ୍ଦୁ ମେଣ୍ଡିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୧୯.୫ ଓଭରରେ ୧୫୪/ଅଲ୍‌ଆଉଟ (ଡାୱିଲ୍ଡ ବ୍ରେଭିସ-୪୨, ଆୟୁଷ ମାହାତ୍ରେ-୩୦, ହର୍ଶଲ ପଟେଲ-୪/୨୮, ପ୍ୟାଟ୍ କୁମିନ୍ସ-୨/୨୧, ଜୟଦେବ ଉନାଡକଟ-୨/୨୧, ମହମ୍ମଦ ଶାମି-୧/୨୮, କାମିନ୍ଦୁ ମେଣ୍ଡିସ-୧/୨୬)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮.୪ ଓଭରରେ ୧୫୫/୫ (ଇଶାନ କିଶନ-୪୪, କାମିନ୍ଦୁ ମେଣ୍ଡିସ-୩୨*, ନୁର୍ ଅହମଦ-୨/୪୨, ଖଲିଲ ଅହମଦ-୧/୨୧, ଅନସୁଲ କାମ୍ବୋଜ-୧/୧୬, ରବୀନ୍ଦ୍ର ଜାଡେଜା-୧/୨୨)।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ୍)
କୋଲ୍‌କାତା
ବନାମ ପଞ୍ଜାବ
ସ୍ଥାନ: କୋଲ୍‌କାତା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୬୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୯ | ୬ | ୩ | ୧୨ | +୦.୪୮୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୧୦ | +୦.୬୭୩ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | -୦.୦୫୪ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୨୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୬ | -୧.୧୦୩ |
| ରାଜସ୍ଥାନ ରୟାଲ୍ସ | ୯ | ୨ | ୭ | ୪ | -୦.୬୨୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୪ | -୧.୩୦୨ |

# ସୁତଭ୍ୟ ଓ ଆହାନଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର, ୨୫।୪ (ତପନ ସ୍ୱାଇଁ)**

ଓଡ଼ିଶା ଟେନିସ ଆସୋସିଏଶନ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୧୪ ଓ ୧୬ ବର୍ଷରୁ କମ୍ ଏଆଇଟିଏ-ଇଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୭)ଟେନିସ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶାର ସୁତଭ୍ୟ କର୍ମକାର ଓ ଆହାନ ଯଥାକ୍ରମେ ବାଳକ ଓ ବାଳିକା ବିଭାଗରେ ଦ୍ୱିମୁକୁଟ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ସୁୟାଶ ପଟ୍ଟନାୟକ କର୍ଣ୍ଣାଟକର କେମ୍ପେଗୌଡ଼ା ମଞ୍ଜୁନାଥଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ୧୬ ବର୍ଷରୁ କମ୍ ଫାଇନାଲରେ ସୁତଭ୍ୟ ଅନ୍ୟତମ ଓଡ଼ିଆ ଖେଳାଳି ସୂୟାସଙ୍କୁ ୬-୧, ୬-୨ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୬ ବର୍ଷରୁ କମ୍ ଡବଲ୍ସ ଫାଇନାଲରେ ସୁତଭ୍ୟ ଓ ସ୍ୱୟମ ସାହୁ ଯୋଡ଼ି ଅନ୍ୟତମ ଓଡ଼ିଶା ଯୋଡ଼ି ଅଂଶୁମାନ ଆଚାର୍ଯ୍ୟ ଓ ସୂୟାସ ପଟ୍ଟନାୟକଙ୍କୁ ୬-୧, ୬-୦ରେ ହରାଇ ଦେଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଓଡ଼ିଶାର ଶାଜଫା ସେକ୍ ୬-୪, ୬-୨ରେ ସଂରଚନା ଦାସଙ୍କୁ ହରାଇ ଟ୍ରଫି ଜିତିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳିକା ଫାଇନାଲରେ ଆହାନ ୬-୨, ୬-୩ରେ ଶାଜଫାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧୬ ବର୍ଷରୁ କମ୍ ବାଳିକା ଡବଲ୍‌ସରେ ଆହାନ ଓ ସାନଭି ମହାନ୍ତି ଯୋଡ଼ି ଶାଜଫା ଓ ସଂରଚନା ଯୋଡ଼ିଙ୍କୁ ୬-୨, ୬-୦ରେ ହରାଇ ଟାଇଟଲ ହାସଲ କରିଛନ୍ତି। ଓଟିଏ ସମ୍ପାଦକ ସଞ୍ଜିତ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା, ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ରେଫରି ଜତୀନ ବୈଷ୍ୟ ପ୍ରମୁଖ ଉପସ୍ଥିତ ଥିଲେ।





କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଭାରତର ୫୯ ଜଣିଆ ଦଳ ଘୋଷଣା

**ନୂଆଦିଲ୍ଲୀ,୨୫।୪(ପି.ଟି.)**

**ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

ଦକ୍ଷିଣ କୋରିଆରେ ହେବାକୁଥିବା ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଲାଗି ଭାରତ ଶୁକ୍ରବାର ଏକ ୫୯ଜଣିଆ ଦଳ ଘୋଷଣା କରିଛି। ନିକଟରେ କୋଚିଠାରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଏହି ଇଭେଣ୍ଟରୁ ଓହରିଯାଇପାରନ୍ତି ବୋଲି ଆଶା କରାଯାଉଛି। ଡବଲ ଅଲିମ୍ପିକ୍ ପଦକ ବିଜେତା ଚୋପ୍ରା ଏହି ସିଜନରେ ଡାଇମଣ୍ଡ ଲିଗ୍ ମିଟିଂ ଓ ସେପ୍ଟେମ୍ବରରେ ବିଶ୍ୱ ଚାମ୍ପିୟନଶିପ୍ ବ୍ୟତୀତ ମେ'୨୪ରେ ତାଙ୍କ ଦ୍ୱାରା ବେଙ୍ଗାଲୁରୁରେ ଆୟୋଜିତ ଏନ୍‌ସି କ୍ଲାସିକ୍ ଉପରେ ତାଙ୍କର ବିଶେଷ ଧ୍ୟାନ ରହିବ। ଚୋପ୍ରା ଭୁବନେଶ୍ୱରରେ ୨୦୧୭ ସଂସ୍କରଣ ପରଠାରୁ ଏହି ମହାଦେଶୀୟ ଇଭେଣ୍ଟରେ ଅଂଶଗ୍ରହଣ କରିନାହାନ୍ତି, ଯେଉଁଠାରେ କି ସେ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମହାଦେଶୀୟ ଚାମ୍ପିୟନଶିପ୍‌ର ଗତ ସଂସ୍କରଣରେ ସ୍ୱର୍ଣ୍ଣ ଜିତିଥିବା ଜାତୀୟ ରେକର୍ଡଧାରୀ ତାଜିନ୍ଦରପାଲ ସିଂ ତୁର ଫେଡେରେଶନ କପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ପୋଲ୍‌ଭଲ୍ଟର ଦେବକୁମାର ମୀନା ତାଙ୍କ ଜାତୀୟ ରେକର୍ଡରେ ସୁଧାର ଆଣିଥିଲେ ସୁଦ୍ଧା ଏସିଆନ ଚାମ୍ପିୟନଶିପ୍ ପାଇଁ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍ଆଇ) ଦ୍ୱାରା ଧାର୍ଯ୍ୟ ଯୋଗ୍ୟତା ଅଙ୍କ ହାସଲ କରିପାରି ନ ଥିବାରୁ ତାଙ୍କୁ ଦଳରେ ନିଆଯାଇନାହିଁ। କିନ୍ତୁ ଅବିନାଶ ସାବ୍‌ଲେ(ପୁରୁଷ ୩,୦୦୦ ମିଟର ଷ୍ଟିପଲଚେଜ୍), ପାରୁଲ ଚୌଧାରୀ (ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍) ଓ ଗୁଲ୍‌ବୀର ସିଂ(୫୦୦୦ ମିଟର ଓ ୧୦,୦୦୦ ମିଟର) ପ୍ରମୁଖଙ୍କୁ ଦଳରେ ସାମିଲ କରାଯାଇଛି। ଏମାନେ ଯଦିଓ ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରିନାହାନ୍ତି ତଥାପି ଏଏଫ୍ଆଇର ଅନୁମତି ନେଇ ବିଦେଶରେ ଟ୍ରେନିଂ ଅବା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗୁମିଠାରେ ମେ'୨୭ରୁ ୩୧ ପର୍ଯ୍ୟନ୍ତ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ପାଇଁ ଦଳରେ ସ୍ପ୍ରିଣ୍ଟର ଅନିମେଶ କୁଜୁର ସ୍ଥାନ ପାଇଛନ୍ତି। ଫେଡେରେଶନ କପ୍‌ର ୨୦୦ ମିଟରରେ ସେ ଏକ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଟ୍ରିପଲ ଜମ୍ପର ପ୍ରବୀଣ ଚିତ୍ରାଭେଲ ଏଥିରେ ତାଙ୍କ ଜାତୀୟ ରେକର୍ଡର ସମକକ୍ଷ ହୋଇ ପାରିଛନ୍ତି। ଜାତୀୟ ରେକର୍ଡଧାରୀ ମହିଳା ଜାଭେଲିନ୍ ଥ୍ରୋୟର ଅନୁ ରାଣୀ ମାର୍ଚ୍ଚରେ ମୁମ୍ବାଇଠାରେ ଅନୁଷ୍ଠିତ ଇଣ୍ଡିଆନ ଓପନ୍ ଥ୍ରୋ ପ୍ରତିଯୋଗିତାରେ ତାଙ୍କ ୫୮.୮୨ ମିଟର ପ୍ରୟାସ ଭିତ୍ତିରେ ଦଳରେ ସ୍ଥାନ ପାଇଛନ୍ତି। ଏହି ୩୨ ବର୍ଷୀୟା ଆଥ୍‌ଲେଟ ଫେଡେରେଶନ କପ୍ ବେଳେ ଏସିଆନ ଚାମ୍ପିୟନଶିପ୍ ପାଇଁ ୫୮ ମିଟର ଯୋଗ୍ୟତା ଅଙ୍କ ହାସଲ କରିପାରି ନ ଥିଲେ। ଯଦିଓ ସେ ୫୬.୬୬ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ଜିତିଛନ୍ତି ତଥାପି ୬୦ ମିଟର ଅଙ୍କ ହାସଲ ପାଇଁ ସେ କିଛି ସମୟଧରି ସଂଘର୍ଷ ଚଳାଇଛନ୍ତି। ଏସିଆନ ଚାମ୍ପିୟନଶିପ୍ ଲାଗି ଫେଡେରେଶନ କପ୍(ଏପ୍ରିଲ ୨୧ରୁ ୨୪) ଥିଲା ଶେଷ ସିଲେକ୍ସନ ଇଭେଣ୍ଟ। ବାଦ୍ ପଡ଼ିଥିବା ଖେଳାଳିଙ୍କ ବ୍ୟତୀତ ଏହି ମହାଦେଶୀୟ ଚାମ୍ପିୟନଶିପ୍‌ରେ ଭାଗନେବା ଲାଗି ଯେଉଁମାନେ ଆଗ୍ରହୀ ସେମାନଙ୍କ ଲାଗି ଫେଡେରେଶନ କପ୍‌ରେ ଅଂଶଗ୍ରହଣ ବାଧ୍ୟତାମୂଳକ। ବ୍ୟାଙ୍କକରେ ଏସିଆନ ଚାମ୍ପିୟନଶିପ୍‌ର ଗତ ସଂସ୍କରଣରେ ଚାଇନା ଓ ଜାପାନ ପଛକୁ ଭାରତ ମୋଟ ୨୭ ପଦକ(୬ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୯ ବ୍ରୋଞ୍ଜ) ସହ ତୃତୀୟ ସ୍ଥାନ ଅଧିକାର କରିଥିଲା।

# ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର ହକି ଆରମ୍ଭ

**ଭୁବନେଶ୍ୱର, ୨୫।୪(ତପନ ସ୍ୱାଇଁ)**

ହକି କିମ୍ବଦନ୍ତୀ ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର(୧୯ ବର୍ଷରୁ କମ୍) ହକି ଚାମ୍ପିୟନଶିପ୍ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ହକି କ୍ଲବ(ବିଏଚ୍‌ସି) ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ୪ଟି ମ୍ୟାଚ୍ ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଛି। ଏଥିରେ ଆୟୋଜକ ବିଏଚ୍‌ସି, ଏଚ୍‌ଟିସି ଛତ୍ରପୁର, ଏଚ୍‌ପିସି ରଣପୁର, ଏଚ୍‌ପିସି ଭୁବନେଶ୍ୱର ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ବିଏଚ୍‌ସି ୮-୦ ଗୋଲରେ ଏଚ୍‌ପିସି ପୁରୀକୁ ହରାଇ ଦେଇଛି। ପରବର୍ତ୍ତୀ ୩ ମ୍ୟାଚ୍‌ରେ ଛତ୍ରପୁର ଏଚ୍‌ଟିସି ଯାଜପୁରକୁ ୫-୧, ରଣପୁର ଏଚ୍‌ଟିସି କଟକକୁ ୬-୦ ଏବଂ ଭୁବନେଶ୍ୱର ୪-୧ ଗୋଲରେ ଏଚ୍‌ପିସି ଢେଙ୍କାନାଳକୁ ପରାସ୍ତ କରିଛି। ଏହି ଟୁର୍ଣ୍ଣାମେଣ୍ଟ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ।



କଳିଙ୍ଗ ଷ୍ଟାଡିୟମ୍‌ରେ ଏଚଟିସି କଟକ ଓ ରଣପୁର ମଧ୍ୟରେ ଅନୁଷ୍ଠିତ ହକି ମ୍ୟାଚ ପୂର୍ବରୁ ଉଭୟ ଦଳର ଖେଳାଳି ଓ ଅଫିସିଆଲ।

# ଓଡ଼ିଶାକୁ ଅଗ୍ରଣୀ କଲେ ସୁମିତ୍

**ଭୁବନେଶ୍ୱର, ୨୫।୪(ତପନ ସ୍ୱାଇଁ)**

**ଏକ୍ସପୋଜର ଦଳର ଶ୍ରୀଲଙ୍କା ଟୁର୍**

ସମ୍ପ୍ରତି ଶ୍ରୀଲଙ୍କା ଟୁର୍‌ରେ ଥିବା ଓଡ଼ିଶା ଏକ୍ସପୋଜର ଟିମ୍ ପ୍ରଭାବୀ ବ୍ୟାଟିଂ କରିପାରି ନ ଥିଲେ ମଧ୍ୟ ଭଲ ବୋଲିଂ କରି ଶ୍ରୀଲଙ୍କା ଇମର୍ଜିଂ ଦଳ ବିପକ୍ଷରେ ଅଗ୍ରଣୀ ନେବାରେ ସକ୍ଷମ ହୋଇଛି। କଲମ୍ବୋସ୍ଥିତ ବ୍ଲୁମ୍‌ଫିଲ୍ଡ କ୍ରିକେଟ ଆଣ୍ଡ ଆଥଲେଟିକ୍ କ୍ଲବ ପଡ଼ିଆରେ ଚାଲିଥିବା ୩ ଦିନିଆ ମ୍ୟାଚ୍‌ରେ ଓଡ଼ିଶା ଦଳ ପ୍ରଥମ ଇନିଂସ୍‌ରେ ୧୮୮ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ସାମଲ ସର୍ବାଧିକ ୪୫ ଓ ରାଜେଶ ମହାନ୍ତି ୪୩ ରନ୍ କରିଥିଲେ। ଘରୋଇ ଦଳର ମିଲାନ ହଂସକା ୪ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ଇମର୍ଜିଂ ଟିମ୍ ପ୍ରଥମ ଇନିଂସ୍‌ରେ ୧୫୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଓଡ଼ିଶାର ଅଭିଜ୍ଞ ବୋଲର ସୁମିତ୍ ଶର୍ମା ୬ ଉଇକେଟ ନେଇ ବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୯ ଉଇକେଟ ହରାଇ ୧୪୪ ରନ୍ କରିଛି। ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୪୫ ରନ୍ କରିଛନ୍ତି। ଗୋଟିଏ ଉଇକେଟ ବାକିଥାଇ ଓଡ଼ିଶା ମୋଟ ୧୭୮ ରନ୍‌ରେ ଅଗ୍ରଣୀଲାଭ କରିଛି। ତେବେ ଶ୍ରୀଲଙ୍କା ଇମର୍ଜିଂ ବୋଲରଙ୍କ ବିପକ୍ଷରେ ଓଡ଼ିଶାର ଅଭିଜ୍ଞ ଏକ୍ସପୋଜର ଟିମ୍‌ର ବ୍ୟାଟିଂ ବିଫଳତାକୁ ନେଇ ପ୍ରଶ୍ନ ଉଠିଛି।



ସୁମିତ୍ ଶର୍ମା

# ଓଡ଼ିଶା ଫେନ୍‌ସିଂ ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ

**ଭୁବନେଶ୍ୱର, ୨୫।୪ (ତପନ ସ୍ୱାଇଁ)**

ଆଗାମୀ ଜାତୀୟ ଫେନ୍‌ସିଂ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ଫେନସିଂ ହଲରେ ଓଡ଼ିଶା ୧୦ରୁ୧୨ ଓ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ଦଳର ପ୍ରଶିକ୍ଷଣ ଶିବିର ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ମୋଟ ୮୦ ଖେଳାଳି ଭାଗ ନେଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୫ ଦିନ ଧରି ଚାଲିବ । ଏହି ଶିବିରରେ ପ୍ରଦର୍ଶନ ଭିତ୍ତିରେ ରାଜ୍ୟ ଫେନ୍‌ସିଂ ଆସୋସିଏଶନ ପକ୍ଷରୁ ଉଭୟ ବର୍ଗରେ ମୋଟ ୨୪ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ ବୋଲି ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଏବଂ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି । ବଲାଙ୍ଗୀର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ ଏହି ଶିବିରକୁ ଉଦଘାଟନ କରିଥିଲେ। ପୋଲିସ ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।





ଫେନ୍‌ସିଂ ଶିବିରରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

# ବିଟୁ ଟିମ୍‌କୁ ହରାଇ ପିଙ୍କୁ ଟିମ୍ ଚାମ୍ପିୟନ

**ଢେଙ୍କାନାଳ,୨୫।୪**
**(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଗଦାଶିଳା ପଞ୍ଚାୟତ ସାଇଁବିରି ଗ୍ରାମ ଖେଳ ପଡିଆଠାରେ ଜୟଦୁର୍ଗା ଫୁଟ୍‌ବଲ୍ ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍‌ରେ ବିଟୁ ଏବଂ ପିଙ୍କୁ ଟିମ୍ ମୁହାଁମୁହିଁ ହୋଇଥିଲେ। ଏଥିରେ ପିଙ୍କୁ ଟିମ୍ ଚାମ୍ପିୟନ ଓ ବିଟୁ ଟିମ୍ ରନର୍ସଅପ୍ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ ଅନୁଷ୍ଠାନ ନିଶ୍ୱାର୍ଡର ନିର୍ଦ୍ଦେଶକ ରୁଦ୍ରନାରାୟଣ ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ସାଇଁବିରି ଫୁଟ୍‌ବଲ୍ ଦଳର ପ୍ରଶିକ୍ଷକ କ୍ରୀଡାବିତ୍ ଗଙ୍ଗାଧର ରାଉତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ରାଉତ ଓ କମିଟି ସଭାପତି ରାଜକିଶୋର ରାଉଳ ଯୋଗଦେଇ ଚାମ୍ପିୟନ୍ ଓ ରନର୍ସଅପ୍ ଟ୍ରଫି ପ୍ରଦାନ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରିୟବ୍ରତ ପ୍ରଧାନ ଧାରାବିବରଣୀ, ପ୍ରତ୍ୟୁଷ ରାଉତ ସ୍କୋରସିଟ୍ ଓ ଶାନ୍ତନୁ ରାଉଳ ଖେଳ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ପୁରସ୍କୃତ ଖେଳାଳି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ